# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜୁଲାଇ ୬/୨୦୧୯ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, July 6/2019 | ★★★★

୪୫ଶ ଭାଗ ୨୨୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-


## ଫୁଡ୍ ଇନ୍‌ଟଲେରାନ୍ସ/ଆଲର୍ଜି ଟେଷ୍ଟ (Food Intolerance/ Allergy Test) ସହିତ

# ନିଃଶୁଳ୍କ କମ୍ପ୍ଲିଟ୍ ବଡି ପ୍ରୋଫାଇଲ୍ ପରୀକ୍ଷା
# (COMPLETE BODY PROFILE TEST)



**7, 8, 9 ଓ 10 ଜୁଲାଇ ଦିନ ଫୁଡ୍ ଇନ୍‌ଟଲେରାନ୍ସ/ଆଲର୍ଜି ପରୀକ୍ଷା କରାଇଲେ କମ୍ପ୍ଲିଟ୍ ବଡି ପ୍ରୋଫାଇଲ୍ ପରୀକ୍ଷା ମାଗଣାରେ କରାଯିବ।**

**ଫୁଡ୍ ଇନ୍‌ଟଲେରାନ୍ସ/ଆଲର୍ଜି ଟେଷ୍ଟ (Food Intolerance/ Allergy Test) ଦ୍ୱାରା ନିଜ ରୋଗଗୁଡ଼ିକର କାରଣ ଜାଣନ୍ତୁ ଯାହାଫଳରେ ଔଷଧ ସେବନକୁ ହ୍ରାସ କରାଯାଇପାରିବ।**



## ମାଇଗ୍ରେନ୍ (Migraine)
### ଅର୍ଦ୍ଧ କିମ୍ବା ସମ୍ପୂର୍ଣ୍ଣ ମୁଣ୍ଡବିନ୍ଧା

ଆଜିର ଯୁଗରେ ପ୍ରତ୍ୟେକ ଦ୍ୱିତୀୟ-ତୃତୀୟ ବ୍ୟକ୍ତି ମାଇଗ୍ରେନ୍‌ରେ ପୀଡ଼ିତ ଏବଂ ସେ ତାହାର କାରଣ ଜାଣିବା ବିନା ଲଗାତର ଔଷଧ ସେବନ କରିଚାଲନ୍ତି। ଅନେକ ଥର ଏହି ମାଇଗ୍ରେନ୍‌ର କାରଣ କୌଣସି ନିର୍ଦ୍ଦିଷ୍ଟ ଖାଦ୍ୟପଦାର୍ଥ ମଧ ହୋଇପାରେ। ଫୁଡ୍ ଇନ୍‌ଟଲେରାନ୍ସ/ଆଲର୍ଜି ପରୀକ୍ଷା (Food Intolerance/ Allergy Test) ଦ୍ୱାରା ମାଇଗ୍ରେନ୍‌ର ଠିକ୍ କାରଣକୁ ଚିହ୍ନଟ କରିବା ଅନେକ ମାତ୍ରାରେ ସମ୍ଭବ। କାରଣ ଜଣାପଡ଼ିଗଲେ ସମ୍ପୃକ୍ତ ଖାଦ୍ୟ ସେବନରୁ ବିରତ ରହି ଔଷଧ ସେବନକୁ କମ୍ କରାଯାଇପାରିବ।



## ମାନସିକ ଚାପ
### (Mental Stress)

ମାନସିକ ଚାପ ମନର ବିଚାର କାରଣରୁ ହୋଇଥାଏ। ଏପରି କେତେକ ବିଚାର ଥାଏ ଯାହା ଆପଣଙ୍କ ମନରେ ଚାଲୁ ରହିଥାଏ ଏବଂ ତାହାକୁ ଆପଣ ଅନ୍ୟ କାହାକୁ ଜଣାଇପାରନ୍ତି ନାହିଁ । ପରିବାରକୁ ନେଇ, ଟଙ୍କାପଇସାକୁ ନେଇ ଏବଂ କେତେକ ଚିନ୍ତା ଆପଣଙ୍କ ଉପରେ ଏତେ ମାତ୍ରାରେ ଗ୍ରାସିତ କରିନିଏ ଯେ ସେଥିରୁ ମୁକ୍ତି ପାଇବା ଲାଗି ଆପଣ ଅନ୍ୟମାନଙ୍କର ସହାୟତା ନିଅନ୍ତି ନାହିଁ ଓ ସର୍ବଦା ଚାପଗ୍ରସ୍ତ ରୁହନ୍ତି ଓ ଔଷଧ ଉପରେ ନିର୍ଭରଶୀଳ ରୁହନ୍ତି। ଚାପର କାରଣ ଫୁଡ୍ ଇନ୍‌ଟଲେରାନ୍ସ/ ଆଲର୍ଜି ପରୀକ୍ଷା (Food Intolerance/ Allergy Test)ରୁ ଅନେକ ମାତ୍ରାରେ ଚିହ୍ନଟ ହୋଇପାରିବ।




## ସୁଗାର୍ (Diabetes)

ଯେବେ ଶରୀରର ବ୍ଲଡ୍ ଗ୍ଲୁକୋଜ୍‌କୁ ପ୍ରୋସେସ୍ କରିବାର କ୍ଷମତା ଦୁର୍ବଳ ହୋଇଯାଏ, ତାହାକୁ ସୁଗାର୍ ରୋଗ ବା ମଧୁମେହ କୁହାଯାଏ। ଅନେକ ଗବେଷଣାରୁ ଏହା ଜଣାପଡ଼ିଛି ଯଦି ଆଜିକାଲି ଖାଦ୍ୟଶସ୍ୟ ଓ ଦୁଗ୍ଧଜାତୀୟ ଉତ୍ପାଦ ଭଳି ଖାଦ୍ୟ ସୁଗାର୍ ପାଇଁ ଦାୟୀ ।

ଏହାର ଅର୍ଥ ହେଉଛି ଲକ୍ଷ ଲକ୍ଷ ପ୍ରି-ଡାଇବେଟିକ୍ ଲୋକ ଖାଦ୍ୟପଦାର୍ଥର ଫୁଡ୍ ଇନ୍‌ଟଲେରାନ୍ସକୁ ଚିହ୍ନଟ କରି ସୁଗାର୍‌ରୁ ବର୍ତ୍ତିପାରିବେ। ଫୁଡ୍ ଇନ୍‌ଟଲେରାନ୍ସ/ଆଲର୍ଜି ପରୀକ୍ଷା (Food Intolerance/ Allergy Test)ରୁ ସେହି ଖାଦ୍ୟପଦାର୍ଥଗୁଡ଼ିକୁ ଚିହ୍ନଟ କରିବା ଅନେକ ମାତ୍ରାରେ ସମ୍ଭବ, ଯେଉଁଗୁଡ଼ିକ ସୁଗାର୍ ଓ ମଧୁମେହର ପ୍ରମୁଖ କାରଣ ହୋଇଥିବ।



ବିଶ୍ୱପ୍ରସିଦ୍ଧ ଆଧୁନିକ ମେଶିନ୍ (EUROBlotOne) ଦ୍ୱାରା ପରୀକ୍ଷା କରାଯାଇଥାଏ

## ବଡି ପ୍ରୋଫାଇଲ୍ ପରୀକ୍ଷା-

- Complete Hemogram (28)
- Diabetes Profile (1)
- Iron Deficiency Profile (3)
- Lipid Profile (8)
- Liver Profile (11)
- Renal Profile (5)
- Thyroid Profile (3)
- Vitamin Profile (2)



## ପୃଥୁଳତା (Obesity)

ପୃଥୁଳତା ଏପରି ଏକ ସମସ୍ୟା, ଯାହା ଅନେକ ରୋଗର କାରଣ ସାଜିଥାଏ ଏବଂ ନିୟମିତ ବ୍ୟାୟାମ ଓ ଖାଦ୍ୟ-ପାନୀୟକୁ କମ୍ କରିବା ପରେ ମଧ ବ୍ୟକ୍ତି ନିଜ ପୃଥୁଳତାକୁ କମ୍ କରିପାରନ୍ତି ନାହିଁ, ଯାହାଦ୍ୱାରା ସେ ନିଜ ପୃଥୁଳତାର କାରଣ ମଧ ଜାଣିପାରନ୍ତି ନାହିଁ । ଠିକ୍ ସମୟରେ ପୃଥୁଳତାର କାରଣଗୁଡ଼ିକୁ ଚିହ୍ନଟ କରି ଆପଣ ପୃଥୁଳତା ସହିତ ଅନ୍ୟାନ୍ୟ ଅନେକ ରୋଗକୁ ରକ୍ଷା ପାଇପାରିବେ।

ପୃଥୁଳତାର କାରଣକୁ ଚିହ୍ନଟ କରିବା ପାଇଁ (Food Intolerance/ Allergy Test) ଅନେକ ମାତ୍ରାରେ ପ୍ରଭାବୀ ଅଟେ। ଏହି ପରୀକ୍ଷା ରକ୍ତ ନମୁନାରୁ କରାଯାଇଥାଏ।



## ଗଣ୍ଠିବାତ ଓ ଖଞ୍ଜା ଯନ୍ତ୍ରଣା (Arthiritis)

ଏହି ସମସ୍ୟା ଲୋକଙ୍କ ଖଞ୍ଜାଗୁଡ଼ିକ ଦୁର୍ବଳ ହେବା କାରଣରୁ ଜାତ ହୋଇଥାଏ, ଯେଉଁଥିରେ ଲଗାତର କାମ କାରଣରୁ ତାଙ୍କ ଶରୀରର ଅନେକ ଅଂଶ ଫୁଲିଯାଇଥାଏ। ଗଣ୍ଠିବାତ ଏକ ସାଧାରଣ ନାମ ଅଟେ ଯାହାକୁ କୌଣସି ବ୍ୟକ୍ତିଙ୍କ ଖଞ୍ଜାରେ ପୀଡ଼ା ଓ ଫୁଲା ପାଇଁ ବ୍ୟବହୃତ ହୋଇଥାଏ। ଗଣ୍ଠିବାତ ପାଇଁ ଆପଣଙ୍କ ଖାଦ୍ୟପେୟ ଦାୟୀ ହୋଇପାରେ। କାରଣ ଜାଣିବା ପାଇଁ ଫୁଡ୍ ଇନ୍‌ଟଲେରାନ୍ସ/ଆଲର୍ଜି ପରୀକ୍ଷା (Food Intolerance/ Allergy Test) କରାନ୍ତୁ।



## ଡାଇରିଆ (Diarrhoea)
### ପେଟ ସମସ୍ୟା

ଡାଇରିଆ ଏକ ସାଧାରଣ ସମସ୍ୟା ଯାହା ହଠାତ୍ ଦେଖାଦିଏ କିମ୍ବା ପୁରୁଣା ରୋଗରେ ପରିଣତ ହୋଇଯାଏ। ଡାଇରିଆର ସମ୍ଭାବ୍ୟ କାରଣ ମଧ୍ୟରେ ବିଷାକ୍ତ ଭୋଜନ, ସଂକ୍ରମଣ, ଖାଦ୍ୟ ଅତି-ସମ୍ବେଦନଶୀଳତା କିମ୍ବା ପାଚନ ସମସ୍ୟା ଓ ଔଷଧ ପ୍ରୟୋଗ ଅନ୍ତର୍ଭୁକ୍ତ। ଲାକ୍ଟୋଜ୍ ହଜମ ନ ହେବା, ଦୁଗ୍ଧରେ ଚିନିକୁ ହଜମ କରିବାରେ ଅକ୍ଷମତା ଡାଇରିଆର ସାଧାରଣ କାରଣ ଅଟେ। ତଥାପି ଅନ୍ୟ ଖାଦ୍ୟ ଯେପରି - ଫଳ ଶର୍କରା, ସେଲିସିଲେଟ୍, ଏମିନ୍ସ ଇତ୍ୟାଦି ପାଚନ ନ ହେବା ସମ୍ଭବ। ଡାଇରିଆର କାରଣ ଜାଣିବା ପାଇଁ ଫୁଡ୍ ଇନ୍‌ଟଲେରାନ୍ସ/ଆଲର୍ଜି ପରୀକ୍ଷା (Food Intolerance/ Allergy Test) ଅନେକ ମାତ୍ରାରେ ପ୍ରଭାବୀ ଅଟେ।

**ଫୁଡ୍ ଇନ୍‌ଟଲେରାନ୍ସ/ଆଲର୍ଜି ପରୀକ୍ଷା ମାତ୍ର ₹2999/-**

HELPLINE
**98759-30840**
**98759-30841**

## ଖାଦ୍ୟ ପଦାର୍ଥ ପାଚନ ନ ହେବାର କାରଣ

- ପାଚନ ଶକ୍ତି ଦୁର୍ବଳ ହେବା।
- ପୀଡ଼ା ନିବାରକ ଔଷଧ ଅତ୍ୟଧିକ ସେବନ କରିବା।
- ଇମ୍ୟୁନ୍ ସିଷ୍ଟମ୍ ଦୁର୍ବଳ ହେବା।
- ଶରୀରରେ ବିଷାକ୍ତ ତତ୍ତ୍ୱର ମାତ୍ରା ବଢ଼ିଯିବା।
- ଅନିୟମିତ ଖାଦ୍ୟପାନ ଓ ଦିନଚର୍ଯ୍ୟା।
- ପେଟରେ ଜ୍ୱାଳା, ଗ୍ୟାସ୍ ସୃଷ୍ଟି ଓ ଏସିଡିଟି।

## ଖାଦ୍ୟ ପଦାର୍ଥ ପାଚନ ନ ହେବାର ଲକ୍ଷଣ

- କୌଣସି ଖାଦ୍ୟ ପଦାର୍ଥ ସେବନ ପରେ ମୁଣ୍ଡ ବିନ୍ଧିବା।
- ବାରମ୍ବାର ଶୌଚାଳୟ (Toilet) ଯିବା।
- ଭୋଜନ କିମ୍ବା ଦୁଗ୍ଧ ପିଇବା ପରେ ପେଟରେ ଯନ୍ତ୍ରଣା।
- ଅତ୍ୟଧିକ ପରିସ୍ରା ଲାଗିବା।
- ହଠାତ୍ ଓଜନ କମିଯିବା କିମ୍ବା ବଢ଼ିଯିବା।
- ଆଳସ୍ୟ କିମ୍ବା ରକ୍ତ ତିଆରି ନ ହେବା।

### ଆମ କେନ୍ଦ୍ରଗୁଡ଼ିକରେ ନିଜର ରକ୍ତ ନମୁନା ଦିଅନ୍ତୁ

**JERATH PATH LABS**

NABL ACCREDITED
MC-2666
Jerath Path Labs & Allergy Testing Centre, Jalandhar

**BHUBANESWAR**
- 94394-00019 - Pradhan path Lab, 351 Sahid Nagar, Opp. Indusind Bank
- 9438431752, 7008831212- Omm Diagnostic, Plot No.49 , Near South Gate Of Capital Hospital, Unit-6

**CUTTACK**
- 99375-18098, 79786-11650 - Udaya Lab, Biju Patnayak Chowk Nursinghpur Plaza, Shop No. 16, Tulsipur
- 94372-27051, 70089-81993 - Deepak Diagnostics, Naya chowk, Madhupatna
- 98612-36899, 06712301199 - Doctors Diagnostic, Kathagola Chhak
- 7504994225, 8270938497 - Trakendcare Lab, Kathagola, Mangalabad, Near Utkal Hospital

**BHAWANIPATNA**
- 94371-88556 - Malaya Pathology, Nr. S.B.I Main Branch
- 94372-93631 - Shree Om Pathology, Old Bus stand, OSRTC Complex

**NABRANGPUR**
- 94395-78237, 7008724177 - Jagannath Pathology, Dwarika Nagar 1st line Chamuriaguda

**RAYAGADA**
- 94373-38953 - Banadurga Pathology, Old Bus Stand

**PURI**
- 94390-46037, 0675-2220244 - Nidan 'a' Patholab, Balagandi Square, Grand Road, Puri

**JAGATSINGHPUR**
- 94396-15720, 94374-18014 - Medi Spot Lab, Nr. Ram Mandir, Medical Road

**JAJPUR**
- 93485-43143, 79789-94242 - Ashok Diagnostics Jageshwarpur, Nr. Taxi Stand, Jajpur Town
- 93384-66911, 99388-48749 - Laxmi Diagnostic Ganesh Bazar, Nr. Govt. Hospital Jajpur Road

**KEONJHAR**
- 94373-79591 - Srimaa Patho Clinic, Opp. Head Quarter Hospital

**KENDRAPARA**
- 94374-73435, 99378-96343 - Sai Arogyam Diagnostics Centre, Medical Road

**KHANDAGIRI**
- 93371-03408 - Sivananda Health Care Unit, 141 Chidananda Vihar

**KHANDAGIRI**
- 98610-35754 - IPSA Clinic & Lab, Plot No. 678, Jagamara Road

**KORAPUT**
- 96580-18910 - Subhashree Pathology Clinic, SLN Medical College & Hospital Road, Nr. Central School

**GAJAPATI**
- 73779-47065, 90405-07796 - Kamala Medical Store Pathapatanam Road, Pralakhemundi






# ପ୍ରତିଶ୍ରୁତିରେ କୃଷକ ନିରାଶ

**ନୂଆଦିଲ୍ଲୀ,୫।୭(ପି.ଟି.):** ୨୦୨୨ରେ ସ୍ୱାଧୀନତାର ୭୫ ବର୍ଷ ପାଳନ କରାଯିବ। ଏହି ଅବଧି ସୁଦ୍ଧା ଚାଷୀଙ୍କ ଆୟ ଦୁଇଗୁଣା କରିବା ପାଇଁ ଲକ୍ଷ୍ୟ ରଖିଥିବା କେନ୍ଦ୍ର ସରକାରଙ୍କ ୨୦୧୯-୨୦ ଆର୍ଥିକ ବର୍ଷର ବଜେଟ କୃଷକଙ୍କୁ ନିରାଶ କରିଛି। ବିଳମ୍ବିତ ମୌସୁମୀକୁ ନେଇ କୃଷକ ମୁଣ୍ଡରେ ହାତ ଦେଇ ବସିଥିବାବେଳେ ଶୁକ୍ରବାର ଲୋକ ସଭାରେ ଉପସ୍ଥାପିତ ବଜେଟରେ କୃଷି କ୍ଷେତ୍ର ପାଇଁ ବିଶେଷ ଫଳପ୍ରଦ ବ୍ୟବସ୍ଥା ବା ରୋଡ୍‌ମ୍ୟାପ୍ ଥିବା ଭଳି ମନେହେଉନାହିଁ। ଋଣଛାଡ ପାଇଁ ଆଶା ବାନ୍ଧିଥିବା ଚାଷୀକୁଳ କେବଳ ଶୁଖିଲା ପ୍ରତିଶ୍ରୁତିରେ ନିରାଶ ହୋଇଛି । ସେହିପରି ଗରିବ ଓ କୃଷକଙ୍କ ପାଇଁ କୌଣସି ବଡ଼ ଘୋଷଣା କରାଯାଇ ନ ଥିବାରୁ ବିରୋଧୀ ଦଳ ଗୁଡିକ କେନ୍ଦ୍ରକୁ ସମାଲୋଚନା କରିଛନ୍ତି।

ବଜେଟ ଉପସ୍ଥାପନ ବେଳେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କହିଛନ୍ତି, ସରକାର 'ଗାଁ, ଗରିବ ଓ କିଷାନ'କୁ ଦୃଷ୍ଟିରେ ରଖି ଉଭୟ କୃଷି ଓ ଏହାର ଆନୁଷଙ୍ଗିକ କ୍ଷେତ୍ରର ଭିତ୍ତିଭୂମି ବିକାଶ ପାଇଁ ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି। ଏହାସହ ଖାଦ୍ୟ ପ୍ରକ୍ରିୟାକରଣରେ ଘରୋଇ ଉଦ୍ୟୋଗକୁ ପ୍ରୋତ୍ସାହନ ଦିଆଯିବ। 'ବ୍ୟବସାୟରେ ସହଜତା' ଓ 'ସହଜ ଜୀବନ' କୃଷକଙ୍କ କ୍ଷେତ୍ରରେ ମଧ୍ୟ ଲାଗୁ ହେବ। ଅନ୍ନଦାତାଙ୍କୁ ଶକ୍ତିଦାତାରେ ପରିଣତ କରିବା ଲାଗି ସମବାୟ ଜରିଆରେ ଡାଏରିକୁ ପ୍ରୋତ୍ସାହନ ଦିଆଯିବ। ଏଥିସକାଶେ ଗୋଖାଦ୍ୟ ଉତ୍ପାଦନ ସହ ଦୁଗ୍ଧ କିଣିବା, ପ୍ରକ୍ରିୟାକରଣ ଓ ମାର୍କେଟିଂର ଭିତ୍ତିଭୂମି ପ୍ରତିଷ୍ଠା କରାଯିବ। ମତ୍ସ୍ୟ ପାଳନକୁ ପ୍ରୋତ୍ସାହନ ଦେବା ପାଇଁ ସରକାର ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା (ପିଏମ୍‌ଏମ୍‌ଏସ୍‌ୱାଇ) କରିବାକୁ ଯାଉଛନ୍ତି। ଏହାଦ୍ୱାରା ମୂଲ୍ୟ ଶୃଙ୍ଖଳ (ଭାଲ୍ୟୁ ଚେନ୍)ରେ ଥିବା ବ୍ୟବଧାନକୁ ଏହା ପୂରଣ କରିବା ସହ ଭିତ୍ତିଭୂମି, ଆଧୁନିକୀକରଣ, ଠାବ କରିବାର କ୍ଷମତା (ଟ୍ରେସେବିଲିଟି), ଉତ୍ପାଦନ, ଉତ୍ପାଦନ କ୍ଷମତା, ଅମଳ ପର ପରିଚାଳନା ଓ ମାନ ନିୟନ୍ତ୍ରଣ ଆଦି କ୍ଷେତ୍ରରେ ଥିବା ସମସ୍ୟାଗୁଡ଼ିକର ସମାଧାନ ହୋଇପାରିବ ବୋଲି ସୀତାରାମନ କହିଛନ୍ତି। ସେହିପରି ଖାଦ୍ୟ ଶସ୍ୟ ଉତ୍ପାଦନ କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭରଶୀଳ କରିଥିବା କୃଷକମାନଙ୍କୁ ପ୍ରଶଂସା କରି ଅର୍ଥମନ୍ତ୍ରୀ କହିଛନ୍ତି, ଆଗକୁ ସେମାନେ ତୈଳବୀଜ ଅମଳ କ୍ଷେତ୍ରରେ ମଧ୍ୟ ଏହି ସଫଳତା ଦୋହରାଇବେ। ସେମାନଙ୍କ ସେବାରେ ଆମର ଆମଦାନି ବିଲ୍ ହ୍ରାସ ପାଇବ। ଆସନ୍ତା ୫ ବର୍ଷରେ ୧୦ ହଜାର ନୂଆ କୃଷକ ଉତ୍ପାଦକ ସଙ୍ଗଠନ (ଏଫ୍‌ପିଓ) ପ୍ରତିଷ୍ଠା କରି ଚାଷୀଙ୍କ ଅର୍ଥନୀତିକୁ ସୁଦୃଢ଼ କରାଯିବ। ୨୦୧୬ରେ ଆରମ୍ଭ ହୋଇଥିବା ଇଲେକ୍ଟ୍ରୋନିକ୍ ଜାତୀୟ କୃଷି ବଜାର (ଇ-ନାମ୍) ଜରିଆରେ କୃଷକଙ୍କୁ ସେମାନଙ୍କ ଉତ୍ପାଦିତ ସାମଗ୍ରୀର ଉଚିତ ମୂଲ୍ୟ ଦେବା ପାଇଁ ରାଜ୍ୟ ସରକାରଗୁଡ଼ିକ ସହ ମିଶି କେନ୍ଦ୍ର କାମ କରିବ। କୃଷି ଉତ୍ପାଦ ବଜାର ସମବାୟ(ଏପିଏମ୍‌ସି) ଆଇନ ଏଥିରେ ସେମାନଙ୍କୁ ବାଧା ନ ଦେଇ ସହାୟତା ପ୍ରଦାନ କରିବା ଉଚିତ। ଏହି ଅବସରରେ ସେ ସାରା ଦେଶରେ ଜିରୋ ବଜେଟ୍ ଫାର୍ମିଂ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି। ଏହି ନୂତନ ପ୍ରଣାଳୀକୁ ଅଳ୍ପ କେତେକ ରାଜ୍ୟ ଆପଣାଇଛନ୍ତି। ଜିରୋ ଫାର୍ମିଂ ବଜେଟକୁ 'ମୂଳକୁ ଫେରିବା' ଭାବେ ଅଭିହିତ କରି ଏହା କୃଷକଙ୍କୁ ଋଣ ଜାଲରୁ ମୁକ୍ତ କରିବ ବୋଲି ସୀତାରାମନ ପ୍ରତିଶ୍ରୁତି ଦେଇଛନ୍ତି।

**ବାସ୍ତବ ଘୋଷଣା ବଦଳରେ ସ୍ୱପ୍ନ ଦେଖାଇଲେ ଅର୍ଥମନ୍ତ୍ରୀ**

- ଅନ୍ନଦାତାଙ୍କୁ ଶକ୍ତିଦାତାରେ ପରିଣତ କରିବା ପାଇଁ ଘରୋଇ ଉଦ୍ୟୋଗକୁ ପ୍ରୋତ୍ସାହନ
- ସମବାୟ ଜରିଆରେ ଡାଏରି ଉଦ୍ୟୋଗକୁ ପ୍ରୋତ୍ସାହନ ଯୋଜନା
- ୫ ବର୍ଷରେ ୧୦ ହଜାର ନୂଆ କୃଷକ ଉତ୍ପାଦକ ସଙ୍ଗଠନ ପ୍ରତିଷ୍ଠା କରାଯିବ

## କୃଷି ମନ୍ତ୍ରଣାଳୟକୁ ୧.୩୯ ଲକ୍ଷ କୋଟି

**ନୂଆଦିଲ୍ଲୀ,୫।୭(ପି.ଟି.):** କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପାଇଁ ସରକାର ୨୦୧୯-୨୦ ଆର୍ଥିକ ବର୍ଷରେ ୭୮% ଅଧିକ (୧.୩୯ ଲକ୍ଷ କୋଟି ଟଙ୍କା) ଆବଣ୍ଟନ କରିଛନ୍ତି। ୨୦୧୮-୧୯ ଆର୍ଥିକ ବର୍ଷରେ ଏହାର ପରିମାଣ ୭୭,୭୫୨ କୋଟି ଟଙ୍କା ଆବଣ୍ଟିତ ହୋଇଥିଲା। ୧.୩୯ ଲକ୍ଷ କୋଟି ମଧ୍ୟରୁ ୭୫,୦୦୦ କୋଟି ଟଙ୍କା ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ୍-କିଷାନ) ଯୋଜନାରେ ଖର୍ଚ୍ଚ ହେବ ବୋଲି ବଜେଟ୍ ଦସ୍ତାବିଜରୁ ଜଣାପଡ଼ିଛି। ସାଧାରଣ ନିର୍ବାଚନ ପୂର୍ବରୁ ଆରମ୍ଭ ହୋଇଥିବା ପିଏମ୍-କିଷାନ ଯୋଜନାରେ ୧୨.୬ କୋଟି କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ୩ଟି ସମାନ କିସ୍ତିରେ ବାର୍ଷିକ ୬ ହଜାର ଟଙ୍କା ଲେଖାଏ ଦେବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହା ବ୍ୟତୀତ ସରକାର ୫.୬୧ କୋଟି ଚାଷୀ ଉପକୃତ ହେଉଥିବା ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମ୍‌ଏଫ୍‌ବିୱାଇ) ପାଇଁ ୨୦୧୮-୧୯ରେ ୧୨,୯୭୫.୭୦ କୋଟି ଟଙ୍କା ଆବଣ୍ଟନ କରିଥିବାବେଳେ ଚଳିତ ଆର୍ଥିକ ବର୍ଷରେ ଏହି ପରିମାଣ ୧୪,୦୦୦ କୋଟିକୁ ବୃଦ୍ଧି କରିଛନ୍ତି। ୨୦୧୯-୨୦ରେ ସରକାର ସ୍ୱଳ୍ପମିଆଦୀ ଶସ୍ୟଋଣର ସୁଧ ଛାଡ଼ ପାଇଁ ୧୮,୦୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଗତ ଆର୍ଥିକ ବର୍ଷରେ ଏହାର ପରିମାଣ ୧୪,୯୮୭ କୋଟି ଟଙ୍କା ଥିଲା। ଖାଦ୍ୟ ଶସ୍ୟଗୁଡ଼ିକର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ପାଇଁ ୩ ହଜାର କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ସେହିପରି ପ୍ରଧାନମନ୍ତ୍ରୀ ଅନ୍ନଦାତା ଆୟ ସଂରକ୍ଷଣ ଯୋଜନା (ପିଏମ୍-ଏଏଏସ୍‌ଏଚ୍‌ଏ)ର ପାଣ୍ଠିକୁ ୧୦୦ କୋଟିରୁ ୧୫୦୦ କୋଟି ଟଙ୍କାକୁ ବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଛି। ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା (ପିଏମ୍‌କେଏସ୍‌ୱାଇ) ପାଇଁ ସରକାର ପୂର୍ବରୁ ୨,୯୫୪.୬୯ କୋଟି ଆବଣ୍ଟନ କରିଥିବାବେଳେ ଏଥର ୩,୫୦୦ କୋଟି ଟଙ୍କାକୁ ବୃଦ୍ଧି କରିଛନ୍ତି। ତେବେ କୃଷି ବ୍ୟବସ୍ଥାକୁ ପ୍ରୋତ୍ସାହନ ଦେବା ଲାଗି ବଜେଟରେ ବିଶେଷ ବୃଦ୍ଧି କରାଯାଇନାହିଁ। ଏହାକୁ ମାତ୍ର ୬୦୦ କୋଟି ଟଙ୍କାରେ ସୀମିତ ରଖାଯାଇଛି।

### ଜିରୋ ବଜେଟ ଫାର୍ମିଂ କ'ଣ

ଜିରୋ ବଜେଟ ଫାର୍ମିଂକୁ ଜାତିସଂଘର ଖାଦ୍ୟ ଓ କୃଷି ସଙ୍ଗଠନ ଜିରୋ ବଜେଟ ପ୍ରାକୃତିକ ଚାଷ (ଜେଡ୍‌ବିଏନ୍‌ଏଫ୍) ବୋଲି ଉଲ୍ଲେଖ କରିଥାଏ। ଏହା ହେଉଛି ଏପରି ଏକ କୃଷି ପଦ୍ଧତି, ଯେଉଁଠି କୃଷକମାନେ ପ୍ରାକୃତିକ ଉପାୟରେ ଚାଷ କରନ୍ତି। ସେମାନେ ରାସାୟନିକ ସାର ଓ କୀଟନାଶକ ବ୍ୟବହାର ପରିବର୍ତ୍ତେ କେବଳ ନିଜ ଉତ୍ପାଦିତ ଶସ୍ୟ ଏବଂ ଉର୍ବରକ ପ୍ରୟୋଗ କରିଥାନ୍ତି। କର୍ନାଟକରେ କୃଷିବିତ୍ ସୁଭାଷ ପାଲେକର ଓ ରାଜ୍ୟ କୃଷକ ସଙ୍ଗଠନ କେଆର୍‌ଏସ୍‌ଏସ୍‌ର ମିଳିତ ଆନୁକୂଲ୍ୟରେ ଏହା ଏକ ବିପ୍ଲବରେ ପରିଣତ ହୋଇଛି। ପରେ ଏହାକୁ ଦକ୍ଷିଣ ଭାରତର ଆଉ କେତେକ ରାଜ୍ୟ ଆପଣାଇଛନ୍ତି।




## କୃଷି ଭିତ୍ତିଭୂମିରେ ଘରୋଇ ନିବେଶ

**ନୂଆଦିଲ୍ଲୀ,୫।୭(ପି.ଟି.):** କୃଷି ଭିତ୍ତିଭୂମିର ବିକାଶ ପାଇଁ ସରକାର ଘରୋଇ ଉଦ୍ୟୋଗର ସହଯୋଗ ନେବେ। ଘରୋଇ ଉଦ୍ୟୋଗଗୁଡ଼ିକର ବିପୁଳ ପୁଞ୍ଜିନିବେଶ କୃଷିକୁ ସମୃଦ୍ଧ କରିବ ବୋଲି ବଜେଟ ଉପସ୍ଥାପନ ବେଳେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ପ୍ରକାଶ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ତୃତୀୟ ପର୍ଯ୍ୟାୟ)ରେ ୧,୨୫,୦୦୦ କି.ମି. ରାସ୍ତାକୁ ଉନ୍ନତ କରାଯିବ। ଏଥିପାଇଁ ୮୦,୨୫୦ କୋଟି ଟଙ୍କା ଖର୍ଚ୍ଚ ହେବ। ମୋଦି ସରକାରଙ୍କ ପ୍ରଥମ ପାଳିରେ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ସମେତ ସବୁଜ ସାମଗ୍ରୀ ବ୍ୟବହାର କରାଯାଇ ୩୦,୦୦୦ କି.ମି. ରାସ୍ତା ନିର୍ମାଣ କରାଯାଇଥିଲା। ୨୦୨୧-୨୨ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମ୍ୟ) ଅଧୀନରେ ୧.୯୫ କୋଟି ଗୃହ ତିଆରି କରାଯିବ। ସେଥିରେ ରୋଷେଇ ଗ୍ୟାସ୍, ବିଦ୍ୟୁତ୍ ସଂଯୋଗ ସହ ଶୌଚାଳୟ ବ୍ୟବସ୍ଥା କରାଯିବ। ଗରିବ ଓ ଚାଷୀଙ୍କ ସୁବିଧା ପାଇଁ ଗ୍ରାମାଞ୍ଚଳର ପ୍ରତ୍ୟେକ ପରିବାରକୁ ୨୦୨୨ ସୁଦ୍ଧା ବିଦ୍ୟୁତ୍ ଏବଂ ଏଲ୍‌ପିଜି ସଂଯୋଗ ଦିଆଯିବ। ସେହିପରି ୨୦୨୪ ସୁଦ୍ଧା ସବୁ ଘରକୁ ଜଳ ଜୀବନ ମିଶନ ଜରିଆରେ ପାଣି ପହଞ୍ଚାଯିବ। ପାଇପ୍‌ରେ ଜଳଯୋଗାଣ, ଭୂତଳ ଜଳ ସଂରକ୍ଷଣ ଓ ବର୍ଷାଜଳ ଅମଳକୁ ସରକାର ଗୁରୁତ୍ୱ ଦେବେ ବୋଲି ସୀତାରାମନ କହିଛନ୍ତି। କିନ୍ତୁ ଏଥିପାଇଁ କେତେ ଅର୍ଥ ଆବଣ୍ଟନ କରାଯାଇଛି ସେନେଇ ଅର୍ଥମନ୍ତ୍ରୀ କିଛି କହିନାହାନ୍ତି।

## ଏମ୍‌ଜିଏନ୍‌ଆର୍‌ଇଜିଏ ପାଣ୍ଠି ହ୍ରାସ




**ନୂଆଦିଲ୍ଲୀ,୫।୭(ପି.ଟି.):** ଗ୍ରାମ ଉନ୍ନୟନ ମନ୍ତ୍ରଣାଳୟ ଅଧୀନରେ ବିଭିନ୍ନ କଲ୍ୟାଣମୂଳକ ଯୋଜନା ପାଇଁ ସରକାର ୧.୧୭ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ କରିଥିବାବେଳେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମାଞ୍ଚଳ ନିଶ୍ଚିତ କର୍ମନିଯୁକ୍ତି ଆଇନ (ମନ୍‌ରେଗା) ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମ୍‌ଏୱାଇ)-ଗ୍ରାମୀଣରେ ଚଳିତ ଆର୍ଥିକ ବର୍ଷ ଲାଗି କମ୍ ଅର୍ଥ ମଞ୍ଜୁର କରାଯାଇଛି। ଗତବର୍ଷ ଗ୍ରାମାଞ୍ଚଳର ବିଭିନ୍ନ କଲ୍ୟାଣକାରୀ ଯୋଜନା ବାବଦରେ ୧.୧୨ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା। ତେବେ ଗତବର୍ଷ ମନ୍‌ରେଗାରେ ୬୧,୦୮୪ କୋଟି ଟଙ୍କା ବ୍ୟୟବରାଦ ହୋଇଥିବାବେଳେ ଏଥର ତାହା ୬୦ ହଜାର ଟଙ୍କାକୁ ହ୍ରାସ ପାଇଛି। ସେହିପରି ପିଏମ୍‌ଏୱାଇ-ଗ୍ରାମୀଣରେ ଗତବର୍ଷ ୧୯,୯୦୦ କୋଟି ମଞ୍ଜୁର ହୋଇଥିବାବେଳେ ଏଥର ତାହା ୧୯,୦୦୦ କୋଟି ଟଙ୍କାକୁ କମାଇ ଦିଆଯାଇଛି।

## ଲୋକପାଳ ଲାଗି ୧୦୦ କୋଟି

ଲୋକପାଳ ଲାଗି ବଜେଟରେ ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟୟବରାଦ କରାଯାଇଛି। କେନ୍ଦ୍ରୀୟ ଭିଜିଲାନ୍ସ ଆୟୋଗ(ସିଭିସି) ଲାଗି ଏଥିରୁ ୨୦୧୯-୨୦ ଆର୍ଥିକ ବର୍ଷ ଲାଗି ୩୫.୫୫ କୋଟି ଟଙ୍କା ବ୍ୟୟବରାଦ ହେବ। ଗତ ଅନ୍ତରୀଣ ବଜେଟରେ ଲୋକପାଳ ଲାଗି ୪.୨୯ କୋଟି ବ୍ୟୟବରାଦ କରାଯାଇଥିଲା। ୨୦୧୯-୨୦ ଲାଗି ଲୋକପାଳକୁ ୧୦୧.୨୯କୋଟି ବ୍ୟୟବରାଦ କରାଯାଇଛି। ଏବେ ପଞ୍ଚତାରକା ହୋଟେଲରେ ଲୋକପାଳ କାର୍ଯ୍ୟ କରୁଥିବାବେଳେ ନିଜସ୍ୱ ଗୃହ ନିର୍ମାଣ ଲାଗି ଏଭଳି ବ୍ୟୟ ବରାଦ କରାଯାଇଛି।

## ଆଧାରରେ କରିହେବ ରିଟର୍ନ ଫାଇଲିଂ

ନୂଆଦିଲ୍ଲୀ,୫।୭(ପି.ଟି.)

ପାନ୍ ନ ଥିଲେ ଆଧାର କାର୍ଡରେ ଆୟକର ରିଟର୍ନ ଫାଇଲ କରାଯାଇପାରିବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବଜେଟ ଉପସ୍ଥାପନ ବେଳେ କହିଛନ୍ତି। ଦେଶର ୧୨୦ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କ ପାଖରେ ଆଧାର କାର୍ଡ ରହିଛି। ଟିକସଦାତାଙ୍କ ସୁବିଧା ପାଇଁ ପାନ୍ ଏବଂ ଆଧାର କାର୍ଡ ପରସ୍ପର ବିନିମୟଯୋଗ୍ୟ କରିବାକୁ ସେ ପ୍ରସ୍ତାବ ଦେଇଥିବା ସୀତାରାମନ୍ କହିଛନ୍ତି। ଏହାବ୍ୟତୀତ ଯେଉଁ ପ୍ରବାସୀ ଭାରତୀୟ (ଏନ୍‌ଆର୍‌ଆଇ)ଙ୍କ ପାଖରେ ଭାରତୀୟ ପାସ୍‌ପୋର୍ଟ ଥିବ ସେମାନେ ପହଞ୍ଚିବାମାତ୍ରେ ଆଧାର କାର୍ଡ ଯୋଗାଇ ଦିଆଯିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ବାଧ୍ୟତାମୂଳକ ୧୮୦ ଦିନର ପ୍ରତୀକ୍ଷା ସେମାନଙ୍କ କ୍ଷେତ୍ରରେ ଲାଗୁ ହେବନାହିଁ।

## ସବୁ ପଞ୍ଚାୟତକୁ ଇଣ୍ଟରନେଟ ସଂଯୋଗ

**ନୂଆଦିଲ୍ଲୀ,୫।୭(ପି.ଟି.)**

'ଭାରତନେଟ୍' ପ୍ରକଳ୍ପ ଅଧୀନରେ ସାର୍ବଜନୀନ ସେବା ଆନୁଗତ୍ୟ ପାଣ୍ଠି (ୟୁଏସ୍‌ଓଏଫ୍) ସହାୟତାରେ ପ୍ରତି ପଞ୍ଚାୟତକୁ ଇଣ୍ଟରନେଟ ସଂଯୋଗ ଯୋଗାଇ ଦିଆଯିବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କହିଛନ୍ତି। ଇଣ୍ଟରନେଟ୍‌ରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ମଧ୍ୟରେ ରହିଥିବା ବ୍ୟବଧାନକୁ ଦୂରକରିବା ଉପରେ ସରକାର ପ୍ରାଧାନ୍ୟ ଦେଉଛନ୍ତି। ସରକାରୀ-ଘରୋଇ ଭାଗୀଦାରିତାରେ ଏବଂ ୟୁଏସ୍‌ଓଏଫ୍ ସହାୟତାରେ ଇଣ୍ଟରନେଟ ସଂଯୋଗକୁ ତ୍ୱରାନ୍ୱିତ କରାଯିବ। ୨୦୨୦ ମାର୍ଚ୍ଚ ସୁଦ୍ଧା ସମସ୍ତ ୨.୫ ଲକ୍ଷ ଗ୍ରାମପଞ୍ଚାୟତକୁ ହାଇସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡରେ ସଂଯୋଗ କରାଯିବା ଲକ୍ଷ୍ୟ ରଖାଯାଇଥିବା ଅର୍ଥମନ୍ତ୍ରୀ ସୂଚନା ଦେଇଛନ୍ତି। ଗତ ମେ ୩୦ ସୁଦ୍ଧା ୩,୩୩,୧୯୫ କିଲୋମିଟର ଅପ୍ଟିକାଲ ଫାଇବର କେବୁଲ ବିଛାଯାଇ ୧,୨୮,୧୧୮ ଗ୍ରାମପଞ୍ଚାୟତକୁ ସଂଯୋଗ କରାଯାଇଛି। ସେହିପରି ପ୍ରଧାନମନ୍ତ୍ରୀ ଗ୍ରାମୀଣ ଡିଜିଟାଲ ସାକ୍ଷରତା ଅଭିଯାନରେ ଗ୍ରାମାଞ୍ଚଳର ୨ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କୁ ପ୍ରଶିକ୍ଷିତ କରାଯାଇଥିବା ଅର୍ଥମନ୍ତ୍ରୀ କହିଥିଲେ।



ପାର୍ଲାମେଣ୍ଟ ପରିସରରେ ବଜେଟ ପୁସ୍ତକ ପ୍ୟାକେଟଗୁଡିକୁ ସୁରକ୍ଷା କର୍ମୀ ସନ୍ଧାନୀ କୁକୁର ସହାୟତାରେ ଯାଞ୍ଚ କରୁଛନ୍ତି।

## ବ୍ରିଫ୍‌କେସ୍ ବଦଳରେ ବହିଖାତା

**ନୂଆଦିଲ୍ଲୀ,୫।୭(ପି.ଟି.)**

ବଜେଟ ଉପସ୍ଥାପନ ବେଳେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ପରମ୍ପରା ଭଙ୍ଗକରି ବ୍ରିଫ୍‌କେସ୍ ବଦଳରେ ଗୃହକୁ ଏକ ଲାଲ୍ ରଙ୍ଗର ସିଲ୍କ ବ୍ୟାଗ୍‌ରେ ବଜେଟ ଦସ୍ତାବିଜ୍ ଆଣି ଆସିଥିଲେ। ଏହା ବହିଖାତା ପରମ୍ପରାକୁ ମନେପକାଇଦେଇଥିଲା। ଅତୀତରେ ସମସ୍ତ ଅର୍ଥମନ୍ତ୍ରୀ ବଜେଟ ଉପସ୍ଥାପନ ପାଇଁ ବ୍ରିଫ୍‌କେସ୍ ଧରି ଆସୁଥିଲେ। ଏହା ଉପନିବେଶୀୟ ପରମ୍ପରା ବୋଲି କୁହାଯାଉଥିଲା। ସୀତାରାମନ୍ ଆଣିଥିବା ଲାଲ୍ ବ୍ୟାଗ୍‌ରେ ଜାତୀୟ ସଙ୍କେତ ରହିଥିଲା। ପୂର୍ବରୁ ଉପନିବେଶୀୟ ପରମ୍ପରାକ୍ରମେ ସନ୍ଧ୍ୟା ୫ଟାରେ ବଜେଟ ଉପସ୍ଥାପନ କରାଯାଇଆସୁଥିଲା। ଅଟଳ ବିହାରୀ ବାଜପେୟୀଙ୍କ ସରକାରରେ ତତ୍କାଳୀନ ଅର୍ଥମନ୍ତ୍ରୀ ଯଶୱନ୍ତ ସିହ୍ନା ଏହି ପରମ୍ପରା ଭଙ୍ଗ କରି ପୂର୍ବାହ୍ନ ୧୧ଟାରେ ବଜେଟ ଉପସ୍ଥାପନ କରିଥିଲେ। ସେବେଠାରୁ ପୂର୍ବାହ୍ନରେ ବଜେଟ ଉପସ୍ଥାପନ ହୋଇଆସୁଛି। ଭାରତର ବ୍ୟବସାୟୀମାନେ ପାରମ୍ପରିକ ଭାବେ ହିସାବ ରଖୁଥିବା କାଗଜପତ୍ରକୁ ବହିଖାତା କହୁଥିଲେ। ସରକାର ବଜେଟରେ ଭାରତୀୟ ପରମ୍ପରାକୁ ଅନୁସରଣ କରିଥିବା ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା କ୍ରିଷ୍ଣମୂର୍ତ୍ତି ସୁବ୍ରମଣ୍ୟନ୍ କହିଛନ୍ତି।

**ପରମ୍ପରା ଭାଙ୍ଗିଲେ ସୀତାରାମନ୍**

## ଭୁଆଁବୁଲା ବଜେଟ



ଏହା ଏକ ଧୋକାଦାରି ବଜେଟ। ଗତ ଫେବୃୟାରୀରେ ଆସିଥିବା ଅନ୍ତରୀଣ ବଜେଟକୁ ରିଭାଇଜ୍ କରାଯାଇଛି। ଶେଷ କ୍ୱାର୍ଟରର ଖର୍ଚ୍ଚକାଟ୍‌କୁ ବିଚାରକୁ ନିଆଯାଇନାହିଁ। ଅର୍ଥନୀତିର ଗୋଲାପୀ ଚିତ୍ର ଦେଖାଇ ସରକାର ଲୋକଙ୍କୁ ଭୁଆଁ ବୁଲାଉଛନ୍ତି।

**-ସୀତାରାମ ୟେଚୁରୀ, ସିପିଏମ୍ ସାଧାରଣ ସମ୍ପାଦକ**



ସାମୂହିକ ବିକାଶ ଲାଗି ବଜେଟରେ ଅନେକ ପ୍ରସ୍ତାବ ରହିଛି। ସମସ୍ତଙ୍କୁ ପାନୀୟଜଳ, ବିଦ୍ୟୁତ ଆଦିର ସୁବିଧା ମିଳିବ, କୃଷକ, ଯୁବବର୍ଗ, ମହିଳା ଓ ଗରିବଙ୍କ ସ୍ୱପ୍ନ ପୂରଣ ହେବ। ନୂତନ ଭାରତ ଗଠନ କ୍ଷେତ୍ରରେ ଏହା ବିଶେଷ ସହାୟକ ହୋଇପାରିବ।

**-ଅମିତ ଶାହ,ସ୍ୱରାଷ୍ଟ୍ରମନ୍ତ୍ରୀ**



ଏହା ଏକ ଫିକା ବଜେଟ। ପ୍ରସ୍ତୁତି ପୂର୍ବରୁ ଅଭିଜ୍ଞ ଅର୍ଥନୀତିଜ୍ଞ ଓ ସାଧାରଣ ଲୋକଙ୍କ କଥା ଶୁଣାଯାଇ ନାହିଁ। ବଜେଟରେ ଆୟ, ବ୍ୟୟ, ଆର୍ଥିକ ନିଅଣ୍ଟ ସମ୍ପର୍କରେ କିଛି ନାହିଁ। ଅଧିକାଂଶ ଦ୍ରବ୍ୟ ଉପରେ ସୀମା ଶୁଳ୍କ ବୃଦ୍ଧି କରାଯାଇ ଥିବାରୁ ଲୋକଙ୍କ ଲାଗି ଏହା ଚିନ୍ତା ବଢାଇ ଦେଇଛି।।

**-ପି. ଚିଦାମ୍ବରମ୍,ପୂର୍ବତନ ଅର୍ଥମନ୍ତ୍ରୀ**



ବଜେଟରେ କିଛି ନୂତନତ୍ୱ ନାହିଁ। ଏହା କେବଳ ନୂଆ ବୋତଲରେ ପୁରୁଣା ମଦ ଭଳି। ସରକାରୀ ପ୍ରୟାସ ସମ୍ପର୍କରେ ଏଥିରେ ଘୋଷଣା କରାଯାଇଛି। ନିଯୁକ୍ତି ସୃଷ୍ଟିକରିବା ଲାଗି ଯୋଜନା ନାହିଁ କି କୃଷି ଓ ଶ୍ରମ କ୍ଷେତ୍ର ଲାଗି ସ୍ୱତନ୍ତ୍ର ଯୋଜନା କରାଯାଇନାହିଁ।

**-ଅଧୀର ରଞ୍ଜନ ଚୌଧୁରୀ, ଲୋକ ସଭାରେ କଂଗ୍ରେସ ନେତା**



ବଜେଟ କେବଳ ପୁଞ୍ଜିପତିମାନଙ୍କ ଲାଗି ଉଦ୍ଦିଷ୍ଟ। ଏହା ଦାରିଦ୍ର୍ୟ, ବେକାରି, କୃଷକ ସମସ୍ୟା ଆଦିକୁ ବ୍ୟାପକ କରିବ। ସାଧାରଣ ଲୋକେ ଏଥିରୁ ସେଭଳି କିଛି ଫାଇଦା ପାଇପାରିବେ ନାହିଁ।

**-ମାୟାବତୀ,ବିଏସ୍‌ପି ସୁପ୍ରିମୋ**



ବଜେଟରେ କିଛି ଭଲ ନାହିଁ। ସମାଜର କୌଣସି ବର୍ଗ ଏହାଦ୍ୱାରା ଉପକୃତ ହେବେନି।

**-ଶରଦ ଯାଦବ, ଲୋକତାନ୍ତ୍ରିକ ଜନତା ଦଳ ନେତା**



ଭାରତୀୟ ଅର୍ଥନୀତିକୁ ୫ ଟ୍ରିଲିୟନ ଡଲାରରେ ପହଞ୍ଚାଇବା ଲାଗି ଅଣାଯାଇଥିବା ବଜେଟ ସ୍ୱାଗତଯୋଗ୍ୟ। ଏଥିସହ ସବୁ ଘରକୁ ଜଳ ଯୋଜନା ଲୋକଙ୍କ ମୌଳିକ ସମସ୍ୟା ଦୂର କରିବାରେ ସହାୟକ ହୋଇପାରିବ।

**-ନୀତୀଶ କୁମାର,ବିହାର ମୁଖ୍ୟମନ୍ତ୍ରୀ**

DHARITRI

ଭୁବନେଶ୍ୱର, ଶନିବାର, ଜୁଲାଇ ୬/୨୦୧୯ | Bhubaneswar, Saturday, July 6/2019 | ପୃଷ୍ଠା-୧




**ଶରନ ପ୍ରି-କ୍ୱାର୍ଟରରେ**

ଭାରତର ଡିଭିଜ ଶରନ ୱିମ୍ବେଲଡନ ଓପନ୍ ଟେନିସ ଟୁର୍ନାମେଣ୍ଟର ପୁରୁଷ ଡବଲ୍ସ ପ୍ରି-କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି।

୧୨

୧୦

**'ଅଙ୍ଗ୍ରେଜି ମିଡିୟମ୍'ରେ ଡିମ୍ପଲ୍**

ବିଶିଷ୍ଟ ଅଭିନେତ୍ରୀ ଡିମ୍ପଲ କାପାଡିଆଙ୍କ ଅଭିନୀତ 'ଅଙ୍ଗ୍ରେଜି ମିଡିୟମ୍'ର ଶୁଟିଂ ଲଣ୍ଡନରେ ଆରମ୍ଭ ହୋଇଛି।



## ପେଟ୍ରୋଲ, ଡିଜେଲରେ ମାଡ଼

# ସବୁଥିରେ ଦର ବଢ଼ିବ

**ମହଙ୍ଗା** ● ପେଟ୍ରୋଲ ● ଡିଜେଲ ● ମାର୍ବଲ ● ସିଗାରେଟ ● ହୁକ୍କା ● ଚୋବାଇ ହେଉଥିବା ତମାଖୁ ● ସୁନା ● ରୁପା ● ସମ୍ପୂର୍ଣ୍ଣ ରୂପେ ଆମଦାନୀ ହେଉଥିବା କାର ● ସ୍ପ୍ଲିଟ୍ ଏସି ● ଲାଉଡସ୍ପିକର ● ଡିଜିଟାଲ ଭିଡିଓ ରେକର୍ଡର ● ଆମଦାନୀ ହେଉଥିବା ବହି ● ସିସିଟିଭି କ୍ୟାମେରା ● କାଜୁ, ଆମଦାନୀ ହେଉଥିବା ପ୍ଲାଷ୍ଟିକ ● ସାବୁନ ନିର୍ମାଣରେ ଲାଗୁଥିବା କଞ୍ଚା ମାଲ ● ଭିନାଇଲ ଫ୍ଲୋରିଂ ● ଟାଇଲ୍ସ ● ଅପ୍ଟିକାଲ ଫାଇବର ● ସେରାମିକ ଟାଇଲ୍ସ ● ୱାଲ୍ ଟାଇଲ୍ସ ● ଆମଦାନୀ ହେଉଥିବା ଷ୍ଟେନଲେସ ଷ୍ଟିଲ୍ ସାମଗ୍ରୀ ● ଆମଦାନୀ ହେଉଥିବା ଅଟୋ ଯନ୍ତ୍ରାଂଶ ● ନ୍ୟୁଜପ୍ରିଣ୍ଟ ଓ ଖବରକାଗଜ ● ପତ୍ରିକାର କାଗଜ ● ମାର୍ବଲ ସ୍ଲାବ୍ ● ଫର୍ଣ୍ଣିଚର ମାଉଣ୍ଟିଂ

**ଶସ୍ତା** ● ଇଲେକ୍ଟ୍ରିକ ଗାଡ଼ିର ଯନ୍ତ୍ରାଂଶ ● କ୍ୟାମେରା ମଡ୍ୟୁଲ୍ ଏବଂ ମୋବାଇଲ ଚାର୍ଜର ● ସେଟ୍ ଟପ୍ ବକ୍ସ ● ଆମଦାନୀ ହେଉଥିବା ପ୍ରତିରକ୍ଷା ଉପକରଣ



### ସାଧାରଣ ବଜେଟ ୨୦୧୯-୨୦

- ଆୟକର ରିଟର୍ନ ଦାଖଲରେ ଆଧାରକୁ ଗୁରୁତ୍ୱ
- ଏନ୍ଆର୍ଆଇଙ୍କୁ ପଦାର୍ପଣ ମାତ୍ରେ ଆଧାର କାର୍ଡ
- ପ୍ରତ୍ୟକ୍ଷ ଟିକସ ଅପରିବର୍ତ୍ତିତ
- ୪୦୦ କୋଟି ବାର୍ଷିକ କାରବାର ଉପରେ ୨୫ ପ୍ରତିଶତ କର୍ପୋରେଟ୍ ଟିକସ
- ସୁପର ଧନୀଙ୍କଠାରୁ ସରଚାର୍ଜ ଆଦାୟ
- ୪୫ ଲକ୍ଷ ଟଙ୍କା ଘର କିଣା ଋଣ ଉପରେ ଅତିରିକ୍ତ ଦେଢ଼ ଲକ୍ଷ ଟିକସ ଛାଡ଼
- ବଜେଟ ଉପସ୍ଥାପନରେ ସୀତାରାମନ ପ୍ରଥମ ପୂର୍ଣ୍ଣକାଳୀନ ଅର୍ଥମନ୍ତ୍ରୀ




**ନୂଆଦିଲ୍ଲୀ,୫।୭ (ପି.ଟି.)**

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ପାର୍ଲାମେଣ୍ଟରେ ଶୁକ୍ରବାର ୨୦୧୯-୨୦ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିଛନ୍ତି। ଏନ୍‌ଡିଏ ସରକାରଙ୍କ ଦ୍ୱିତୀୟ ପାଳିରେ ପୂର୍ଣ୍ଣକାଳୀନ ପ୍ରଥମ ମହିଳା ଅର୍ଥମନ୍ତ୍ରୀ ସୀତାରାମନ୍ ୨୭,୮୬,୩୪୯ କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ଖର୍ଚ୍ଚ ଅଟକଳ ପ୍ରସ୍ତାବ ଦେଇଛନ୍ତି। ସେହିଭଳି ରେଳୱେକୁ ୬୫,୮୩୭ କୋଟି ଟଙ୍କାର ବଜେଟ ସହାୟତା ଦିଆଯାଇଛି। ତେବେ ପେଟ୍ରୋଲ ଓ ଡିଜେଲ ଉପରେ ଉତ୍ପାଦ ଶୁଳ୍କ ବୃଦ୍ଧି କରାଯାଇଥିବାରୁ ଏଣିକି ସବୁଥିରେ ଦର ବଢ଼ିବ ବୋଲି ନିଶ୍ଚିତ ହୋଇଯାଇଛି। ଧନୀଙ୍କ ଠାରୁ ଅତିରିକ୍ତ ସରଚାର୍ଜ ଆଦାୟ କରିବା ସହ କ୍ୟାସ୍‌ଲେସ୍ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବାକୁ ଯାଇ ଉଚ୍ଚ ମୂଲ୍ୟର ନଗଦ ଉଠାଣ ଉପରେ ଦୁଇ ପ୍ରତିଶତ ଟିଡିଏସ୍ ଆଦାୟ ପାଇଁ ସେ ବଜେଟରେ ପ୍ରସ୍ତାବ ଦେଇଛନ୍ତି। ଟିକସ କ୍ଷେତ୍ରରେ ଅଧିକ ରିହାତି ଆଶା କରୁଥିବା ମଧ୍ୟବିତ୍ତ ଶ୍ରେଣୀଙ୍କୁ ସୀତାରାମନଙ୍କ ବଜେଟରୁ ନିରାଶ ହେବାକୁ ପଡ଼ିଛି। ଚଳିତ ବଜେଟରେ ଆୟକର ରିଟର୍ନ ଦାଖଲ ନେଇ ନୂଆ ବ୍ୟବସ୍ଥା କରାଯାଇଛି। ଏବେଠୁ ପାନ୍ ନ ଥିଲେ ଆଧାର ମାଧ୍ୟମରେ ରିଟର୍ନ ଦାଖଲ କରିହେବ। ଅର୍ଥାତ୍ ଆଧାର କାର୍ଡ ବ୍ୟବହାରକୁ ଅଧିକ ଶକ୍ତିଶାଳୀ କରିବାକୁ ଚାହିଁ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ସେହିପରି ପ୍ରବାସୀ ଭାରତୀୟ (ଏନ୍ଆର୍ଆଇ) ଭାରତରେ ପଦାର୍ପଣ କରିବା ମାତ୍ରେ ସେମାନଙ୍କୁ ତୁରନ୍ତ ଆଧାର କାର୍ଡ ପ୍ରଦାନ କରାଯିବ। ଆଉ ପୂର୍ବ ଭଳି ସେମାନଙ୍କୁ ୧୮୦ ଦିନ ଅପେକ୍ଷା କରିବାକୁ ପଡ଼ିବ ନାହିଁ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।

ପରମ୍ପରା ଭଙ୍ଗ କରି ବ୍ରିଫ୍‌କେସ୍ ବଦଳରେ ବହିଖାତା ଧରି ସୀତାରାମନ ଗୃହକୁ ପ୍ରବେଶ କରିଥିଲେ। ତାଙ୍କର ୨ ଘଣ୍ଟା ୧୫ ମିନିଟ୍‌ର ଭାଷଣ ବେଳେ ପେଟ୍ରୋଲ ଓ ଡିଜେଲ ଉପରେ ଉତ୍ପାଦ ଶୁଳ୍କ ଲିଟର ପିଛା ୧ ଟଙ୍କା ବଢ଼ାଇବାକୁ ଘୋଷଣା କରି ସେ ସମସ୍ତଙ୍କୁ ଚକିତ କରିଛନ୍ତି। ଖାଲି ସେତିକି ନୁହେଁ, ଏହି ଦୁଇ ପେଟ୍ରୋ ଉତ୍ପାଦ ପରେ ୧ ଟଙ୍କାର ଇନ୍‌ଫ୍ରାଷ୍ଟ୍ରକଚର ସେସ୍ ବସିବା ଫଳରେ ପେଟ୍ରୋଲ ଓ ଡିଜେଲ ଦର ଲିଟର ପିଛା ଯଥାକ୍ରମେ ୨ ଟଙ୍କା ୫୦ ଓ ୨ଟଙ୍କା ୩୦ ପଇସା ବୃଦ୍ଧି ପାଇବ। ପେଟ୍ରୋ ଉତ୍ପାଦକୁ ଜିଏସ୍‌ଟି ଅଧୀନକୁ ଆଣିବା ଲାଗି ଦାବି ହୋଇଆସୁଥିବା ବେଳେ ବଜେଟ୍‌ରେ ସରକାର ପେଟ୍ରୋଲ ଓ ଡିଜେଲ ଉପରେ ଉତ୍ପାଦ ଟିକସ୍ ବୃଦ୍ଧି ନେଇ ଘୋଷଣା କରିବା ଦେଶବାସୀଙ୍କ ମନରେ ଅସନ୍ତୋଷ ସୃଷ୍ଟି କରିଛି। ହେଲେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ଏବେ ସର୍ବନିମ୍ନ ସ୍ତରରେ ଥିବାରୁ ଏହାର ସୁଯୋଗ ନେବାକୁ ସେ ଚାହୁଁଛନ୍ତି ବୋଲି ଅର୍ଥମନ୍ତ୍ରୀ ଯୁକ୍ତି ଦର୍ଶାଇଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତି ଦ୍ୱାରା ସବୁ ପ୍ରକାର ସାମଗ୍ରୀ ଦର ବଢ଼ିବା ସହିତ ମାଲ୍ ଭଡା ବଢ଼ିବ। ଫଳସ୍ୱରୂପ ମୁଦ୍ରାସ୍ଫୀତି ବୃଦ୍ଧି ପାଇବା କାରଣରୁ ରିଜର୍ଭ ବ୍ୟାଙ୍କ ରେପୋ ରେଟ୍ ସଂଶୋଧନ କରିବାକୁ ବାଧ ହେବେ।

ଅନ୍ୟପକ୍ଷରେ ଅଣବ୍ୟାଙ୍କିଙ୍ଗ୍ ଆର୍ଥିକ ସଂସ୍ଥାଗୁଡ଼ିକ ଏବେ ନଗଦ ସଙ୍କଟର ସାମ୍ନା କରୁଥିବାବେଳେ କେନ୍ଦ୍ର ଅର୍ଥମନ୍ତ୍ରୀ ରାଷ୍ଟ୍ରାୟତ୍ତ ବ୍ୟାଙ୍କିଙ୍ଗ୍ ସେକ୍ଟରକୁ ୭୦ ହଜାର କୋଟି ଟଙ୍କାର ସହାୟତା ପ୍ରଦାନ କରାଯିବ ବୋଲି ବଜେଟରେ ଘୋଷଣା କରିଛନ୍ତି। ସେହିପରି ରାଷ୍ଟ୍ରାୟତ୍ତ ପ୍ରତିଷ୍ଠାନଗୁଡ଼ିକର ଘରୋଇକରଣ ମାଧ୍ୟମରେ ବଜେଟରେ ଘୋଷିତ ଯୋଜନାଗୁଡ଼ିକ ପାଇଁ ପାଣ୍ଠି ସଂଗ୍ରହର ବ୍ୟବସ୍ଥା ହୋଇଛି। ତେବେ ଚଳିତ ବଜେଟରେ ଟିକସ ଛାଡ଼ ଲାଗି ଆଶା ବାନ୍ଧିଥିବା ମଧ୍ୟବିତ୍ତ ଶ୍ରେଣୀଙ୍କୁ ନିରାଶ ହେବାକୁ ପଡିଛି। ମଧ୍ୟବିତ୍ତ ଶ୍ରେଣୀଙ୍କ ପାଇଁ ଅନ୍ତରୀଣ ବଜେଟରେ ଘୋଷିତ ଟିକସ ବ୍ୟବସ୍ଥାକୁ ସୀତାରାମନ ପରିବର୍ତ୍ତନ କରି ନ ଥିବା ବେଳେ କେବଳ ଘର କିଣା ଉପରେ ସାମାନ୍ୟ ଟିକସ ଛାଡ଼ ଘୋଷଣା କରିଛନ୍ତି। କେବଳ ୨୦୨୦ ମାର୍ଚ୍ଚ ସୁଦ୍ଧା ୪୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଘର କିଣା ଉପରେ ସୁଧ ହାରରେ ଅତିରିକ୍ତ ୧.୫ ଲକ୍ଷ ଟଙ୍କା ଆୟକର ଛାଡ଼ ଘୋଷଣା କରାଯାଇଛି। ଅର୍ଥାତ୍ ଜଣେ ମଧ୍ୟବିତ୍ତ ଆୟକାରୀ ଶସ୍ତା ଘର କିଣିବାକୁ ଚାହିଁଲେ ତାଙ୍କୁ ମୋଟ୍‌ରେ ୩.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧ ଉପରେ ଟିକସ ଛାଡ଼ ସୁବିଧା ମିଳିବ। ଏହି ଘୋଷଣା ଦ୍ୱାରା ରିଏଲ ଇଷ୍ଟେଟ ସେକ୍ଟରକୁ ବିଶେଷ ଫାଇଦା ମିଳିବା ସମ୍ଭାବନା ନାହିଁ। ଅପରପକ୍ଷରେ ଅର୍ଥମନ୍ତ୍ରୀ ସୀତାରାମନ୍ କର୍ପୋରେଟ ଜଗତକୁ ଖୁସି କରିବାକୁ ଚେଷ୍ଟା କରି ଟିକସ ବ୍ୟବସ୍ଥାରେ ସାମାନ୍ୟ ପରିବର୍ତ୍ତନ କରିଛନ୍ତି। ପୂର୍ବରୁ ୨୫୦ କୋଟି ଟଙ୍କାର ବାର୍ଷିକ କାରବାର କରୁଥିବା କମ୍ପାନୀଙ୍କୁ ୨୫% ଟିକସ ଦେବାକୁ ପଡୁଥିଲା। ଏହା ଉପରେ ଅଧିକ କାରବାର କରୁଥିଲେ ୩୦% ଟିକସ ଆଦାୟ କରାଯାଉଛି। ଅର୍ଥମନ୍ତ୍ରୀ ଉକ୍ତ ସୀମାକୁ ବୃଦ୍ଧି କରି ବାର୍ଷିକ ୪୦୦ କୋଟି ଟଙ୍କା ପର୍ଯ୍ୟନ୍ତ କାରବାର କରୁଥିବା ସମସ୍ତ କମ୍ପାନୀଙ୍କୁ ୨୫%ର ସର୍ବନିମ୍ନ ହାରରେ କର୍ପୋରେଟ ଟିକସ ଦେବାକୁ ପଡିବ ବୋଲି ବଜେଟରେ ପ୍ରସ୍ତାବ ଦେଇଛନ୍ତି। ଏହାଦ୍ୱାରା ପଞ୍ଜୀକୃତ ୯୯.୩ ପ୍ରତିଶତ କମ୍ପାନୀଙ୍କୁ ଫାଇଦା ମିଳିବ। ବଜେଟରେ ସୀତାରାମନ ପ୍ରତ୍ୟକ୍ଷ ଟିକସ କ୍ଷେତ୍ରରେ କୌଣସି ପରିବର୍ତ୍ତନ କରି ନାହାନ୍ତି। ଅନ୍ତରୀଣ ବଜେଟରେ ଘୋଷଣା କରାଯାଇଥିବା ସ୍ଲାବ୍ କାଏମ ରଖିଛନ୍ତି। କିନ୍ତୁ ସରକାରଙ୍କ ଆୟ ବଢ଼ାଇବାକୁ ଯାଇ ଧନିକ ଶ୍ରେଣୀଙ୍କ ଉପରେ ସେ ଅଧିକ ଟିକସ ବୋଝ ଲଦିଛନ୍ତି। ଆଗକୁ ବାର୍ଷିକ ୨ରୁ ୫ କୋଟି ଟଙ୍କା ଆୟ କରୁଥିବା ବ୍ୟକ୍ତିବିଶେଷଙ୍କ ଠାରୁ ସରଚାର୍ଜ ବାବଦରେ ୩% ଏବଂ ୫ କୋଟି ଟଙ୍କାରୁ ଅଧିକ ଆୟକାରୀଙ୍କ ଠାରୁ ୭% ଆଦାୟ କରାଯିବ ବୋଲି ଘୋଷଣା କରିଛନ୍ତି। ସେହିପରି ବ୍ୟାଙ୍କ ଆକାଉଣ୍ଟରୁ ବାର୍ଷିକ ୧ କୋଟି ଟଙ୍କାରୁ ଅଧିକ ନଗଦ ଟଙ୍କା ଉଠାଣ ଉପରେ ୨% ଟିଡିଏସ୍ ଆଦାୟ କରିବାକୁ ବଜେଟରେ ଘୋଷଣା କରି ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ନଗଦ ଉପଲବ୍ଧତା ବଢ଼ାଇବା ସହ ଡିଜିଟାଲ ଅର୍ଥନୀତିକୁ ପ୍ରୋତ୍ସାହିତ କରିବାକୁ ଚାହିଁଛନ୍ତି।

ବଜେଟ୍ ସମ୍ପର୍କିତ ଅଧିକ ଖବର : ପୃଷ୍ଠା-୬, ୭


ରେଳୱେକୁ ୬୫,୮୩୭ କୋଟି ଟଙ୍କାର ବଜେଟ୍ ସହାୟତା

........ ୬ ........


**ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ**




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


**ଆଜିର ସମ୍ପାଦକୀୟ**

ମିତ୍ରଙ୍କ କାର୍ଯ୍ୟକାଳ ବୃଦ୍ଧି


**ଆଜିର ମନ୍ତବ୍ୟ**

"ଦେଶର ଜିଡିପିରେ (ଏମ୍ଏସ୍ଏମ୍ଇ) ଅତି କ୍ଷୁଦ୍ର, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକ ୫୦% ଅବଦାନ ରଖିବା ସହିତ ୫ବର୍ଷରେ ୧୫କୋଟିଙ୍କୁ ନିଯୁକ୍ତି ଯୋଗାଇଦେବେ।

-ନୀତିନ ଗଡ଼କରୀ, କେନ୍ଦ୍ରମନ୍ତ୍ରୀ

NECC NATIONAL EGG CO-ORDINATION COMMITTEE — Vencobb CHICKEN — 05.07.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 97 | 154 | 164 |
| CTC | 94 | 150 | 160 |
| DKL | 94 | 150 | 160 |
| BDK | 92 | 148 | 158 |
| BLS | 92 | 148 | 158 |
| ANG | 94 | 150 | 160 |

*Conditions Apply

Eggs Retail Price- 52/-Dozen

Issued in the Interest of Consumers

## ଗରିବଙ୍କୁ ସଶକ୍ତ କରିବ

**ନୂଆଦିଲ୍ଲୀ,୫।୭(ପି.ଟି.)**

କେନ୍ଦ୍ର ବଜେଟ ନାଗରିକ ହିତୈଷୀ, ବିକାଶ ଅନୁକୂଳ ତଥା ଭବିଷ୍ୟତୋନ୍ମୁଖୀ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଭିହିତ କରିବା ସହ ଏହା ଦେଶର ଗରିବଙ୍କୁ ସଶକ୍ତ କରିବ ଏବଂ ଯୁବପିଢ଼ିଙ୍କ ଲାଗି ଉନ୍ନତ ଭବିଷ୍ୟତ ଯୋଗାଇଦେବ ବୋଲି କହିଛନ୍ତି। ଜନସାଧାରଣଙ୍କ ଆଶାଆକାଂକ୍ଷା ପୂରଣ ହୋଇପାରିବା ସହ ସେମାନଙ୍କ ଆତ୍ମବିଶ୍ୱାସ ବଢ଼ାଇବ ବୋଲି ବଜେଟରୁ ପ୍ରତୀୟମାନ ହୋଇଛି। ସରକାରଙ୍କ ନୂତନ ନୀତି ଅବହେଳିତମାନଙ୍କୁ ସଶକ୍ତ କରିବା ସହ ଦେଶର ବିକାଶ ପାଇଁ ସେମାନଙ୍କ ହାତରେ କ୍ଷମତା ଦେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପାର୍ଲାମେଣ୍ଟରେ ବଜେଟ ଉପସ୍ଥାପନ ପରେ ଏକ ଟେଲିଭିଜନ ବାର୍ତ୍ତାରେ ମୋଦି କହିଥିଲେ, ବଜେଟରେ ସ୍ୱଚ୍ଛ ପରିବେଶ, ସ୍ୱଚ୍ଛ ଇନ୍ଧନ ଏବଂ ପରିବହନ ଉପରେ ଗୁରୁତ୍ୱ ଦିଆଯାଇଛି। କୃଷି ସେକ୍ଟରରେ ଢାଞ୍ଚାଗତ ସଂସ୍କାର କୃଷକମାନଙ୍କ ଆୟ ଦ୍ୱିଗୁଣିତ କରିବା ସହ ଏହି କ୍ଷେତ୍ରରେ ବଡ଼ ପରିବର୍ତ୍ତନ ଆଣିବ। ବଜେଟକୁ ନୂତନ ଭାରତର ଦସ୍ତାବିଜ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଏହା ଦେଶର ବିକାଶ ଧାରାକୁ ତ୍ୱରାନ୍ୱିତ କରିବା ସହ ମଧ୍ୟବିତ୍ତ ବର୍ଗଙ୍କ ପାଇଁ ଅଧିକ ଲାଭଦାୟକ ହେବ। ବଜେଟରେ ଟିକସ ପ୍ରକ୍ରିୟାର ସରଳୀକରଣ କରାଯାଇଥିବାରୁ ଭିତ୍ତିଭୂମିର ଆଧୁନିକୀକରଣରେ ଏହା ସହାୟକ ହୋଇପାରିବ।



## ଦୂରଦୃଷ୍ଟିସମ୍ପନ୍ନ ବଜେଟ

**ଭୁବନେଶ୍ୱର,୫।୭(ବ୍ୟୁରୋ)**

ପାର୍ଲାମେଣ୍ଟରେ କେନ୍ଦ୍ର ସରକାର ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବଜେଟକୁ କେତେକ କ୍ଷେତ୍ରରେ ସ୍ୱାଗତ କରିବା ବେଳେ ଅନ୍ୟ କେତେକ ଯୋଜନାରେ ବ୍ୟୟ ହ୍ରାସ କରାଯାଇଥିବାରୁ ଉଦ୍‌ବେଗ ପ୍ରକାଶ କରିଛନ୍ତି। ନବୀନ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ଏହା ଏକ ଦୂରଦୃଷ୍ଟି ସମ୍ପନ୍ନ ବଜେଟ, ଯାହାକି ଦେଶ ପାଇଁ ଶୁଭଙ୍କର। ତେବେ ସେହି ଅନୁଯାୟୀ ବଜେଟରେ ବ୍ୟୟ ବରାଦ ହେବା ଆବଶ୍ୟକ। ଉଚ୍ଚଶିକ୍ଷା, ଦକ୍ଷତା ବିକାଶ, ପାନୀୟ ଜଳ , ଜୀବିକା ମିଶନ, ମହିଳା ଓ ଶିଶୁ ବିକାଶ ବିଭାଗ ଲାଗି ଅଧିକ ଅର୍ଥ ବରାଦ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ସ୍ୱାଗତ କରିଛନ୍ତି। ଏମ୍‌ଜିଏନ୍ଆରଇଜିଏସ୍, ଏସସି/ଏସଟି ଏବଂ ଅନ୍ୟାନ୍ୟ ସମ୍ବେଦନଶୀଳ ବର୍ଗଙ୍କ କଲ୍ୟାଣ ଯୋଜନା ଏବଂ ଜାତୀୟ ସାମାଜିକ ସୁରକ୍ଷା ଯୋଜନା ଯୋଜନା ଅଧୀନରେ ପେନସନ ବାବଦରେ ଅର୍ଥ ହ୍ରାସ କରାଯାଇଥିବାରୁ ନବୀନ ଉଦ୍‌ବେଗ ପ୍ରକାଶ କରିଛନ୍ତି। ରେଳ ବିଭାଗ ପାଇଁ ଅଧିକ ବ୍ୟୟ ବରାଦ ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ। ଓଡିଶାରେ କାର୍ଯ୍ୟକାରୀ ହେଉଥିବା ରେଳ ପ୍ରକଳ୍ପକୁ ଆଗେଇ ନେବାକୁ ଅଧିକ ବ୍ୟୟ ବରାଦ କରାଯାଇଥିବା ନେଇ ମୁଖ୍ୟମନ୍ତ୍ରୀ ଆଶାବାଦୀ ଅଛନ୍ତି।



## ଆଖିବୁଜିଲେ ଢେଙ୍କାନାଳ ଯୋଡ଼ା ଶିଶୁ

**କଟକ ଅଫିସ, ୫।୭**

ଡାକ୍ତରମାନଙ୍କ ସମସ୍ତ ଚେଷ୍ଟା ଫେଲ୍ ମାରିଛି। ଶୁକ୍ରବାର ରାତି ୯ଟା ୧୫ ମିନିଟ୍‌ରେ ଶିଶୁଭବନରେ ଆଖି ବୁଜିଛନ୍ତି ଢେଙ୍କାନାଳ ଯୋଡାଶିଶୁ। ଗୁରୁବାର ବିଳମ୍ବିତ ରାତିରୁ ଶିଶୁଦ୍ୱୟଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍ଗିନ ଆଡକୁ ଗତି କରିଥିଲା। ଶରୀରରେ ଅମ୍ଳଜାନ ପରିମାଣ ହ୍ରାସ ପାଇବା ସହିତ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ସେମାନେ ଅସୁବିଧା ଭୋଗିଥିଲେ। ଶିଶୁଦ୍ୱୟଙ୍କୁ ବଞ୍ଚାଇବା ପାଇଁ ସମସ୍ତ ପ୍ରକାର ଚେଷ୍ଟା କରାଯାଇଥିବା କହିଛନ୍ତି ଶିଶୁଭବନ ଅଧୀକ୍ଷକ ପ୍ରଫେସର ଡା. ସରୋଜ ଶତପଥୀ। ଶୁକ୍ରବାର ଶିଶୁଦ୍ୱୟଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ ନିମନ୍ତେ ଏସ୍‌ସିବି ହୃଦ୍‌ବକ୍ଷ ଶଲ୍ୟ ବିଭାଗର ମୁଖ୍ୟ ପ୍ରଫେସର ଡା. ମନୋଜ ପଟ୍ଟନାୟକ ଶିଶୁଭବନ ଯାଇଥିଲେ। ଶିଶୁଦ୍ୱୟଙ୍କ ସ୍ୱାସ୍ଥ୍ୟାବସ୍ଥା ନିରୀକ୍ଷଣ କରିବା ପରେ ଅବସ୍ଥା ଗମ୍ଭୀର ଆଡକୁ ଯାଉଥିବା ସେ ସୂଚନା ଦେଇଥିଲେ। ସୂଚନାଥାଉ କି, ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗତ ସୋମବାର ଏହି ବିରଳ ଶିଶୁକନ୍ୟା ଦ୍ୱୟ ଜନ୍ମ ହୋଇଥିଲେ। ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଅଧୀନ ଖାଲପାଳ ଗ୍ରାମର ପ୍ରଦୀପ ବେହେରାଙ୍କ ସ୍ତ୍ରୀ ରେଣୁବାଳା ଏହି ଶିଶୁଦ୍ୱୟଙ୍କୁ ଜନ୍ମ ଦେଇଥିଲେ। ପରେ ଏହି ଯୋଡାଶିଶୁଙ୍କୁ ଶିଶୁଭବନକୁ ସ୍ଥାନାନ୍ତର କରାଯାଇଥିଲା। ଉଭୟଙ୍କ ଓଜନ ୪ କେଜି ୩୦୦ ଗ୍ରାମ ରହିଥିଲା। ଚିକିତ୍ସା ପାଇଁ ଶିଶୁଭବନରେ ୭ ଜଣିଆ ଡାକ୍ତରୀ ଦଳ ଗଠିତ ହୋଇଥିଲା। ତେବେ ଶିଶୁଦ୍ୱୟଙ୍କର ଇକୋ, ସିଟିସ୍କାନ ଆଦି କରାଯିବା ପରେ ସେମାନଙ୍କ ହାର୍ଟ ଏବଂ ଲିଭର ଗୋଟିଏ ଥିବା ଜଣାପଡ଼ିଥିଲା। ପ୍ରକାଶଥାଉ କି, ଦୁଇବର୍ଷ ତଳେ ଶିଶୁଭବନକୁ ସମାନ ଧରଣର ୨ ଜଣ ଶିଶୁ ଆସିଥିଲେ। ନୟାଗଡ଼ ଅଞ୍ଚଳରୁ ଆସିଥିବା ଏହି ଶିଶୁଦ୍ୱୟଙ୍କର ପେଟରୁ ଛାତି ଯୋଡ଼ି ହୋଇ ରହିଥିଲା। ସେମାନଙ୍କ ନାମ ଗଙ୍ଗା ଯମୁନା ଦିଆଯାଇଥିଲା। ଶିଶୁଭବନରେ ୧୯ ଦିନ ରହିବା ପରେ ସେମାନଙ୍କର ମୃତ୍ୟୁ ଘଟିଥିଲା। ସାଧାରଣତଃ ଏଭଳି ଶିଶୁମାନଙ୍କୁ ଡାକ୍ତରୀ ଭାଷାରେ ଥୋରାକୋ ଓମ୍‌ଫାଲୋ ଫାଗସ କୁହାଯାଏ ବୋଲି ଶିଶୁ ଶଲ୍ୟ ବିଭାଗର ବରିଷ୍ଠ ପ୍ରଫେସର ଡା. ପି.କେ. ଜେନା କହିଛନ୍ତି।






## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................


ଶ୍ରେୟାଂଶୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


### କନିଷ୍ଠ ଯନ୍ତ୍ରୀଙ୍କୁ ବସ୍‌ଉଠ୍ ମାମଲା

# ଶନିବାରକୁ ଘୁଞ୍ଚିଲା ବିଧାୟକଙ୍କ ଜାମିନ ଶୁଣାଣି

- ଅସୁସ୍ଥତା କାରଣରୁ ଭିଡିଓ କନଫେରେନ୍ସିରେ ହେଲେ ହାଜର
- ପୋଲିସକୁ ଦୁଇପକ୍ଷର ଜବାବ ରିପୋର୍ଟ ମାଗିଲେ କୋର୍ଟ

**ଭୁବନେଶ୍ୱର, ୫ା୭(ବ୍ୟୁରୋ)**

ନିମ୍ନମାନର ରାସ୍ତା କାମ ପାଇଁ କନିଷ୍ଠ ଯନ୍ତ୍ରୀ ଜୟକାନ୍ତ ଶବରଙ୍କୁ ବସ୍‌ଉଠ୍ କରାଇବା ମାମଲାରେ ଗିରଫ ହୋଇଥିବା ପାଟଣାଗଡ ବିଧାୟକ ସରୋଜ ମେହେରଙ୍କ ଜାମିନ ଆବେଦନଣ ଶୁଣାଣି ଶୁକ୍ରବାର ଭୁବନେଶ୍ୱର ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ଥିଲା। ହେଲେ ସେ ଅସୁସ୍ଥତା କାରଣରୁ କୋର୍ଟକୁ ଆସିପାରି ନ ଥିଲେ। ଭିଡିଓ କନଫରେନ୍ସି ମାଧ୍ୟମରେ ହାଜର ହୋଇଥିଲେ ମଧ୍ୟ ତାହା ଯଥେଷ୍ଟ ନ ଥିଲା। ତେଣୁ କୋର୍ଟ ମାମଲାର ଶୁଣାଣିକୁ ଗୋଟିଏ ଦିନ ଘୁଞ୍ଚାଇ ଦେଇଛନ୍ତି। ଶନିବାର ବିଧାୟକ ମେହେର କୋର୍ଟରେ ହାଜର ହେବେ। ଅନ୍ୟପକ୍ଷରେ ପୋଲିସକୁ ଦୁଇପକ୍ଷର ଜବାବ ରିପୋର୍ଟ ମାଗିଛନ୍ତି କୋର୍ଟ।

ଗତ ୧ ତାରିଖରେ ବିଧାୟକ କୋର୍ଟରେ ହାଜର ହୋଇଥିଲେ ମଧ୍ୟ ଓକିଲଙ୍କ ଆନ୍ଦୋଳନ ଯୋଗୁ ତାଙ୍କ କେସ୍‌କୁ କୌଣସି ଓକିଲ ନେଇ ନ ଥିଲେ। ଫଳରେ ବିଧାୟକ ଓ ଅଭିଯୋଗକାରୀ ନିଜ ପକ୍ଷ ରଖିଥିଲେ। ଦୁଇପକ୍ଷରୁ ଶୁଣିବା ପରେ କୋର୍ଟ ପରବର୍ତ୍ତୀ ଶୁଣାଣି ୫ ତାରିଖକୁ ଧାର୍ଯ୍ୟ କରିଥିଲେ। ଏଥିସହ ଶୁଣାଣି ସରିବା ପର୍ଯ୍ୟନ୍ତ ଝାରପଡ଼ା ଜେଲ୍‌ରେ ରଖାଯିବାକୁ ନିର୍ଦ୍ଦେଶ ଦେଇଥିଲେ। ଏବେ ବିଧାୟକ ମେହେର ଝାରପଡ଼ା ଜେଲ୍‌ରେ ଅଛନ୍ତି। ଶନିବାରଠାରୁ କୋର୍ଟ ଖୋଲୁଥିବାରୁ ତାଙ୍କ ମାମଲା ଜଣେ ବରିଷ୍ଠ ଓକିଲ ନେଇଛନ୍ତି। ଫଳରେ ଜାମିନର ଶୁଣାଣି ସହଜ ହେବ ବୋଲି ଜଣାପଡିଛି।

ସୂଚନାଯୋଗ୍ୟ, ଜୁନ ୫ ତାରିଖରେ ପାଟଣାଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗମ୍ଭାରୀ ଗ୍ରାମରେ ପୂର୍ତ୍ତ ବିଭାଗ ପକ୍ଷରୁ ଚାଲିଥିବା ଏକ ରାସ୍ତା କାମ ନିମ୍ନମାନ ହୋଇଥିବା ଦେଖି ବିଧାୟକ ମେହେର ସର୍ବସମ୍ମୁଖରେ କନିଷ୍ଠ ଯନ୍ତ୍ରୀ ଜୟକାନ୍ତଙ୍କୁ ବସ୍‌ଉଠ୍ କରିଥିଲେ। ଏହି ଘଟଣାକୁ ନେଇ ଜୟକାନ୍ତଙ୍କ ସ୍ତ୍ରୀ ପାଟଣାଗଡ ଥାନାରେ ଅଭିଯୋଗ କରିଥିଲେ। ଗତ ୨୪ ତାରିଖ ଦିନ ନୂଆପଡାରୁ ପୋଲିସ ତାଙ୍କୁ ଗିରଫ କରିବା ପରେ କୋର୍ଟଚାଲାଣ କରାଯାଇଥିଲା। ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବିରେ ଓକିଲଙ୍କ ଅନ୍ଦୋଳନ ଚାଲିଥିବାରୁ ପାଟଣାଗଡ ଏଡିଜେ ତାଙ୍କ ଜାମିନ ଉପରେ ଶୁଣାଣି ନ କରି ଜୁଲାଇ ୧ ତାରିଖରେ ଭୁବନେଶ୍ୱରରେ ହେବାକୁ ଧାର୍ଯ୍ୟ କରିଥିଲେ। ବିଧାୟକ ପାଟଣାଗଡ଼ ଜେଲରେ ଥିବାବେଳେ ଅସୁସ୍ଥ ହୋଇପଡିଥିଲେ। ଗତ ୨୫ରୁ ୩୦ ତାରିଖ ପର୍ଯ୍ୟନ୍ତ ପାଟଣାଗଡ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ।

ତେବେ ବିଧାୟକ ତାଙ୍କ ଜାମିନ ଆବେଦନରେ ଦର୍ଶାଇଥିଲେ, ଯେଉଁ ଦଫା ବଳରେ ତାଙ୍କୁ ଗିରଫ କରାଯାଇଛି, କେବଳ ୫୩୫ ଦଫାକୁ ଛାଡିଦେଲେ ଅନ୍ୟସବୁ ଜାମିନ ଯୋଗ୍ୟ। ଲୋକ ପ୍ରତିନିଧି ହୋଇଥିବାରୁ ସେ ପଳାତକ କାର୍ଯ୍ୟ କରିବେ ନାହିଁ। ବିଧାନସଭା ଚାଲିଥିବାରୁ ସେଠାରେ ଲୋକଙ୍କ ସମସ୍ୟା ପହଞ୍ଚାଇବା ନେଇ ଉପସ୍ଥିତ ରହିବା ଆବଶ୍ୟକ। କୋର୍ଟର ସମସ୍ତ ସର୍ତ୍ତକୁ କଡାକଡି ପାଳନ କରିବେ। ତେଣୁ ତାଙ୍କୁ ଜାମିନ ଦିଆଯାଉ ବୋଲି ଆବେଦନରେ ଲଲ୍ଲେଖ କରିଥିଲେ। ଅପରପକ୍ଷରେ ଅନେକ ନମ୍ବରରୁ ଧକମପୂର୍ଣ୍ଣ ଫୋନ କଲ୍ ଆସୁଥିବାବେଳେ ବିଧାୟକଙ୍କୁ ଜାମିନ ମିଳିଲେ ତାଙ୍କ ଜୀବନ ପ୍ରତି ବିପଦ ରହିଥିବା ଅଭିଯୋଗକାରୀ ଦର୍ଶାଇଥିଲେ। ତେଣୁ ଶନିବାର କୋର୍ଟ ପରିସରରେ କନିଷ୍ଠ ଯନ୍ତ୍ରୀଙ୍କ ପରିବାରକୁ ପୋଲିସ ସୁରକ୍ଷା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ।

# ପ୍ରଥମ ରିପୋର୍ଟ କାର୍ଡ ଦେବେ ମନ୍ତ୍ରୀ

### କାର୍ଯ୍ୟଦକ୍ଷତା ପରୀକ୍ଷା

**ଭୁବନେଶ୍ୱର,୫ା୭(ବ୍ୟୁରୋ)**

ବିଜେଡି ଶାସନର ପଞ୍ଚମ ପାଳି ଆରମ୍ଭ ହୋଇଛି। ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ପାଳନ କରିବାକୁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜ ମନ୍ତ୍ରିମଣ୍ଡଳ ସଦସ୍ୟଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। କେଉଁ ବିଭାଗ ଯୋଜନାକୁ କିଭଳି କାର୍ଯ୍ୟକାରୀ କରୁଛନ୍ତି, ଯୋଜନା ଲୋକଙ୍କ ପାଖରେ ପହଞ୍ଚୁଛି କି ନାହିଁ। ଆଗାମୀ ଦିନ ପାଇଁ କି କି ନୂତନ ଯୋଜନା ପ୍ରସ୍ତୁତ କରାଯାଉଛି ମନ୍ତ୍ରୀମାନେ ସେ ସବୁର ଟିକ୍‌ନିକ୍ ହିସାବ ଦେବେ। ପ୍ରତି ମାସର ୭ ତାରିଖ ମଧ୍ୟରେ ନିଜ ନିଜ ବିଭାଗର ରିପୋର୍ଟ କାର୍ଡ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ମେ ୨୯ ତାରିଖରେ ମନ୍ତ୍ରିମଣ୍ଡଳ ଶପଥ ନେଇଥିଲା। ଜୁଲାଇ ୭ ତାରିଖ ସୁଦ୍ଧା ମନ୍ତ୍ରୀମାନେ ନିଜ ବିଭାଗର କାର୍ଯ୍ୟଦକ୍ଷତାକୁ ରିପୋର୍ଟ ଆକାରରେ ଉପସ୍ଥାପନ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ତେବେ ଆସନ୍ତା ରବିବାର ୭ ତାରିଖ ପଡୁଛି। ସେହିଦିନ ସରକାରୀ ଛୁଟି ଦିବସ ଥିବାରୁ କେତେଜଣ ମନ୍ତ୍ରୀ ଶନିବାର ଓ ଅନ୍ୟମାନେ ସୋମବାର ନିଜର ରିପୋର୍ଟ କାର୍ଡ ପ୍ରଦାନ କରିବେ ବୋଲି ଜଣାପଡ଼ିଛି।

ରିପୋର୍ଟ କାର୍ଡ ପ୍ରଦାନ କରିବା ସମ୍ପର୍କରେ ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ କହିଛନ୍ତି, ନିର୍ବାଚନ ଇସ୍ତାହାର ଅନୁଯାୟୀ ଆମେ ଅଗ୍ରଗତିର ସମୀକ୍ଷା କରୁଛୁ। ଉଦାହରଣ ସ୍ୱରୂପ ପୂର୍ତ୍ତ ବିଭାଗ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ବିଜୁ ଏକ୍ସପ୍ରେସ୍ ୱେର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବାକୁ କଳାହାଣ୍ଡି ଯାଉଥିବା ସେ କହିଛନ୍ତି। ସେହିପରି କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି , ପ୍ରତିମାସର ୭ ତାରିଖ ସୁଦ୍ଧା ରିପୋର୍ଟ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସେହି ନିର୍ଦ୍ଦେଶାନୁସାରେ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଶନିବାର ରିପୋର୍ଟ ଦାଖଲ କରାଯିବ। କୃଷି ବିଭାଗ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଚାଲୁ ରହିଥିବା କାର୍ଯ୍ୟକ୍ରମକୁ କିପରି ତ୍ୱରାନ୍ୱିତ କରାଯିବ ତା’ ଉପରେ ଗୁରୁତ୍ୱ ଦିଆଯାଇଛି। ଓଡ଼ିଆ ଭାଷା , ସାହିତ୍ୟ ଏବଂ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ କହିଛନ୍ତି, ପ୍ରତିମାସ ପ୍ରଥମ ସପ୍ତାହର ଶେଷ ଦିବସ ପୂର୍ବରୁ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଦୁଇଟି ବିଭାଗର ରିପୋର୍ଟ ପ୍ରସ୍ତୁତ ଶେଷ ହୋଇଛି। ଖୁବ୍‌ଶୀଘ୍ର ରିପୋର୍ଟ ଦାଖଲ କରାଯିବ । ପ୍ରଥମ କ୍ୟାବିନେଟ ବୈଠକ ବେଳେ ବିଜେଡି ଇସ୍ତାହାରକୁ ପାଳନ କରିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି, ଯେତେବେଳେ ମୁଁ ପ୍ରଥମ କରି ସ୍ୱାସ୍ଥ୍ୟ ବିଭାଗ ଦାୟିତ୍ୱ ନେଲି ସେତେବେଳେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ତ୍ୱରାନ୍ୱିତ କରିବା ଥିଲା ପ୍ରଥମ କର୍ତ୍ତବ୍ୟ। ମୁଖ୍ୟମନ୍ତ୍ରୀଙ୍କର ସ୍ୱପ୍ନ ସମସ୍ତଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା। ଠିକା ଡାକ୍ତରଙ୍କ ଅବସର ବୟସ ସୀମା ୬୮ରୁ ୭୦ ବର୍ଷକୁ ବୃଦ୍ଧି କରିବା ଥିଲା ଦ୍ୱିତୀୟ ଲକ୍ଷ୍ୟ । ରାଜ୍ୟରେ ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ କରିବା ସହିତ ନୂତନ ପଦବୀ ସୃଷ୍ଟି କରିବା ଏବଂ ପୁରୀ ଓ କଳାହାଣ୍ଡିରେ ମେଡିକାଲ କଲେଜ ସ୍ଥାପନ କରିବା ପ୍ରମୁଖ ଦାୟିତ୍ୱ ରହିଛି। ବିଭିନ୍ନ ଦିଗକୁ ଦେଖି ବିଭାଗଗୁଡ଼ିକର ରିପୋର୍ଟ ପ୍ରସ୍ତୁତ ହୋଇସାରିଛି। ଗଣତନ୍ତ୍ରରେ ଏହା ଏକ ଭଲ ପଦକ୍ଷେପ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ସ୍ୱାଗତ କରାଯାଉଛି ବୋଲି ସେ କହିଛନ୍ତି। ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ପ୍ରେମାନନ୍ଦ ନାୟକ କହିଛନ୍ତି, ଏ ପର୍ଯ୍ୟନ୍ତ ଆମ ବିଭାଗର ରିପୋର୍ଟ ଦାଖଲ କରାଯାଇ ନାହିଁ। ଶୁକ୍ରବାର ସନ୍ଧ୍ୟାରେ ଆମ ବିଭାଗର ଏକ ସମୀକ୍ଷା ବୈଠକ ଡକାଯାଇଛି। ଶନିବାର ଆମେ ରିପୋର୍ଟ ଦାଖଲ କରିବୁ ବୋଲି ମନ୍ତ୍ରୀ କହିଛନ୍ତି। ଆମେ ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ଉପରେ ଅଧିକ ଫୋକସ କରୁଛୁ ବୋଲି ସେ କହିଛନ୍ତି। ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି, ବିଭାଗ ଦ୍ୱାରା ନିଆଯାଇଥିବା ପଦକ୍ଷେପ ବିଷୟରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯିବ। ୭ ତାରିଖ ରବିବାର ପଡୁଥିବାରୁ ଏହା ପୂର୍ବରୁ ରିପୋର୍ଟ ଦାଖଲ କରିବାକୁ ହେବ ବୋଲି ମନ୍ତ୍ରୀ କହିଛନ୍ତି।

# କୂଅରେ ପଡ଼ି ମହିଳା, ଯୁବକ ମୃତ

**ଢେଙ୍କାନାଳ ଅଫିସ,୫ା୭**

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ରାସୋଳ ଥାନା ବାବନ୍ଧ ପଞ୍ଚାୟତ ଗୁଆଗରିଆ ଗ୍ରାମରେ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ଟାରେ କୂଅରେ ପଡି ଜଣେ ମହିଳା ଓ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନଳିନୀ ନାଏକ(୨୭), ଆକାଶ ନାଏକ(୩୨)।

ଗ୍ରାମର ସୁଦାମ ନାଏକଙ୍କ ପତ୍ନୀ ନଳିନୀ କୂଅରୁ ପାଣି କାଢୁଥିବା ସମୟରେ ଗୋଡ ଖସିଯିବାରୁ କୂଅରେ ପଡିଯାଇଥିଲେ। ଏହା ଦେଖି ନିକଟରେ ଛିଡା ହୋଇଥିବା ଆକାଶ ନାଏକ ନାମକ ଜଣେ ଯୁବକ ତାଙ୍କୁ ଉଦ୍ଧାର କରିବା ପାଇଁ କୂଅ ଭିତରକୁ ପଶିଥିଲେ। ଉଭୟେ ଚେତାଶୂନ୍ୟ ହୋଇପଡିବାରୁ ଗୁରୁତର ଅବସ୍ଥାରେ ଅଗ୍ନିଶମ କର୍ମଚାରୀ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟଙ୍କୁ ଉଦ୍ଧାର କରାଯାଇ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଆକାଶଙ୍କ ଘର ତାଳଚେର ଅଞ୍ଚଳରେ ହୋଇଥିବାବେଳେ ସେ ଗୁଆଗରିଆ ଗ୍ରାମକୁ ନିଜର ଜଣେ ସମ୍ପର୍କୀୟଙ୍କ ଘରକୁ ଆସିଥିଲେ ବୋଲି ଜଣାପଡିଛି। ଖବରପାଇ ରାସୋଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଏ ନେଇ କେସ୍ ନଂ. ୮/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ରାସୋଳ ଥାନା ଅଧିକାରୀ ଜ୍ଞାନରଞ୍ଜନ ସାମଲ ସୂଚନା ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଗଜକେଶରୀ ଯୋଗରୁ କାର୍ଯ୍ୟସିଦ୍ଧି ଓ ବନ୍ଧୁମିଳନ ଘଟିବ। ମନୋରଞ୍ଜନ ଉପକରଣ ଓ ଭୋଗ ବିଳାସ ସମ୍ପର୍କିତ ଦ୍ରବ୍ୟଗୁଡ଼ିକ ପ୍ରତି ଆଗ୍ରହୀ ହେବେ। ଗୃହ ମରାମତି, ଭୂମିକ୍ରୟ, ଗାଡ଼ି, ମୋଟର ଯାନ୍ତ୍ରିକ ଜିନିଷ ସମ୍ପର୍କୀୟ ଟଙ୍କା ପଇସା ପ୍ରଭୃତିକୁ କେନ୍ଦ୍ରକରି କଳହର ସମ୍ଭାବନା ମଧ୍ୟ ଦେଖାଦେଇପାରେ।

**ବୃଷ** ନିକଟ ସମ୍ପର୍କୀୟ ବନ୍ଧୁମାନଙ୍କ ସାହାଯ୍ୟ ଓ ସହଯୋଗ ପାଇ କାମଗୁଡ଼ିକ ସହଜରେ ସମ୍ପନ୍ନ କରିପାରିବେ। ଅସାବଧାନତାବଶତଃ ଘରେ କୌଣସି ମୂଲ୍ୟବାନ ଦ୍ରବ୍ୟ ନଷ୍ଟ ହେବା କାରଣରୁ ପରିବାର ସଦସ୍ୟମାନଙ୍କ ଉପରେ କ୍ରୋଧାନ୍ୱିତ ହୋଇପାରନ୍ତି। ଶାସ୍ତ୍ରାନୁଶୀଳନ, ସାହିତ୍ୟ ଚର୍ଚ୍ଚା, ସଙ୍ଗୀତ ସମାରୋହ, ସଭାସମିତିରୁ ସଫଳତା ହାସଲ କରିବେ।

**ମିଥୁନ** ଭାଗ୍ୟସ୍ଥାନକୁ ଚନ୍ଦ୍ରଙ୍କ ଦୃଷ୍ଟି କାରଣରୁ ଗତକାଲିର ଅଟକି ରହିଥିବା କାମକୁ ଆଜି ପୂର୍ଣ୍ଣାଙ୍ଗ କରିବା ପାଇଁ ଚେଷ୍ଟା କରି ସଫଳତା ପାଇବେ। କର୍ମକ୍ଷେତ୍ରରେ ନୂତନ ବନ୍ଧୁ ସମ୍ପର୍କ ଯୋଡିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରେ କୌଣସି ପ୍ରକାର ଅସୁବିଧା ନ ହେଲେ ମଧ୍ୟ ଅଯଥା ଆଶଙ୍କା କରି ମନ ଅସ୍ଥିର ରହିବ।

**କର୍କଟ** ଧନସ୍ଥାନସ୍ଥ ଚନ୍ଦ୍ର ହେତୁ ଧନଲାଭ ସହ କର୍ମକ୍ଷେତ୍ରରେ ଦକ୍ଷତା ବୃଦ୍ଧି ପାଇବ। ଗୃହୋପଯୋଗୀ ଜମିଜମା କିମ୍ବା ଯାନ୍ତ୍ରିକ ଉପକରଣ, ମୂଲ୍ୟବାନ ଦ୍ରବ୍ୟ କ୍ରୟ କରିବା ସକାଶେ ମନ ବଳାଇପାରନ୍ତି। ବହୁତ ଦିନର ଚେଷ୍ଟା ସଫଳ ହୋଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ମିଳିବ।

**ସିଂହ** ଆଜିର ଜନ୍ମ ଚନ୍ଦ୍ର ପ୍ରଭାବରେ ଦ୍ୱନ୍ଦ୍ୱାତ୍ମକ ଖବର ମନକୁ ଅସ୍ଥିର କରିଦେଇପାରେ। ଆତ୍ମୀୟସ୍ୱଜନ ପରୋକ୍ଷ ଭାବେ କଡ଼ା ସମାଲୋଚନା କରିପାରନ୍ତି। ଅଭାବ ଲାଗି ରହିଥିଲେ ମଧ୍ୟ କିମ୍ବା କୌଣସି କାମ ସ୍ଥିରୀକୃତ ନ ହେବା କାରଣରୁ ମନରେ ଉଦ୍‌ବେଗ ଭରି ରହିବ। ଯାତ୍ରା ସମୟରେ ସତର୍କ ନ ରହିଲେ ଜିନିଷ ହଜିଯିବା ସହ ଆଘାତ ଲାଗିପାରେ।

**କନ୍ୟା** କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସହଜ ଓ ସରଳ ଭାବରେ ଗ୍ରହଣ କରିପାରିବେ ନାହିଁ। ପରିବାର ସଦସ୍ୟଙ୍କର ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ ନେଇ ସ୍ୱଚ୍ଛତାର ଅଭାବ ପରିଲକ୍ଷିତ ହେବ। ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମ ମନକୁ ଜମା ପାଇବ ନାହିଁ, ଫଳରେ ମାନସିକ ଅସ୍ଥିରତା ବୃଦ୍ଧି ପାଇବ।

**ତୁଳା** ଦିନଟି ବହୁତ ଭଲ। ଯାହା ପାଇବାକୁ ଇଚ୍ଛା କରିଛନ୍ତି ସାମାନ୍ୟ ଚେଷ୍ଟାରେ ତାହା ପାଇପାରିବେ। ପାରିବାରିକ କ୍ଷେତ୍ରରେ ସୃଷ୍ଟି ହୋଇଥିବା ସମସ୍ୟାର ସମାଧାନରେ ବନ୍ଧୁ ସାହାଯ୍ୟ କରିବାକୁ ପଛେଇ ଯାଇପାରନ୍ତି। କଚେରି ମାମଲା, ଅସମ୍ପୂର୍ଣ୍ଣ କାମ, ବନ୍ଧୁଙ୍କ ସହ ଭୁଲ୍ ବୁଝାମଣା ଜନିତ ଅଶାନ୍ତ ପରିବେଶ ସକାଶେ ଚିନ୍ତା ବଢ଼ିପାରେ।

**ବିଛା** ଆଜି ପ୍ରତ୍ୟେକ କ୍ଷେତ୍ରରେ ଅସ୍ଥିରତା ମଧ୍ୟରେ ସଫଳତା ପାଇବେ। କର୍ମକ୍ଷେତ୍ର, ପ୍ରଶାସନ, ପ୍ରକାଶନ, ପରିବହନ, ବ୍ୟବସାୟ, ବାଣିଜ୍ୟ ଓ ନିର୍ମାଣ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲଭ ହୋଇପଡିବ। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସହାୟତା ପାଇବେ ନାହିଁ।

**ଧନୁ** ଚନ୍ଦ୍ରଙ୍କ ଶୁଭସଂସ୍ଥିତି ଆନୁଷ୍ଠାନିକ କାମ ପାଇଁ ମନ୍ଦ ହେବନି କିନ୍ତୁ ନିକଟ ସମ୍ପର୍କୀୟଙ୍କ ସହ ସୁସମ୍ପର୍କ ରହି ନ ପାରେ। ସହକର୍ମୀମାନଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବା ସାଙ୍ଗକୁ ମନକୁ ସାମୟିକ ହାଲୁକା କରିବାରେ ସହାୟକ ହେବ । ଆଜିର ଯାତ୍ରା, ବାଣିଜ୍ୟ, କଚେରି ମାମଲା ବିଷୟରେ ବନ୍ଧୁମାନଙ୍କ ସହ ଆଲୋଚନା କରିପାରନ୍ତି।

**ମକର** ଆଜିର ଅଷ୍ଟମ ଚନ୍ଦ୍ର ମାନସିକ ଅସ୍ଥିରତା ସୃଷ୍ଟି କରିବ। କର୍ମକ୍ଷେତ୍ରରେ କୌଣସି ଅସୁବିଧା ସୃଷ୍ଟି ନ ହେଲେ ମଧ୍ୟ ଅଭାବ ଓ ଅନଟନ କାମକୁ କିଛି ମାତ୍ରାରେ ସଂକୁଚିତ କରିପାରେ। ନିର୍ମାଣାଧୀନ କାମ,ବନ୍ଧୁଙ୍କ ନିମନ୍ତ୍ରଣ,ଦୂରଯାତ୍ରା, ଜମିଜମା ସମ୍ପର୍କୀୟ ଆଲୋଚନା ଅମୀମାଂସିତ ରହିଯିବ।

**କୁମ୍ଭ** ପରିବାର ସଦସ୍ୟ କିମ୍ବା ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି ମାନସିକ ଅସ୍ଥିରତାର କାରଣ ହୋଇପାରେ। ଆଜିର ପ୍ରତ୍ୟୁଷ ଯାତ୍ରା, ନିର୍ମାଣ, ବାଣିଜ୍ୟ ଓ ବ୍ୟବସାୟ ତଥା ପରିବହନ ସକାଶେ ଦିନଟି ବିଶେଷ ଭାବରେ ଅନୁକୂଳ ରହିବ। ଆନୁଷ୍ଠାନିକ କାମ, ସଭାସମିତି, ସାହିତ୍ୟ ଚର୍ଚ୍ଚା, ଚୁକ୍ତିପତ୍ର, ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ।

**ମୀନ** ଆଜିର ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ, ନତୁବା ପରେ ଅନୁତାପ କରିବାକୁ ପଡ଼ିପାରେ। ଯେତେ ଭଲ କାମ କଲେ ମଧ୍ୟ ପରିବାରରେ ଅନ୍ୟମାନେ ଦୋଷ ଖୋଜିପାରନ୍ତି। ଆନୁଷ୍ଠାନିକ କାମ, ସଭାସମିତି, କଳା, ସାହିତ୍ୟ, ବନ୍ଧୁ ସମ୍ପର୍କରେ କିଛିଟା ସମସ୍ୟା ସୃଷ୍ଟି ହେବ। ପୂର୍ବ ବିବାଦକୁ କେନ୍ଦ୍ରକରି ନିକଟ ସମ୍ପର୍କୀୟଙ୍କ ଦ୍ୱାରା ଉପେକ୍ଷିତ ହୋଇପାରନ୍ତି।

ଆଜି ଆଷାଢ଼ ଶୁକ୍ଳ ଚତୁର୍ଥୀ ଶନିବାର, ଜୁଲାଇ ୬ ତାରିଖ, ରାଶି ନକ୍ଷତ୍ର-ମଘା/ସିଂହ, ଚତୁର୍ଥୀ ଓ ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ଦିବା ଘ୧୧ ।୪୫ମି. ଗତେ ଘ୧ ।୨୬ମି. ମଧ୍ୟେ, ଘ୨ ।୫୮ମି. ଗତେ ଘ୪ ।୩୫ମି. ମଧ୍ୟେ ଅମୃତବେଳା। ସକାଳ ଘ୬ ।୫୦ମି. ଗତେ ଘ୮ ।୨୭ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୮ ।୩୩ମି. ଗତେ ଘ୧୦ ।୧୨ମି. ମଧ୍ୟେ ରାହୁ କାଳ।


# classifieds Everyday
**0674-2580101, 2549302**

**real estate**

**SALE**

ହଂସପାଳଠାରୁ 2k.m Puri Canalକୁ ଲାଗି 30’ road, boundary plot ବିକ୍ରିହେବ। 9438056978. D-66711

**Gharabari boundary plot Tamando MCL boundary side direct owner: 8144391451.** D-13264

2400 sqft Gharabari Conversion plot sale at Nandan Vihar, Patia, Bhubaneswar, 9437260818. D-13278

**3BHK ready to move Premium Duplex at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-13082

ଭୁବନେଶ୍ୱର Tamando Kendriya vihar କଲୋନୀ ଠାରେ Yellowzone 30’ ରାସ୍ତାଥାଇ plot କିଣନ୍ତୁ। 9348767829. D-66708

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32Lakhs. Contact: 9937059891, 8908292617.** D-13083

**ଭୁବନେଶ୍ୱର ସୁଧାନନ୍ଦ କଲେଜ ପାଖରେ ପିଚୁରୋଡକୁ ଲାଗି ଘରବାରି ପ୍ଲଟ ବିକ୍ରି ହେବ। 9583725970.** D-66721

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ Sqft.150/-, ନଖରା ତ୍ରିନାଥ ବଜାର sc plot Sqft.320/- ଧାଙ୍କୁଲେଇପିଠାରେ 250/-, plot ବିକ୍ରିହେବ (outright) 8144706560, 9348817649. D-66710

Residential plot- Boundary covered residential plot adjoined to PMGSY road at Hanspal (Balianta) for immediate construction @ 750.00 per sqft. 7008978497. D-66914

Morning sun residency simplex near Hanspal 33,00,000/- (Handover 1month). 8908015464, 9853347909. D-66713

ଫୁଲନଖରାସ୍ଥିତ **Delhi Public School**କୁ ଲାଗି ଘରବାରି **plot** ସୁଲଭ ମୂଲ୍ୟରେ କିଣନ୍ତୁ ଏବଂ ସଙ୍ଗେ ସଙ୍ଗେ ଗୃହନିର୍ମାଣ କରନ୍ତୁ **9438432164.** D-66718

Rathayatra offer, ପୁରୀ ଲୋକନାଥମନ୍ଦିର, ବାଟମଙ୍ଗଳା frontରେ limited ସ୍ଥିତିବାନ ପ୍ଲଟ ବିକ୍ରିହେବ। 9777236619. D-66724

**ଘରବାରୀ demarcation plot sale ନଖରାରୁ ୬କିଲୋମିଟର ବ୍ରାହ୍ମଣଝରିଲୋ ପିଚୁରାସ୍ତାକଡ଼ରେ 2400sqft. 13,20,000/- 9437306208.** D-66722

ଭୁବନେଶ୍ୱର CV Raman College front ରେ developed plot ରେ 10,00,000/- ପାଚେରି ସହିତ ବିକ୍ରିହେବ। 9178217222. D-66723

**Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/ Bhubaneswar. 7809525452, 8249851363.** D-66918

ଭୁବନେଶ୍ୱର ଉଉରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଚ୍ଚାରୁ ବିକ୍ରିହେବ। 9178660666. D-66586

**2500 sqft plot sale at Hanspal (Bharat Villa), Bhubaneswar. Genuine buyers directly contact Deepak: 9937329999.** D-66255

Yellowzone gharabari plots Badagada Canalroad, simplex BJEM-(2) 11,80,000/, Tankapaniroad Saitemple backside sqft 1200/-. 7735738102. D-13263

**4BHK ready to move fully furnished double storeyed independent house at Khandagiri (Aiginia), Bhubaneswar (200 meters from NH-5) for immediate sale. Contact Deepak: 9937329999.** D-66254

2 Acre Gharabari Conversion plot sale at Raghunathpur main road, Bhubaneswar, 9437260818. D-13277

GA freehold plot sale at Sailashree Vihar, Bhubaneswar, 9437260818. D-13276

Sthitiban gharabari plots measuring 3600 sqft with boundary in Chandrasekharpur, Bhubaneswar is immediate for sale. 9937162220. D-66159

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**construction**

Prabhakar construction get quality house and timely delivered. 9437025258, 9437484711. D-13006

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech - 9040008777.** D-13279

**healthcare**

Fully refreshed/ relaxed body massage by expert therapist, Shastri Nagar. 7377984773. D-66588

Rejuvenate and full ayurvedic body massage by smart therapist: 9114402304. D-66587

Summer special mesmerizing offer expert therapeutic refreshing massage appointment: 9668374480. D-66593

Experience full body massage with us (expert). Call: 7377048581, 0674- 2597822. D-66589

Full body herbal massage with refreshment, expert therapist. 7381239385, 0674-2540855. D-66591

Herbal full body massage by smart/expert therapist. Contact: 8338067247. D-66590

Herbal body massage by gents and ladies therapist. Ph. 9090466257. D-13186

Kajal ayurvedic massage club fully relaxed by smart lady, home service available. 9937637219. D-66919

**AFFIDAVIT**

By virtue of an affidavit before Notary, BBSR that my son name is Ayusman Pattanaik is known as Ayushman Pattanaik for all purpose. D-64980

**LEGAL NOTICE**

**ମାନ୍ୟବର ସଭ୍ୟ, ରାଜସ୍ୱ ବୋର୍ଡ଼, ଓଡ଼ିଶା, କଟକ ମହୋଦୟଙ୍କ ଭୁବନେଶ୍ୱରସ୍ଥିତ କ୍ୟାମ୍ପ କୋର୍ଟ**
**ଏସ୍.ଆର.ପି. କେଶ୍ ନମ୍ବର ୩୯୧/୧୫**
(ଓଡ଼ିଶା ବନ୍ଦୋବସ୍ତ ଆଇନ୍‌ର ଧାରା-୧୫-ବି ଅନୁଯାୟୀ)
**ଶ୍ରୀମତୀ ରାଜଲକ୍ଷ୍ମୀ ପଟ୍ଟନାୟକ** ...ବାଦୀ
**ବନାମ**
**ମ୍ୟାକ୍ସ ରିଅଲକନ୍ ପ୍ରା.ଲି ଓଗେର** ...ପ୍ରତିବାଦୀ

ପ୍ରତିବାଦୀ ନଂ. ୧- ମ୍ୟାକ୍ସ ରିଅଲକନ୍ ପ୍ରା.ଲି, ତରଫ ମ୍ୟାନେଜିଙ୍ଗ ଡ଼ାଇରେକ୍ଟର ପଂଚାନନ ଚାନ୍ଦୁଆ, ପିତା- ବିଶ୍ୱନାଥ ଚାନ୍ଦୁଆ, ହର୍ଷପ୍ରିୟା ହୋମ୍‌ସ, ହାଉସ୍ ନଂ. ୩, ହିଲ୍ ସାଇଡ଼ ନର୍ସିଂହୋମ୍ ନିକଟ, ଏନ.ଏଚ.-୫, ପୋଷ୍ଟ/ଥାନା- ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା। ପ୍ରତିବାଦୀ ନଂ-୭-କୁଳମଣି ପ୍ରହରାଜ, ପିତା- ସ୍ୱର୍ଗତ ଜଗବନ୍ଧୁ ପ୍ରହରାଜ, ସା/ପୋ- ଜାଗମରା, ଥାନା- ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା।...ପ୍ରତିବାଦୀ। ନୋଟିସ୍- ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଆପଣଙ୍କୁ ଉପରୋକ୍ତ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡ଼ାକଯୋଗେ ନୋଟିସ୍ ପଠାଯାଇଥିଲା। କିନ୍ତୁ ଏହି ନୋଟିସ୍ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଅତ୍ର ବିଜ୍ଞାପନ ଦ୍ୱାରା ଆପଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଆପଣଙ୍କ ବିରୁଦ୍ଧରେ ଉପର ବର୍ଣ୍ଣିତ ମୋକଦ୍ଦମା ବାଦୀ ଦାୟର କରିଛନ୍ତି। ଯାହା ଜମିର ତଫସିଲ ନିମ୍ନରେ ଦର୍ଶାଯାଇଛି। ଜମିର ତଫସିଲ- ମୌଜା-ଶଙ୍କରପୁର, ତହସିଲ-ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ସାବିକ ଖାତା ନଂ ୪୨, ସାବିକ ପ୍ଲଟ ନଂ. ୫୬୦ ସମ୍ବନ୍ଧ ରକବା-ଏ୦.୦୨୭.୫୪ ଡ଼ିସିମିଲି, ହାଲ ଖାତା ନଂ. ୨୬୨, ହାଲ ପ୍ଲଟ ନଂ. ୯୮୭, ରକବା- ଏ୦.୦୪୧ ଡ଼ିସିମିଲି, ହାଲ ପ୍ଲଟ ନଂ. ୯୮୮, ରକବା- ଏ୦.୧୧୦ ଡ଼ିସିମିଲି ଉପରୋକ୍ତ ମୋକଦ୍ଦମାର ଶୁଣାଣି ମାନ୍ୟବର ସଭ୍ୟ, ରାଜସ୍ୱ ବୋର୍ଡ଼, ଓଡ଼ିଶା କଟକଙ୍କ ଭୁବନେଶ୍ୱରସ୍ଥିତ କ୍ୟାମ୍ପ ଅଦାଲତ କେଶରୀ ନଗର, ୟୁନିଟ୍-୫ରେ ଆସନ୍ତା ତା- ୦୯।୦୭।୨୦୧୯ ରିଖ ଦିବା ଘ. ୧୧.୩୦ ସମୟରେ ଶୁଣାଣି ହେବା ନିମନ୍ତେ ସ୍ଥିର କରାଯାଇଛି। ଏଣୁ ଉପରୋକ୍ତ ପ୍ରତିବାଦୀ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ଏବଂ ଯଦି ପ୍ରତିବାଦୀ ମୃତ ଥିବେ ତେବେ ତାଙ୍କର ଉତ୍ତରାଧିକାରୀ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତଦବୀର କରିବେ, ଅନ୍ୟଥା ଆଇନାନୁମୋଦିତ ପନ୍ଥାରେ ମୋକଦ୍ଦମା ଫଏସଲା କରାଯିବ।

**ନିହାର ରଞ୍ଜନ ଦାଶ,**
ଅଦାଲତଙ୍କ ଆଦେଶକ୍ରମେ ଯୁଗ୍ମ ସଚିବ (ବିଚାର)
D-13275

# ସାଧାରଣ ବଜେଟ : ନେତାଙ୍କ ପ୍ରତିକ୍ରିୟା

ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ-୨ ସରକାରର ପ୍ରଥମ ବଜେଟ ଶୁକ୍ରବାର ସଂସଦରେ ଉପସ୍ଥାପିତ ହୋଇଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବଜେଟ ଉପସ୍ଥାପନ କରିବା ସହ ଏହା ଏକ ବିକାଶୋନ୍ମୁଖୀ ବଜେଟ ବୋଲି କହିଛନ୍ତି। ତେବେ ଏହି ବଜେଟକୁ ନେଇ ବିଭିନ୍ନ ରାଜନୈତିକ ଦଳର ନେତାମାନେ ଭିନ୍ନ ମତପୋଷଣ କରିଛନ୍ତି।

## ନୂଆ ଭାରତ ଓ ଓଡ଼ିଶାର ମୂଳଦୁଆ ପକାଇବ

୨୦୧୯ ବଜେଟ୍ ନୂଆ ଭାରତ ଓ ଓଡ଼ିଶାର ମୂଳଦୁଆ ପକେଇବ। ଏହା ଭାରତବର୍ଷର ଚାଷୀ, ଯୁବକ, ମହିଳା, ଗରିବ ଲୋକଙ୍କ ପାଇଁ ଉତ୍ସର୍ଗୀକୃତ ବଜେଟ୍। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ କୃତଜ୍ଞତା ଜଣାଇବା ସହ ଏହି ବଜେଟରୁ ଓଡ଼ିଶା ଭଳି ରାଜ୍ୟ ବିଶେଷ ଭାବରେ ଲାଭ ପାଇବ। ଦେଶର ସର୍ବାଧିକ ଲୋକଙ୍କ ଆର୍ଥିକ ଉନ୍ନତି, ସମସ୍ତଙ୍କୁ ମୌଳିକ ସୁବିଧା ତଥା ଘର, ବିଜୁଳି, ସ୍ୱଚ୍ଛ ଇନ୍ଧନ ନାଁରେ ଏଲ୍‌ପିଜି ସଂଯୋଗ, ଶୌଚାଳୟ, ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ, ଗ୍ରାମାଞ୍ଚଳରେ ଗମନାଗମନ ବ୍ୟବସ୍ଥା, ରୋଜଗାରର ବ୍ୟବସ୍ଥା, କୃଷି ଉତ୍ପାଦିତ ଜିନିଷର ବଜାରୀକରଣ ବ୍ୟବସ୍ଥାରେ ବଡ଼ ନିବେଶ ପାଇଁ ଏହି ପୂର୍ଣ୍ଣାଙ୍ଗ ବଜେଟରେ ସ୍ପଷ୍ଟ ଚିତ୍ର ରହିଛି। ଏହାବ୍ୟତୀତ ରେଳ, ରାସ୍ତା, ଜଳପଥ, ଗ୍ୟାସଗ୍ରୀଡ୍, ଇଣ୍ଟରନେଟ୍ ପାଇଁ ହାଇୱେ ଏହି ସବୁ ଗୁଡ଼ିକରେ ମଧ୍ୟ ଚଳିତ ବର୍ଷ ଓ ଆଗାମୀ ୫ବର୍ଷରେ କ'ଣ ନିବେଶ କରାଯିବ ଏବିଷୟରେ ମଧ୍ୟ ବଜେଟରେ ଉଲ୍ଲେଖ କରାଯାଇଛି। ମଧ୍ୟମବର୍ଗୀୟ ଲୋକଙ୍କ ଉପରେ କୌଣସି ଅତିରିକ୍ତ କର ବୋଝ ନାହିଁ। ଏହା ଏକ ଯୁଗାନ୍ତକାରୀ ବଜେଟ୍।



ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର ତୃତୀୟ ପର୍ଯ୍ୟାୟରେ ୧ଲକ୍ଷ ୨୫ହଜାର କି.ମି. ରାସ୍ତା ନିର୍ମାଣ ହେବ। ୮୦ହଜାର କୋଟି ଟଙ୍କା ଏଥିରେ ଖର୍ଚ୍ଚ ହେବ। ଓଡ଼ିଶା ଏହାର ସିଂହ ଭାଗ ପାଇବ। ସେହିପରି ପାଖାପାଖି ୨କୋଟି ଘର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମାଣ ହେବ। ଓଡ଼ିଶାର ଭିତ୍ତିଭୂମିରେ ଅଧିକ ନିବେଶ ହେବ, ସ୍ପେଶାଲ ଇନ୍‌ଭେଷ୍ଟମେଣ୍ଟ କରିଡର ହେବ। ସାଢେ ୪ଶହ କି.ମି. ଉପକୂଳ ଓଡ଼ିଶା ସବୁଠୁ ଏହାର ଲାଭ ପାଇବ। ୫ ଟ୍ରିଲିୟନ ଅର୍ଥନୀତିର ଯେଉଁ ଯୋଜନା ପ୍ରସ୍ତୁତ କରାଯାଉଛି, ଓଡିଶାର ବଡ଼ ଭୂମିକା ଏଥିରେ ରହିବ। ଓଡ଼ିଶାର ମାଓବାଦୀ ପ୍ରଭାବିତ ଅଞ୍ଚଳର ସବୁ ଗାଁରେ ରାସ୍ତା ତିଆରି ହେବ। ଅନୁରୂପଭାବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ହେଲେ ମାଓବାଦୀ ପ୍ରଭାବିତ ଅଞ୍ଚଳ ପ୍ରାଥମିକତା ପାଇବ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଫନୀ ପ୍ରଭାବିତ ଅଞ୍ଚଳ ପାଇଁ ୫ଲକ୍ଷ ଘର ମାଗିଥିବାବେଳେ ଓଡ଼ିଶା ଏହି ବଜେଟରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସିଂହ ଭାଗ ଘର ପାଇବ।

*ଧର୍ମେନ୍ଦ୍ର ପ୍ରଧାନ, ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ ଓ ଇସ୍ପାତ ମନ୍ତ୍ରୀ*

## ଜନମଙ୍ଗଳକାରୀ ଓ ଗ୍ରାମାଭିମୁଖୀ ବଜେଟ

ଏଥର କେନ୍ଦ୍ର ବଜେଟ୍ ଐତିହାସିକ ଏବଂ ଉତ୍ସାହପ୍ରଦ। ଏଥିରେ ସରକାରଙ୍କ ଭିଜନ, ଆକ୍ସନ୍ ମିଶନ୍ ଏବଂ 'ସବ୍‌କା ସାଥ୍, ସବ୍‌କା ବିଶ୍ୱାସ, ସବ୍‌କା ବିକାଶ' ସମ୍ପୂର୍ଣ୍ଣ ପ୍ରତିଫଳିତ ହୋଇଛି। ଏହା ଜନମଙ୍ଗଳକାରୀ ଓ ଲୋକାଭିମୁଖୀ ବଜେଟ୍। ଗାଁର ଗରିବ କୃଷକ, ମହିଳା ଓ ଯୁବକ, ଚାଷୀମୂଲିଆଙ୍କୁ ଫୋକସ୍ କରାଯାଇଛି। ଗାଁର ଯେଉଁ ମହିଳାମାନେ ଏସ୍‌ଏଚ୍‌ଜି ଗଠନ କରିଛନ୍ତି ସେମାନଙ୍କୁ ସଶକ୍ତୀକରଣ କରାଯିବା ସହ ସେମାନଙ୍କ ଆର୍ଥିକ ଉନ୍ନତି ପାଇଁ ବ୍ୟବସ୍ଥା ରଖାଯାଇଛି। କୃଷି ବିକାଶ ସାଙ୍ଗକୁ କ୍ଷୁଦ୍ର, ମଧ୍ୟମ ଓ ପ୍ରକ୍ରିୟାକରଣ ଶିଳ୍ପର ବିକାଶ ଲାଗି ବ୍ୟବସ୍ଥା ହୋଇଛି।



କ୍ଷୁଦ୍ର ଓ ମଧ୍ୟମ ଶିଳ୍ପର ଉତ୍ପାଦନ ୫ବର୍ଷରେ ୫୦ ପ୍ରତିଶତ କରିବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରତ୍ୟେକ ଘରକୁ ଶୌଚାଳୟ, ଗ୍ୟାସ୍, ବିଦ୍ୟୁତ୍ ଭଳି ସର୍ବନିମ୍ନ ସୁବିଧା କରିବା ସକାଶେ ବଜେଟ୍‌ରେ ବ୍ୟବସ୍ଥା ରହିଛି। ମାଛ ଚାଷର ବିକାଶ ଲାଗି ସବ୍‌ସିଡି ବ୍ୟବସ୍ଥା ୫୦ରୁ ୮୦ ପ୍ରତିଶତକୁ ବୃଦ୍ଧି କରାଯାଇଛି। ବିଭିନ୍ନ ପ୍ରକାର ପ୍ରଶିକ୍ଷଣ, ଋଣ ପ୍ରଦାନ, ଶିକ୍ଷାଭିତ୍ତିକ ଭ୍ରମଣ ସହିତ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି। ଓଡ଼ିଶା ସରକାର ଓ ପ୍ରଶାସନ ବିକାଶ କାର୍ଯ୍ୟ ପାଇଁ ସହଯୋଗ କରିବା ଦରକାର।

*-ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, କେନ୍ଦ୍ରମନ୍ତ୍ରୀ*

## କେବଳ ମିଛ ଭାଷଣ, ସେମିତି କିଛିନାହିଁ

କେନ୍ଦ୍ର ସରକାରଙ୍କ ବଜେଟ୍‌ରେ ସାଧାରଣ ଓ ଗରିବ ଲୋକଙ୍କୁ ସୁହାଇବା ନେଇ କୌଣସି ପ୍ରସଙ୍ଗ ରହିଥିବା ଜଣାପଡୁନାହିଁ। ଦେଶର ଅର୍ଥନୀତିରେ କିପରି ଅଭିବୃଦ୍ଧି ଘଟିବ ତାହା ଦର୍ଶାଯାଇ ନାହିଁ। ଏପରି କି କୃଷକଙ୍କ ରୋଜଗାର ବଢାଇବା ଦିଗରେ ଚିନ୍ତା କରାଯାଇନାହିଁ। ବଜେଟ୍‌ରେ କୃଷକଙ୍କୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି। ସେଥିରେ ପୁଣି ପେଟ୍ରୋଲ ଓ ଡିଜେଲ ଓ ସୁନା ଦରକୁ ସରକାର ବଢାଇ ଦେଇଛନ୍ତି। ଯାହାଫଳରେ ପେଟ୍ରୋଲ,



ଡିଜେଲ ଦର ବୃଦ୍ଧି ଯୋଗୁ ଏବେ ଦୈନନ୍ଦିନ ବ୍ୟବହାର୍ଯ୍ୟ ସମଗ୍ରୀର ମୂଲ୍ୟ ବୃଦ୍ଧି ପାଇବ। ନିଯୁକ୍ତି କେମିତି ସୃଷ୍ଟି ହେବ ସେନେଇ କିଛି ଉଲ୍ଲେଖ କରି ନାହାନ୍ତି। କେବଳ ପିଲମାନଙ୍କୁ କୁଶଳୀ କରିବେ ବୋଲି କହିଛନ୍ତି। ହେଲେ ସେମାନେ କେଉଁଠି ନିଯୁକ୍ତି ପାଇବେ ସେକଥା କୁହାଯାଇନାହିଁ। ଏସ୍‌ଏଚ୍‌ଜି ମହିଳାଙ୍କୁ ନେଇ ନୂଆ ରାଜନୀତି ଆରମ୍ଭ କରିଛନ୍ତି। କେବଳ ମିଛ ଭାଷଣ ରଖିଥିବା ଦେଖିବାକୁ ମିଳିଛି। ଏହା ସମ୍ପୂର୍ଣ୍ଣ ନୈରାଶ୍ୟଜନକ ବଜେଟ।

*- ନିରଞ୍ଜନ ପଟ୍ଟନାୟକ, ପିସିସି ସଭାପତି*

## ଶିଳ୍ପପତିଙ୍କ ପାଇଁ ବଜେଟ୍

ଚଳିତ ବର୍ଷର କେନ୍ଦ୍ର ବଜେଟ୍ ହେଉଛି ଭାରତର ରାଷ୍ଟ୍ରାୟତ୍ତ ଓ ସରକାରୀ ଉଦ୍ୟୋଗଗୁଡିକୁ ବିକି ଘରୋଇ ପୁଞ୍ଜିପତିମାନଙ୍କ ହାତରେ ଟେକିଦେବା ଏବଂ ବୀମା ଓ ଖୁଚୁରା ବଜାରରେ ବିଦେଶୀ ପୁଞ୍ଜିକୁ ଅନୁମତି ଦିଆଯିବା। କହିବାକୁ ଗଲେ ଏହା ଭାରତୀୟ ବଜାରକୁ ବିଦେଶୀ କମ୍ପାନୀ ଦ୍ୱାରା ଲୁଟିବାର ବଜେଟ୍। ଏହି ବଜେଟ୍ ଦ୍ୱାରା କୃଷିର ବିକାଶ ହେବ ନାହିଁ, ଚାଷୀ ଆତ୍ମହତ୍ୟା କମିବନି କିମ୍ବା ବେକାର ଯୁବତୀଯୁବକମାନଙ୍କ ପାଇଁ



କର୍ମନିଯୁକ୍ତି ସୃଷ୍ଟି ହେବନାହିଁ। ପେଟ୍ରୋଲ, ଡିଜେଲ ଉପରେ ଟିକସ ବୃଦ୍ଧି ଏବଂ ଅନ୍ୟପକ୍ଷରେ କର୍ପୋରେଟ୍ ଟିକସର ସ୍ତର ୨୫୦ରୁ ୪ଶହ କୋଟିକୁ ବୃଦ୍ଧି କରି ଶିଳ୍ପପତିମାନଙ୍କୁ ରିହାତି ଦିଆଯାଇଛି।

**- ଦିବାକର ନାୟକ, ସିପିଆଇ ନେତା**

## ନୂଆ ଭାରତ ଗଢିବା ନାଁରେ ଚାଞ୍ଚକତା

୧୬୫ଶ ଲୋକ ସଭାରେ ଶୁକ୍ରବାର ଆଗତ ବଜେଟ୍ ଅତ୍ୟନ୍ତ ନୈରାଶ୍ୟଜନକ। ଏହା ସମ୍ପୂର୍ଣ୍ଣ ଗରିବ ବିରୋଧୀ। ନିର୍ବାଚନ ପୂର୍ବରୁ ଚାଷୀଙ୍କ ଆୟ ୨ ଗୁଣ କରିବାର ପ୍ରତିଶ୍ରୁତି ଦେଇଥିବା ମୋଦି ସରକାର ଦ୍ୱିତୀୟ ଦଫା ସରକାରଙ୍କ ଏହି ବଜେଟ୍ ଚାଷୀ, ଗରିବ, ଗ୍ରାମୀଣ ଲୋକ, ମଧ୍ୟବିତ୍ତ ସମସ୍ତଙ୍କୁ ନିରାଶ କରିଛି। ଚାଷୀଙ୍କ ଅର୍ଥନୈତିକ ଅଭିବୃଦ୍ଧି ପାଇଁ କିଛି ନିର୍ଦ୍ଦିଷ୍ଟ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାମାନଙ୍କ ପାଇଁ ବ୍ୟାଙ୍କରୁ ୫ହଜାର ଟଙ୍କା ଅଧିକ ଓଭରଡ୍ରାଫ୍ଟ କରିବାର ପ୍ରତିଶ୍ରୁତି ଏବଂ ଗୋଟିଏ ଏସ୍‌ଏଚଜି ଗ୍ରୁପର ଜଣେ ମହିଳାଙ୍କୁ ୧ଲକ୍ଷ ଟଙ୍କାର ଋଣ ଉଠାଇବାର ବ୍ୟବସ୍ଥା ବ୍ୟତୀତ ବଜେଟ୍‌ରେ



ସେଭଳି କିଛିନାହିଁ। ବିଭିନ୍ନ ବିଭାଗ ପାଇଁ ବ୍ୟୟ ବରାଦର କୌଣସି ସ୍ୱଷ୍ଟତା ପ୍ରକାଶ କରାଯାଇ ନାହିଁ। ନୂଆଭାରତ ଗଢିବା ନାଁରେ ବଜେଟ୍‌ରେ ପେଟ୍ରୋଲ, ଡିଜେଲ ଉପରେ ଏହି ବଜେଟ୍‌ରେ ୧ଟଙ୍କା ସେସ୍ ବୃଦ୍ଧି କରାଯାଇଥିବାରୁ ଏହାର ପ୍ରଭାବ ବଜାର ଉପରେ ପଡିବ। ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ବୃଦ୍ଧି ପାଇବ।

*- ରବି ବେହେରା, ରାଜ୍ୟ ସଭାପତି, ସମାଜବାଦୀ ପାର୍ଟି*

## ନୂଆ ଭାରତ ପରିକଳ୍ପନାକୁ ବାସ୍ତବତାରେ ପରିଣତ କରିବା ଭଳି ବଜେଟ

କେନ୍ଦ୍ର ସରକାରଙ୍କ ଦ୍ୱିତୀୟ ପାଳିର ପ୍ରଥମ ଆର୍ଥିକ ବଜେଟ ଆମ ଦେଶର ଆର୍ଥିକ ପ୍ରଗତିକୁ ଆଗେଇ ନେବା ଭଳି ଏକ କ୍ରାନ୍ତିକାରୀ ପଦକ୍ଷେପ । ସବୁ ବର୍ଗକୁ ସୁହାଇଲା ଭଳି ପାର୍ଲାମେଣ୍ଟରେ ପ୍ରଥମ ମହିଳା ଅର୍ଥମନ୍ତ୍ରୀ ନିର୍ମଳା ସିତାରାମନ ବଜେଟ ଆଗତ କରିଛନ୍ତି। ନୂଆ ଭାରତର ପରିକଳ୍ପନାକୁ ବାସ୍ତବତାରେ ପରିଣତ କରିବା ଦିଗରେ ଏହି ବଜେଟ ସଫଳ ହେବ। ଏହି ବଜେଟରେ ଦେଶର ଚାଷଠାରୁ ଆରମ୍ଭ କରି ମହାକାଶ ଗବେଷଣା ପର୍ଯ୍ୟନ୍ତ, ଦେଶର ବିକାଶ ଓ ପ୍ରଗତି ଦିଗରେ ଗୁରୁତ୍ୱ ବହନ କରୁଥିବା ସମସ୍ତ କ୍ଷେତ୍ର ପ୍ରତି ଧ୍ୟାନ ଦିଆଯାଇଛି। ଦେଶର ଯୁବ ବର୍ଗଙ୍କର ସ୍ୱପ୍ନକୁ ପୂରଣ



କରିବା ଦିଗରେ ଏହି ବଜେଟ ଆଗାମୀ ଦିନରେ ଏକ ବଡ଼ ଭୂମିକା ନେବାକୁ ଯାଉଛ। ଚଳିତ ବଜେଟରେ ମହିଳାଙ୍କ ପାଇଁ ଏକ ଲକ୍ଷ ଯାଏଁ ମୁଦ୍ରା ଋଣ ଘୋଷଣା ବିତ୍ତୀୟ ଶୃଙ୍ଖଳା ବଜାୟ ପାଇଁ ପ୍ରଧାନମନ୍ତ୍ରୀ ବଡ଼ ପଦକ୍ଷେପ ନେଇଛନ୍ତି।

*-ସମୀର ମହାନ୍ତି, ଭାଜପା ଉପସଭାପତି*

## ଓଡ଼ିଶା ପ୍ରତି ଅବହେଳା କରାଯାଇଛି

କେନ୍ଦ୍ରୀୟ ବଜେଟରେ ଓଡ଼ିଶା ପ୍ରତି ସମ୍ପୂର୍ଣ୍ଣ ଭାବେ ଅବହେଳା କରାଯାଇଛି। କୃଷକ ଓ ଶ୍ରମିକଙ୍କ ପାଇଁ ସେଭଳି କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ପ୍ରାୟ ନିୟମିତ ଭାବେ ବାତ୍ୟା, ବନ୍ୟାରେ ପ୍ରପୀଡ଼ିତ ଓଡ଼ିଶାବାସୀଙ୍କ ପାଇଁ କୌଣସି ସ୍ୱତନ୍ତ୍ର ପ୍ୟାକେଜ ନାହିଁ । ଡିଜେଲ ଓ ପେଟ୍ରୋଲ ଦର ଉପରେ ୧ଟଙ୍କା ସେସ୍ ବୃଦ୍ଧି ନିଷ୍ପତ୍ତି ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ପାଇଁ ବୋଝ ଉପରେ ଲଳିତା ବିଡ଼ା ସଦୃଶ। ଏଥିରେ ଦରଦାମ ବୃଦ୍ଧି ଅଣାୟତ୍ତ ହେବା ସହିତ ଲୋକଙ୍କ ଆର୍ଥିକ



ଅଭିବୃଦ୍ଧି ହ୍ରାସ ପାଇବା ନିଶ୍ଚିତ। ତେବେ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକର ଛାଡ଼ ସ୍ୱାଗତଯୋଗ୍ୟ ପଦକ୍ଷେପ।

*-ଆକାଶଦାସ ନାୟକ, କୋରେଇ ପୂର୍ବତନ ବିଧାୟକ*

## ମଧ୍ୟବିତ୍ତ ପରିବାରକୁ ନିରାଶ କରିଛି

ବଜେଟ୍ ମଧ୍ୟବିତ୍ତ ପରିବାରକୁ ନିରାଶ କରିଛି। ପେଟ୍ରୋଲ, ଡିଜେଲର ଅହେତୁକ ଦରବୃଦ୍ଧି ଲୋକଙ୍କୁ ବିଶେଷ ପ୍ରଭାବିତ କରିବ। ଗରିବଙ୍କ ପାଇଁ ବହୁ ଯୋଜନା ହୋଇଛି ହେଲେ ତାର କାର୍ଯ୍ୟକାରିତା ଉପରେ ପ୍ରଶ୍ନ ଉଠୁଛି। ମୁଦ୍ରା ଯୋଜନାରେ ମହିଳାଙ୍କୁ ୧ଲକ୍ଷ ଦିଆଯିବା ବିଷୟ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ବୀମା ଏବଂ ରେଲୱେ କ୍ଷେତ୍ରରେ ଶତ ପ୍ରତିଶତ ବିଦେଶୀ ପୁଞ୍ଜି ନିବେଶ ଦେଶକୁ କେତେ ସୁହାଇବ



ତାହା ସମୟ କହିବ। ଓଡିଶା ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟର ଶିକାର ହେବାକୁ ପଡୁଥିବାବେଳେ ବଜେଟ୍‌ରେ ଏନେଇ ରାଜ୍ୟ ପାଇଁ କିଛି ନ ରହିବା ସମସ୍ତଙ୍କୁ ନିରାଶ କରିଛି। ଏସବୁମଧ୍ୟରେ ସ୍ୱାସ୍ଥ୍ୟ, ଶିକ୍ଷା, ଭଳି ଆଉ କେତେକ କ୍ଷେତ୍ରରେ ବଜେଟ ସ୍ୱାଗତଯୋଗ୍ୟ ଅଟେ।

*-ଶଶିଭୂଷଣ ବେହେରା, କେନ୍ଦ୍ରାପଡା ବିଧାୟକ*




# ଜନ୍ମବେଦିରେ ଚତୁର୍ଦ୍ଧାବିଗ୍ରହ

- ସଅଳ ହେଲା ପହଣ୍ଡି
- ଆଜିଠୁ ମିଳିବ ଆଡ଼ପ ଅବଢ଼ା

ପୁରୀ ଅଫିସ, ୫।୭

ଜନ୍ମବେଦିରେ ଏବେ ଚତୁର୍ଦ୍ଧାବିଗ୍ରହ। ବଡ଼ଦାଣ୍ଡରେ ଦୁଇଦିନ ଭକ୍ତଙ୍କୁ ଦର୍ଶନ ଦେବା ପରେ ଶୁକ୍ରବାର ଆଡ଼ପମଣ୍ଡପକୁ ବିଜେ କରିଛନ୍ତି ମହାପ୍ରଭୁ। ଶନିବାରଠାରୁ ଜନ୍ମବେଦିରେ ଭକ୍ତଙ୍କୁ ଦର୍ଶନ ଦେବେ ବିଶ୍ୱନିୟନ୍ତା ଶ୍ରୀଜଗନ୍ନାଥ। ସେହିପରି ଆଡ଼ପ ଅବଢା ମଧ୍ୟ ମିଳିବ।

ଭଉଣୀଭାଇଙ୍କୁ ସାଥିରେ ଧରି ଗୁରୁବାର ଘୋଷଯାତ୍ରାରେ ବାହାରିଥିଲେ କଳାଠାକୁର। ଲକ୍ଷ ଲକ୍ଷ ଭକ୍ତ ବଡ଼ଦାଣ୍ଡରୁ ରଥ ଟାଣିନେଇ ଶରଧାବାଲିରେ ପହଞ୍ଚାଇଥିଲେ। ତେବେ ରାତିରେ ବର୍ଷାରେ ଭିଜିଥିଲେ ଚତୁର୍ଦ୍ଧାବିଗ୍ରହ। ସେହିପରି ଅନେକ ଶ୍ରଦ୍ଧାଳୁ ବର୍ଷାରେ ଭିଜି ଠାକୁରଙ୍କ ଦର୍ଶନ କରିଥିଲେ। ରଥାରୂଢ ଶ୍ରୀବିଗ୍ରହମାନେ ଶୁକ୍ରବାର ଦିନତମାମ୍ ଭକ୍ତଙ୍କୁ ଦର୍ଶନ ଦେବା ପରେ ବାହାରିଥିଲେ ଜନ୍ମବେଦିକୁ। ସଅଳ ପହଣ୍ଡି ପାଇଁ ପ୍ରସ୍ତୁତି କରାଯାଇଥିଲା। ମଙ୍ଗଳ ଆଳତିଠାରୁ ସନ୍ଧ୍ୟାଧୂପ ପର୍ଯ୍ୟନ୍ତ ସମସ୍ତ ନୀତି ଅପରାହ୍ନ ୪ଟା ସୁଦ୍ଧା ସରିବା ପରେ ପହଣ୍ଡି ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ତିନିରଥରୁ ଘୋଡ଼ା ଫିଟାଯାଇ ଚାରମାଳ ବନ୍ଧାଯାଇଥିଲା। ଏହାପରେ ମହାପ୍ରଭୁଙ୍କୁ ମୁଦିରସ୍ତ ସେବକ ପୁଷ୍ପାଞ୍ଜଳି ପ୍ରଦାନ କରିବା ସହିତ ତୁଳି ଲାଗି କରିଥିଲେ। ଅପରାହ୍ନ ୫ଟା ୫୫ରେ ବାଜିଥିଲା ବିଜେ କାହାଳୀ। ଚାରମାଳ ବନ୍ଧାବେଳେ ବର୍ଷା ଆରମ୍ଭ ହୋଇଥିଲା, ମାତ୍ର ମହାପ୍ରଭୁଙ୍କ ପହଣ୍ଡି ପୂର୍ବରୁ ଛାଡ଼ିଯାଇଥିଲା। ସନ୍ଧ୍ୟା ୬ଟାରେ ପ୍ରଥମେ ମଦନମୋହନ ଓ ରାମକୃଷ୍ଣ ଆଡ଼ପମଣ୍ଡପକୁ ବିଜେ ହୋଇଥିଲେ। ସନ୍ଧ୍ୟା ୬ଟା ୨୫ରେ ଚକ୍ରରାଜ ଶ୍ରୀସୁଦର୍ଶନ ଗୋଟି ପହଣ୍ଡିରେ ଆଡ଼ପ ମଣ୍ଡପ ଯାଇଥିଲେ। ଘଣ୍ଟ, ସଂକୀର୍ତ୍ତନ, ହରିବୋଲ, ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଶରଧାବାଲି। ସନ୍ଧ୍ୟା ୬ଟା ୪୦ରେ ବଡଠାକୁର ବଳଭଦ୍ର ଏବଂ ସାଢେ ୭ଟାରେ ଦେବୀ ସୁଭଦ୍ରା ଗୋଟି ପହଣ୍ଡିରେ ଜନ୍ମବେଦିକୁ ବିଜେ କରିଥିଲେ। ରାତି ୮ଟାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ଆରମ୍ଭ ହୋଇଥିଲା। ସାଢେ ୮ଟାରେ ମହାପ୍ରଭୁ ଆଡ଼ପ ମଣ୍ଡପକୁ ବିଜେ କରିଥିଲେ। ପହଣ୍ଡି ପାଇଁ ରଥ ସିଂହାସନ ଛାଡ଼ି ହଂସପଟା ନିକଟକୁ ଆସିବା ପରେ ଠାକୁରମାନଙ୍କର ଟାହିଆ ଲାଗି ହୋଇଥିଲା। ପତିମହାପାତ୍ର ସେବକ ଘଷା ଓ ବିଡ଼ିଆ ମଣୋହୀ କରିବା ସହିତ କର୍ପୂର ଆଳତି କରିଥିଲେ। ଏହାପରେ ଗୋଟି ପହଣ୍ଡିରେ ଜଣକ ପରେ ଜଣେ ଠାକୁର ଗୁଣ୍ଡିଚା ମନ୍ଦିରକୁ ବିଜେ କରିଥିଲେ। ରାତି ୯ଟା ସୁଦ୍ଧା ପହଣ୍ଡି ସରିଥିଲା। ଶନିବାର ଭୋର ୫ଟାରେ ଦ୍ୱାରଫିଟା ହୋଇ ଭିତର ଶୋଧ ସରିବା ପରେ ମଙ୍ଗଳ ଆଳତି ହେବ। ଏହାପରେ ମଇଲମ, ତଡ଼ପ ଲାଗି, ଅବକାଶ ସରି ସକାଳ ସାଢେ ୭ଟାରୁ ସାଢେ ୮ଟା ପର୍ଯ୍ୟନ୍ତ ୧ଘଣ୍ଟା ସାହାଣମେଳା ଦର୍ଶନ ଅନୁଷ୍ଠିତ ହେବ ବୋଲି ସମୟ ନିର୍ଘଣ୍ଟ ହୋଇଛି। ସେହିପରି ଶନିବାରଠାରୁ ଭକ୍ତଙ୍କୁ ମିଳିବ ଆଡ଼ପ ଅବଢା। ଗୁଣ୍ଡିଚା ମନ୍ଦିର ରୋଷଘରେ ଏହା ପ୍ରସ୍ତୁତ କରାଯିବ।

### ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

## ୫ବର୍ଷରେ ତାଲିମ୍ ନେବେ ୧୫ଲକ୍ଷ ଯୁବତୀଯୁବକ

**ଭୁବନେଶ୍ୱର,୫।୭(ବ୍ୟୁରୋ):** ରାଜ୍ୟର ବେକାର ଯୁବକ ଯୁବତୀଙ୍କୁ ଦକ୍ଷତା ତାଲିମ ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଛନ୍ତି ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାୟକ। ଶୁକ୍ରବାର ସଚିବାଳୟରେ ଅନୁଷ୍ଠିତ ବିଭାଗୀୟ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ନାୟକ ନିର୍ବାଚନ ଇସ୍ତାହାରରେ ଦିଆଯାଇଥିବା ପ୍ରତିଶ୍ରୁତି ଓ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ଉପରେ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଆଗାମୀ ୫ ବର୍ଷ ମଧ୍ୟରେ ରାଜ୍ୟର ୧୫ ଲକ୍ଷ ଯୁବତୀଯୁବକଙ୍କୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ତାଲିମ ପ୍ରଦାନ ପାଇଁ ଲକ୍ଷ୍ୟ ରଖାଯାଇଛି। ତେଣୁ ଏହି ଅବସରରେ ମନ୍ତ୍ରୀ ନାୟକ ବିଭିନ୍ନ ବିଭାଗ ସହିତ ସମନ୍ୱୟ ରକ୍ଷା କରି ତାଲିମ କାର୍ଯ୍ୟକ୍ରମକୁ କିଭଳି ସଫଳ ରୂପାୟନ କରାଯାଇପାରିବ ସେନେଇ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ବିଶ୍ୱ ଦକ୍ଷତା କେନ୍ଦ୍ର ପ୍ରତିଷ୍ଠା ଏବଂ ଏହାର ଅଗ୍ରଗତି ବିଷୟରେ ବୈଠକରେ ଆଲୋଚନା କରାଯାଇଥିଲା। ପ୍ରତ୍ୟେକ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକରେ ୱାଇ-ଫାଇ ସଂଯୋଗୀକରଣ ନିମନ୍ତେ ନିଆଯାଇଥିବା ପଦକ୍ଷେପ ଏବଂ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ଏକ ଜିବି ଡାଟା ପ୍ରଦାନ ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ବିଭାଗ ପକ୍ଷରୁ ଯୋଗାଇ ଦିଆଯାଉଥିବା ପ୍ରମୁଖ ସେବାଗୁଡ଼ିକୁ ଓଡ଼ିଶା ରାଇଟ୍ ଟୁ ପବ୍ଲିକ୍ ସର୍ଭିସ୍ ଆକ୍ଟରେ ଅନ୍ତର୍ଭୁକ୍ତ କରିବା ପାଇଁ ଆଲୋଚନା କରାଯାଇଥିଲା। ବୈଠକରେ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ସଞ୍ଜୟ କୁମାର ସିଂ, ନିୟୋଜନ ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ତଥା ଓ.ଏସ୍.ଡ଼ି.ଏ ର ସିଇଓ ରାଜେଶ ପ୍ରଭାକର ପାଟିଲ, ଅତିରିକ୍ତ ସଚିବ ସୁଦର୍ଶନ ପଣ୍ଡା, ଯୁଗ୍ମ ସଚିବ ଅଜୟ ନାୟକ, ଉପସଚିବ ସଂଗ୍ରାମ ରାୟ ସର୍ଦ୍ଦାର ଏବଂ ବ୍ୟକ୍ତିଗତ ସଚିବ ଗୌରହରି ବେହେରା ଉପସ୍ଥିତ ଥିଲେ।



## ଜିଲ୍ଲା ଟିଠି
### ଅନୁଗୋଳ

## ପ୍ରଦୂଷଣ ଜହରକୁ ପ୍ରୋତ୍ସାହନ

ଶିଳ୍ପସମୃଦ୍ଧ ଅନୁଗୋଳ ଜିଲାରେ ବଢୁଛି ବାୟୁ ପ୍ରଦୂଷଣ। ଅନେକ ସମୟରେ ସ୍ଥିତି ସାଂଘାତିକ ଓ ବିପଜ୍ଜନକ ସ୍ତରକୁ ଛୁଉଁଥିବା ଅତୀତରେ ବିଭିନ୍ନ ସର୍ବେକ୍ଷଣରୁ ଜଣାପଡ଼ିଛି। ଏହାକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଉଥିଲେ ବି ସରକାର, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ କାରଖାନା କର୍ତ୍ତୃପକ୍ଷମାନେ ଏଥିପ୍ରତି ଆବଶ୍ୟକ ଧ୍ୟାନ ଦେଉ ନାହାନ୍ତି। ବିଶେଷକରି ତାଳଚେର, ବଅଁରପାଳ ଓ କଣିହାଁ ଅଞ୍ଚଳରେ ପ୍ରଦୂଷଣର ମାତ୍ରା ଅଧିକ ରହୁଥିବା କୁହାଯାଉଛି। କାରଣ କୋଇଲା ଖଣି, ଶିଳ୍ପଠାରୁ ଆରମ୍ଭ କରି ପରିବହନରେ ଲାଗିଥିବା ଦୈନିକ ହଜାର ହଜାର ଭାରିଯାନ ଏଠାରେ ପ୍ରଦୂଷଣ ବଢ଼ାଇବାର କାରଣ ସାଜୁଛନ୍ତି। ତାଳଚେରରେ କୋଇଲା ଖଣି ଦିନକୁ ଦିନ ସମ୍ପ୍ରସାରିତ ହେଉଥିବା ବେଳେ ଅଧିକରୁ ଅଧିକ କୋଇଲା ଉତ୍ତୋଳନ କରାଯିବାକୁ ଲକ୍ଷ୍ୟ ରଖାଯାଉଛି। ଉତ୍ପାଦନ ବଢୁଥିବାରୁ ପରିବହନର ମାଧ୍ୟମ ଟ୍ରକ୍ ସଂଖ୍ୟା ମଧ୍ୟ ବୃଦ୍ଧିପାଉଛି। କିନ୍ତୁ ପ୍ରଦୂଷଣକୁ କିପରି ହ୍ରାସ କରାଯାଇ ପାରିବ ସେ ନେଇ ଜରୁରୀ ପଦକ୍ଷେପ ନିଆଯାଉ ନାହିଁ। ଏଠାରେ ବାୟୁର ସ୍ଥିତି କେମିତି ତାହାର ରିପୋର୍ଟ ବିଭିନ୍ନ ସମୟରେ ଆସୁଥିବା ବେଳେ ସ୍ଥାନୀୟ ଲୋକେ କିନ୍ତୁ ଦୈନିକ ଆକଳନ କରିପାରୁଛନ୍ତି। କାରଣ ଖରାଦିନେ ତାଳଚେର ରାଜ୍ୟର ଅନ୍ୟତମ ତତଲାଗଡ଼ ପାଲଟି ଯାଉଛି। ସହରରେ ତାପମାତ୍ରା ୪୫ ଟପୁଥିବା ବେଳେ ଖଣି ଅଞ୍ଚଳରେ ଏହା ୫୦ ଉପରେ ରହୁଛି। କୋଇଲା ଖଣିରେ ନିଆଁ, କୋଇଲା ଧୂଳି ଓ ଟ୍ରକ୍‌ଗୁଡ଼ିକର ଧୂଆଁ ବାୟୁମଣ୍ଡଳକୁ ଏପରି ପ୍ରଦୂଷିତ ତଥା ଆଚ୍ଛାଦିତ କରି ରଖୁଛି ଯେ ଦିନରେ ବି ଏଠାରେ ଗାଡ଼ିଗୁଡ଼ିକୁ ଲାଇଟ ଲଗାଇ ଯିବାକୁ ପଡୁଛି। ଶୀତଦିନେ କୁହୁଡ଼ି ସହ ଏହି ଧୂଆଁଳିଆ ପରିବେଶ ଜନଜୀବନକୁ ଅଧିକ ବିପର୍ଯ୍ୟସ୍ତ କରିଦେଉଛି। ଦୁର୍ଘଟଣାଜନିତ ଜୀବନହାନିର କାରଣ ମଧ୍ୟ ହେଉଛି। ୫୫ନଂ. ରାଜପଥ ପାର୍ଶ୍ୱରେ ଥିବା ବଅଁରପାଳ ବ୍ଲକବାସୀ ମଧ୍ୟ ସମାନ ସ୍ଥିତି ଭୋଗୁଛନ୍ତି। କାରଣ ଶିଳ୍ପଜନିତ ପରିବହନର ଏହା ମୁଖ୍ୟ ଜଙ୍କ୍‌ସନ ହୋଇଥିବାରୁ ଏଠାକାର ବାୟୁ ବି ପ୍ରଦୂଷଣର ସ୍ତରକୁ ଟପିବା ଆରମ୍ଭ କରିଛି। ଆଗାମୀ କିଛିବର୍ଷ ମଧ୍ୟରେ ଏହା ତାଳଚେରକୁ ଅତିକ୍ରମ କରିଯିବ ବୋଲି ଏବେଠୁ ଅନୁମାନ କରାଗଲାଣି। ସେହିପରି କଣିହାଁ ସ୍ଥିତି ବି ସଙ୍ଗିନ ହେଲାଣି। ଜିଲାର ବିଭିନ୍ନ ସ୍ଥାନରେ କ୍ଲିନ ଏୟାର ଆକ୍ସନ ପ୍ଲାନ ପାଇଁ ଡିଏମ୍‌ଏଫ୍ ପାଣ୍ଠିରୁ ଅର୍ଥ ଖର୍ଚ୍ଚ କରାଯିବ ବୋଲି କୁହାଯାଇଥିଲା। ହେଲେ ତାହା କେଉଁଠି କାର୍ଯ୍ୟକାରୀ ହେଉଛି କେହି ଜାଣିପାରୁ ନାହାନ୍ତି। ଅନୁଗୋଳ ସହର ଦେଇ ଯାତାୟାତ କରୁଥିବା ଭାରିଯାନ ସଂଖ୍ୟା କମ୍ ନୁହେଁ। ଉପକଣ୍ଠରେ ଥିବା ଶିଳ୍ପ ଓ ଏହି ଭାରିଯାନ ଯୋଗୁ ରାଜପଥରେ ଧୂଳି ଜମି ଏଠାକାର ପ୍ରଦୂଷଣ ବଢ଼ାଇ ଚାଲିଛି। କିନ୍ତୁ ପ୍ରଶାସନ ଏ ନେଇ କୌଣସି ପଦକ୍ଷେପ ନେଉ ନାହିଁ। ଧୂଳିକଣାରେ ପ୍ରଦୂଷଣ ମାତ୍ରା ୪ ମାଇକ୍ରନ୍ ରହିଲେ ଏହା ଲୋକଙ୍କୁ ରୋଗଗ୍ରସ୍ତ କରିଦେବ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। ତେଣୁ ଧୂଳିଜନିତ ପ୍ରଦୂଷଣ ରୋକିବାକୁ ରାଜପଥ ପାର୍ଶ୍ୱ ହେଉ କି ବିଭିନ୍ନ ରାସ୍ତାରେ ମେଶିନ୍ ସାହାଯ୍ୟରେ ସଫେଇ ହେବା କଥା। କିନ୍ତୁ ଅନୁଗୋଳରେ ତାହା ଅଦ୍ୟାବଧି ହୋଇପାରିନାହିଁ। ରାସ୍ତା ପାର୍ଶ୍ୱରେ ଗଢ଼ି ଉଠିଥିବା ଢାବା ଗୁଡ଼ିକର କୋଇଲା ଆଞ୍ଚ ମଧ୍ୟ ପ୍ରଦୂଷଣ ବୃଦ୍ଧିର ଅନ୍ୟତମ କାରଣ ବୋଲି କୁହାଯାଉଛି। ଅନୁଗୋଳ ଜିଲାର ଚାରି ପାଖରେ ପାହାଡ଼ ଥିବାରୁ ପ୍ରଦୂଷିତ ବାୟୁ ଅନ୍ୟ ଅଞ୍ଚଳକୁ ଚାଲିଯିବାରେ ବାଧା ସୃଷ୍ଟି ହେଉଛି। ଫଳରେ ଏହାର ସିଧାସଳଖ ପ୍ରଭାବ ଜିଲାବାସୀଙ୍କ ସ୍ୱାସ୍ଥ୍ୟ ଉପରେ ପଡୁଥିବା କୁହାଯାଉଛି। ପ୍ରଶ୍ୱାସରେ ଏପରି ପ୍ରଦୂଷିତ ବାୟୁ ଗ୍ରହଣ କଲେ ଆଜ୍‌ମାଠାରୁ ଆରମ୍ଭ କରି ଚକ୍ଷୁ, ଚର୍ମ ଓ ପେଟରୋଗ ସୃଷ୍ଟିର ସମ୍ଭାବନା ଅଧିକ। ଏପରି ରୋଗ ମଧ୍ୟ ଅନେକ ଲୋକଙ୍କଠାରେ ଦେଖାଦେଲାଣି। ସେଥିପାଇଁ ଅନେକ ସମୟରେ ଲୋକେ ଅଭିଯୋଗ କରିବାକୁ ପ୍ରଶାସନ ନିକଟକୁ ଧାଉଁଛନ୍ତି। ଆନ୍ଦୋଳନ ମଧ୍ୟ କରୁଛନ୍ତି। ତଥାପି ପ୍ରଦୂଷଣ ନିୟନ୍ତ୍ରଣ ଦିଗରେ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଲାଗୁଛି ଯେପରି ପ୍ରଶାସନ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଲୋକଙ୍କ ପ୍ରଶ୍ୱାସରେ ଜହରକୁ ପ୍ରୋତ୍ସାହନ ଦେବାରେ ଲାଗିଛନ୍ତି।

**- ଅମିତ କୁମାର ସାମଲ**

## ନିଜ ଅପହରଣ ନାଟକରେ ନିଜେ ଫସିଲେ

**ସମ୍ବଲପୁର,୫।୭(ବ୍ୟୁରୋ):** ସମ୍ବଲପୁର କ୍ଷେତରାଜପୁର ଥାନା ଅନ୍ତର୍ଗତ ତାଳଭଟାପଡାର ଜଣେ ଯୁବକ ନିଜକୁ ଅପହରଣର ନାଟକ କରି ଶେଷରେ ପୋଲିସ ଜାଲରେ ଫସିଛନ୍ତି। ନିଜକୁ ନିଜେ ସେ ମୁଣ୍ଡ ଜାମିନ ରଖି ପରିବାର ଲୋକଙ୍କୁ ୫ ଲକ୍ଷ ଟଙ୍କା ଦାବି କରିଥିଲେ। ଟଙ୍କା ନ ଦେଲେ ଘରର ସମସ୍ତଙ୍କୁ ହତ୍ୟା କରିବେ ବୋଲି ଧମକ ଦେଇଥିଲେ। ତେବେ ପୋଲିସ ଏହି ଘଟଣାର ପର୍ଦ୍ଦାଫାସ କରିଛି। ଯୁବକ ଜଣକ ହେଲେ ଆଦର୍ଶ ଘୋଷ ଓରଫ ଗୋଲୁ। ତାଙ୍କୁ ଏହି ଅପହରଣ ନାଟକରେ ସହଯୋଗ କରିଥିବା ତାଙ୍କର ଦୁଇ ସାଙ୍ଗ ପ୍ରବୀଣ କୁମାର ସା (୨୮) ଓ ଅନୀଲ ଶର୍ମା (୨୭) ମଧ୍ୟ ପୋଲିସ ଫାସରେ ପଡିଛନ୍ତି। ପୋଲିସ ଏହି ୩ ଜଣଙ୍କୁ ଗିରଫ କରିଛି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତିନିହେଁ ଜେଲ ଯାଇଛନ୍ତି। ଜୁନ ୧ ତାରିଖ ଗୋଲୁ ନିଖୋଜ ହୋଇଯାଇଥିଲେ । ୩ ତାରିଖ ଗୋଲୁଙ୍କ ମା'ଙ୍କ ପାଖକୁ ଏକ ଅଜଣା ଟେଲିଫୋନ ନମ୍ବରରୁ ଫୋନ୍ ଆସିଥିଲା । 'ତମ ପୁଅଙ୍କୁ ଅପହରଣ କରାଯାଇଛି। ୫ ଲକ୍ଷ ଟଙ୍କା ଦିଅ, ନ ହେଲେ ଜୀବନରେ ମାରିଦେବୁ' ବୋଲି ଧମକ ମିଳିଥିଲା। ଏନେଇ ଗୋଲୁଙ୍କ ପରିବାର ଲୋକ କ୍ଷେତରାଜପୁର ଥାନାରେ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ଉକ୍ତ ମୋବାଇଲ ନମ୍ବରକୁ ଟ୍ରାକ୍ କରି ତଦନ୍ତ ଆରମ୍ଭ କରିଥିଲା। ବୁର୍ଲା କଟାପାଲିଠାରେ ପୋଲିସ ଟିମ୍ ଜଗି ରହି ଗାଡିକୁ ଅଟକାଇ ଯାଞ୍ଚ କରିଥିଲା। କାର ଭିତରେ ଗୋଲୁଙ୍କ ସହ ଅନ୍ୟ ୨ ଜଣଙ୍କୁ ଉଦ୍ଧାର କରିଥିଲା। ଘରୁ ଟଙ୍କା ନେବାକୁ ଗୋଲୁ ନିଜର ଅପହରଣ ନାଟକ ନିଜେ ହିଁ ରଚିଥିଲେ ଓ ଏଥିରେ ତାଙ୍କର ଦୁଇ ସାଙ୍ଗ ସହଯୋଗ କରିଥିଲେ ବୋଲି ପୋଲିସ ଆଗରେ ମାନିଥିଲେ।

ADMISSION 2019-20
MBBS / BDS / BAMS in Maharashtra / Karnataka / UP / Rajasthan / Tamil Nadu MBBS in India @ 60 Lacs.
MBBS Abroad at Top Universities Recognized by MCI / WHO / UNESCO / UK & USA in Nepal / Bangladesh / Philippines / China / Ukraine / Russia / & Kazakhstan & America.
For further details, Call : 6291185650

JIVA AYURVEDA CLINIC


Dr. Partap Chauhan
ଏକ କୋଟିରୁ ଅଧିକ ସଫଳ ପରାମର୍ଶ ର ଅନୁଭବ
JIVA HEALTH WEEK
—5TH - 15TH JULY, 2019—
350 ୩୫୦ରୁ ଉର୍ଦ୍ଧ୍ୱର ଲାଭ
ନିଃଶୁଳ୍କ ପରାମର୍ଶ
୧୦%* ର ରିହାତି ଚିକିତ୍ସା ଖର୍ଚ୍ଚ ଉପରେ
୧୦%# ପର୍ଯ୍ୟନ୍ତ ଛାଡ ଜିବା ଆୟୁର୍ବେଦ ଉତ୍ପାଦ ଉପରେ
ଆପଏଣ୍ଟମେଣ୍ଟ ପାଇଁ କଲ କରନ୍ତୁ
8527 934 449
Bhubaneswar
Topsia Road | Baguiati, VIP Road, Kolkata
Murgasol, Asansol | Ranchi | Jamshedpur | Patna
T&C- *Offer valid on visits between Jul 5 - Jul 15 2019 at any Jiva Clinic. ** 10% treatment voucher is applicable on second renewal of 30 day treatment pack as prescribed by doctor. # Applicable on selected wellness products.

ମଧ୍ୟଯୁଗ ଏକ ରାତ୍ରି ଥିଲା। ତାହା ଥିଲା ଅଜ୍ଞାନୀ ଲୋକଙ୍କ ପାଇଁ ବିଜୟର ସମୟ। ଏହି ଆଧୁନିକ ଯୁଗ କିନ୍ତୁ ଜ୍ଞାନୀ ଲୋକଙ୍କର ବିଜୟର ସମୟ। ଯେଉଁ ଲୋକ ଅଧିକ ବୁଝିପାରିବ ଅଧିକ ଚିନ୍ତା କରିବା ଦ୍ୱାରା ସତ୍ୟକୁ ଶିକ୍ଷା କରିପାରିବ-ଅଧିକ ଖୋଜି ପାରିବ -ଅଧିକ ଶ୍ରମ କରିପାରିବ- ସେ ହିଁ ଅଧିକ ଶକ୍ତି ଲାଭ କରିବ।
-ଶ୍ରୀଅରବିନ୍ଦ

# ମିତ୍ରଙ୍କ କାର୍ଯ୍ୟକାଳ ବୃଦ୍ଧି

## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ମୋଦି ସରକାର ତାଙ୍କ ଦ୍ୱିତୀୟ ପାଳି ପ୍ରାରମ୍ଭରେ କ୍ୟାବିନେଟ୍ ସଚିବ ପି.କେ. ସିହ୍ନାଙ୍କ ପରି ପ୍ରତିରକ୍ଷା ସଚିବ ସଞ୍ଜୟ ମିତ୍ରଙ୍କ କାର୍ଯ୍ୟକାଳ ଶେଷ ମୁହୂର୍ତ୍ତରେ ବୃଦ୍ଧିକରିଛନ୍ତି, ଯିଏ କି ମେ ୩୧ ତାରିଖରେ ଅବସର ନେବାର ଥିଲା। ତେବେ ମିତ୍ରଙ୍କ ଅବସର ନିମନ୍ତେ ତାଙ୍କ ସହକର୍ମୀ ବନ୍ଧୁମାନଙ୍କ ଦ୍ୱାରା ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ ଚାଲିଥିବା ବେଳେ ମାତ୍ର କେଇଘଣ୍ଟା ପୂର୍ବରୁ ତାଙ୍କୁ ଆଉ ତିନିମାସ ସମ୍ପ୍ରସାରଣ ଦିଆଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଯେଉଁମାନେ ଭବିଷ୍ୟତ ପଢ଼ିପାରନ୍ତି ବୋଲି ଦାବି କରନ୍ତି ସେମାନଙ୍କ ବିଶ୍ୱାସ ଅନୁସାରେ ପ୍ରତିରକ୍ଷା ମନ୍ତ୍ରଣାଳୟକୁ ଦୁଇଜଣ ନୂଆ ମନ୍ତ୍ରୀ ଯଥା କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ ଓ ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ୟେସୋ ନାଏକ ଆସିବା ପରିପ୍ରେକ୍ଷୀରେ ସରକାର ଚାହାନ୍ତି ନୂଆ ମନ୍ତ୍ରୀମାନେ ମନ୍ତ୍ରଣାଳୟ ସହ ଖାପ ଖୁଆଇନେବା ପର୍ଯ୍ୟନ୍ତ ପୁରୁଣା ସଚିବମାନଙ୍କୁ କାର୍ଯ୍ୟରେ ରଖିବାକୁ। ପଶ୍ଚିମବଙ୍ଗ କ୍ୟାଡରର ୧୯୮୨ ବ୍ୟାଚ୍ ଆଇଏଏସ୍ ଅଫିସର ମିତ୍ର ତାଙ୍କର ଦୁଇବର୍ଷିଆ କାର୍ଯ୍ୟକାଳ ଶେଷ କରିସାରିଛନ୍ତି ଏବଂ ତାଙ୍କୁ ଯଦି ପୁନଶ୍ଚ ସମ୍ପ୍ରସାରଣ ଦିଆ ନ ଯାଏ, ଯାହା କେତେକେ ଅନୁମାନ କରୁଛନ୍ତି, ତେବେ ସେ ଆସନ୍ତା ଅଗଷ୍ଟ ଶେଷ ପର୍ଯ୍ୟନ୍ତ ଏହି ପଦବୀରେ ରହିବେ।

### ବିନିବେଶ ଓ ବିରୋଧ

ମୋଦି ସରକାର ରାଷ୍ଟ୍ରାୟତ୍ତ ଉଦ୍ୟୋଗୁଡ଼ିକରୁ ପୁଞ୍ଜି ପ୍ରତ୍ୟାହାର କରି କିଛି ପୁଞ୍ଜି ଯୋଗାଡ଼ କରିବା ମତଲବରେ ଥିବାବେଳେ ଏଥିପାଇଁ ତାଙ୍କୁ ଅମଲାତାନ୍ତ୍ରିକ ପ୍ରତିରୋଧର ସମ୍ମୁଖୀନ ହେବାକୁ ପଡୁଛି। ସରକାରଙ୍କ ପ୍ରମୁଖ ଥିଙ୍କ୍ ଟ୍ୟାଙ୍କ୍ (ପ୍ରବୁଦ୍ଧମଣ୍ଡଳ) ନୀତି ଆୟୋଗକୁ କେଉଁ କେଉଁ ଉଦ୍ୟୋଗରୁ ପୁଞ୍ଜି ବିନିବେଶ କରାଯିବ, ତା'ର ଏକ ତାଲିକା ପ୍ରସ୍ତୁତ କରିବାକୁ କୁହାଯାଇଥିଲା। ଆୟୋଗ ଏଥିପାଇଁ ୫୦ଟି ରାଷ୍ଟ୍ରାୟତ୍ତ ସଂସ୍ଥାର ତାଲିକା ପ୍ରସ୍ତୁତ କରିଥିବା ବେଳେ ତାହା ଏବେ ବିରୋଧର ସମ୍ମୁଖୀନ ହୋଇଛି। ନୀତି ଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ଅମିତାଭ କାନ୍ତ ଏହି ତାଲିକା ପ୍ରସ୍ତୁତ କରିଛନ୍ତି। ତେବେ ନୀତି ଆୟୋଗ ଦ୍ୱାରା ପ୍ରସ୍ତୁତ ଏହି ତାଲିକାକୁ ପୁଞ୍ଜିନିବେଶ ଓ ରାଷ୍ଟ୍ର ସମ୍ପଦ ପରିଚାଳନା ବିଭାଗ (ଡିଆଇପିଏଏମ୍) ପକ୍ଷରୁ ବିରୋଧ କରାଯାଇଛି। ପ୍ରାପ୍ତ ସୂଚନା ଅନୁସାରେ ପୁଞ୍ଜିବିନିବେଶ କାର୍ଯ୍ୟ ପରିଚାଳନା କରୁଥିବା ଉକ୍ତ ବିଭାଗ, ଯାହା ଅର୍ଥମନ୍ତ୍ରଣାଳୟର ଏକ ଶାଖା, ଦାବି କରୁଛି ଯେ ଉକ୍ତ ତାଲିକା ପ୍ରସ୍ତୁତ କରିବା ପୂର୍ବରୁ ନୀତି ଆୟୋଗ ପ୍ରଶାସନିକ ମନ୍ତ୍ରଣାଳୟ ଓ ଅନ୍ୟ ବିଭାଗଗୁଡ଼ିକ ସହ ପରାମର୍ଶ କରିନାହିଁ। ଡିଆଇପିଏଏମ୍‌ର ସଚିବ ଅତନୁ ଚକ୍ରବର୍ତ୍ତୀ ନୀତି ଆୟୋଗକୁ ଲେଖିଛନ୍ତି ଯେ, ଉକ୍ତ ପ୍ରବୁଦ୍ଧମଣ୍ଡଳ ତାଲିକା ପ୍ରସ୍ତୁତ କରିବା ବେଳେ ସମ୍ପତ୍ତି ମୁଦ୍ରୀକରଣର ପ୍ରକ୍ରିୟାଗୁଡ଼ିକ ଅବଲମ୍ବନ କରିବା ଉଚିତ ଥିଲା। ନିୟମାନୁସାରେ ଉକ୍ତ ପ୍ରବୁଦ୍ଧମଣ୍ଡଳ ପ୍ରଶାସନିକ ମନ୍ତ୍ରଣାଳୟ, ଡିଆଇପିଏମ୍, ଅର୍ଥନୈତିକ ବ୍ୟାପାର ବିଭାଗ ଓ ପବ୍ଲିକ୍ ଉଦ୍ୟୋଗ ବିଭାଗର ପ୍ରତିନିଧିମଣ୍ଡଳୀ ସହ ପରାମର୍ଶ କରି ତାଲିକା ପ୍ରସ୍ତୁତ କରିବା ଉଚିତ। ତେବେ ଏହା କ'ଣ କ୍ଷେତ୍ରାଧିକାର ଲଢ଼େଇର ପ୍ରାରମ୍ଭ ? ଜାଣିବା ପାଇଁ ପାଠକେ ଏହି ସ୍ତମ୍ଭ ଉପରେ ନଜର ରଖିଥାନ୍ତୁ।

### ପାର୍ଶ୍ୱପ୍ରବେଶ ଏବେ ଏକ ବାସ୍ତବତା

ପ୍ରଶାସନିକ ଚାକିରିରେ ପାର୍ଶ୍ୱପ୍ରବେଶ ଏବେ ଏକ ବାସ୍ତବତାରେ ପରିଣତ ହୋଇଛି। ଇନ୍ଦିରା ଗାନ୍ଧୀଙ୍କ ଅମଳରୁ ଅନେକ ପ୍ରଧାନମନ୍ତ୍ରୀ ଏପରି ଚିନ୍ତା ପୋଷଣ କରିଆସିଥିବା ବେଳେ ନରେନ୍ଦ୍ର ମୋଦି ହେଉଛନ୍ତି ପ୍ରଥମ ପ୍ରଧାନମନ୍ତ୍ରୀ ଯେ କି ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞମାନଙ୍କୁ ଯୁଗ୍ମସଚିବ ରୂପେ ଆନୁଷ୍ଠାନିକ ଭାବେ ନିଯୁକ୍ତି ଦେଇଛନ୍ତି। କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି) ନିକଟରେ ୧୦ ଜଣ ଭାରତୀୟଙ୍କୁ ନିଯୁକ୍ତିପତ୍ର ଦେଇଛନ୍ତି, ଯେଉଁମାନେ ହେବେ ମୋଦିଙ୍କ ଦ୍ୱିତୀୟ ପାଳି ସରକାରର ପ୍ରଥମ ବ୍ୟାଚ୍ ପାର୍ଶ୍ୱପ୍ରବେଶକାରୀ ଅଫିସର। ଏମାନଙ୍କ ନିଯୁକ୍ତି ପରେ ମୋଦି ସରକାର ଆଉ ୫୫ ଜଣଙ୍କୁ ଯୁଗ୍ମସଚିବ ବା ଉଚ୍ଚତର ପାହ୍ୟାର ଅଫିସର ଭାବେ ନିଯୁକ୍ତି ଦେବାକୁ ପ୍ରସ୍ତୁତ ଅଛନ୍ତି। ଭାରତୀୟ ପ୍ରଶାସନିକ ସେବା ବାହାରର ଲୋକଙ୍କ ଦ୍ୱାରା ଏହି ସରକାର ଯୁଗ୍ମସଚିବ ପାହ୍ୟାର ୪୦ ପ୍ରତିଶତ ଅଫିସର ପଦବୀ ପୂରଣ କରିବାକୁ ଆଗ୍ରହୀ ଥିବା ଜଣାପଡ଼ିଛି। କେବଳ ଗୋଟିଏ ଭିନ୍ନତା ହେଉଛି, ଏହି ଚୟନକାର୍ଯ୍ୟ ୟୁପିଏସ୍‌ସି ଦ୍ୱାରା ନୁହେଁ ବରଂ ନୀତି ଆୟୋଗ ଦ୍ୱାରା କରାଯିବ। ଏହି ପଦବୀଗୁଡ଼ିକ ସରକାରୀ ସେବାର ସମତୁଲ ହେବ। ସରକାର ଯୋଜନା କରୁଛନ୍ତି ନୀତି ଆୟୋଗ ଦ୍ୱାରା ନିର୍ଦ୍ଦେଶକ, ଯୁଗ୍ମସଚିବ ଏବଂ ଏପରି କି ଅତିରିକ୍ତ ସଚିବ ପାହ୍ୟାର ଚାରି ଡଜନରୁ ଅଧିକ ପଦବୀରେ ସିଧାସଳଖ ନିଯୁକ୍ତି ଦେବା ଲାଗି ବିଜ୍ଞାପନ ପ୍ରକାଶ କରିବେ। ସେମାନଙ୍କର ୩ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ସ୍ଥାୟୀ ଦରମା ଓ ସର୍ବନିମ୍ନ ପାଞ୍ଚବର୍ଷିଆ କାର୍ଯ୍ୟକାଳ ରହିବ। ପ୍ରାରମ୍ଭିକ ପାଞ୍ଚବର୍ଷିଆ କାର୍ଯ୍ୟକାଳ ପରେ ସେମାନଙ୍କ କାର୍ଯ୍ୟର ସମୀକ୍ଷା କରାଯିବ ଏବଂ ଯଦି ସନ୍ତୋଷଜନକ ହୁଏ, ତେବେ ସେମାନଙ୍କୁ ଆଉ ତିନିବର୍ଷ ପାଇଁ ନିଯୁକ୍ତି ଦିଆଯିବ। ଯାହା ଜଣାଯାଏ, ଉକ୍ତ ପଦବୀଗୁଡ଼ିକ ପାଇଁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ତତ୍ତ୍ୱାବଧାନରେ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ପକ୍ଷରୁ ବିଜ୍ଞାପନ ଦିଆଯିବ। ମୋଦି ଚାହାନ୍ତି ଏହି ବ୍ୟବସ୍ଥା ୨୦୨୦ଠାରୁ କାର୍ଯ୍ୟକାରୀ ହେଉ।

Email: dilipcherian@gmail.com

# ରାଜ୍ୟ ବଜେଟରେ ନିଯୁକ୍ତି ପ୍ରସଙ୍ଗ

ନଟବର ଖୁଣ୍ଟିଆ

ପଞ୍ଚମ ପାଳିର ନବୀନ ପଟ୍ଟନାୟକଙ୍କ ସରକାରର ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ରାଜ୍ୟ ବିଧାନସଭାରେ ଗତ ଜୁନ୍ ୨୮ ତାରିଖରେ ତାଙ୍କ ପ୍ରଥମ ବଜେଟ ଉପସ୍ଥାପନ କରିଛନ୍ତି। ମୋଟ ବ୍ୟୟ ବରାଦ କରିଛନ୍ତି ୧,୩୯,୦୦୦ କୋଟି ଟଙ୍କା। ଏହାକୁ ଗଣମାଧ୍ୟମ ଲୋକାଭିମୁଖୀ ଓ କୃଷକାଭିମୁଖୀ ବଜେଟ କହି ଶିରୋନାମାରେ ଲେଖୁଛନ୍ତି। ବଜେଟ ଯେଉଁ ଦିନ ଉପସ୍ଥାପନ ହେଲା, ସେହିଦିନ ରାଜ୍ୟ ବିଧାନସଭାରେ ରାଜ୍ୟର ଅର୍ଥନୈତିକ ସର୍ଭେ ରିପୋର୍ଟ ମଧ୍ୟ ଉପସ୍ଥାପନ ହୋଇଥିଲା। ସାଧାରଣତଃ ଅର୍ଥନୈତିକ ସର୍ଭେ ରିପୋର୍ଟକୁ ଭିତ୍ତିକରି ବଜେଟ ପ୍ରସ୍ତୁତ ହୋଇଥାଏ। ସର୍ଭେ ରିପୋର୍ଟରେ ଅନ୍ୟାନ୍ୟ ମଧ୍ୟରେ ଉଲ୍ଲେଖ ଅଛି ଯେ, ଓଡ଼ିଶାରେ ବେକାରି ଭାରତବର୍ଷର ହାରାହାରି ବେକାରି ଅପେକ୍ଷା ଅଧିକ। ଭାରତବର୍ଷରେ ବେକାରି ଅବସ୍ଥା ଅତି ଉତ୍କଟ ବୋଲି ଦେଶସାରା ଚର୍ଚ୍ଚା ହେଉଛି। ଏହା ଗତ ୪୫ ବର୍ଷ ମଧ୍ୟରେ ସର୍ବାଧିକ ବୋଲି ସମାଲୋଚନା ହେଉଛି। ଓଡ଼ିଶାରେ ବେକାରି ତାହାଠାରୁ ଅଧିକ। ଭାରତବର୍ଷରେ ଏହା ୬.୧ ପ୍ରତିଶତ ହୋଇଥିବା ବେଳେ ଓଡ଼ିଶାରେ ୭.୧ ପ୍ରତିଶତ। ଓଡ଼ିଶାରେ ନିଯୁକ୍ତି ସମ୍ଭାବନା କମ୍ ଥିବାରୁ ପ୍ରାୟ ୬୦ ଲକ୍ଷ ଲୋକ ଅନ୍ୟ ରାଜ୍ୟକୁ ଯାଇ ଅତି ଅସ୍ୱାସ୍ଥ୍ୟକର ପରିବେଶରେ ଦାଦନ ଖଟୁଛନ୍ତି। ସୁତରାଂ ଓଡ଼ିଶାର ବଜେଟରେ ରାଜ୍ୟରୁ ବେକାରି କିପରି ଦୂର ହେବ, ସେଥିପାଇଁ ବଜେଟରେ ପ୍ରାବଧାନ ହେବା ଉଚିତ ଥିଲା। ସରକାରଙ୍କର ନିଜସ୍ୱ ରାଜସ୍ୱ ଆୟ ଯଥେଷ୍ଟ ହେଉ ନ ଥିବାରୁ ବିଭିନ୍ନ ବିଭାଗରେ ଖାଲି ପଡିଥିବା ପଦବୀ ପୂରଣ କରିପାରୁନାହାନ୍ତି। ଏହି ସ୍ଥିତିରେ ବିଭିନ୍ନ ବିଭାଗ ମାଧ୍ୟମରେ ଦୀର୍ଘସ୍ଥାୟୀ ଭିତ୍ତିଭୂମି ସ୍ଥାପନ କରି ଆତ୍ମନିଯୁକ୍ତି ମାଧ୍ୟମରେ ବେକାରି ଦୂର କରିବା ପାଇଁ ଉଦ୍ୟମ କରିବା ସରକାରଙ୍କ ପ୍ରାଥମିକ କର୍ତ୍ତବ୍ୟ।

ଏବେ ଆସନ୍ତୁ ସମ୍ୟକ ଆଲୋଚନା କରିବା ରାଜ୍ୟରେ କେଉଁ କ୍ଷେତ୍ରରେ ଅଧିକ ନିଯୁକ୍ତି ସୃଷ୍ଟି ପାଇଁ ସୁଯୋଗ ରହିଛି। ସାରା ବିଶ୍ୱରେ ପର୍ଯ୍ୟଟନ କ୍ଷେତ୍ର ହେଉଛି ନିଯୁକ୍ତି ସୃଷ୍ଟି କରିବାର ସର୍ବଶ୍ରେଷ୍ଠ କ୍ଷେତ୍ର। ଆଜିକାଲି ଲୋକେ ଅର୍ଥ କମାଇବା ଦୌଡ଼ରେ ବ୍ୟତିବ୍ୟସ୍ତ ହୋଇ କିଛି ସମୟ ପାଇଁ ଅନ୍ୟତ୍ର ବୁଲି ଆସି ପୁନଶ୍ଚ କାମରେ ଲାଗି ଯିବାକୁ ପସନ୍ଦ କରୁଛନ୍ତି। କେବଳ ଭାରତବର୍ଷରେ ନୁହେଁ, ସମଗ୍ର ବିଶ୍ୱରେ ଲୋକଙ୍କର ଆୟ ବଢୁଛି। ସେଥିରୁ କିଛି ଅର୍ଥ ଲୋକେ ପର୍ଯ୍ୟଟନରେ ଖର୍ଚ୍ଚ କରି ମନୋରଞ୍ଜନ କରିବାକୁ ପସନ୍ଦ କରୁଛନ୍ତି। ଆମ ଓଡ଼ିଶାରେ ଯଦି ପର୍ଯ୍ୟଟନ ଶିଳ୍ପ ପ୍ରତି ଗୁରୁତ୍ୱ ଦିଆଯାଇ ଦେଶରୁ ଓ ଦେଶ ବାହାରୁ ପର୍ଯ୍ୟଟକମାନଙ୍କୁ ଆସିବା ପାଇଁ ଆକୃଷ୍ଟ କରାଯାଆନ୍ତା, ତେବେ ଆମର ହୋଟେଲ, ଖାଦ୍ୟ, ପରିବହନ କ୍ଷେତ୍ରରେ ବିକାଶ ହେଲେ ବହୁ ଲୋକ ନିଯୁକ୍ତି ପାଆନ୍ତେ। ଯଦିଓ ଓଡ଼ିଶା ୨୦୧୬ରେ ପର୍ଯ୍ୟଟନ ନୀତି ପ୍ରସ୍ତୁତ କରିଛି, କିନ୍ତୁ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ଯଥେଷ୍ଟ ଧ୍ୟାନ ଦେଇ ନାହିଁ। ଓଡ଼ିଶାକୁ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ଅପର୍ଯ୍ୟାପ୍ତ ପ୍ରାକୃତିକ ସମ୍ପଦ ସହ କଳାକୃତି ଓ ଧାର୍ମିକ କ୍ଷେତ୍ର ଅଛି। ୪୮୦ କିଲୋମିଟର ବ୍ୟାପୀ ବେଳାଭୂମି, କ୍ରିକ୍‌ରେ ନୌଚାଳନା ପାଇଁ ସୁବିଧା, ଚିଲିକା ପରି ହ୍ରଦ, ପାହାଡ଼, ଜଙ୍ଗଲ, ଅଭୟାରଣ୍ୟ, ନଦୀ, ଜଳପ୍ରପାତ ଆଦି ଅନେକ ପର୍ଯ୍ୟଟନ ବୈଭବ। ଏସବୁକୁ ଓଡ଼ିଶା ଉପଯୋଗ କରି ପାରିନାହିଁ ଏପର୍ଯ୍ୟନ୍ତ। କେରଳ ପରି ଏକ ଛୋଟିଆ ରାଜ୍ୟ ଯାହାର କ୍ଷେତ୍ରଫଳ ଆମର ଅଣ ବିଭାଜିତ ଜିଲା କୋରାପୁଟଠାରୁ ସାମାନ୍ୟ ଅଧିକ ସେ ରାଜ୍ୟ ତା'ର ପର୍ଯ୍ୟଟନ ଶିଳ୍ପକୁ ଏପରି ଉନ୍ନତ କରିଛି ଯେ, ସାରା ବିଶ୍ୱରୁ ପର୍ଯ୍ୟଟକମାନେ ଧାଇଁଛନ୍ତି କେରଳ। ପର୍ଯ୍ୟଟନ ଶିଳ୍ପ ମାଧ୍ୟମରେ କେରଳ ସୃଷ୍ଟି କରିଛି ଅନେକ ନିଯୁକ୍ତି ସୁଯୋଗ। ସେ ରାଜ୍ୟର ଆୟର ଏକ ମୁଖ୍ୟାଂଶ ହେଲା ପର୍ଯ୍ୟଟନ ଶିଳ୍ପରୁ ଆୟ ହେଉଥିବା ଟିକସ। ଆମ ରାଜ୍ୟରେ ପର୍ଯ୍ୟଟନ ପାଇଁ ଆଦୌ ନିଷ୍ଠାପର ଉଦ୍ୟମ ହେଉ ନ ଥିବା ବଜେଟର ବ୍ୟୟବରାଦ କହୁଛି। ୨୦୧୯-୨୦ ବଜେଟରେ ପର୍ଯ୍ୟଟନ ବିକାଶ ପାଇଁ ୧୯୪ କୋଟି ଟଙ୍କାର ବ୍ୟୟବରାଦ ହେବା ବେଳେ ୨୦୧୮-୧୯ରେ ତାହା ହୋଇଥିଲା ୨୧୩.୪୬ କୋଟି ଟଙ୍କା। ପର୍ଯ୍ୟଟନ ପରି ଏକ ନିଯୁକ୍ତି ସୃଷ୍ଟିକାରୀ ବିଭାଗ ପାଇଁ ବ୍ୟୟବରାଦ ହ୍ରାସ ପାଇବା ସୂଚାଇ ଦେଉଛି ସରକାର ଦିଶାହୀନ ଭାବରେ ଚାଲିଛନ୍ତି। ବେକାରି ଦୂର କରିବା ପାଇଁ ମନଧ୍ୟାନ ଦେଇ କାର୍ଯ୍ୟ କରୁନାହାନ୍ତି।

୨୦୦୦ ମସିହାରୁ ନବୀନ ପଟ୍ଟନାୟକଙ୍କ ସରକାର ଆଜି ପର୍ଯ୍ୟନ୍ତ କ୍ରମାଗତ ଭାବେ ରାଜ୍ୟକୁ ଶାସନ କରିଆସୁଛି। ସରକାର ବିଶେଷ ଭାବରେ ବଡ ବଡ ଶିଳ୍ପ ସ୍ଥାପନ କରି ରାଜ୍ୟରୁ ବେକାରି ଦୂର କରିବା ପାଇଁ ଉଦ୍ୟମ କରୁଥିବା ଦେଖାଯାଉଛି। ଶିଳ୍ପ ବିକାଶ ପାଇଁ କନ୍‌କ୍ଲେଭ ପରେ କନ୍‌କ୍ଲେଭ କରି ଦେଶ ବାହାରୁ ଓ ଦେଶ ମଧ୍ୟରୁ ଶିଳ୍ପପତିମାନଙ୍କୁ ଏକତ୍ର କରାଇ ଓଡ଼ିଶାରେ ଶିଳ୍ପ ବିକାଶ ସାଙ୍ଗକୁ ନିଯୁକ୍ତି ସୁବିଧା ବୃଦ୍ଧି ପାଇଁ ଉଦ୍ୟମ କରୁଛନ୍ତି। ଅର୍ଥମନ୍ତ୍ରୀ ତାଙ୍କ ବଜେଟ ଭାଷଣରେ କହିଛନ୍ତି, ଓଡ଼ିଶା କନ୍‌କ୍ଲେଭ ମାଧ୍ୟମରେ ୪.୨୩ଲକ୍ଷ କୋଟିଟଙ୍କାର ନିବେଶର ପ୍ରତିଶ୍ରୁତି ପାଇଛି, ଯାହାଦ୍ୱାରା ୫.୯୧ ଲକ୍ଷ ଲୋକ ନିଯୁକ୍ତି ପାଇବେ। କିନ୍ତୁ ବଜେଟ ଭାଷଣରେ ସେ କହିଲେ ନାହିଁ କେତୋଟି ଶିଳ୍ପ କେତେ ଟଙ୍କା ଏ ପର୍ଯ୍ୟନ୍ତ ନିବେଶ କଲେଣି ଓ କେତେଜଣଙ୍କୁ ନିଯୁକ୍ତି ଯୋଗାଇଲେଣି। ସରକାରଙ୍କ ଅର୍ଥନୈତିକ ସର୍ଭେ ରିପୋର୍ଟ କହେ ୨୦୦୪ରେ ଘରୋଇ କ୍ଷେତ୍ରର ବଡ ବଡ ସଙ୍ଗଠିତ ଶିଳ୍ପ ୮୯ ହଜାର ଲୋକଙ୍କୁ ନିଯୁକ୍ତି ଦେଇଥିବା ବେଳେ ୨୦୧୫ ବେଳକୁ ତାହା ନାମକୁ ମାତ୍ର ବୃଦ୍ଧି ପାଇ ହୋଇଛି ୧.୦୪ ଲକ୍ଷ। ଏହି ଅନୁଭୂତିରୁ ଜଣାଯିବ ଏହି ବଡ ବଡ ଶିଳ୍ପ ଦେଇଥିବା ପ୍ରତିଶ୍ରୁତି କେତେଦୂର କାର୍ଯ୍ୟକାରୀ ହେବ। ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ହିଁ ପ୍ରକୃତରେ ଅଳ୍ପ ପୁଞ୍ଜି ନିବେଶରେ ଅଧିକ ଆତ୍ମନିଯୁକ୍ତି ସୃଷ୍ଟି କରି ବେକାରି ଦୂର କରିବା ପାଇଁ ସକ୍ଷମ ହେବ। ଏହି କ୍ଷେତ୍ରରେ ବିକାଶକୁ ତ୍ୱରାନ୍ୱିତ କରିବାକୁ ସରକାର ଅଗ୍ରାଧିକାର ଦେବା ଉଚିତ। କିନ୍ତୁ ୨୦୧୯-୨୦ ବଜେଟରେ ସରକାର ଏହି ବିଭାଗ ପାଇଁ ୧୯୨ କୋଟି ବ୍ୟୟ ବରାଦ କରିଥିବା ବେଳେ ଗତବର୍ଷ କରିଥିଲେ ୨୧୨.୨ କୋଟି ଟଙ୍କା। ଏହା ସୂଚାଇ ଦେଉଛି ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ମାଧ୍ୟମରେ ନିଯୁକ୍ତି ସୃଷ୍ଟି କରିବାରେ କେତେ ତତ୍ପର। ଏହି କ୍ଷେତ୍ର ଆଜି ସଫଳତାର ସହିତ ବେକାରି ଦୂର କରିପାରିବ, ଯଦି ରାଜ୍ୟରେ ସ୍ଥାପିତ ଦକ୍ଷତା ବିକାଶ ସଂସ୍ଥା ଯେଉଁ ଉଦ୍ୟୋଗୀମାନେ ଏହି କ୍ଷେତ୍ରରେ ପ୍ରବେଶ କରିବା ପାଇଁ ଇଚ୍ଛୁକ ସେମାନଙ୍କୁ ହିସାବ ରଖିବା, ଶିଳ୍ପ ପରିଚାଳନା କରିବା ଓ ଯେଉଁ ଉଦ୍ୟୋଗ କରିବେ ସେହି ଉଦ୍ୟୋଗ ସମ୍ବନ୍ଧରେ ପ୍ରାଥମିକ ବୈଷୟିକ ଜ୍ଞାନକୌଶଳ ସମ୍ବନ୍ଧରେ ଉପଯୁକ୍ତ ତାଲିମ ଦେବାର ବ୍ୟବସ୍ଥା କରିବେ। ତାହା ନ କରି କେବଳ ଷ୍ଟାର୍ଟ ଅପ୍ ଯୋଜନାରେ ଉଦ୍ୟୋଗୀମାନଙ୍କୁ ଋଣ ଦେବା ପାଇଁ ବ୍ୟାଙ୍କଗୁଡ଼ିକ ଉପରେ ଚାପ ସୃଷ୍ଟି କରିବା ଫଳବବତୀ ହେବନାହିଁ।

ଏବେ ଚାରିଆଡ଼େ ହୁରି ପଡିଛି ଯେ, ସରକାର କୃଷି ବିକାଶ ପାଇଁ ଏଥର ବଜେଟରେ ଅଧିକ ବ୍ୟୟ ବରାଦ କରି କୃଷକମାନଙ୍କର ଆୟ ବଢାଇବା ପାଇଁ ଉଦ୍ୟମ କରିଛନ୍ତି। କୃଷି ବଜେଟ୍‌ରେ ଅଧିକ ବ୍ୟୟବରାଦ କେବଳ କାଳିଆ ଯୋଜନା ପାଇଁ ହୋଇଛି। କାଳିଆ ଯୋଜନା ପାଇଁ ୫୮୧୧ କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ଏହା କୌଣସି ଭିତ୍ତିଭୂମି ସୃଷ୍ଟିକରି ଚାଷୀର ଉତ୍ପାଦନ, ଉତ୍ପାଦିକା ଶକ୍ତି ବୃଦ୍ଧି କରିପାରିବ ନାହିଁ ବା ଚାଷୀର ଉତ୍ପାଦନକୁ ମୂଲ୍ୟଯୁକ୍ତ କରି ବଜାରରେ ଲାଭଜନକ ମୂଲ୍ୟରେ ବିକ୍ରି କରିପାରିବ ନାହିଁ। ଏହି ଅର୍ଥ ନଗଦ ଆକାରରେ ୭୫ ଲକ୍ଷ ଚାଷୀଙ୍କୁ ଦିଆଯିବ। ଏହି ଟଙ୍କାକୁ ନେଇ କ'ଣ ଚାଷୀ ଉତ୍ପାଦନ ଖର୍ଚ୍ଚରେ ବିନିଯୋଗ କରିବ ? ତା'ର ଅଭାବ କହିଲେ ନ ସରେ। ସେ ଏହି ଅର୍ଥରୁ ଅଧିକାଂଶ ଭାଗ ଅଣ ଉତ୍ପାଦନ ଖର୍ଚ୍ଚରେ ବିନିଯୋଗ କରିବ। କାଳିଆ ଯୋଜନା ଖର୍ଚ୍ଚକୁ ବାଦ୍ ଦେଲେ ପ୍ରକୃତ ପକ୍ଷରେ ଗତବର୍ଷ ଅପେକ୍ଷା ଏ ବର୍ଷ କୃଷି ବଜେଟରେ କମ୍ ଅର୍ଥର ବ୍ୟୟବରାଦ ହୋଇଛି। ନିଯୁକ୍ତି ସୃଷ୍ଟି କରିବାର ଥିଲେ ଶୀତଳ ଭଣ୍ଡାର, କୃଷି ପ୍ରକ୍ରିୟାକରଣ ଶିଳ୍ପ,କୃଷିଜାତ ଦ୍ରବ୍ୟର ଠିକ୍ ବିପଣନ, ଶସ୍ୟ ଗୋଦାମ, ପନିପରିବା ଓ ଅଣ୍ଡା, ମାଛର ଉତ୍ପାଦନ ବୃଦ୍ଧି ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବା ଉଚିତ ଥିଲା।

ଉପରୋକ୍ତ ଆଲୋଚନାରୁ ଏହା ସହଜରେ ଅନୁମେୟ ଯେ, ୨୦୧୯-୨୦ ବଜେଟରେ କେବଳ ଶସ୍ତା ଲୋକପ୍ରିୟତା ହାସଲ କରିବା ପାଇଁ ବ୍ୟୟବରାଦ ହୋଇଛି। ଦୀର୍ଘସ୍ଥାୟୀ ବିକାଶ ପ୍ରତି ଧ୍ୟାନ ଦିଆ ଯାଇନାହିଁ କି ନିଯୁକ୍ତି ସୃଷ୍ଟି ପାଇଁ ଆନ୍ତରିକ ଉଦ୍ୟମ ହୋଇନାହିଁ।

ଏ ୫୦୨, ମୋତି ବ୍ଲକ, ତୋଷାଳୀ ଆପାର୍ଟମେଣ୍ଟ, ସତ୍ୟନଗର, ଭୁବନେଶ୍ୱର, ମୋ-୯୯୩୭୯୫୧୨୬୨

# ମୋ ଘର

ଅଲେଖ ଚନ୍ଦ୍ର ମିଶ୍ର

ଚାରିକାନ୍ଥ ଓ ଛପର ଦ୍ୱାରା ଆବଦ୍ଧ କ୍ଷେତ୍ର ଗୃହ, ବାସସ୍ଥାନ, ବସାଘର ବା ଭଡ଼ାଘର ହୋଇପାରେ (ହାଉସ)। କିନ୍ତୁ ଘର (ହୋମ୍) ନୁହେଁ। ମଣିଷ ଯେଉଁଠି ଖାଏ, ଶୁଏ ଏବଂ ଜିନିଷପତ୍ର ରଖେ ତାହା ଏକ ଆଶ୍ରୟ, ଘର ନୁହେଁ। ଘର ହେଉଛି ସେଇ ପବିତ୍ର ପୀଠ ଯେଉଁଠି ତା'ର ପୂର୍ବଜଙ୍କର ଥାଏ ଷଠୀଘର। ପୋତା କଉଡିର ଅଶୁଳ ସ୍ମାରକୀ। ଯେଉଁଠି ପିତାଙ୍କର ଆକଟ, ମା'ର ଯତ୍ନ, ଭାଇଭଉଣୀଙ୍କର ସ୍ନେହ, ସ୍ତ୍ରୀର ସେବା, ସନ୍ତାନମାନଙ୍କର ଆଜ୍ଞାବହତା ଏବଂ ସାହିପଡିଶାଙ୍କର ସହାନୁଭୂତି ଏକ ଅହେତୁକ ବନ୍ଧନର ବଳୟ ସୃଷ୍ଟି କରିଥାଏ। ତାହା ଏକ ସ୍ମୃତିର ମନ୍ଦିର। ଐତିହ୍ୟର ପ୍ରତୀକ। ବୁନିୟାଦିର ନିଦର୍ଶନ ଏବଂ ଅଧିକାରର ଉତ୍ସ, ଯାହାର ବିକଳ୍ପ ନାହିଁ। ଘର ବ୍ୟତୀତ ଅନ୍ୟ ସବୁ ସ୍ଥାନରେ ମଣିଷ ଅତିଥି। ବିଖ୍ୟାତ ଇଂଲିଶ କବି ଆଲେକ୍‌ଜାଣ୍ଡର ପୋପ୍‌ଙ୍କ ଭାଷାରେ ଯେଉଁ ଲୋକ ନିଜ ଜମି ଉପରେ ନିଃଶ୍ୱାସ ମାରେ ସେ ସୁଖୀ (ହାପି ଦି ମ୍ୟାନ ହୁଜ୍ ଉଇସ ଆଣ୍ଡ କେୟାର ଏ ଫିଉ ପାଟର୍ନାଲ ଏକରସ ବାଉଣ୍ଡ, କଣ୍ଟେଣ୍ଟ ଟୁ ବ୍ରେଦ୍ ହିଜ୍ ନେଟିଭ ଏୟାର, ଇନ ହିଜ୍ ଓନ ଗ୍ରାଉଣ୍ଡ)।

ଘର ଏକ ଦ୍ୱୀପର କୁଡିଆ ହୋଇପାରେ କିମ୍ବା ମହାନଗରୀରେ ଏକ ସୁରମ୍ୟ ଅଟ୍ଟାଳିକା, ଏସ୍କିମୋର ଇଗ୍‌ଲୁ ବା ଟିଉପିକ ଅଥବା ବୁଶ୍ ମ୍ୟାନର ବୃକ୍ଷ ଉପର ଘର, ଜାପାନର କାଗଜଘର ବା ଚାଇନାର ଡଙ୍ଗା ଘର, ବେଦୁଇନର ମରୁଦ୍ୟାନ, ବନବାସୀର ଗୁମ୍ଫା। ସମସ୍ତଙ୍କର ପ୍ରିୟତମ ସ୍ଥାନ ତା'ର ଘର। (ହୋମ୍, ହୋମ୍ ସ୍ୱିଟ୍, ସ୍ୱିଟ୍ ହୋମ୍, ଦେୟାର୍ ଇଜ୍ ନୋ ପ୍ଲେସ୍ ଲାଇକ୍ ହୋମ୍- ଜନ ହାୱାର୍ଡ ପେନ୍)। ମଣିଷର ସବୁଠାରୁ ନିରାପଦ ସ୍ଥାନ ଘର। ବିପଦ ଆପଦରେ ସେ ଘରକୁ ହିଁ ଆଶ୍ରା କରେ। ଘର ମଣିଷର ପ୍ରଥମ ଶିକ୍ଷାୟତନ। ''ଚାଟ ଘର ପୁଅ ଚାଟ, ଭାଟ ଘର ପୁଅ ଭାଟ।'' ପ୍ରଖ୍ୟାତ ଗ୍ରୀକ୍ ଦାର୍ଶନିକ ଆରିଷ୍ଟଟଲଙ୍କ ମତରେ ଦି ଫାଷ୍ଟ ଲେଶନ ଅଫ୍ ଏ ଚାଇଲ୍ଡ ଇଜ୍ ଲର୍ନଣ୍ଟ ବିଟ୍ୱିନ ଫାଦର୍‌ସ କେୟାର୍‌ସ ଆଣ୍ଡ ମଦର୍‌ସ କିସେସ୍। (ଶିଶୁଟିର ପ୍ରଥମ ଶିକ୍ଷା ତା'ର ପିତାଙ୍କର ଯତ୍ନ ଏବଂ ମାତାଙ୍କର ସ୍ନେହ ଭିତରେ ଆରମ୍ଭ ହୋଇଥାଏ)। ପ୍ରକୃତରେ ଘରର ଶିକ୍ଷା, ସଂସ୍କୃତି ଓ ଚାଲିଚଳନ ମଣିଷର ଜୀବନକୁ ପ୍ରଭାବିତ କରେ।

ଅନ୍ୟତ୍ର ମଣିଷ କ୍ଷମତା, ପ୍ରଭୁତ୍ୱ, ଐଶ୍ୱର୍ଯ୍ୟ ଇତ୍ୟାଦିର ଅଧିକାରୀ ହୋଇପାରେ। ମାତ୍ର ତାହା ସବୁ କ୍ଷଣସ୍ଥାୟୀ। ଘର ଶାଶ୍ୱତ ଆନନ୍ଦର ଉତ୍ସ। ସେହି ପେନ୍‌ଙ୍କ ଭାଷାରେ ''ଆନ୍ ଏକ୍‌ଜାଇଲ ଫ୍ରମ୍ ହୋମ୍, ସ୍ପ୍ଲେଣ୍ଡର ଡାଜଲ୍ସ ଇନ୍ ଭେନ୍, ଓଃ ଗିଭ୍ ମି ମାଇଁ ଲୋଲି ଥାଚେଡ୍ କଟେଜ୍ ଏଗେନ୍''। ସେଥିପାଇଁ ଅଧିକାଂଶ ହୋଟେଲ, ଲଜିଂ, ଗେଷ୍ଟ ହାଉସ, ପର୍ଯ୍ୟଟକ ନିବାସରେ ଲେଖା ହୋଇଥାଏ, ୟୁ ଆର ହୋମ୍ ନାଓ କିମ୍ବା ହୋମ୍ ଆୱେ ଫ୍ରମ୍ ହୋମ୍।

ପୃଥିବୀର ଅନେକ ସେଲିବ୍ରିଟିଙ୍କର ଜନ୍ମିତ ଘରକୁ ଏବେ ବିଶ୍ୱ ଐତିହ୍ୟର ମାନ୍ୟତା ଦିଆଯାଇ ସଂରକ୍ଷଣ କରାଯାଉଛି। କୌଣସି କାରଣରୁ ଘର ଛାଡୁଥିବା ଲୋକ (ବିଶେଷକରି ଯୁବତୀ) ଯେଉଁ ସମସ୍ୟାର ଶିକାର ହୁଏ ତାହା ପ୍ରାୟ ସମସ୍ତେ ଜାଣନ୍ତି। ବାହାରର ମିତ୍ରଠାରୁ ଘରର ଶତ୍ରୁ ବରଂ ଭଲ। ପୃଥିବୀର କୋଟି କୋଟି ଘର ଭିତରୁ ଏଭଳି ନିଜର ଘର ଗୋଟିଏ। ଏକାଧିକ ଘରଥିବା ଲୋକ ପାଇଁ (ବଞ୍ଚିବା ଓ ମରିବା) ମାତ୍ର ଗୋଟିଏ ଘର ଦରକାର ହୁଏ। ତା'ର ପରିଚୟ ପାଇଁ ସେତିକି ଯଥେଷ୍ଟ। ସେତିକି ନ ଥିବା ଲୋକ ବେଘର, ଯାଯାବର, ବେସାହାରା, ଶରଣାର୍ଥୀ ଯାହା ସାରା ବିଶ୍ୱରେ ଏକ ବିରାଟ ସମସ୍ୟା। ଜାତିସଂଘର ୟୁଏନ୍‌ଏଚ୍‌ସିଆର୍ ପାଇଁ (ୟୁନାଇଟେଡ ନେସନ୍ସ ହାଇ କମିଶନ ଫର ରିଫ୍ୟୁଜିସ) ମୁଣ୍ଡ ବ୍ୟଥାର କାରଣ। ଘର ନ ଥିବା ଲୋକଙ୍କ ପାଇଁ ସରକାର ଆବାସ ଯୋଜନା କରିଛନ୍ତି। ଯଦି କୌଣସି କାରଣରୁ ଘରେ ରହିବା ସମ୍ଭବ ହୁଏନା ତେବେ ମଝିରେ ମଝିରେ ଘରଆଡେ ବୁଲି ଆସିଲେ ଯେଉଁ ଆନନ୍ଦ ମିଳେ ତାହାର ଉଦାହରଣ ଆମ ବଡ଼ଠାକୁରଙ୍କର ଘୋଷ ଯାତ୍ରା। କିନ୍ତୁ ହାୟ, କାହିଁ ସେ ଘର କାହିଁ ସେ ବନ୍ଧନ ଯାହା ପାଇଁ ଦିନେ ମଣିଷ ଗାଇ ଉଠିଥିଲା, ''ବୈକୁଣ୍ଠ ସମାନ ଆହା ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର।'' ଏ ପ୍ରଶ୍ନର ଉତ୍ତର କିଏ ଦେବ।

ସାରଦାଶ୍ରୀ, ୯୦୪ ଶାସ୍ତ୍ରୀନଗର ୟୁନିଟ-୪, ଭୁବନେଶ୍ୱର, ମୋ-୯୪୩୮୬୭୩୮୯୮

## ଏଇ ଭାରତରେ

ରକ୍ତଦାନ ହେଉଛି ମହତ୍ ଦାନ। ଏ କଥା କେହି ବୁଝନ୍ତୁ କି ନ ବୁଝନ୍ତୁ, ବୁଝିଛନ୍ତି ଦିଲ୍ଲୀ ପୋଲିସ୍‌ର ୨ କନ୍‌ଷ୍ଟେବଲ। ରକ୍ତଦାନ କରିବା ଦୁହିଁଙ୍କର ନିଶା ପାଲଟି ଯାଇଛି। ରକ୍ତଦାନ ପାଇଁ ଦେଶରେ ସଚେତନତା ଜାରି ରହିଥିବାବେଳେ ଦିଲ୍ଲୀ ପୋଲିସର ୨ଜଣ କନ୍‌ଷ୍ଟେବଲ ଦୀର୍ଘବର୍ଷ ଧରି ରକ୍ତଦାନ କରିଆସୁଛନ୍ତି। ଦୁହିଁଙ୍କର ପେସା ପୋଲିସ୍‌ଗିରି; ଅଥଚ ନିଶା ରକ୍ତଦାନ। ଦୁହେଁ ହେଉଛନ୍ତି ଅମିତ୍ ଫୋଗତ୍ ଏବଂ ଆଶିଷ କୁମାର। ଆଶିଷ ଇତିମଧ୍ୟରେ ୭୭ ଥର ରକ୍ତଦାନ କରିସାରିଥିବାବେଳେ ଅମିତ ୪୮ଥର ରକ୍ତଦାନ କରିଛନ୍ତି। ଆଶିଷ ୧୬ ବର୍ଷ ଧରି ରକ୍ତଦାନ କରିଆସୁଛନ୍ତି। ସେହିପରି ଅମିତ୍ ଗତ ୫ ବର୍ଷ ହେଲା ରକ୍ତଦାନ କରୁଛନ୍ତି। ଅମିତ୍ ଏକ ରକ୍ତଦାନ ସଂଗଠନ କରିଛନ୍ତି। ଏହାର ସଦସ୍ୟ ସଂଖ୍ୟା ୫୫। ସଦସ୍ୟମାନେ ନିୟମିତ ବ୍ୟବଧାନରେ ରକ୍ତଦାନ କରିଥାନ୍ତି। ଏହି ୨ କନ୍‌ଷ୍ଟେବଲଙ୍କୁ ନେଇ ଏବେ ଦିଲ୍ଲୀ ପୋଲିସ ବିଭାଗ ଗର୍ବ ଅନୁଭବ କରୁଛି।

## ଚିରନ୍ତନୀ

ଜୀବନର ପ୍ରତି କ୍ଷେତ୍ରେ ତୋଳି ତୁଙ୍ଗ କୀରତି ଦେଉଳ
ଦେଶେ ଦେଶେ ଉଡ଼ାଇଲ ବିଜୟର କେତନ ବହୁଳ।
(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୬ ଜୁଲାଇ ୧୯୯୪

- କାମ୍ବୋଡିଆରେ ଘଟିଥିବା ସାମରିକ ବିଦ୍ରୋହ ବିଫଳ ହେବା ପରେ ଦେଶର ସରକାର ଖମେରରୁଜ୍ ଗୋଷ୍ଠୀ ଉପରେ ନିଷେଧାଜ୍ଞା ଜାରି କଲେ।
- ଜଳସେଚନ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିଜୟ ମହାପାତ୍ର ରାଜ୍ୟ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଛନ୍ତି।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 4 | 0 | | | | | 1 | | 7 | | 6 | 8 | | |
| 7 | | 6 | | C | | 3 | | | | D | 9 | | | |
| | E | | 4 | | 5 | | | | | | | 2 | | 0 |
| | | | 1 | | 9 | D | | | B | | | | | |
| A | C | | 3 | | 8 | | 4 | | E | | | | | |
| | | D | | 3 | 4 | | A | | 0 | | 1 | | | |
| C | 3 | | 2 | B | 7 | E | | | | | 5 | A | | 8 |
| 5 | 9 | A | E | | | | | | | | | | | 2 |
| | | E | 5 | 1 | | | | | | | 8 | | | |
| 2 | | | | | C | | 5 | | | | | | | B |
| | | 7 | | E | | | | | 1 | 8 | | | 0 | C |
| | | C | 6 | | 1 | | D | | 4 | | | 3 | 7 | |
| 3 | | | | | B | | | 8 | 9 | | | | | |
| | D | | | | | 2 | | | | 7 | E | | | |
| | 6 | 1 | | | A | 7 | | | | 2 | B | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 6 | 0 | 2 | 8 | E | 7 | 3 | B | 1 | 9 | A | C | 4 | D |
| C | 9 | D | 4 | 1 | 6 | 8 | 2 | E | 0 | 7 | B | A | 5 | 3 |
| E | 1 | 7 | C | 5 | D | 9 | A | 4 | 2 | 6 | 3 | B | 0 | 8 |
| 3 | A | 2 | 9 | B | 0 | 5 | 6 | D | 8 | C | 4 | E | 7 | 1 |
| 4 | 8 | B | A | 7 | 3 | 0 | C | 1 | D | 5 | E | 9 | 2 | 6 |
| 1 | 0 | E | D | 3 | C | 4 | B | 9 | A | 2 | 6 | 7 | 8 | 5 |
| 6 | 2 | 9 | E | 4 | 7 | A | 8 | 3 | C | D | 5 | 0 | 1 | B |
| 7 | B | 4 | 5 | 6 | A | 1 | 0 | 2 | 9 | 3 | 8 | D | C | E |
| A | 3 | C | 8 | 9 | 1 | D | 7 | 5 | E | B | 0 | 4 | 6 | 2 |
| D | 5 | 8 | 0 | 2 | B | 6 | E | C | 7 | 4 | 1 | 3 | 9 | A |
| 9 | E | A | B | 0 | 8 | 2 | 4 | 6 | 3 | 1 | 7 | 5 | D | C |
| 8 | 4 | 1 | 3 | C | 2 | B | D | 0 | 5 | A | 9 | 6 | E | 7 |
| 2 | D | 5 | 6 | A | 9 | 3 | 1 | 7 | 4 | E | C | 8 | B | 0 |
| 0 | 7 | 6 | 1 | E | 4 | C | 5 | A | B | 8 | D | 2 | 3 | 9 |
| B | C | 3 | 7 | D | 5 | E | 9 | 8 | 6 | 0 | 2 | 1 | A | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଲୋକେ ଭକୁଆ

ମହାଶୟ,

ଭାରତ ସ୍ୱାଧୀନ ହେବାଠାରୁ ଯେଉଁସବୁ ନିର୍ବାଚନ ହୋଇଛି, ସେଥିମଧ୍ୟରୁ ଗତ ଊଣେଇଶି ନିର୍ବାଚନ ସୀମା ଲଂଘନ କରିଛି ଟଙ୍କା ବଣ୍ଟାରେ। କେବଳ ଟଙ୍କା ଦେଇ ଭୋଟ କିଣାଯାଉଛି। ଏସ୍‌ଆଇଟି ଉପାଧ୍ୟକ୍ଷଙ୍କ ହିସାବରେ କୁଆଡ଼େ ଅଠତିରିଶ ଶହ କୋଟି ଟଙ୍କା ନିର୍ବାଚନବେଳେ ଜବତ ହୋଇଛି। କିନ୍ତୁ ମନ୍ତ୍ରୀମାନଙ୍କ କାରରେ (ଯାହା ଜବତ ହୋଇପାରିବ ନାହିଁ) କେତେ ହଜାର କୋଟି ରାତିରେ ବଣ୍ଟାଯାଇଛି, ତା'ର ହିସାବ କାହା ପାଖରେ ଅଛି ? କେବଳ ଟଙ୍କା ଦେଇ ଓ ଅନ୍ୟ ଦାମୀ ପଦାର୍ଥ ବଦଳରେ ଭୋଟ କିଣି ନେତାଏ ବାହାଦୁରି ମାରୁଛନ୍ତି ଯେ ଲୋକେ ତାଙ୍କୁ ସମର୍ଥନ କରୁଛନ୍ତି। ଏତ ଭୋଟ ନୁହେଁ, କେବଳ ଟଙ୍କାର ଖେଳ ଚାଲିଛି। ଦଣ୍ଡକିରି ଦେଖାଇ ବାଳିଆ ମାରି ଖାଇବାର ଏହା ଏକ ସର୍ବୋତ୍ତମ ବ୍ୟବସ୍ଥା। ଲୋକେ କେବଳ ଭକୁଆ।

ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

### କଂଗ୍ରେସ ସୁଦୃଢ଼ ହେଉ

ଗତ ଲୋକ ସଭା ଓ କେତେକ ବିଧାନସଭା ନିର୍ବାଚନରେ କଂଗ୍ରେସର ଶୋଚନୀୟ ପରାଜୟ ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରିଛି। କାରଣ, ସଂସଦୀୟ ଗଣତନ୍ତ୍ରରେ ମୁଖ୍ୟ ବିରୋଧୀ ଦଳ ଯେତେ ଦୁର୍ବଳ ହେବ, ଗଣତନ୍ତ୍ର ପ୍ରତି ସେତେ ବିପଦ ସୃଷ୍ଟି ହେବ। ଏଣୁ ଗଣତନ୍ତ୍ରର ସୁରକ୍ଷା ଓ ଦେଶର ଉଜ୍ଜ୍ୱଳ ଭବିଷ୍ୟତ ଦୃଷ୍ଟିରୁ କଂଗ୍ରେସ ଦଳ ସୁଦୃଢ଼ ହେବାର ଆବଶ୍ୟକତା ରହିଛି। ଦେଶର ଏହି ସର୍ବପୁରାତନ ଦଳକୁ ସୁଦୃଢ ଓ ସୁସଙ୍ଗଠିତ କରିବା ପାଇଁ ଦଳ ତରଫରୁ ଅନେକ ସଂସ୍କାରମୂଳକ ପଦକ୍ଷେପ ନେବା ଅତି ଜରୁରୀ। ଏଆଇସିସିଠାରୁ ଆରମ୍ଭ କରି ଡିସିସି ପର୍ଯ୍ୟନ୍ତ ସମସ୍ତ ସଙ୍ଗଠନରେ ଆମୂଳଚୂଳ ପରିବର୍ତ୍ତନ କରାଯାଉ। ଆଗାମୀ ନିର୍ବାଚନଗୁଡ଼ିକରେ 'ଗୋଟିଏ ପରିବାର ଗୋଟିଏ ଟିକେଟ' ନୀତିକୁ କଡାକଡି ପାଳନ କରାଯାଉ। ଗତ ନିର୍ବାଚନରେ ଯେଉଁ ପ୍ରାର୍ଥୀ ଅମାନତ ହରାଇଛନ୍ତି, ସେମାନଙ୍କୁ ଆଗାମୀ ନିର୍ବାଚନରେ ଟିକେଟ ନ ମିଳୁ। ପ୍ରାର୍ଥୀ ଚୟନ ବେଳେ ପ୍ରଭାବ ଅପେକ୍ଷା ପ୍ରତିଭାକୁ ଅଗ୍ରାଧିକାର ମିଳୁ। ଜାତୀୟ ଓ ରାଜ୍ୟସ୍ତରୀୟ ସଙ୍ଗଠନରେ 'ଜଣେ ବ୍ୟକ୍ତି, ଗୋଟିଏ ପଦବୀ' ନୀତି ଅନୁସୃତ ହେଉ। ବିରୋଧୀଙ୍କ ତରଫରୁ କଂଗ୍ରେସ ଦଳ ବିରୋଧରେ ଆଗତ ଅଭିଯୋଗଗୁଡ଼ିକର ଯଥାର୍ଥ ଓ ସନ୍ତୋଷଜନକ ଉତ୍ତର ଦିଆଯାଉ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### ବାତ୍ୟାରେ ନଷ୍ଟ ସର୍ଭିସ୍ ତାର

ନିକଟରେ ସଂଘଟିତ ଫନୀ ବାତ୍ୟା ଯୋଗୁ ଘର ଭାଙ୍ଗିବା ସହିତ ଅନେକ ଉପଭୋକ୍ତାଙ୍କ ବିଦ୍ୟୁତ୍ ମିଟର ଓ ତାର ନଷ୍ଟ ହୋଇଯାଇଛି। ଏବେ ଉପଭୋକ୍ତାଙ୍କୁ ପ୍ରତ୍ୟକ୍ଷ ବିଦ୍ୟୁତ୍ ଯୋଗାଯାଇଛି, ଯେଉଁଥିରେ କି ମିଟର କିମ୍ବା ମେନ୍ ସୁଇଚ୍ କାର୍ଯ୍ୟକାରୀ ନୁହେଁ। ଏହା ଅନେକ ବିପଦର କାରଣ ହୋଇପାରେ। ଆମର ଅନୁରୋଧ, ବିଦ୍ୟୁତ୍ ବଣ୍ଟନ କମ୍ପାନୀ ଉପଭୋକ୍ତାଙ୍କୁ ବିଦ୍ୟୁତ୍ ରିଲିଫ ଭାବେ ମାଗଣାରେ ମିଟର, ମେନ୍ ସୁଇଚ ଓ ସର୍ଭିସ୍ ତାର ଯୋଗାଇଦେଲେ ଭଲ ହୁଅନ୍ତା। ନଚେତ୍ ଏହାର ମୂଲ୍ୟ ଦୀର୍ଘ କିସ୍ତିରେ ଆଦାୟ କରାଯାଇପାରେ।

ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡା, ଗବକୁଣ୍ଡ, ପୁରୀ

### ବିହନ ମିଳୁନି

ଅନେକ ସ୍ଥାନରେ ଚାଷୀମାନେ ଧାନ ବିହନ ପାଉନାହାନ୍ତି। କହିବାର କଥା, ଏମାନେ ନିଜେ ବିହନ ସଂଗ୍ରହ କରୁନାହାନ୍ତି କାହିଁକି। ଗତବର୍ଷ ମୁଁ ଶାରଳା (F) ବିହନ ଆଣିଥିଲି, କିନ୍ତୁ ତାହା ଗଜା ହେଲାନାହିଁ। କୃଷି ଅଧିକାରୀଙ୍କୁ କହିବାରୁ ବିହନ ବୁଣିବା ପୂର୍ବରୁ ଖରା ଦେଇଥାନ୍ତେ। କିନ୍ତୁ ପୂଜା ବିହନ ଥିଲା, ତାହାକୁ ବାଧ୍ୟହୋଇ ତଳି ପକେଇଲି। ସେଥିରୁ ଏକରକୁ ୨୦ କୁଇଣ୍ଟାଲ ଧାନ ହୋଇଥିଲା। ଚାଷୀମାନେ ନିଜେ ବିହନ ରଖନ୍ତୁ, କିନ୍ତୁ ସିଡ୍ କର୍ପୋରେଶନ ଉପରେ ନିର୍ଭର କରନ୍ତୁ ନାହିଁ। ତା'ହେଲେ ଠିକ୍ ସମୟରେ ଚାଷ ହେବ ଏବଂ ଭଲ ଅମଳ ମଧ୍ୟ ହେବ।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଅସ୍ଥାୟୀ କର୍ମଚାରୀଙ୍କ ଦଖଲରେ ସୁପରିଣ୍ଟେଣ୍ଡେଣ୍ଟଙ୍କ କ୍ୱାର୍ଟର୍ସ

**ଏସ୍‌ଭିଏମ୍ ମହାବିଦ୍ୟାଳୟ ବାଳକ ହଷ୍ଟେଲ**

- କ୍ୱାର୍ଟର୍ସ ଛାଡ଼ିବାକୁ ପରିଚାଳନା କମିଟି ସଭାପତିଙ୍କ ନିର୍ଦ୍ଦେଶ
- ନ ଛାଡିବାକୁ ଅଧକ୍ଷଙ୍କ ଉପରେ ଚାପ

ଜଗତ୍‌ସିଂହପୁର ଅଫିସ,୫।୭

ଜଗତ୍‌ସିଂହପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ସ୍ମାରକୀ (ଏସ୍‌ଭିଏମ୍) ମହାବିଦ୍ୟାଳୟ ବାଳକ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟଙ୍କ କ୍ୱାର୍ଟର୍ସକୁ ଜଣେ ଅସ୍ଥାୟୀ କର୍ମଚାରୀ ନିଜ ଦଖଲରେ ରଖିବାକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ, ମହାବିଦ୍ୟାଳୟର ରସାୟନ ବିଜ୍ଞାନ ଲାବୋରେଟୋରୀ ସହାୟକ ଚିତ୍ତରଞ୍ଜନ ଦାସ ଦୀର୍ଘଦିନ ଧରି ଉକ୍ତ କ୍ୱାର୍ଟର୍ସ ଜବରଦଖଲରେ ରଖିଛନ୍ତି। ଏହା ସତ୍ତ୍ୱେ କଲେଜ କର୍ତ୍ତୃପକ୍ଷ ମଧ୍ୟ ତାଙ୍କ ପ୍ରତି ନରମ ମନୋଭାବ ପୋଷଣ କରୁଥିବାରୁ ନାନା କଥା ଆଲୋଚନା ହେଉଛି। ଇତିମଧ୍ୟରେ ମହାବିଦ୍ୟାଳୟ ପରିଚାଳନା ସମିତି ସଭାପତି ତଥା ତିର୍ତ୍ତୋଲ ବିଧାୟକ ବିଷ୍ଣୁ ଚରଣ ଦାସ ସମ୍ପୃକ୍ତ କର୍ମଚାରୀଙ୍କୁ କ୍ୱାର୍ଟର୍ସରୁ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶ ମୁତାବକ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ଅରବିନ୍ଦ ଚଇନି ଲାବୋରେଟୋରୀ ସହାୟକ ଦାସଙ୍କୁ ତୁରନ୍ତ କ୍ୱାର୍ଟର୍ସ ଖାଲି କରିବାକୁ ଜଣାଇଛନ୍ତି। ହେଲେ ଦାସ କ୍ୱାର୍ଟର୍ସ ଛାଡିବାକୁ ନାରାଜ। ବୁଧବାର ସେ ଓ ତାଙ୍କର କିଛି ସମର୍ଥକ ଅଧ୍ୟକ୍ଷଙ୍କୁ ଭେଟି କ୍ୱାର୍ଟର୍ସ ନ ଛାଡିବା ପାଇଁ ଚାପ ପ୍ରୟୋଗ କରିଥିଲେ।

ଏ ସମ୍ପର୍କରେ ଅଧ୍ୟକ୍ଷ ଚଇନିଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ମହାବିଦ୍ୟାଳୟ ପରିଚାଳନା ସମିତି ସଭାପତି ଯେଉଁ ନିର୍ଦ୍ଦେଶ ଦେଇଛନ୍ତି ତାହା କାର୍ଯ୍ୟକାରୀ କରିବା ତାଙ୍କର ଦାୟିତ୍ୱ। ପରିଚାଳନା ସମିତି ସଭାପତି ଛୁଟି ସମୟରେ ଏହି ନିର୍ଦ୍ଦେଶ ଦେଇଥିଲେ। ମହାବିଦ୍ୟାଳୟ ଖୋଲିବା ପରେ ସେ ଲାବୋରେଟୋରୀ ସହାୟକ ଦାସଙ୍କୁ ତୁରନ୍ତ ହଷ୍ଟେଲ ଖାଲିକରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେତେବେଳେ ଦାସ ୩ ମାସ ସମୟ ମାଗିଥିଲେ। ବୁଧବାର ସେ ଓ ତାଙ୍କର କେତେଜଣ ସମର୍ଥକ କ୍ୱାର୍ଟର୍ସ ନ ଛାଡିବା ପାଇଁ ଯୁକ୍ତି ବାଢିଛନ୍ତି। ଏ ପରିସ୍ଥିତିରେ ତାଙ୍କର କିଛି କରିବାର ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ମହାବିଦ୍ୟାଳୟ ପରିଚାଳନା ସମିତି ସଭାପତି ଦାସ କହିଛନ୍ତି, ସୁପରିଣ୍ଟେଣ୍ଡେଣ୍ଟଙ୍କ କ୍ୱାର୍ଟର୍ସରେ ଜଣେ ଲାବୋରେଟୋରୀ ସହାୟକ ରହିପାରିବେ ନାହିଁ। ତେଣୁ ତାଙ୍କୁ ତୁରନ୍ତ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଶୁଣିବାକୁ ମିଳୁଛି କ୍ୱାର୍ଟର୍ସରେ କେତେଜଣ ଅଣଛାତ୍ର ମଧ୍ୟ ରହୁଛନ୍ତି। ମହାବିଦ୍ୟାଳୟ ଶୃଙ୍ଖଳା ଦୃଷ୍ଟିରୁ ଏହାକୁ ବରଦାସ୍ତ କରାଯିବ ନାହିଁ ବୋଲି କହିଛନ୍ତି। ସେହିପରି ଲାବୋରେଟୋରୀ ସହାୟକ ଦାସ କହିଛନ୍ତି ଯେ, ସେ ଏଠାରେ ଦୀର୍ଘ ୧୦ବର୍ଷ ଧରି ରହିଆସୁଛନ୍ତି। କଲେଜ ଅଧ୍ୟକ୍ଷ କ୍ୱାର୍ଟର୍ସ ଛାଡ଼ିବାକୁ କହିବା ପରେ ସେ ସମୟ ମାଗିଥିଲେ। କିନ୍ତୁ ହଠାତ୍ କ୍ୱାର୍ଟର୍ସ ଛାଡ଼ିବା ତାଙ୍କ ପାଇଁ ସମ୍ଭବ ହେଉନି। ତେଣୁ ଏ ସମ୍ପର୍କରେ ସେ କଲେଜ ଅଧ୍ୟକ୍ଷଙ୍କୁ ଭେଟି ଆଲୋଚନା କରିଛନ୍ତି।

## ମ୍ୟାଲେରିଆ, ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ

ତିର୍ତ୍ତୋଲ,୫।୭(ଡି.ଏନ୍.ଏ.)

ତିର୍ତ୍ତୋଲ ପଞ୍ଚାୟତରେ ଶୁକ୍ରବାର ସମନ୍ୱିତ ଶିଶୁ ବିକାଶ ଯୋଜନା ଆନୁକୂଲ୍ୟରେ ମ୍ୟାଲେରିଆ, ଡେଙ୍ଗୁ ଓ ଝାଡ଼ାବାନ୍ତି ନିରାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଶୋଭାଯାତ୍ରା, ରାସ୍ତା ସଫେଇ, ପଥପ୍ରାନ୍ତ ବୈଠକ ଆଦି କରାଯାଇଥିଲା। ବର୍ଷା ଦିନେ ହେଉଥିବା ଏସବୁ ରୋଗର ନିରାକରଣ, ପ୍ରତିକାର ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ତିର୍ତ୍ତୋଲ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ତନୁପ୍ରଭା ବେଉରା, ସରପଞ୍ଚ ମନୋରଞ୍ଜନ ମହାପାତ୍ର, ଅଙ୍ଗନୱାଡି କର୍ମୀ, ପରିଦର୍ଶିକାମାନେ ସାମିଲ ହୋଇଥିଲେ।

**ସଂକ୍ଷେପରେ**

## ରୋଗୀ କଲ୍ୟାଣ ପରିଚାଳନା ସମିତି ପରିଷଦ ବୈଠକ

ରଘୁନାଥପୁର,୫।୭(ଡି.ଏନ୍.ଏ.): ସ୍ୱାସ୍ଥ୍ୟସେବା ଭଳି ମୌଳିକ ସୁବିଧା ସ୍ଥାନୀୟ ଅଞ୍ଚଳବାସୀଙ୍କୁ ମିଳିପାରିନାହିଁ। ଏଭଳି ବ୍ୟତିକ୍ରମ ଦେଖାଯାଇଛି ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ଜଇପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ଅନୁଷ୍ଠିତ ହୋଇଥିବା ରୋଗୀ କଲ୍ୟାଣ ପରିଚାଳନା ସମିତି ପରିଷଦ ବୈଠକରେ ସ୍ଥାନୀୟ ସରପଞ୍ଚ ବିଜୟ କୁମାର ସ୍ୱାଇଁ ଉପସ୍ଥିତ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଦୀର୍ଘଦିନ ଧରି ସ୍ୱାସ୍ଥ୍ୟକେନ୍ଦ୍ରରେ ଏଲୋପାଥିକ ଡାକ୍ତର ନିଯୁକ୍ତି ପାଇ ନ ଥିବାରୁ ମେଡିକାଲକୁ ଆସିଥିବା ରୋଗୀମାନେ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ଏଠାରେ ପ୍ରାଥମିକ ଚିକିତ୍ସା ମିଳି ପାରୁନି। ରାଜପଥ ପାର୍ଶ୍ୱରେ ସ୍ୱାସ୍ଥ୍ୟକେନ୍ଦ୍ର ଥାଇ ମଧ ଲୋକଙ୍କ ସେବାରେ ଲାଗିପାରୁନି। ସେହିପରି ଆୟୁଷ ଡାକ୍ତର ଏଠାକାର ପରିବେଶ, ସ୍ୱାସ୍ଥ୍ୟକେନ୍ଦ୍ରରେ ପାନୀୟଜଳ ଅବ୍ୟବସ୍ଥା ଓ ପାଚେରି ନ ଥିବା ନେଇ ବୈଠକରେ କହିଥିଲେ। ଅନ୍ୟପକ୍ଷରେ ଡାକ୍ତର କ୍ୱାର୍ଟର ମରାମତି ସମ୍ପର୍କରେ ଆୟୁଷ ଡାକ୍ତର ଶ୍ରୀମା ଦାସ ବୈଠକରେ ଉପସ୍ଥାପନ କରିଥିଲେ। ଚେୟାରପର୍ସନ ଜିଲା ପରିଷଦ ସଭ୍ୟା ଡେଜାଲିନ ମହାପାତ୍ରଙ୍କ ଅଧକ୍ଷତାରେ କୋ ଚେୟାରପର୍ସନ ବିଡିଓ ପଞ୍ଚାନନ ପଟ୍ଟାୟତ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁକାନ୍ତ ଦଳାଇ, ଡା. ପ୍ରଭାସ ଚନ୍ଦ୍ର ସ୍ୱାଇଁ, ସିଡିପିଓ ଜ୍ୟୋତ୍ସ୍ନାରାଣୀ ମଲ୍ଲିକ, ଏବିଡିଓ ଅଶୋକ କୁମାର ମହାନ୍ତି, ବିପିଏମ ପ୍ରଭାସ ଚନ୍ଦ୍ର ତ୍ରିପାଠୀ, ସୁପରଭାଇଜର ଲିପସା ପ୍ରିୟଦର୍ଶିନୀ ଓ ଆରଡି ସହକାରୀ ଯନ୍ତ୍ରୀ ଶିଶିର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ସୁଭଦ୍ରା କ୍ଷେତ୍ରରେ ବାସି ରଥଯାତ୍ରା

କୁଜଙ୍ଗ,୫।୭(ସ୍ୱ.ପ୍ର.)

**ଯୋଗଦେଲେ ୧୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ**

ଏରସମା ବ୍ଲକ ଗଡ଼କୁଜଙ୍ଗ ସ୍ଥିତ ସୁଭଦ୍ରା କ୍ଷେତ୍ରରେ ଶୁକ୍ରବାର କୁଞ୍ଜବିହାରୀଙ୍କ ବାସୀ ରଥଯାତ୍ରା ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଛି। ବର୍ଷା ସତ୍ତ୍ୱେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଅପରାହ୍ନ ୩ଟା ପରେ ଶ୍ରଦ୍ଧାଳୁମାନେ ଠାକୁରଙ୍କୁ ରଥ ଉପରେ ଦର୍ଶନ କରିଥିଲେ। ଅପରାହ୍ନ ୫ଟାରେ ରୀତିନୀତି ସମ୍ପନ୍ନ ପରେ ମନ୍ଦିର ପରିଚାଳନା ଟ୍ରଷ୍ଟି ରାଜେନ୍ଦ୍ର କୁମାର ବେହେରା ଛେରା ପହଁରା କରିଥିଲେ। ଏହା ପରେ ରଥ ଟଣା ଆରମ୍ଭ ହୋଇଥିଲା। ବଡ଼ ଦାଣ୍ଡରେ ଥିବା ପ୍ରଭୁଙ୍କ ମାମୁ ଘର ରଘୁନାଥ ଜୀଉ ମଠଠାରେ ମହନ୍ତ ଅମୃତ ଦାସ ପାରମ୍ପରିକ ରୀତିରେ ପୂଜା କରିବା ସହ ଭୋଗଲାଗି କରିଥିଲେ। ସନ୍ଧ୍ୟା ୭ଟାରେ ରଥ ମାଉସୀ ମା ମନ୍ଦିର ନିକଟରେ ପହଞ୍ଚିଥିଲା। ଏହି ରଥ ଶ୍ରୀଗୁଣ୍ଡିଚା ପରଦିନ ଟଣାଯାଉଥିବାରୁ ଏହାକୁ ବାସୀ ରଥଯାତ୍ରା କୁହାଯାଏ। ଗୁରୁବାର ରାତିରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ପହଣ୍ଡିରେ ଆସି ରଥାରଢ ହୋଇଥିଲେ। ପୂର୍ବତନ ମନ୍ତ୍ରୀ ତଥା ମନ୍ଦିରର ମୁଖ୍ୟ ପୃଷ୍ଠ ପୋଷକ ଦାମୋଦର ରାଉତ, ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଶୁକ୍ରବାର ବିଧାୟକ ତଥା ମନ୍ଦିରର ଠାକୁର ରାଜା ରାଉତରାୟ, ପୂର୍ବତନ ଏମ୍‌ପି କୁଳମଣୀ ସାମଲ, ଏରସମା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଣବ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ସରପଞ୍ଚ ସମ୍ପଦ କୁମାର ବାରିକ, ବିଷ୍ଣୁଚରଣ ପ୍ରଧାନ, ଯଦୁନାଥ ଖଟୁଆ, ବିଜୟଚାନ୍ଦ ନାୟକ, ନବକଳେବର କମିଟି କାର୍ଯ୍ୟକାରୀ ସଭାପତି ସଞ୍ଜୟ ମହାନ୍ତି, ନକୁଳ ନାୟକ, ପ୍ରଶାନ୍ତ ମହାପାତ୍ର, ତାମିଲ ପ୍ରଧାନ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ। ପ୍ରତିକୂଳ ପାଗ ସତ୍ତ୍ୱେ ୧୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।



କୁଜଙ୍ଗ ସୁଭଦ୍ରା କ୍ଷେତ୍ରରେ କୁଞ୍ଜବିହାରୀଙ୍କ ରଥକୁ ଶ୍ରଦ୍ଧାଳୁମାନେ ଟାଣୁଛନ୍ତି।

# ମାଟିଘରର ସାହିତ୍ୟ ଆସର

ରାହାମା,୫।୭(ଡି.ଏନ୍.ଏ.)

କୁଜଙ୍ଗ ବ୍ଲକ୍ ରାହାମାସ୍ଥିତ ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ମାଟିଘର ପକ୍ଷରୁ ବର୍ଷା କାଳୀନ କବିତା ଆସର ଅନୁଷ୍ଠିତ ହୋଇଛି। ଏଥିସହ ଅନୁଷ୍ଠାନର ବାର୍ଷିକ ଉତ୍ସବ ଓ ମୁଖପତ୍ର ପ୍ରକାଶ ପାଇଁ ଚୁଡାନ୍ତ ପ୍ରସ୍ତୁତି ବୈଠକ କରାଯାଇଛି। ଅନୁଷ୍ଠାନର ସଭାପତି ପ୍ରଧାପକ ଡ.କ୍ଷୀରୋଦ କୁମାର ଓଝାଙ୍କ ସଭାପତିତ୍ୱରେ ବହୁ କବି, ସାହିତ୍ୟିକ, ଖବରଦାତା, ସାରସ୍ୱତ ସାଧକ ଯୋଗଦେଇ ସାହିତ୍ୟ ଅନୁଷ୍ଠାନକୁ ସମୃଦ୍ଧ କରିବାକୁ ବହୁ ମୂଲ୍ୟ ପରାମର୍ଶ ଦେଇଥିଲେ। ସମ୍ପାଦକ ବିଷ୍ଣୁ ପ୍ରସାଦ ସେଠୀ ପୂର୍ବବିବରଣୀ ପାଠ ସହ ବାର୍ଷିକ ମୁଖପତ୍ର ସମ୍ପର୍କରେ କହିଥିଲେ। ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଅଧିକାରୀ ରମାକାନ୍ତ ଦାସ, ବ୍ରଜ କିଶୋର ମହାରାଜ, ରବୀନ୍ଦ୍ର କୁମାର ସାହୁ, ଟୁକନ ଚରଣ ସେଠୀ, ବିଭୂତି ଭୂଷଣ ଦାସ, କବି ଆଡ୍‌ଭୋକେଟ୍ ପ୍ରଶାନ୍ତ କୁମାର ଦାସ ପ୍ରମୁଖ ଅନୁଷ୍ଠାନର ନିଜସ୍ୱ ଗୃହ, ମୁଖପତ୍ର ଉନ୍ମୋଚନ ସମ୍ପର୍କରେ କହିଥିଲେ। ସଞ୍ଜୁକ୍ତା ସାହୁ, ଇନ୍ଦୁପ୍ରଭା ବିଶ୍ୱାଳ, ସରସ୍ୱତୀ ଦାସ, ପ୍ରଭାତ ଜେନା, ସୁଶାନ୍ତ ମହାନ୍ତି, ଧିରେନ୍ଦ୍ର ବେହେରା, ସୁଚିତ୍ରା ମହାନ୍ତି, କାଦମ୍ବିନୀ ଦାସ, ଗୀତାଞ୍ଜଳି ସେନାପତି, ନୃସିଂହ ବାରିକ, ବିଜୟ ମୁଦୁଲି, ବିନୋଦ ମୁଦୁଲି ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ।

# ୭୫୦ ଲିଟର ଦେଶୀ ମଦ ଜବତ, ୨ ଗିରଫ

ଜଗତ୍‌ସିଂହପୁର ଅଫିସ, ୫।୭

ନାଉଗାଁ ଥାନା ଗାରୋଇ ଆଶ୍ରମ ଛକ ନିକଟରୁ ୭୫୦ ଲିଟର ଦେଶୀ ମଦ ଓ ଏକ ଚାରି ଚକିଆ ଯାନ ଜବତ ହୋଇଛି। ଏଥିସହ ୨ ଜଣଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ନାଉଗାଁ ଥାନା ଜାମୁଗାଁର ଧର୍ମେନ୍ଦ୍ର ରାଉତ ଓ ବାଲିକୁଦା ଥାନା ଅଙ୍କୋର ପ୍ରଶାନ୍ତ ସାହୁ। ଏ ସମ୍ପର୍କରେ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ରତିକାନ୍ତ ପଣ୍ଡା କହିଛନ୍ତି ଯେ, ନାଉଗାଁ-ମାଛଗାଁ ରାସ୍ତାର ଗାରୋଇ ଆଶ୍ରମ ନିକଟରେ ଦେଶୀ ମଦ ଗାଡି ଯାଉଥିବାବେଳେ ଅବକାରୀ ଓଆଇସି ମାନସୀ ସାହୁଙ୍କ ନେତୃତ୍ୱରେ ତଲାସି ହୋଇଥିଲା। ଉକ୍ତ ଗାଡିରୁ ୧୫୦ ପେଟି ଆସ୍କା ଫର୍ଟି ମିଳିଥିଲା। ଏହା କଟକରୁ ଆସିଥିବା ଜଣାପଡିଛି। ସୂଚନାଯୋଗ୍ୟ, ଜିଲାରେ କେବଳ ଦେଶୀ ମଦ ନୁହେଁ, ବିଦେଶୀ ମଦ, ଗଞ୍ଜେଇ ଓ ଅଫିମ, ଏପରି କି ବ୍ରାଉନ ସୁଗାର ମଧ ଅବାଧରେ ବିକ୍ରି ହେଉଛି। ଏସବୁ ଜାଣି ମଧ ଅବକାରୀ ବିଭାଗ ଓ ପୋଲିସ ନୀରବ ରହୁଛି। କେବଳ ଟାର୍ଗେଟ୍ ଓ ମାମଲା ସଂଖ୍ୟା ପୂରଣ ପାଇଁ ମଝିରେ ମଝିରେ ଚଢାଉ କରାଯାଉଛି।

**ଚିକିଟି ମହାବିଦ୍ୟାଳୟ, ଚିକିଟି, ଗଞ୍ଜାମ**

ଓଡ଼ିଶା, ପିନ: ୭୬୧୦୧୦, ଦୂରଭାଷ: ୦୬୮୦-୨୪୯୭୨୮୭, ମେଲ୍: cmv15.08.1980@gmail.com

**ନାମଲେଖା ବିଜ୍ଞାପନ**

ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଚିଠି ସଂଖ୍ୟା ନଂ: ୧୨୪୦୮/ତା୧୯।୦୬।୨୦୧୯ରିଖ ଅନୁସାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର ସହବନ୍ଧିତ ହୋଇ ସ୍ନାତକୋତ୍ତର ଓଡ଼ିଆ ବିଭାଗର ୧୬ଟି ସିଟ୍ ଚଳିତ ଶିକ୍ଷା ବର୍ଷ (୨୦୧୯-୨୦) ଖୋଲିବା ନିମନ୍ତେ ଅନୁମତି ମିଳିଛି। ଏଥିସକାଶେ ସ୍ନାତକ ଉତ୍ତୀର୍ଣ୍ଣ ଆଗ୍ରହୀ ଛାତ୍ରଛାତ୍ରୀଙ୍କଠାରୁ ଆବେଦନ ପତ୍ର ଆହ୍ୱାନ କରାଯାଉଛି। ସବିଶେଷ ବିବରଣୀ କଲେଜ୍ ୱେବସାଇଟ୍ www.cmvedu.in ରେ ଦୁଇଦିନ ପରେ ଉପଲବ୍ଧ ହେବ।

Sd./- Principal, Chikiti Mahavidyalaya, Chikiti (Gm.)

बैंक ऑफ़ बड़ौदा Bank of Baroda

କ୍ଷେତ୍ରୀୟ କାର୍ଯ୍ୟାଳୟ : ଭୁବନେଶ୍ୱର କ୍ଷେତ୍ର, ପ୍ରଥମ ମହଲା, ବିଭବ ଗୁଲମୋହର, ବେହେରା ସାହି, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨

**ଲିଜ୍ ଭିତ୍ତିରେ ଗୃହ ଆବଶ୍ୟକ**

ବ୍ୟାଙ୍କ ଅଫ ବରୋଦା ଏହାର ଶାଖା ଖୋଲିବା ପାଇଁ ଦୁଇ ବିଡ୍ ବ୍ୟବସ୍ଥା ମାଧ୍ୟମରେ ନିମ୍ନଲିଖିତ ସ୍ଥାନରେ ଲିଜ୍ ଭିତ୍ତିରେ ଆବଶ୍ୟକ କରୁଥିବା ଗୃହ ନିମନ୍ତେ ପ୍ରସ୍ତାବମାନ ଆହ୍ୱାନ କରୁଅଛି। ଗୃହ ତଳ ମହଲାରେ ହୋଇଥିଲେ ପସନ୍ଦଯୋଗ୍ୟ।

| | |
|---|---|
| ଜନପଥ / ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ / ବିଦ୍ୟୁତ ମାର୍ଗ / ନୟାପଲ୍ଲୀ | ୨୦୦୦ ବର୍ଗଫୁଟ |

ସବିଶେଷ ବିବରଣୀ ନିମନ୍ତେ ଆମ୍ଭର ୱେବସାଇଟ www.bankofbaroda.com ର ଟେଣ୍ଡର ବିଭାଗକୁ ଲଗ୍ ଅନ୍ କରନ୍ତୁ କିମ୍ବା ୦୬୭୪-୨୪୨୧୨୧୦ରେ ଯୋଗାଯୋଗ କରନ୍ତୁ। ପ୍ରସ୍ତାବ ଦାଖଲର ଅନ୍ତିମ ତାରିଖ: ୨୬.୦୭.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ।

ଉପ-ମହାପ୍ରବନ୍ଧକ




**ଆଲ୍ଲାହାବାଦ ବ୍ୟାଙ୍କ**
(ଭାରତ ସରକାରଙ୍କ ଉପକ୍ରମ)
ଭୁବନେଶ୍ୱର ମୁଖ୍ୟ ଶାଖା, ୧୫୯, ବାପୁଜୀ ନଗର, ଭୁବନେଶ୍ୱର-୭୫୧୦୦୯

**ଦଖଲ ନୋଟିସ୍**
(ସ୍ଥାବର / ଅସ୍ଥାବର ସମ୍ପତ୍ତି ନିମନ୍ତେ)

କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ (ସିକ୍ୟୁରିଟି) ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୩ ଅନୁଯାୟୀ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।
ଯେହେତୁ ଋଣଗ୍ରହୀତା ଏବଂ ଜାମିନ୍‌ଦାର ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଓ ଜାମିନ୍‌ଦାରଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ଆକାଉଣ୍ଟର ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି।
ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତା, ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଆଲ୍ଲାହାବାଦ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖା** ନିକଟରେ ଉତ୍ତରଦାୟୀ ରହିବେ।
***ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।***

| ଋଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କ ନାମ ଓ ଠିକଣା / ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ଡ଼ିମାଣ୍ଡ ନୋଟିସ୍ ତାରିଖ ଅନୁଯାୟୀ ବକେୟା ଦେୟ |
|---|---|---|---|---|
| **ଋଣଗ୍ରହୀତା: ମେସର୍ସ ମା ଭବାନୀ କନ୍‌ଫେକ୍ସନେରୀ, ସତ୍ତ୍ୱାଧିକାରୀ: ଶ୍ରୀ ଅଶୋକ କୁମାର ପାତ୍ର,** ଇଡ୍‌କୋ ପ୍ଲଟ ନଂ.-୨୨ ଏବଂ ୨୩, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯, **ଶ୍ରୀ ଅଶୋକ କୁମାର ପାତ୍ର (ସତ୍ତ୍ୱାଧିକାରୀ) ଓ ଶ୍ରୀମତୀ ବିଶ୍ୱ ବନ୍ଦିତା ପାତ୍ର (ଜାମିନ୍‌ଦାର),** ସ୍ୱା-ଶ୍ରୀ ଅଶୋକ କୁମାର ପାତ୍ର, ଉଭୟଙ୍କ ଠିକଣା: ପ୍ଲଟ ନଂ.୫୯୩, ପୂର୍ଣ୍ଣମା ଗେଟ୍, ଗରାବଢୁ ମଶାଣି ନିକଟ, ଭୁବନେଶ୍ୱର- ୭୫୧୦୦୨, **ସମ୍ପତ୍ତିର ମାଲିକ- ମେସର୍ସ ମା ଭବାନୀ କନ୍‌ଫେକ୍ସନେରୀ, ସତ୍ତ୍ୱାଧିକାରୀ :ଶ୍ରୀ ଅଶୋକ କୁମାର ପାତ୍ର।** | (୧)ମେସର୍ସ ମା ଭବାନୀ **କନ୍‌ଫେକ୍ସନେରୀ** ନାମରେ ଥିବା ଫ୍ୟାକ୍ଟ୍ରି ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଇଡ୍‌କୋ ପ୍ଲଟ ନଂ.-୨୨ ଏବଂ ୨୩, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର- ୭୫୧୦୧୯, ମୌଜା- ଭଗବାନପୁର, ଖାତା ନଂ.-୫୦୩, ରେଭିନ୍ୟୁ ପ୍ଲଟ ନଂ.-୫୪(ପି), ଏରିଆ- ଏକର୦.୩୪୦ ଡିସିମିଲି (୧୦୦ ଫୁଟ X ୧୪୫ ଫୁଟ), ଜିଲ୍ଲା- ଖୋର୍ଦ୍ଧା, ତହସିଲି- ଭୁବନେଶ୍ୱର, ଏସ୍‌ଆରଓ- ଖଣ୍ଡଗିରି, ଚଉହଦି: ଉତର- ରାସ୍ତା, ଦକ୍ଷିଣ- ପ୍ଲଟ ନଂ.-୨୬ ଏବଂ ୨୭, ପୂର୍ବ- ରାସ୍ତା, ପଶ୍ଚିମ- ପ୍ଲଟ ନଂ.୨୧। (୨)ଇଡ୍‌କୋ ପ୍ଲଟ ନଂ.-୨୨ ଏବଂ ୨୩, ଖାତା ନଂ.୫୦୩, ମୌଜା-ଭଗବାନପୁର, ତହସିଲି- ଭୁବନେଶ୍ୱର, ଏସ୍‌ଆରଓ- ଖଣ୍ଡଗିରି, ଜିଲ୍ଲା-ଖୋର୍ଦ୍ଧା, ପିନ୍-୭୫୧୦୧୯ ରେ ସ୍ଥାପିତ ହୋଇଥିବା ପ୍ଲାଣ୍ଟ ଏବଂ ମେସିନାରୀ ଯାହା **ମେସର୍ସ ମା ଭବାନୀ କନ୍‌ଫେକ୍ସନେରୀ** ନାମରେ ଅଛି। | ୨୯.୦୪.୨୦୧୯ | ୦୩.୦୭.୨୦୧୯ | ଟ.୨,୧୩,୧୧,୩୮୮.୩୩ + ସେବାବଦ ସୁଧ, ଖର୍ଚ୍ଚଏବଂ ଅନ୍ୟାନ୍ୟ ଦେୟ |

ସ୍ଥାନ-ଭୁବନେଶ୍ୱର, ତାରିଖ-୦୫.୦୭.୨୦୧୯

କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ



## ସଂକ୍ଷେପରେ

### ପୁଞ୍ଜି ପ୍ରତ୍ୟାହାର ଲକ୍ଷ୍ୟ ୧.୦୫ ଲକ୍ଷ କୋଟି

**ନୂଆଦିଲ୍ଲୀ,୫-୭:**୨୦୧୯-୨୦ ଆର୍ଥିକ ବର୍ଷ ଲାଗି ୧.୦୫ ଲକ୍ଷ କୋଟି ଟଙ୍କାର ପୁଞ୍ଜି ପ୍ରତ୍ୟାହାର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏହା ଅନ୍ତରୀଣ ବଜେଟରେ ୯୦,୦୦୦ କୋଟି ଟଙ୍କା ରହିଥିଲା। ଦେଶର ମୋଟ ଜିଡିପିକୁ ବାହ୍ୟ ଋଣ କ୍ଷେତ୍ରରେ ଭାରତ ସାରା ବିଶ୍ୱ ସ୍ତରରେ କମ୍ ରହିଛି। ଏହା ଘରୋଇ ବଜାରରେ ୫% ରହିଛି। ୧,୨,୫,୧୦ ଏବଂ ୨୦ ବର୍ଗରେ ନୂଆ କଏନ ବଜାରକୁ ଆସିବ ବୋଲି ବଜେଟରେ ସୂଚନା ଦିଆଯାଇଛି। ଏହା ଦ୍ୱାରା ଦୃଷ୍ଟିବାଧିତଙ୍କୁ ମୁଦ୍ରା ଚିହ୍ନଟ କରିବାରେ ସହାୟକ ହେବ।

### ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ମିଳିବ ୭୦,୦୦୦ କୋଟି

**ନୂଆଦିଲ୍ଲୀ,୫-୭:**ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକୁ ୭୦,୦୦୦ କୋଟି ଟଙ୍କାର ପୁଞ୍ଜି ସହାୟତା ପ୍ରଦାନ କରିବାକୁ ସରକାର ବଜେଟରେ ପ୍ରସ୍ତାବ ଦେଇଛନ୍ତି। ଏହା ବ୍ୟାଙ୍କଗୁଡିକୁ ସଶକ୍ତ କରିବା ଦିଗରେ ସହାୟକ ହେବ। ଏହା ଫଳରେ ବ୍ୟାଙ୍କଗୁଡିକର ଋଣ ପ୍ରଦାନ ଧାରା ତ୍ୱରାନ୍ୱିତ ହେବ ବୋଲି ସରକାର କହିଛନ୍ତି।

### ଏଫ୍‌ଡିଆଇ କୋହଳ ପ୍ରସ୍ତାବ

**ନୂଆଦିଲ୍ଲୀ,୫-୭:** ମିଡିଆ, ବିମାନ ଚଳାଚଳ, ବୀମା ଏବଂ ଏକକ ବ୍ରାଣ୍ଡ ରିଟେଲ୍ କ୍ଷେତ୍ରରେ ଏଫ୍‌ଡିଆଇ ନିୟମ କୋହଳ କରିବାକୁ ବଜେଟରେ ପ୍ରସ୍ତାବ ଦିଆଯାଇଛି। ଉପରୋକ୍ତ କ୍ଷେତ୍ରଗୁଡିକ ସହ ଆନିମେଶନ, ଭିଜୁଆଲ ଇଫେକ୍ଟ, ଗେମିଂ, କମିକ୍ସ ଏବଂ ବୀମା କ୍ଷେତ୍ରରେ ଏଫ୍‌ଡିଆଇ ଆକୃଷ୍ଟ କରିବା ପାଇଁ ଅଂଶୀଦାରଙ୍କ ସହ ଆଲୋଚନା କରାଯାଉଥିବା ସୀତାରାମନ କହିଛନ୍ତି। ବୀମା କ୍ଷେତ୍ରରେ ମଧ୍ୟସ୍ଥଙ୍କ ଲାଗି ୧୦୦% ଏଫ୍‌ଡିଆଇ ଏବଂ ଏକକ ବ୍ରାଣ୍ଡ ରିଟେଲ କ୍ଷେତ୍ରରେ ସ୍ଥାନୀୟ ସୋର୍ସିଂ ନିୟମ ଉପରେ ବିଚାର କରାଯିବାକୁ ପ୍ରସ୍ତାବ ରହିଛି।

### ନିବେଶକ ହରାଇଲେ ୨.୨୨ ଲକ୍ଷ କୋଟି

**ନୂଆଦିଲ୍ଲୀ,୫-୭:**ସରକାରଙ୍କ ବଜେଟ ଘୋଷଣା ଦେଶର ପୁଞ୍ଜି ବଜାର ଉପରେ ପ୍ରଭାବ ପକାଇଛି। ଶୁକ୍ରବାର ବଜେଟ ଘୋଷଣା ପରେ ବମ୍ବେ ଷ୍ଟକ ବଜାରରେ ସୂଚକାଙ୍କ ୩୯୫ ପଏଣ୍ଟ ଖସି ଆସିଥିବା ଦେଖାଯାଇଥିଲା। ଏଥିଲାଗି ନିବେଶକଙ୍କ ସମ୍ପତ୍ତିରେ ୨.୨୨ ଲକ୍ଷ କୋଟି ଟଙ୍କା ହ୍ରାସ ହୋଇଥିବା ଷ୍ଟକ ବଜାର ସୂତ୍ରରୁ ସୂଚନା ରହିଛି।

### ପେଟ୍ରୋଲ, ଡିଜେଲ ମୂଲ୍ୟ ବଢ଼ିଲା

**ନୂଆଦିଲ୍ଲୀ,୫-୭:** ବଜେଟ ଯୋଜନା ମୁତାବକ ଇନ୍ଧନ ଉପରେ ଟିକସ ବୃଦ୍ଧି ହେବା ଯୋଗୁ ପେଟ୍ରୋଲ ଏବଂ ଡିଜେଲ ଦର ବୃଦ୍ଧି ଘଟିଛି। ପେଟ୍ରୋଲ ଦର ଶୁକ୍ରବାର ୨.୫ ଟଙ୍କା ଏବଂ ଡିଜେଲ ଦର ୨.୩ ଟଙ୍କା ବଢିଥିବା ଜଣା ପଡିଛି। ଇନ୍ଧନ ଉପରେ ଉତ୍ପାଦ ଟିକସ ଏବଂ ଭିତ୍ତିଭୂମି ସେସ୍ ଲାଗୁ ହେବାରୁ ଏଭଳି ଦର ବୃଦ୍ଧି ଘଟିଛି। ଏହି କ୍ଷେତ୍ରରୁ ୨୮୦୦୦ କୋଟି ଟଙ୍କା ସଂଗ୍ରହ କରିବା ସରକାର ଉଭୟ ପେଟ୍ରୋଲ ଏବଂ ଡିଜେଲରେ ୨ ଟଙ୍କା ଲେଖାଏ ଟିକସ ଲାଗୁ କରିଛନ୍ତି।

### ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ୩.୩%

**ନୂଆଦିଲ୍ଲୀ,୫-୭:**ଚଳିତ ଆର୍ଥିକ ବର୍ଷ ଲାଗି ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟକୁ ହ୍ରାସ କରାଯାଇ ୩.୩% କରାଯାଇଛି। ଏହା ପୂର୍ବ ଆର୍ଥିକ ବର୍ଷରେ ୩.୪% ରହିଥିଲା। ୨୦୧୯-୨୦ ଆର୍ଥିକ ବର୍ଷର ଅନ୍ତରୀଣ ବଜେଟରେ ବିତ୍ତୀୟ ନିଅଣ୍ଟ ୩.୪% ରହିବ ବୋଲି ଆକଳନ କରାଯାଇଥିଲା।

### ବାସଗୃହ ଋଣ ଉପରେ ଅତିରିକ୍ତ ଟିକସ ରିହାତି

**ନୂଆଦିଲ୍ଲୀ,୫-୭:**୨୦୨୦ ମାର୍ଚ୍ଚ ପର୍ଯ୍ୟନ୍ତ ଗ୍ରାହକ ନେଉଥିବା ବାସଗୃହ ଋଣ ଉପରେ ପ୍ରଦାନ କରୁଥିବା ସୁଧ ଉପରେ ଅତିରିକ୍ତ ୧.୫୦ ଲକ୍ଷ କୋଟି ଟଙ୍କାର ଅତିରିକ୍ତ ଟିକସ ରିହାତି ପ୍ରଦାନ ନେଇ ସରକାର ଘୋଷଣା କରିଛନ୍ତି। ସେହିଭଳି ଇ-ଯାନ କ୍ରୟ ଲାଗି ଋଣ ଉପରେ ୧.୫ ଲକ୍ଷ ଟଙ୍କାର ଆୟକର ରିହାତି ପ୍ରଦାନ କରିବାକୁ ପ୍ରସ୍ତାବ ଦିଆଯାଇଛି। ଲିଥିୟମ ବ୍ୟାଟେରି ଏବଂ ସୋଲାର ଚାର୍ଜର୍ସ ପ୍ରଡକ୍ଟ ମାନୁଫାକଚରରଙ୍କ ଲାଗି ନିବେଶ ସଂଯୋଗ ଟିକସ ସୁବିଧା ପ୍ରଦାନ କରିବାକୁ ବଜେଟରେ କୁହାଯାଇଛି।

# ରେଳ ଭିତ୍ତିଭୂମି ବିକାଶ ଉପରେ ଫୋକସ

**ନୂଆଦିଲ୍ଲୀ,୫-୭**



- ବଜେଟ୍ ସହାୟତା ୬୫,୮୩୭ କୋଟି
- ୨୦୩୦ ସୁଦ୍ଧା ୫୦ ଲକ୍ଷ କୋଟି ନିବେଶ ଆବଶ୍ୟକତା
- ପିପିପିରେ ପ୍ରକଳ୍ପ ଉନ୍ନତୀକରଣକୁ ଗୁରୁତ୍ୱ

ବଜେଟରେ କେନ୍ଦ୍ର ସରକାର ରେଳ ଭିତ୍ତିଭୂମି ବିକାଶ ଉପରେ ଫୋକସ ରଖିଛନ୍ତି। ୨୦୧୮ରୁ ୨୦୩୦ ସୁଦ୍ଧା ଦେଶର ରେଳ ଭିତ୍ତିଭୂମିରେ ୫୦ ଲକ୍ଷ କୋଟି ଟଙ୍କାର ନିବେଶ ଆବଶ୍ୟକତା ରହିଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବଜେଟ ଉପସ୍ଥାପନ କରି ଏହା କହିଛନ୍ତି। ଚଳିତ ବର୍ଷ ରେଲୱେରେ ମୋଟ ୧.୬୦ ଲକ୍ଷ କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏହା ସର୍ବାଧିକ ଥିବା ଜଣା ପଡିଛି। ରେଲୱେକୁ ବଜେଟରେ ୬୫,୮୩୭ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ଗତ ବର୍ଷ ରେଲୱେରେ ମୋଟ୍ ପୁଞ୍ଜି ବିନିଯୋଗ ଲକ୍ଷ୍ୟ ୧.୪୮ ଲକ୍ଷ କୋଟି ଟଙ୍କା ବେଳେ ବଜେଟ ସହାୟତା ଭାବେ ୫୫,୦୮୮ କୋଟି ଟଙ୍କା ମିଳିଥିଲା।

ବଜେଟରେ ପ୍ରଦାନ କରାଯାଇଥିବା ଅର୍ଥରେ ନୂଆ ଲାଇନ ବିଛାଇବା ଲାଗି ୭,୨୫୫ କୋଟି, ଗଜ୍ ପରିବର୍ତ୍ତନ ଲାଗି ୨,୨୦୦ କୋଟି, ଲାଇନ୍ ଦୋହରୀକରଣ ବାବଦକୁ ୭୦୦ କୋଟି, ରୋଲି ଷ୍ଟକ ପାଇଁ ୬,୧୧୪.୮୨ କୋଟି ଏବଂ ସିଗ୍ନାଲ ଉନ୍ନତୀକରଣ ଓ ଟେଲିକମ୍ ପାଇଁ ୧୭୫୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ଅନ୍ତରୀଣ ବଜେଟ ଭଳି ଏହି ବ୍ୟୟବରାଦ ସମାନ ରହିଛି। ରେଳ ସଂଯୋଗକୁ ପ୍ରୋତ୍ସାହନ ଏବଂ ଯାତ୍ରୀ, ମାଲ୍ ପରିବହନ ସେବା ତ୍ୱରାନ୍ୱିତ କରିବା ଲାଗି ସରକାରୀ ଘରୋଇ ସହଭାଗିତା ନେଇ ବଜେଟରେ ପ୍ରସ୍ତାବ ଦିଆଯାଇଛି। ସ୍ପେଶାଲ ପର୍‌ପୋଜ ଭେହିକିଲ(ଏସ୍‌ପିଭି) ଦ୍ୱାରା ସହରତଳି ଅଞ୍ଚଳଗୁଡିକରେ ଚଳାଚଳ କରୁଥିବା ରେଳ ଭିତ୍ତିଭୂମି ବିକାଶ, ପିପିରେ ମେଟ୍ରୋ ରେଳ ପ୍ରକଳ୍ପ ଉନ୍ନତିକୁ ପ୍ରୋତ୍ସାହିତ କରିବାକୁ ପ୍ରସ୍ତାବ ରଖାଯାଇଛି। ନଦୀଗୁଡିକରେ ମାଲ ପରିବହନ ଦ୍ୱାରା ସଡକ ଏବଂ ରେଳ ପଥରେ ଟ୍ରାଫିକ କମାଯାଇ ପାରିବ ବୋଲି ସୀତାରାମନ ବଜେଟରେ ଗୁରୁତ୍ୱାରୋପ କରିଛନ୍ତି। ଚଳିତ ବର୍ଷ ରେଳ ଷ୍ଟେଶନ ବିକାଶ ପ୍ରକଳ୍ପ ଆରମ୍ଭ ହେବ ବୋଲି ସେ କହିଛନ୍ତି।

ଯାତ୍ରୀ ସେବା ଉନ୍ନତୀକରଣ ଉପରେ ସୀତାରାମନ କହିଛନ୍ତି ଯେ, ଯାତ୍ରୀ ସେବାକୁ ସରକାର ପ୍ରାଥମିକତା ଦେଉଛନ୍ତି। ଯୋଜନା ମୁତାବକ ଏଥିରେ ବ୍ୟୟ ବରାଦ ହେଉଛି। ବଜେଟରେ ସରକାର ଏଥି ଲାଗି ଚଳିତ ବର୍ଷ ୩,୪୨୨.୫୭ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ସେହିଭଳି ଯାତ୍ରୀ ସୁବିଧାକୁ ତ୍ୱରାନ୍ୱିତ କରିବା ଲାଗି ସରକାର ଅତିରିକ୍ତ ୧୦୦୦ କୋଟି ଟଙ୍କାର ବ୍ୟୟ ନେଇ ଲକ୍ଷ୍ୟ ରଖିଛନ୍ତି। ସେହିଭଳି କର୍ମଚାରୀଙ୍କ ବେତନ ବାବଦ ଅର୍ଥ ପ୍ରଦାନ ରେଲୱେ ପାଇଁ ମୁଣ୍ଡବ୍ୟଥାର କାରଣ ହେଉଛି। ଏହା ଚଳିତ ବର୍ଷ ୮୬,୫୫୪.୩୧ କୋଟି ଟଙ୍କା ରହିବ ବୋଲି ଆକଳନ କରାଯାଇଛି। ଯାହା ଗତ ବର୍ଷ ତୁଳନାରେ ୧୪,୦୦୦ କୋଟି ଟଙ୍କା ଅଧିକ। ଏହାବାଦ୍ ନିର୍ଭୟା ପାଣ୍ଠି ଲାଗି ୨୬୭.୬୪ କୋଟି, ଏମର୍ଜେନ୍ସି ଇଣ୍ଟିଗ୍ରେଟେଡ ରେସପନ୍ସ ମ୍ୟାନେଜମେଣ୍ଟ ସିଷ୍ଟମ (ଆଇଇଆର୍‌ଏମ୍) ଲାଗି ୨୫୦ କୋଟି, କୋଙ୍କଣ ରେଲୱେ କର୍ପୋରେଶନ ଲିମିଟେଡ ଲାଗି ୧୭.୬୪ ପ୍ରଦାନ କରାଯାଇଛି। ୨୦୧୯-୨୦ ବର୍ଷ ଲାଗି ଗ୍ରସ୍ ଟ୍ରାଫିକ ରିସିପ୍ଟ ୨.୧୬ ଲକ୍ଷ କୋଟି ଟଙ୍କା ରହିଛି। ଏହା ୨୦୧୮-୧୯ ପରିବର୍ତ୍ତିତ ଆକଳନ ଅନୁସାରେ ୧୯,୯୯୧ କୋଟି ଟଙ୍କା ଅଧିକ।

# ୩ ଟ୍ରିଲିୟନ ଡଲାର ଛୁଇଁବ ଅର୍ଥନୀତି

**ନୂଆଦିଲ୍ଲୀ,୫-୭**




ଚଳିତ ଆର୍ଥିକ ବର୍ଷରେ ଦେଶର ଅର୍ଥନୀତି ୩ ଟ୍ରିଲିୟନ ଡଲାର ଛୁଇଁବ। ଆଗାମୀ ଦିନରେ ଦେଶର ଅର୍ଥ ବ୍ୟବସ୍ଥାକୁ ୫ ଟ୍ରିଲିୟନ ଡଲାର ବିଶିଷ୍ଟ କରିବା ନେଇ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଏହାକୁ ହାସଲ କରିବା ଲାଗି ଦେଶରେ ସଂସ୍କାର ଧାରା ଜାରି ରହିବା ଆବଶ୍ୟକ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବଜେଟ ଉପସ୍ଥାପନ ଅବସରରେ ସୂଚନା ଦେଇଛନ୍ତି। ପାଞ୍ଚ ବର୍ଷ ତଳେ ଦେଶର ଅର୍ଥନୀତି ୧.୮୫ ଲକ୍ଷ କୋଟି ଡଲାର ରହିଥିଲା। ଏହା ବର୍ତ୍ତମାନ ୨.୭ ଲକ୍ଷ କୋଟି ଡଲାର ଛୁଇଁଛି। ଆଗାମୀ ଦିନରେ ଅର୍ଥନୀତି ୫ ଲକ୍ଷ କୋଟି ଡଲାର ଛୁଇଁବା ନେଇ ଆଶାବାଦୀ ଥିବା ନିର୍ମଳା କହିଛନ୍ତି। ଗତ ୫ ବର୍ଷ ତଳେ ଦେଶର ଅର୍ଥନୀତି ସାରା ବିଶ୍ୱରେ ୧୧ତମ ସ୍ଥାନରେ ଥିଲା। ଏହା ବର୍ତ୍ତମାନ ୬କୁ ଉନ୍ନୀତ ହୋଇଛି। କ୍ରୟ କ୍ଷମତାକୁ ବିଚାର କଲେ ଭାରତ ଚାଇନା ଏବଂ ଆମେରିକା ପରେ ତୃତୀୟ ବୃହତ୍ ଅର୍ଥନୀତି ବୋଲି ନିର୍ମଳା କହିଛନ୍ତି।

ଗତ ପାଞ୍ଚ ବର୍ଷରେ ସରକାର ପରୋକ୍ଷ ଟିକସ, ରିୟଲ ଇଷ୍ଟେଟ ଏବଂ ବ୍ୟାଙ୍କରପ୍ସି ଭଳି କ୍ଷେତ୍ରରେ ବିଭିନ୍ନ ସଂସ୍କାର ଧାରା ଗ୍ରହଣ କରିଛନ୍ତି। ମୁଦ୍ରା ଋଣ ଦ୍ୱାରା ସାଧାରଣ ଲୋକଙ୍କ ବିକାଶ ହୋଇଛି। ଦେଶର ରୋଷେଇଘରଗୁଡିକ ଧୂଆଁମୁକ୍ତ, ପରିବାରଗୁଡିକୁ ବିଜୁଳି ଏବଂ ପାଇଖାନା ସହ ଯୋଡାଯିବା ଦ୍ୱାରା ମହିଳାଙ୍କ ସମ୍ମାନ ବୃଦ୍ଧି ହୋଇଛି। ଭିତ୍ତିଭୂମି, ନିଯୁକ୍ତି ସୃଷ୍ଟି ଏବଂ କ୍ଷୁଦ୍ର ଏବଂ ମଧ୍ୟମ ବର୍ଗର ଫାର୍ମଗୁଡିକରେ ନିବେଶ ନେଇ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଦେଶର ଅର୍ଥନୀତି ୧ ଲକ୍ଷ କୋଟି ଡଲାର ଛୁଇଁବା ଲାଗି ୫୫ ବର୍ଷ ଲାଗିଲା। ମାତ୍ର ଆଉ ଏକ ଟ୍ରିଲିୟନ ଡଲାର ଅର୍ଥନୀତି ଯୋଡିବା ଲାଗି ୫ ବର୍ଷ ଲାଗିଛି। ଏବେ ଦେଶ ୩ ଟ୍ରିଲିୟନ ଡଲାର ଅର୍ଥନୀତିର ନିକଟବର୍ତ୍ତୀ। ଏଥିରେ ଲୋକଙ୍କ ଆଶା, ବିଶ୍ୱାସ ଏବଂ ଆକାଂକ୍ଷା ଯୋଡି ହୋଇଥିବା ସୀତାରାମନ କହିଛନ୍ତି। ଦେଶର ଅଭିବୃଦ୍ଧି କ୍ଷୁଦ୍ର ତଥା ବୃହତ୍ ଶିଳ୍ପଗୁଡିକର ଅବଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ନିର୍ମଳା କହିଛନ୍ତି। ବର୍ତ୍ତମାନ ଦେଶର କମ୍ପାନୀଗୁଡିକ ମେକ୍ ଇନ ଇଣ୍ଡିଆକୁ ବୁଝିପାରିଥିବା ସେ ପ୍ରକାଶ କରିଛନ୍ତି। ଦେଶର କମ୍ପାନୀଗୁଡିକ ନିଯୁକ୍ତି ସୃଷ୍ଟି ଦିଗରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ବେଳେ ଦେଶର ସମ୍ପତ୍ତି ସୃଷ୍ଟିରେ ପ୍ରମୁଖ ଯୋଗଦାନ ରଖୁଥିବା ସେ ମତ ଦେଇଛନ୍ତି।

## ଧନୀଙ୍କଠୁ ଆଦାୟ ହେବ ସରଚାର୍ଜ

ବଜେଟ ୨୦୧୯ ଉପସ୍ଥାପନ କରି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ସଚ୍ଚୋଟ ଟିକସଦାତାଙ୍କୁ ଧନ୍ୟବାଦ ଦେଇଥିଲେ। ସେମାନେ ଦେଶର ଦାୟିତ୍ୱସମ୍ପନ୍ନ ନାଗରିକ ରୂପେ ଦେଶର ବିକାଶରେ ମୂଲ୍ୟବାନ ଯୋଗଦାନ ଦେଉଛନ୍ତି। ସେମାନଙ୍କ ଯୋଗୁ ଦେଶର ବିକାଶ ଚତୁର୍ମୁଖୀ ହେଉଛି। ତେବେ ଧନିକ ଶ୍ରେଣୀଙ୍କୁ ମୋଦି ସରକାର ଝଟକା ଦେଇଛନ୍ତି। ଏବେ ୨ରୁ ୫ କୋଟି ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ୩% ଏବଂ ୫ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଆୟ ଉପରେ ୭% ଅତିରିକ୍ତ ସରଚାର୍ଜ ଦେବାକୁ ହେବ। ଏହାଛଡ଼ା ବ୍ୟାଙ୍କରୁ ଗୋଟିଏ ବର୍ଷରେ ୧ କୋଟି ଟଙ୍କାରୁ ଅଧିକ ନଗଦ ରାଶି କାଢ଼ିବା କ୍ଷେତ୍ରରେ ଏହା ଉପରେ ୨% ଟିଡିଏସ୍ ଆଦାୟ କରାଯିବ। ଏହାର ଅର୍ଥ ବାର୍ଷିକ ୧ କୋଟି ଟଙ୍କା କାଢ଼ିବା ମାତ୍ରେ ଟିକସଦାତାଙ୍କଠାରୁ ୨ ଲକ୍ଷ ଟଙ୍କା କାଟି ନିଆଯିବ। ତେବେ ଅନ୍ତରୀଣ ବଜେଟରେ ଦିଆଯାଇଥିବା ବାର୍ଷିକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ଟିକସ ଛାଡ଼ ବଳବତ୍ତର ରହିଛି। ସେହିପରି ୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଆୟ ଉପରେ ଟିକସ ବ୍ୟବସ୍ଥା ଅପରିବର୍ତ୍ତିତ ରହିଛି। ତେବେ ଘର କିମ୍ବା ଇ-ଯାନ କିଣିବା କ୍ଷେତ୍ରରେ ଟିକସଦାତାଙ୍କୁ ଅତିରିକ୍ତ ଟିକସ ଛାଡ଼ ସୁବିଧା ମିଳିବ। ଇ-ଗାଡ଼ି କିଣିବା କ୍ଷେତ୍ରରେ ଋଣ ଉପରେ ଲାଗୁ ଥିବା ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧ ଉପରେ ଅତିରିକ୍ତ ଆୟକର ଛାଡ଼ ମିଳିବ। ପୂର୍ବରୁ ଏହା ଉପରେ ୨ ଲକ୍ଷ ଟଙ୍କାର ଛାଡ଼ ମିଳୁଛି। ଫଳରେ ଟିକସଦାତାଙ୍କୁ ମୋଟରେ ୩.୫ ଲକ୍ଷ ଟଙ୍କାର ଟିକସ ଛାଡ଼ ମିଳିବ।

# ଷ୍ଟାର୍ଟଅପ୍‌ଗୁଡ଼ିକୁ ମିଳିବ ପ୍ରୋତ୍ସାହନ

**ନୂଆଦିଲ୍ଲୀ,୫-୭**

ଦେଶ ମଧ୍ୟରେ ଷ୍ଟାର୍ଟଅପଗୁଡିକୁ ସରକାର ପ୍ରୋତ୍ସାହିତ କରିବେ ବୋଲି ବଜେଟରେ ଘୋଷଣା କରିଛନ୍ତି। ଏଥି ଲାଗି ବିଭିନ୍ନ ପ୍ରୋତ୍ସାହନ ଯୋଜନା ଗ୍ରହଣ କରାଯିବାର କାର୍ଯ୍ୟକ୍ରମ ରହିଛି। ଫଇସଲା ହୋଇ ନ ଥିବା ଆୟକର ମାମଲାର ସମାଧାନ କରିବାକୁ ସରକାର ପଦକ୍ଷେପ ନେବେ। କମ୍ପାନୀଗୁଡିକୁ ଉତ୍ସାହିତ କରିବା ଲାଗି ଏଭଳି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି। ଷ୍ଟାର୍ଟଅପଗୁଡିକର ନିରନ୍ତର ଅଭିବୃଦ୍ଧି ଲାଗି ତୃଣମୂଳ ସ୍ତରରୁ ପଦକ୍ଷେପ ନେବା ଉପରେ ବଜେଟରେ ଗୁରୁତ୍ୱାରୋପ କରାଯାଇଛି। ଆଞ୍ଜେଲ ଟିକସ ସମାଧାନ ଲାଗି ଷ୍ଟାର୍ଟଅପ ଏବଂ ନିବେଶକଙ୍କ ଲାଗି କୋହଳ ବ୍ୟବସ୍ଥା କରାଯିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ଆବଶ୍ୟକ ଘୋଷଣାପତ୍ର ଫାଇଲ କରୁଥିବା ଷ୍ଟାର୍ଟଅପ ନିବେଶକାରୀଙ୍କୁ ମୂଲ୍ୟାୟନ ଏବଂ ଶେୟାର ପ୍ରିମିୟମ ବାବଦରେ ଯାଞ୍ଚ କରାଯିବ ନାହିଁ। ନିବେଶକଙ୍କ ପରିଚୟ ଏବଂ ପାଣ୍ଠି ସମ୍ପର୍କରେ ପରିଚୟ ଦେବା ବେଳେ ଇ-ଭେରିଫିକେଶନ ବ୍ୟବସ୍ଥା କରାଯିବ। ସେହିଭଳି ଷ୍ଟାର୍ଟଅପ୍‌ଗୁଡିକ ଉଠାଣ କରୁଥିବା ପାଣ୍ଠି ଉପରେ ଆୟକର ବିଭାଗ କୌଣସି ଯାଞ୍ଚ କରିବ ନାହିଁ। ଦୀର୍ଘ ଦିନ ଧରି ପଡିରହିଥିବା ଷ୍ଟାର୍ଟ ଅପ୍‌ଗୁଡିକର ଅଭିଯୋଗ ଏବଂ ଆସେସମେଣ୍ଟର ସମାଧାନ ଲାଗି କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ସ୍ୱତନ୍ତ୍ର ପ୍ରଶାସନିକ ବ୍ୟବସ୍ଥା କରାଯିବାକୁ ବଜେଟରେ ପ୍ରସ୍ତାବ ରହିଛି। ସରକାରଙ୍କ ଷ୍ଟାର୍ଟଅପ୍ ଇଣ୍ଡିଆ, ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବା ଲାଗି ସ୍ୱତନ୍ତ୍ର ଟିଭି ଚ୍ୟାନେଲ ଭଳି ଅନ୍ୟ ପ୍ରସ୍ତାବ ଷ୍ଟାର୍ଟ ଅପ୍‌ଗୁଡିକ ଲାଗି ରହିଛି। ଏହା ଫଳରେ ଷ୍ଟାର୍ଟଅପ୍ ଗୁଡିକ ଲାଗି ଭିତ୍ତିଭୂମି ସୃଷ୍ଟି ଦିଗରେ ଏହା ସହାୟକ ହେବ।

# ଇ-ଯାନରେ ମିଳିବ ୧.୫ ଲକ୍ଷର ଅତିରିକ୍ତ ଟିକସ ଛାଡ଼

**ନୂଆଦିଲ୍ଲୀ,୫-୭**

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ୨୦୧୯-୨୦ ଆର୍ଥିକ ବର୍ଷର ବଜେଟ ଉପସ୍ଥାପନ କରି ପ୍ରଦୂଷଣମୁକ୍ତ ସହର ଗଢ଼ିବା ସରକାରଙ୍କ ଲକ୍ଷ୍ୟ ବୋଲି ଉଲ୍ଲେଖ କରିଛନ୍ତି। ଦେଶରେ ଇଲେକ୍ଟ୍ରିକ ଗାଡ଼ିର ପ୍ରଚଳନକୁ ପ୍ରୋତ୍ସାହିତ କରିବାକୁ ଯାଇ ଅର୍ଥମନ୍ତ୍ରୀ କେତେକ ଟିକସ ରିହାତି ଘୋଷଣା କରିଛନ୍ତି। ଇଲେକ୍ଟ୍ରିକ ଗାଡ଼ି କିଣିବା ଲାଗି ଋଣ ନେଲେ ସୁଧ ଉପରେ ୧.୫ ଲକ୍ଷ ଟଙ୍କାର ଅତିରିକ୍ତ ଆୟକର ଛାଡ଼ ମିଳିବ ବୋଲି ସେ ଘୋଷଣା କରିଛନ୍ତି। ତେବେ ଦେଶରେ ଏବେ ଇ-ଯାନର ପ୍ରଚଳନ ଅଧିକ ମାତ୍ରାରେ ହୋଇ ନ ଥିବାରୁ ମଧ୍ୟବିତ୍ତଙ୍କୁ ଏ କ୍ଷେତ୍ରରେ ଟିକସ ଛାଡ଼ର ସୁବିଧା ତୁରନ୍ତ ମିଳିବାର ସମ୍ଭାବନା ନାହିଁ। ସୀତାରାମନ ତାଙ୍କ ବଜେଟରେ ଭାଷଣରେ ଇଲେକ୍ଟ୍ରିକ ଗାଡ଼ି ପ୍ରଚଳନ ଉପରେ ଏନ୍‌ଡିଏ ସରକାରଙ୍କ ପ୍ରତିଶ୍ରୁତିବଦ୍ଧତା ଦୋହରାଇଛନ୍ତି। ଇଲେକ୍ଟ୍ରିକ ଗାଡ଼ି ଉପରେ ବର୍ତ୍ତମାନ ଲାଗୁଥିବା ୧୨ପ୍ରତିଶତ ଜିଏସ୍‌ଟିକୁ ୫%କୁ ହ୍ରାସ କରିବା ଲାଗି କେନ୍ଦ୍ର ସରକାର ଜିଏସ୍‌ଟି କାଉନସିଲ୍‌କୁ ଅନୁରୋଧ କରିଛନ୍ତି। ଫଳରେ ଲୋକେ ଇ-ଯାନ କିଣିବା ଲାଗି ଆଗ୍ରହ ଦେଖାଇବେ ଏବଂ ଏହା ଅନ୍ୟ ପାରମ୍ପରିକ ଯାନ ଠାରୁ ଅଧିକ ଶସ୍ତା ହେବ ବୋଲି ସେ କହିଛନ୍ତି।



ବାର୍ଷିକ ୫୦ କୋଟି ଟଙ୍କା କାରବାର କରୁଥିବା ବ୍ୟକ୍ତିବିଶେଷଙ୍କୁ ଭୀମ୍, ୟୁପିଆଇ, ଆଧାର ପେ, ଏନ୍‌ଇଏଫ୍‌ଟି, ଆର୍‌ଟିଜିଏସ୍ ବ୍ୟବସ୍ଥା ଆପଣାଇ ଟଙ୍କା ନେଣଦେଣ କରିବାକୁ ହେବ। ଗ୍ରାହକଙ୍କ ଠାରୁ ଏଥିପାଇଁ କୌଣସି ଚାର୍ଜ ଆଦାୟ କରାଯିବ ନାହିଁ। ରିଜର୍ଭ ବ୍ୟାଙ୍କ ଏବଂ ବ୍ୟାଙ୍କଗୁଡ଼ିକ ଏହି ଖର୍ଚ୍ଚ ବହନ କରିବେ। ସେହିଭଳି ସିକ୍ୟୁରିଟିଜ ଟ୍ରାଞ୍ଜାକଶନ ଟ୍ୟାକ୍ସରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି।

୩ କୋଟି କ୍ଷୁଦ୍ର ବ୍ୟବସାୟୀଙ୍କୁ ପେନସନ ଯୋଜନା ସହ ଯୋଡାଯିବ ବୋଲି ସେ ଉଲ୍ଲେଖ କରିଛନ୍ତି। ଏମ୍‌ଏସ୍‌ଏମ୍‌ଇଙ୍କ ଲାଗି ଅନ୍‌ଲାଇନ ପୋର୍ଟାଲ, ଏଥିଲାଗି ୩୫୦ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ବୀମା ମଧ୍ୟସ୍ଥଙ୍କ ଲାଗି ୧୦୦ ପ୍ରତିଶତ ଏଫ୍‌ଡିଆଇ, ସୋସିଆଲ ଷ୍ଟକ୍ ଏକ୍ସଚେଞ୍ଜ, ଇସ୍ରୋର ରିସର୍ଚ୍ଚ ଲାଗି ସ୍ପେଶ୍ ଇଣ୍ଡିଆ କମ୍ପାନୀ ପ୍ରତିଷ୍ଠା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ସେ ଜଣାଇଛନ୍ତି।

## ଶିଳ୍ପ ଜଗତର ପ୍ରତିକ୍ରିୟା

### ପ୍ରତି ବର୍ଗକୁ ସୁହାଇବ



କେନ୍ଦ୍ରର ଏହି ବଜେଟ ପ୍ରତି ବର୍ଗର ଆବଶ୍ୟକତାକୁ ନଜରରେ ରଖି ପ୍ରସ୍ତୁତ ହୋଇଛି। ଏହା ସ୍ୱାଗତଯୋଗ୍ୟ ବଜେଟ। କୃଷି କ୍ଷେତ୍ର ଏବଂ ତୃଣମୂଳ ସ୍ତରର ବିକାଶକୁ ଗୁରୁତ୍ୱ ଦିଆଯାଇଥିବାରୁ ଏହା ଲୋକଙ୍କ ବିକାଶ ଦିଗରେ ସହାୟକ ହେବ।

**– ରାଜ କିଶୋର ଅଗ୍ରୱାଲ, ସିଏ**

### ଅଭିବୃଦ୍ଧିରେ ସହାୟକ



ଇ-ଯାନ କ୍ରୟକୁ ପ୍ରୋତ୍ସାହନ, ସୂଚୀଭୁକ୍ତ କମ୍ପାନୀଗୁଡିକର ଅଂଶଧନ ନିୟମରେ ପରିବର୍ତ୍ତନ, କର୍ପୋରେଟ ଟିକସରେ ନୂଆ ଘୋଷଣା, ନିଯୁକ୍ତି ସୃଷ୍ଟି ପଦକ୍ଷେପ ଭଳି ବିଭିନ୍ନ ଘୋଷଣା ବଜାରର ଅଭିବୃଦ୍ଧି ଦିଗରେ ବେଶ ସହାୟକ ହେବ ବୋଲି ଆଶାବାଦୀ।

**– ପ୍ରଦୀପ ଅଗ୍ରୱାଲ, ଏଣ୍ଟରପ୍ରିନିୟର**

### ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ଲାଗି ସ୍ୱାଗତଯୋଗ୍ୟ



ଏଫ୍‌ଡିଆଇ ବୃଦ୍ଧି ପଦକ୍ଷେପ, ଭିତ୍ତିଭୂମି ବିକାଶ ଲାଗି ବିଭିନ୍ନ ଯୋଜନା ମନ୍ଥର ଅର୍ଥନୀତିକୁ ଅଭିବୃଦ୍ଧିରେ ନେବାରେ ସହାୟକ ହେବ। ମାତ୍ର ଇନ୍ଧନ ଦର ବୃଦ୍ଧି ଲୋକଙ୍କୁ ପ୍ରଭାବିତ କରିବ। ସେହିଭଳି କର୍ପୋରେଟ ଟିକସ ଏବଂ ଜିଏସ୍‌ଟି ପଞ୍ଜୀକୃତ ସଂସ୍ଥାଗୁଡିକ ଲାଗି ସରକାରଙ୍କ ବଜେଟ ଘୋଷଣା ଲାଭଦେବ।

**– ସୁଶାନ୍ତ ପଣ୍ଡା,ଉଦ୍ୟୋଗୀ**

### ଲୋକଙ୍କ ଉନ୍ନତିକୁ ଧ୍ୟାନରେ ରଖାଯାଇଛି



ଦେଶର ଅଭିବୃଦ୍ଧି ଏବଂ ଲୋକଙ୍କର ଉନ୍ନତିକୁ ଧ୍ୟାନରେ ରଖି ବଜେଟରେ ବିଭିନ୍ନ ଘୋଷଣା କରାଯାଇଛି। ସ୍ୱାସ୍ଥ୍ୟ ପ୍ରସଙ୍ଗକୁ ଏତେଟା ଗୁରୁତ୍ୱ ଦିଆଯାଇ ନ ଥିଲେ ମଧ୍ୟ ସୁସ୍ଥ ସମାଜ ଗଠନ ଲାଗି ସରକାର ଏ ଦିଗରେ କାର୍ଯ୍ୟ କରିବେ ବୋଲି ଅଶାବାଦୀ।

**– କଲୋନେଲ୍ ହେମରାଜ ସିଂ ପାରମାର, ସିଇଓ, ବିଆର୍ ଲାଇଫ୍**

### ବଜେଟ୍ ସ୍ୱାଗତଯୋଗ୍ୟ



ବଜେଟରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକୁ ପୁଞ୍ଜିକରଣ, ୧.୦୫ ଲକ୍ଷ କୋଟି ଟଙ୍କାର ପୁଞ୍ଜି ପ୍ରତ୍ୟାହାର ଲକ୍ଷ୍ୟ, ଭିତ୍ତିଭୂମିର ବିକାଶ, ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ ଭଳି ବିଭିନ୍ନ ଘୋଷଣା ସ୍ୱାଗତଯୋଗ୍ୟ। ସରକାର ଗ୍ରାମାଞ୍ଚଳର ଆବଶ୍ୟକତା ଆଧାରରେ ପଦକ୍ଷେପ ନେଇଛନ୍ତି।

**– ଶୁଭ୍ରକାନ୍ତ ପଣ୍ଡା, ଫିକି ଓଡିଶା ପରିଷଦ, ଅଧ୍ୟକ୍ଷ**

### ୫ ଟ୍ରିଲିୟନ ଅର୍ଥନୀତି ଲାଗି ରୋଡ ମ୍ୟାପ୍



୫ ଟ୍ରିଲିୟନ ଡଲାର ଅର୍ଥନୀତି ଲକ୍ଷ୍ୟ ହାସଲକୁ ନଜରରେ ରଖି ବଜେଟରେ ବିଭିନ୍ନ ଘୋଷଣା କରାଯାଇଛି। ବଜେଟରେ ଅନେକ ସକରାତ୍ମକ ଦିଗ ସ୍ଥାନିତ ହୋଇଛି।

**– ସନ୍ଦୀପ ସୋମାନି, ଫିକି, ଜାତୀୟ ସଭାପତି**

### ପ୍ରଗତିଶୀଳ ବଜେଟ



ଇ-ଯାନ ପ୍ରୋତ୍ସାହନ ଲାଗି ନିଆଯାଇଥିବା ପଦକ୍ଷେପକ ସ୍ୱାଗତଯୋଗ୍ୟ। ଚଳିତ ବର୍ଷର ବଜେଟରେ ବିଭିନ୍ନ ପ୍ରଗତିଶୀଳ ପ୍ରସଙ୍ଗକୁ ଧ୍ୟାନରେ ରଖାଯାଇଛି। ଏହା ଦେଶର ଅଭିବୃଦ୍ଧିରେ ସହାୟକ ହେବ।

**– ଜୟ ପ୍ରକାଶ ଦିବ୍ୱାନିଆ, ଉଦ୍ୟୋଗୀ**

### ରିୟଲ ଇଷ୍ଟେଟ କ୍ଷେତ୍ର ଲାଗି ବିଶେଷ ପଦକ୍ଷେପ ନାହିଁ



ରିୟଲ ଇଷ୍ଟେଟ କ୍ଷେତ୍ରର ବିକାଶ ଲାଗି ବଜେଟରେ ସରକାର କୌଣସି ପଦକ୍ଷେପ ସମ୍ପର୍କରେ ଘୋଷଣା କଲେ ନାହିଁ। ମାନ୍ଦାବସ୍ଥା ଦେଇ ଗତି କରୁଥିବା ରିୟଲ ଇଷ୍ଟେଟ ଶିଳ୍ପ ଲାଗି କିଛି ଘୋଷଣା ହେବ ବୋଲି ଆଶା ରହିଥିଲା ମାତ୍ର ଏହାର ହେଲା ନାହିଁ।

**– ନୀଶିଥ ନନ୍ଦ, ସଭାପତି, ଆଫୋର୍ଡ**

### ଏମ୍‌ଏସ୍‌ଏମ୍‌ଇ ଅଭିବୃଦ୍ଧି ଲାଗି ସହାୟକ



ଏମ୍‌ଏସ୍‌ଏମ୍‌ଇଗୁଡିକ ଲାଗି ନିଆଯାଇଥିବା ସୁଧଛାଡ ପଦକ୍ଷେପ ଶିଳ୍ପ ଲାଗି ସହାୟକ ହେବ। ଭିଜନ ଡକ୍ୟୁମେଣ୍ଟ ଆଧାରରେ ସରକାର ଭିତ୍ତିଭୂମି ବିକାଶକୁ ପ୍ରାଥମିକତା ଦେଇଛନ୍ତି। କହିବାକୁ ଗଲେ ଏଥିରେ କ୍ଷୁଦ୍ର ବ୍ୟବସାୟୀଙ୍କ ଲାଗି ନିଆଯାଇଥିବା ପଦକ୍ଷେପ ବେଶ ପ୍ରଶଂସାଯୋଗ୍ୟ।

**–ସାତ୍ତ୍ୱିକ ସ୍ୱାଇଁ, ସହାସଚିବ , ଓସ୍‌ମେ**

### ବ୍ୟାଙ୍କିଙ୍ଗ ଶିଳ୍ପ ଦୃଢ଼ ହେବାରେ ସହାୟତା କରିବ



ବ୍ୟାଙ୍କଗୁଡିକୁ ୭୦,୦୦୦ କୋଟି ଟଙ୍କାର ପୁଞ୍ଜିକରଣ ନେଇ ହୋଇଥିବା ଘୋଷଣା ବ୍ୟାଙ୍କିଙ୍ଗ ଶିଳ୍ପକୁ ସଶକ୍ତ କରିବ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସୁଧ ରିହାତି ସାଧାରଣ ବର୍ଗଙ୍କ ଲାଗି ଖୁସି ଖବର। ଗ୍ରାମାଞ୍ଚଳକୁ ଜଳ ଯୋଗାଣ, କର୍ପୋରେଟ ଟିକସ ପଦକ୍ଷେପ ସ୍ୱାଗତଯୋଗ୍ୟ।

**– ଦାମୋଦର ନନ୍ଦ, ବ୍ୟାଙ୍କର**

### ବେକାରି ସମସ୍ୟା ସମାଧାନ ଲାଗି ପଦକ୍ଷେପ ନାହିଁ



ବଜେଟରେ ୫ ଟ୍ରିଲିୟନ ଅର୍ଥନୀତି ପାଇଁ ବିଭିନ୍ନ ପ୍ରତିଶ୍ରୁତି ଦିଆଯାଇଛି। ବେକାରି ସମସ୍ୟା ସମାଧାନ ଲାଗି ସେମିତି କିଛି ପଦକ୍ଷେପ ନିଆଯାଇନି। ଦେଶର ଘରୋଇ ଉତ୍ପାଦ ବୃଦ୍ଧି ପାଇଁ ଯଦି ନିଯୁକ୍ତି ବୃଦ୍ଧି ନ ହୁଏ ତେବେ ଅର୍ଥନୈତିକ ବିଭେଦ ବୃଦ୍ଧି ପାଇବ।

**– ଅମରେନ୍ଦ୍ର ଦାସ, ଅର୍ଥନୀତିଜ୍ଞ**

### ଅଭିବୃଦ୍ଧି ତ୍ୱରାନ୍ୱିତ ହେବ



ଦେଶ ମଧ୍ୟରେ ସଂଯୋଗୀକରଣକୁ ସରକାର ବଜେଟରେ ପ୍ରାଥମିକତା ଦେଇଛନ୍ତି। ଗ୍ୟାସ ଗ୍ରୀଡ, ୱାଟର ଗ୍ରୀଡ, ଆଞ୍ଚଳିକ ବିମାନ ଚଳାଚଳ ଭଳି ଅନ୍ୟ ପଦକ୍ଷେପ ଦେଶର ବିକାଶକୁ ତ୍ୱରାନ୍ୱିତ କରିବ।

**– ଅନିଲ ଅଗ୍ରୱାଲ, ଅଧ୍ୟକ୍ଷ, ବେଦାନ୍ତ ରିସୋର୍ସେସ**

**କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱିତୀୟ ପାଳି ସରକାରର ପ୍ରଥମ ବଜେଟ ଶୁକ୍ରବାର ଲୋକ ସଭାରେ ଉପସ୍ଥାପିତ ହୋଇଛି। ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଏହି ବଜେଟ ଉପସ୍ଥାପନ କରି ଅନେକଙ୍କ ପାଇଁ ସୁନେଲି ଭବିଷ୍ୟତର ଆଶା ଦେଖାଇଛନ୍ତି। ଏ ସମ୍ପର୍କରେ ବିଭିନ୍ନ ବର୍ଗର ଲୋକଙ୍କଠାରୁ ମିଳିଥିବା ମତାମତକୁ ନେଇ ଉପସ୍ଥାପନା....**

## ପ୍ରଚାର ସର୍ବସ୍ୱ



“ କେନ୍ଦ୍ର ଅର୍ଥମନ୍ତ୍ରୀ ଯେଉଁ ବଜେଟ ଉପସ୍ଥାପନ କରିଛନ୍ତି, ତାହା ଜଣେ ପଢ଼ିଲେ ଭାବିବ ଯେ, ଦେଶରେ କୌଣସି ସମସ୍ୟା ନାହିଁ, ସମସ୍ତେ ଘିଅ ମହୁରେ ଭାସୁଛନ୍ତି। ବଜେଟରେ କେବଳ ସରକାରଙ୍କର ଅଧିକ ପ୍ରଚାର କରାଯାଇଛି। କର୍ପୋରେଟ ଜଗତକୁ ଛାଡ଼ିଦେଲେ ଅନ୍ୟ ସବୁ ଶ୍ରେଣୀର ଲୋକଙ୍କୁ ନିରାଶ କରିଛନ୍ତି। ବେତନଭୋଗୀ କର୍ମଚାରୀମାନଙ୍କ ପାଇଁ ଟିକସ ରିହାତିର ସୀମା ବୃଦ୍ଧି କରିବା ପରିବର୍ତ୍ତେ କମ୍ପାନୀ ଟିକସ ହ୍ରାସ କରିଛନ୍ତି। ପେଟ୍ରୋଲ, ଡିଜେଲ ଉପରେ ଅଧିକ ଟିକସ ଅର୍ଥ ସବୁଶ୍ରେଣୀ ଉପରେ ବୋଝ ପଡ଼ିବ। ଗତ ବର୍ଷ ଟିକସ ଆଦାୟ ହ୍ରାସ ପାଇବା ସହିତ ମୋଟ ବ୍ୟୟ ହ୍ରାସ କରାଯାଇଛି। କିନ୍ତୁ ୫ ଟ୍ରିଲିୟନ ଡଲାରର ଅର୍ଥନୀତିର ସ୍ୱପ୍ନ ଦେଖାଇ ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ପ୍ରୟାସ କରାଯାଇଛି। ଶିକ୍ଷା, ସ୍ୱାସ୍ଥ୍ୟର ଉନ୍ନତି ସହିତ ନିଯୁକ୍ତି ବୃଦ୍ଧି, ବୈଷମ୍ୟ ହ୍ରାସ, କ୍ଷୁଧା ଦୂରୀକରଣ ପରି ପ୍ରମୁଖ ସମସ୍ୟାର ସମାଧାନ ପାଇଁ କୌଣସି ପଦକ୍ଷେପ ଘୋଷଣା କରାଯାଇନି। ବଜେଟ ଅତ୍ୟନ୍ତ ନୈରାଶ୍ୟଜନକ ହୋଇଛି।

**- ଡ. ସନ୍ତୋଷ କୁମାର ମହାପାତ୍ର, ଅର୍ଥନୀତିଜ୍ଞ, କଟକ**

## ଉପକାରୀ ନୁହେଁ



“ ବଜେଟରେ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ। ନିର୍ବାଚନ ସମୟର ଅଧିକାଂଶ ପ୍ରତିଶ୍ରୁତି ବଜେଟରେ ପ୍ରତିଫଳିତ ହୋଇଛି। ସ୍ୱାସ୍ଥ୍ୟସେବା ଓ ଡାକ୍ତରୀ ପାଠପଢ଼ାକୁ ଅଣଦେଖା କରାଯାଇଛି। ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକର ଛାଡ଼ ସ୍ୱାଗତଯୋଗ୍ୟ ପଦକ୍ଷେପ। ଶିଳ୍ପପତିଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ ରହିଥିବା ଜଣାପଡୁଛି। ପେଟ୍ରୋଲ ଓ ଡିଜେଲ ଦର ବଢ଼ାଇ ମଧ୍ୟବିତ୍ତଙ୍କ ଉପରେ ବୋଝ ଲଦି ଦେଇଛନ୍ତି। ସେହିଭଳି ସୁନା ଓ ତମାଖୁ ଦ୍ରବ୍ୟ ମହଙ୍ଗା ହୋଇଛି, ଯାହାକି ସବୁ ବର୍ଗର ଲୋକ କ୍ଷତିଗ୍ରସ୍ତ ହେବେ। ସର୍ବସାଧାରଣଙ୍କ ପାଇଁ ଏହା ଉପକାରୀ ବଜେଟ ନୁହେଁ। ଭାରତ ଛାତ୍ରଙ୍କୁ ଅଣଦେଖା କରାଯାଇ ବିଦେଶୀ ଛାତ୍ରଙ୍କୁ ଆକୃଷ୍ଟ କରାଯାଇଛି। ବାସ୍ତବତା ନ ଥାଇ ନିଯୁକ୍ତି ସୁବିଧା ପାଇଁ ସ୍ୱପ୍ନ ଦେଖାଯାଇଛି। ତୃଣମୂଳ ସ୍ତରରେ ଶିକ୍ଷା ପାଇଁ ବ୍ୟବସ୍ଥା ନାହିଁ।

**- ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ଖୋର୍ଦ୍ଧା, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି**

## ଉପାଦେୟ ହୋଇଛି



“ କେନ୍ଦ୍ରୀୟ ବଜେଟ ଉପାଦେୟ ହୋଇଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ସମସ୍ତ ବର୍ଗ ପ୍ରତି ବିଶେଷ ଧ୍ୟାନ ଦେଇଛନ୍ତି। ଏହାକୁ କାର୍ଯ୍ୟକାରୀ କରାଗଲେ ନିଶ୍ଚିତ ଏକ ଉପଯୋଗୀ ବଜେଟ ହେବ। ଅନ୍ତରୀଣ ବଜେଟରେ ଯାହା ଉପସ୍ଥାପନ କରିଥିଲେ ପ୍ରାୟତଃ ସେୟା ରହିଛି। ଆୟକର ଆଇନରେ ବିଶେଷ ପରିବର୍ତ୍ତନ ଆଣିନାହାନ୍ତି।

**- ରଜନୀକାନ୍ତ ମହାପାତ୍ର, ସଭାପତି, ପୁରୀ ଟ୍ୟାକ୍ସ ବାର୍ ଆସୋସିଏଶନ**

## ଗରିବଙ୍କ ଉପରେ ପ୍ରଭାବ ପକାଇବ ଦରବୃଦ୍ଧି



“ ଏଥର ବଜେଟରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟ କମିବା ଆଶା ଥିଲା। ହେଲେ ଏହାର ଦର ବଢ଼ିଛି, ଯାହାଫଳରେ ଯାନବାହନ ପରିବହନ କ୍ଷେତ୍ରରେ ଭଡ଼ା ବଢ଼ିବା ଆଶଙ୍କା ସୃଷ୍ଟି ହୋଇଛି। ବ୍ୟବସାୟୀ ଗୋଷ୍ଠୀଙ୍କୁ ଏହି ବଜେଟ ସୁହାଇବ। ସୁନା ଦର ମଧ ବଢୁଛି। ବାହାଘର ସମୟରେ ଗରିବଙ୍କ ଉପରେ ଏହା ପ୍ରଭାବ ପକାଇବ।

**- ଡ. ସଂଯୁକ୍ତା ଦାସ, ଅବସରପ୍ରାପ୍ତ ଅଧକ୍ଷା, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ**

## ଗରିବ ବିରୋଧୀ



“ କେନ୍ଦ୍ର ବଜେଟ ଗରିବ ବିରୋଧୀ। ପେଟ୍ରୋଲ, ଡିଜେଲ ଦର ବଢ଼ାଇ କେନ୍ଦ୍ର ସରକାର ପରୋକ୍ଷରେ ଗରିବ ଓ ମଧ୍ୟବିତ୍ତଙ୍କୁ ଛାଟ ମାରିଛନ୍ତି। ଏହି ଦର ବଢ଼ିବା ଦ୍ୱାରା ପରିବହନ ଖର୍ଚ୍ଚ ବଢ଼ିଯିବ। ଫଳରେ ଆପେଆପେ ସବୁ ଜିନିଷ ଦର ବଢ଼ିଚାଲିବ। ପେଟ୍ରୋଲ, ଡିଜେଲର ପ୍ରକୃତ ଦରଠାରୁ ଦ୍ୱିଗୁଣ ନିଆଯାଉଛି। ଏହାକୁ ଜିଏସ୍‌ଟି ପରିସରଭୁକ୍ତ ନ କରି ସରକାର ଚଞ୍ଚକତା କରିଛନ୍ତି। ଋଣ ଭାର କିପରି କମିବ ତା ଉପରେ ଗୁରୁତ୍ୱ ଦିଆ ନ ଯାଇ ଲୋକଙ୍କୁ ଭଣ୍ଡାଇବାକୁ ଚେଷ୍ଟା କରାଯାଇଛି। କେବଳ ଏହି ସରକାର ନୁହେଁ, କୌଣସି ସରକାର ଏଥିପ୍ରତି ଗୁରୁତ୍ୱାରୋପ ନ କରିବା ଚିନ୍ତାଜନକ କଥା। ନରେନ୍ଦ୍ର ମୋଦି କ୍ଷମତାକୁ ଆସିଲା ପରେ ଗରିବ, ମଧ୍ୟବିତ୍ତ ବିଶେଷ କ୍ଷତିରେ ପଡୁଛନ୍ତି। ବ୍ୟାଙ୍କଗୁଡ଼ିକରେ ଜମା ରାଶି ଉପରେ ୩% ସୁଧ କମିଛି, ଅଥଚ କର୍ପୋରେଟ୍ ସଂସ୍ଥାଗୁଡ଼ିକୁ ୩%ରୁ କମ୍ ସୁଧରେ ଋଣ ଦିଆଯାଉଛି।

**- ବାସୁଦେବ, ବରିଷ୍ଠ ଆଇନଜୀବୀ, ଜଗତ୍‌ସିଂହପୁର**

## ଉତ୍ସାହଜନକ



“ ଏହା ସାଧାରଣ ଲୋକଙ୍କ ପାଇଁ ଉତ୍ସାହଜନକ। ୬୦ ବର୍ଷରୁ ଉର୍ଦ୍ଧ୍ୱ ଶ୍ରମିକଙ୍କୁ ପେନସନ, ଚାଷୀଙ୍କ ଆୟ ଦୁଇଗୁଣା ହେବା ପାଇଁ ଲକ୍ଷ୍ୟ ରଖାଯାଇଛି। ୨୦୨୪ ସୁଦ୍ଧା ସମସ୍ତଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଣ କରାଯିବ। ୫ ଲକ୍ଷରୁ କମ୍ ଆୟ ପାଇଁ ଆୟକର ଛାଡ଼ ଓ କର୍ପୋରେଟ ଟିକସ କ୍ଷେତ୍ରରେ କୋହଳ ମନୋଭାବ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହା ଏକ ଭଲ ବଜେଟ। ପ୍ରଧାନମନ୍ତ୍ରୀ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ପୂରଣ କରିଛନ୍ତି।

**- ପ୍ରମୋଦ ପଟ୍ଟନାୟକ, ସମାଜସେବୀ, ନୟାଗଡ଼**

## ସାଧାରଣ ଲୋକ ପ୍ରଭାବିତ ହେବେ



“ କେନ୍ଦ୍ର ସରକାରଙ୍କ ଦ୍ୱାରା ଆଗତ କରାଯାଇଥିବା ବଜେଟ୍ ଗରିବ ଲୋକଙ୍କୁ ଅଧିକ ଗରିବ ଏବଂ ଧନୀଲୋକଙ୍କୁ ବିତ୍ତଶାଳୀ କରିବ। ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି କିମ୍ବା ଆତ୍ମନିଯୁକ୍ତି ନାହିଁ। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଉପରେ ଗୁରୁତ୍ୱ ଦିଆଯାଇନାହିଁ। ଶିକ୍ଷାକ୍ଷେତ୍ରରେ ବିକାଶର କୌଣସି ଅର୍ଥନୈତିକ ଉଦାରପଣିଆ ଦେଖାଇନାହାନ୍ତି। ସେହିପରି ନାରୀ ସଶକ୍ତୀକରଣ ଯୋଜନାକୁ କ୍ରିୟାଶୀଳ ଓ ତ୍ୱରାନ୍ୱିତ ବ୍ୟବସ୍ଥାର କୌଣସି ଭିତ୍ତିଭୂମି ନାହିଁ। ଅନ୍ୟପକ୍ଷରେ ପେଟ୍ରୋଲ ଓ ଡିଜେଲ ଉପରେ ୧ଟଙ୍କା ସେସ୍ ଲଗାଇବା ଫଳରେ ସାଧାରଣ ଲୋକମାନଙ୍କର ଅର୍ଥନୈତିକ ମାନଦଣ୍ଡ ପ୍ରଭାବିତ ହେବ।

**- ମନୋଜ ନାୟକ, ଆଇନଜୀବୀ, ବାଲେଶ୍ୱର**

## ଦୀର୍ଘକାଳୀନ ଆର୍ଥିକ ଅଭିବୃଦ୍ଧିକୁ ଗୁରୁତ୍ୱ ମିଳିଛି



“ ଦୀର୍ଘକାଳୀନ ଆର୍ଥିକ ଅଭିବୃଦ୍ଧିକୁ ଗୁରୁତ୍ୱ ଦିଆଯାଇ ଏଥର କେନ୍ଦ୍ର ବଜେଟ୍ ପ୍ରସ୍ତୁତ କରାଯାଇଛି। ବିଦେଶୀ ପୁଞ୍ଜି ଆଣିବା ପାଇଁ ପଦକ୍ଷେପ ନିଆଯିବା ସହ ବ୍ୟାଙ୍କଗୁଡ଼ିକୁ ସୁଦୃଢ଼ୀକରଣ କରିବା ଲାଗି ପ୍ରାଥମିକତା ଦିଆଯାଇଛି। ମହିଳାଙ୍କୁ ବିନା ସୁଧରେ ଋଣ ପ୍ରଦାନ ସମେତ ଆର୍ଥିକ ଅଭିବୃଦ୍ଧି ଓ ସାମାଜିକ ନ୍ୟାୟ ଭଳି ଲୋକାଭିମୁଖୀ କାର୍ଯ୍ୟକ୍ରମକୁ ମଧ ଏଥିରେ ଗୁରୁତ୍ୱ ଦିଆଯାଇଛି।

**- ଡ. ବଳରାମ ମିଶ୍ର, ଅର୍ଥନୀତିଜ୍ଞ, ଭଦ୍ରକ**

## ଚିରାଚରିତ ଓ ଅନ୍ତଃସାରଶୂନ୍ୟ



“ ଏଥର କେନ୍ଦ୍ର ବଜେଟ ଚିରାଚରିତ ଓ ଅନ୍ତଃସାରଶୂନ୍ୟ। ସାଧାରଣ ନିର୍ବାଚନ ପରେ ଲୋକେ ଅନେକ କିଛି ପରିବର୍ତ୍ତନ ଆଶା ରଖିଥିଲେ। ଶିକ୍ଷା ସବୁ ବିକାଶର ମୂଳାଧାର। ହେଲେ ବିଭିନ୍ନ ରାଜ୍ୟର ବୁଦ୍ଧିଜୀବୀଙ୍କୁ ଗୁରୁତ୍ୱ ଦେଇ ଜାତୀୟ ଶିକ୍ଷାନୀତି ପ୍ରସ୍ତୁତ କରାଯାଇନାହିଁ। ବଜେଟରେ ମଧ କୌଣସି ନୂତନତ୍ୱ ନାହିଁ। ସାଧାରଣ ଲୋକେ ଏଥିରୁ ସୁଫଳ ପାଇବେ ନାହିଁ। ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କୁ ଯେଉଁଭଳି ପ୍ରଲୋଭିତ କରାଯାଇଛି, ତାହା ଦୀର୍ଘକାଳୀନ ନୁହେଁ। ତେଲ ଦରରେ ସେସ୍ ଲାଗୁହେବା ଦ୍ୱାରା ସାଧାରଣ ଲୋକଙ୍କ ଉପରେ ବୋଝ ପଡ଼ିବ। ଦରଦାମ୍ ବୃଦ୍ଧି ପାଇବ। ସରକାରୀ କର୍ମଚାରୀଙ୍କୁ ଖୁସି କରିବା ପାଇଁ ଆୟକର ସ୍ଲାବ୍‌ରେ କୌଣସି ପରିବର୍ତ୍ତନ କରାଯାଇନାହିଁ।

**- ବିଭୂତି ଭୂଷଣ ଦାଶ, ଅଧକ୍ଷ, କେନ୍ଦୁଝର ମାଧମିକ ଉଚ୍ଚ ବିଦ୍ୟାଳୟ**

## ଲୋକଙ୍କ ସୁବିଧା ଦେଖି ବଜେଟ



“ ଏଥର କେନ୍ଦ୍ର ବଜେଟରେ ଇନକମ ଟ୍ୟାକ୍ସ ସ୍ଲାବରେ କୌଣସି ପରିବର୍ତ୍ତନ ହୋଇ ନାହିଁ। ଗୃହ ଋଣ କ୍ଷେତ୍ରରେ ଅତିରିକ୍ତ ଦେଢ଼ ଲକ୍ଷ ଛାଡ କିଛିଟା ଆଶ୍ୱସ୍ତି ଦେଇଛି। ସେହିପରି ପର୍ଯ୍ୟଟନ କ୍ଷେତ୍ରର ଉନ୍ନତି ପାଇଁ ବ୍ୟବସ୍ଥା ହେବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଜିଏସ୍‌ଟି ଥିବା ଛୋଟ ଉଦ୍ୟୋଗଗୁଡ଼ିକୁ ଋଣ ବେଳେ ୨ ପ୍ରତିଶତ ଛାଡ ହେବା ଦ୍ୱାରା ଲୋକେ ଲାଭ ପାଇବେ। ମୋଟାମୋଟି କହିବାକୁ ଗଲେ ଲୋକଙ୍କ ସୁବିଧାକୁ ଲକ୍ଷ୍ୟ କରି ଏହି ବଜେଟ କରାଯାଇଛି।

**- ଅଭିଜିତ ରାମ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ, ବାରିପଦା**

## ସାଧାରଣ ଲୋକଙ୍କୁ ସୁହାଇବ



“ ଚଳିତ ବଜେଟ ସବୁ ଦିଗରୁ ଲୋକଙ୍କୁ ସୁହାଇଛି। ଉଚ୍ଚଶିକ୍ଷା, କ୍ରୀଡ଼ାର ବିକାଶ ପାଇଁ ଏଥିରେ ପଦକ୍ଷେପ ନିଆଯାଇଛି। ଏଥିସହ ଆଧାର ମାଧମରେ ଆୟକର ରିଟର୍ନ, ଗବେଷଣାକୁ ପ୍ରାଧାନ୍ୟ, ୫ ଲକ୍ଷ ଟଙ୍କା ଯାଏ ଆୟକର ସମ୍ପୂର୍ଣ୍ଣ ଛାଡ଼ କରାଯାଇଛି। ବିଶ୍ୱସ୍ତରୀୟ ପର୍ଯ୍ୟଟନ ଶିଳ୍ପର ବିକାଶ ସହ ଯୁବତୀ ଯୁବକଙ୍କ ପାଇଁ ରୋଜଗାର ବ୍ୟବସ୍ଥା ହୋଇଛି। ପ୍ରତ୍ୟେକ ଘରକୁ ପାନୀୟ ଜଳ ଯୋଗାଇବା ଯୋଜନା ବଜେଟରେ ସ୍ଥାନ ପାଇଛି। ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସର ଶ୍ରମିକଙ୍କୁ ମାସିକ ୩ ହଜାର ଟଙ୍କାର ପେନସନ ବ୍ୟବସ୍ଥା କରାଯାଇଛି। ଏହା ଦ୍ୱାରା ସାଧାରଣ ଲୋକ ଉପକୃତ ହୋଇପାରିବେ।

**- ବୁଲୁ ହୋତା, ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ, ନବରଙ୍ଗପୁର**

## ସରକାରଙ୍କ ଲକ୍ଷ୍ୟ ପୂରଣ କରିପାରେ



“ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱିତୀୟ ଇନିଂର ପ୍ରଥମ ବଜେଟ ଏକ ଲୋକାଭିମୁଖୀ ବଜେଟ। ଦେଶର ଅର୍ଥନୀତିକୁ ୫ ଟ୍ରିଲିୟନ ଡଲାରରେ ପରିଣତ କରିବା ନେଇ ସରକାରଙ୍କ ରହିଥିବା ଲକ୍ଷ୍ୟ ପୂରଣ କରିପାରେ। ବଜେଟ୍‌ରେ ମହିଳା ଚାଷୀଙ୍କ ଅର୍ଥନୈତିକ ଉନ୍ନତି ପାଇଁ ବିଶେଷ ଗୁରୁତ୍ୱାରୋପ କରାଯାଇଛି। ବଜେଟ୍‌ରେ ବରାଦ ଅର୍ଥ ତଳ ସ୍ତରରେ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଖର୍ଚ୍ଚ କରାଗଲେ ସାଧାରଣ ଲୋକେ ଏହାର ସୁଫଳ ପାଇବେ।

**- ଈଶ୍ୱର ପଟ୍ଟନାୟକ, ବୁଦ୍ଧିଜୀବୀ, ମାଲକାନଗିରି**

## ଲାଭବାନ ହେବ ପର୍ଯ୍ୟଟନ ଶିଳ୍ପ



“ ଚଳିତ ବଜେଟ୍ ସବୁଦିଗରୁ ଉତ୍ତମ ରହିଛି। ଏଥିରେ ଉଚ୍ଚଶିକ୍ଷା ପାଇଁ ଗୁରୁତ୍ୱାରୋପ, ଗବେଷଣାକୁ ପ୍ରାଧାନ୍ୟ, କ୍ରୀଡ଼ାର ବିକାଶ ପାଇଁ ପଦକ୍ଷେପ, ଆଧାର ମାଧମରେ ଆୟକର ରିଟର୍ନ, ୫ ଲକ୍ଷ ଟଙ୍କା ଯାଏ ଆୟକର ଛାଡ଼ ରହିଛି। ବିଶ୍ୱସ୍ତରୀୟ ପର୍ଯ୍ୟଟନ ପାଇଁ ପଦକ୍ଷେପ ଯୋଗୁ ଭାରତକୁ ଅଧିକ ବିଦେଶୀ ପର୍ଯ୍ୟଟକ ଆସିପାରିବେ, ଯାହା ପର୍ଯ୍ୟଟନ ଶିଳ୍ପର ବିକାଶ ସହ ଯୁବତୀ ଯୁବକଙ୍କୁ ରୋଜଗାର ଦେଇପାରିବ। ସେହିଭଳି ବଜେଟ୍‌ରେ ‘ହର୍ ଘର୍ ଜଲ୍’ ପାନୀୟ ଜଳ ଯୋଜନା ଘୋଷଣା ଦ୍ୱାରା ସାଧାରଣ ଲୋକେ ଉପକୃତ ହେବେ ବୋଲି ଭାବୁଛି।

**- ଭବାନୀ ଶଙ୍କର ମିଶ୍ର, ଅବସରପ୍ରାପ୍ତ ବାୟୁସେନା ଅଧିକାରୀ, କୋରାପୁଟ**

## ବିକାଶମୁଖୀ ଏବଂ ପୂର୍ଣ୍ଣାଙ୍ଗ ବଜେଟ



“ କେନ୍ଦ୍ର ସରକାରଙ୍କ ଦ୍ୱାରା ପାରିତ ୨୦୧୯-୨୦ ବାର୍ଷିକ ବଜେଟ ଏକ କ୍ରିୟାଶୀଳ, ବିକାଶମୁଖୀ ଏବଂ ପୂର୍ଣ୍ଣାଙ୍ଗ ବଜେଟ ଅଟେ। ଏଥିରେ କୃଷି କ୍ଷେତ୍ର, ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା, ଗ୍ରାମୀଣ କ୍ଷେତ୍ର, କ୍ଷୁଦ୍ରଶିଳ୍ପ ଇତ୍ୟାଦି କ୍ଷେତ୍ରଗୁଡ଼ିକର ବିକାଶ ପାଇଁ ପ୍ରାଧାନ୍ୟ ଦିଆଯାଇଛି। ଆଶାକରେ ଏହା ଦେଶର ସାମୁହିକ, ସାମାଜିକ ଓ ଅର୍ଥନୈତିକ ବିକାଶରେ ସହାୟକ ହେବା ସହ ଜାତୀୟ ଅଭିବୃଦ୍ଧି ହାରକୁ ଗତିଶୀଳ କରିବ।

**- ମେଜର ଅବୁ ତାହିର, ଅଧକ୍ଷ, ବ୍ୟାସନଗର ସ୍ୱୟଂଶାସିତ କଲେଜ, ଯାଜପୁର**

## ବ୍ୟବସାୟୀଙ୍କ ଦାବି ପୂରଣ ହୋଇଛି



“ ବଜେଟ ସମ୍ପୂର୍ଣ୍ଣ ଭଲ ନ ହେଲେ ମଧ ଚଳନୀୟ ହୋଇଛି। ବ୍ୟବସାୟୀମାନଙ୍କ ଦୀର୍ଘଦିନର ଦାବିକୁ ବଜେଟରେ ସ୍ଥାନ ଦିଆଯାଇଛି। ବ୍ୟବସାୟୀମାନେ ସରକାରଙ୍କୁ କୋଟି କୋଟି ଟଙ୍କାର ରାଜସ୍ୱ ଦେଉଛନ୍ତି। ପ୍ରତିବଦଳରେ ସେମାନେ ପେନ୍‌ସନ ଦାବି କରିଆସୁଥିଲେ। ବଜେଟ୍‌ରେ ୩ କୋଟି ଉଠା ଦୋକାନୀଙ୍କ ପାଇଁ ପେନ୍‌ସନ୍ ବ୍ୟବସ୍ଥା କରାଯାଇଛି। ବାର୍ଷିକ ଦେଢ଼ କୋଟିରୁ କମ୍ ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କୁ ମଧ ଏହି ସ୍କିମ୍‌ରେ ସାମିଲ କରାଯାଇଛି। ସେହିପରି ୫ଲକ୍ଷ ଟଙ୍କାରୁ କମ୍ ଆୟ କରୁଥିବା ବ୍ୟକ୍ତିଙ୍କ ଆୟକର ଛାଡ଼ କରାଯାଇଛି। କିନ୍ତୁ ତୈଳ ଦର ବୃଦ୍ଧିର ପ୍ରତିକୂଳ ପ୍ରଭାବ ଜନସାଧାରଣଙ୍କ ଉପରେ ନିଶ୍ଚୟ ପଡ଼ିବ।

**- ଶରତ ଚନ୍ଦ୍ର ପାଢ଼ୀ, ଚାମ୍ବର ଅଫ୍ କମର୍ସ ସଭାପତି, ଢେଙ୍କାନାଳ**

## ୧୦ରୁ ୧୫ବର୍ଷ ପରେ ଫଳ ମିଳିବ



“ କେନ୍ଦ୍ରୀୟ ବଜେଟ ଦୂରଦୃଷ୍ଟିସମ୍ପନ୍ନ ହୋଇଛି। ଏହା ନ୍ୟୁ ଇଣ୍ଡିଆ ବଜେଟ ଭଳି ଲାଗୁଛି। ଆଗାମୀ ୧୦ରୁ୧୫ ବର୍ଷ ପରେ ଏହା ଫଳପ୍ରଦ ହେବ। ସୁପର ଧନିକ ଗୋଷ୍ଠୀ ଉପରେ ପ୍ରହାର ପଡ଼ିଛି। ଗରିବ, ମଧ୍ୟବିତ୍ତ ପରିବାର ଆଶ୍ୱସ୍ତ ହୋଇଛନ୍ତି। ଇନ୍‌କମ୍ ଟ୍ୟାକ୍ସ ସ୍ଲାବ୍ ବୃଦ୍ଧି କରାଯାଇଛି। କୃଷିକ୍ଷେତ୍ର, ଚାଷୀ, ମହିଳାଙ୍କୁ ପ୍ରାଧାନ୍ୟ ଦିଆଯାଇଛି। ବ୍ୟାଙ୍କ ନନ୍ ପର୍‌ଫର୍ମିଂ ଆସେଟ୍ (ଏନ୍‌ପିଏ) ଗୁଡ଼ିକରୁ ମର୍ଜିଂ ହେବା ପରେ ୩ ଲକ୍ଷ କୋଟି ଟଙ୍କା ଆଦାୟ ହୋଇଛି। ପିଏସ୍‌ୟୁ ବ୍ୟାଙ୍କଗୁଡ଼ିକୁ ମଧ ୭୦ହଜାର କୋଟି ଟଙ୍କା ରି-କ୍ୟାପ୍ କରାଯାଇଛି। ୪୫ଲକ୍ଷ ଟଙ୍କାରେ ଘର କିଣିଲେ ପୂର୍ବରୁ ୨.୫ ଲକ୍ଷ ଛାଡ଼ ସୁବିଧା ଥିଲା। ଚଳିତ ବଜେଟରେ ଏହାକୁ ୩.୫ ଲକ୍ଷକୁ ବୃଦ୍ଧି କରାଯାଇଛି। ବଜେଟ ମୋଟାମୋଟି ଭଲ ହୋଇଛି।

**- ତୁଷାରକାନ୍ତ ପ୍ରଧାନ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ, ଅନୁଗୋଳ**

## କୃଷକଙ୍କୁ ନିରାଶ କରିଛି



“ ଦେଶରେ କୃଷି ସଙ୍କଟ ବଢ଼ି ଚାଲିଥିବା ବେଳେ ମୋଦି ସରକାରଙ୍କ ଚଳିତ ବଜେଟ ଦେଶର କୃଷି ଏବଂ କୃଷକଙ୍କୁ ସମ୍ପୂର୍ଣ୍ଣ ନିରାଶ କରିଛି। କୃଷି ଖର୍ଚ୍ଚରେ ବୃଦ୍ଧି, ଋଣଭାର, ଫସଲର ଉପଯୁକ୍ତ ମୂଲ୍ୟ ନ ମିଳିବା ଆଦି ସମସ୍ୟାକୁ ବଜେଟ୍‌ରେ ଅଣଦେଖା କରାଯାଇଛି। କୃଷି ଉତ୍ପାଦନ ଖର୍ଚ୍ଚ କମାଇବା ପାଇଁ କୌଣସି ଘୋଷଣା କରାଯାଇନି। ବରଂ ପେଟ୍ରୋଲ ଓ ଡିଜେଲରେ ଲଗାତର ଦର ବୃଦ୍ଧି ଉତ୍ପାଦନ ଖର୍ଚ୍ଚକୁ ବଢ଼ାଇଛି। ଋଣଛାଡ଼, ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବଢ଼ାଇବା, ଜଳସେଚନ, ଶୀତଳଭଣ୍ଡାର ବାବଦରେ କୌଣସି ବ୍ୟୟବରାଦ କରାଯାଇନାହିଁ। ବଜେଟ୍‌ରେ କୃଷକ ଶ୍ରେଣୀକୁ ପ୍ରତାରଣା କରିଛନ୍ତି।

**- ଭାଲଚନ୍ଦ୍ର ଷଡ଼ଙ୍ଗୀ, ସାମାଜିକ କର୍ମୀ, ବ୍ରହ୍ମପୁର**

## ସମତୁଲ



“ ଏଥର ବଜେଟ ସମତୁଲ ହୋଇଛି। କୃଷିଠାରୁ ଆରମ୍ଭ କରି ପେନସନ ପର୍ଯ୍ୟନ୍ତ ସବୁଠି ଲୋକଙ୍କ ପାଇଁ ସମାନ ସୁବିଧା ସୁଯୋଗ ରଖିବାକୁ ସରକାର ଚେଷ୍ଟା କରିଛନ୍ତି। ଏହା ଏକ ବିକାଶଶୀଳ ବଜେଟ। କିନ୍ତୁ ବାସ୍ତବରେ ଦେଖିଲେ ଶିକ୍ଷା, ସ୍ୱାସ୍ଥ୍ୟ ଉପରେ ସେପରି କିଛି ନାହିଁ। ଆଉ ଟିକେ ଭଲ ହୋଇ ପାରିଥାନ୍ତା।

**- ଜ୍ୟୋତି ପ୍ରକାଶ ରଥ, ଅଧାପକ, ଫୁଲବାଣୀ**

## ଗତାନୁଗତିକ ଧାରା



“ ଚଳିତ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ୍‌ରେ ଅର୍ଥମନ୍ତ୍ରୀ ମହିଳା ସଶକ୍ତୀକରଣ ଓ ପାନୀୟଜଳ ଯୋଗାଣ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଯାହାକି ସ୍ୱାଗତଯୋଗ୍ୟ ପଦକ୍ଷେପ। କରଦାତାମାନଙ୍କୁ କିଛିଟା ସୁବିଧା ପ୍ରଦାନ କରିବା ପାଇଁ ବଜେଟ୍‌ରେ ବ୍ୟବସ୍ଥା କରାଯାଇଛି। କିନ୍ତୁ ମୋଟାମୋଟି ଉପରେ ଦେଖିଲେ ବଜେଟ୍‌ଟି ଗତାନୁଗତିକ ପରି ମନେ ହେଉଛି। ବିଶେଷ କିଛି ନୂଆକଥା ନାହିଁ। ମୁଖ୍ୟତଃ ନିଯୁକ୍ତି ବିହୀନ ଆର୍ଥିକ ଅଭିବୃଦ୍ଧି ଭାରତ ଭଳି ଏକ ଜନବହୁଳ ରାଷ୍ଟ୍ରରେ ଶୁଭଙ୍କର ନୁହେଁ। ତେଣୁ ଅର୍ଥମନ୍ତ୍ରୀ ନିଯୁକ୍ତି ଏବଂ କୃଷିକ୍ଷେତ୍ରକୁ ବଜେଟ୍‌ରେ ସବୁବେଳେ ପ୍ରାଧାନ୍ୟ ଦେବା ଉଚିତ।

**- ସତ୍ୟନାରାୟଣ ପାଢ଼ୀ, ବୁଦ୍ଧିଜୀବୀ, ବରଗଡ଼**

## ବାସହୀନଙ୍କୁ ଅଧିକ ଗୁରୁତ୍ୱ ଦିଆଯାଇଛି



“ ଦେଶରେ ଆଉ କେହି ବାସହୀନ ରହିବେନି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳିବ। ୨୦୨୨ ପୂର୍ବରୁ ଏହି ଯୋଜନାରେ ଗ୍ରାମୀଣ ଅଞ୍ଚଳରେ ୧.୯୫ କୋଟି ଘର ନିର୍ମାଣ କରାଯିବ। ସେହି ଘରେ ବିଜୁଳି ଓ ଶୌଚାଳୟ ବ୍ୟବସ୍ଥା ଉପଲବ୍ଧ ରହିବ। ୧୧୪ ଦିନରେ ଘର ପ୍ରସ୍ତୁତ ହେବ। ଅର୍ଥମନ୍ତ୍ରୀଙ୍କ ଏହି ଘୋଷଣା ଏକ ଭଲ ପଦକ୍ଷେପ। ୨୦୨୪ ସୁଦ୍ଧା ସମସ୍ତଙ୍କୁ ପିଇବା ପାଣି ଯୋଗାଇ ଦେବାର ଲକ୍ଷ୍ୟ ରହିଛି। ୬୦ ବର୍ଷ ବୟସ ପରେ ଉଠା ଓ ଛୋଟ ଦୋକାନୀଙ୍କୁ ୩ ହଜାର ଟଙ୍କା ମାସିକ ପେନସନ ଦିଆଯିବ। ଟ୍ୟାକ୍ସ ବ୍ୟବସ୍ଥାକୁ ସରଳୀକରଣ ସହ ଭିତ୍ତିଭୂମିର ଆଧୁନିକିକରଣ ପାଇଁ ବଜେଟ୍‌ରେ ବ୍ୟବସ୍ଥା ଭଲ କଥା।

**- ନୀଳିମା ଗୁରୁ, ଅର୍ଥନୀତି ଅଧାପିକା, ବିଜୁ ପଟ୍ଟନାୟକ ମହିଳା କଲେଜ, ସୋନପୁର**

## ଜଳସେଚନ, ଏମ୍‌ଏସ୍‌ପି ଉପରେ ଗୁରୁତ୍ୱ ନାହିଁ



“ ବଜେଟରେ ଚାଷୀମାନଙ୍କୁ ଗୁରୁତ୍ୱ ଦିଆଯାଉଥିବା କେନ୍ଦ୍ର ସରକାର କହିଛନ୍ତି। ହେଲେ ଏବେ ଚାଷୀ ସମସ୍ୟାରେ ବୁଡ଼ି ରହିଛନ୍ତି। ଏଥର ବଜେଟ୍‌ରେ ଯଦି ଜଳସେଚନ ଉପରେ ଅଧିକ ଅର୍ଥ ବିନିଯୋଗ ପାଇଁ ବ୍ୟବସ୍ଥା ହୋଇଥାନ୍ତା ତେବେ ଚାଷୀ ଲାଭବାନ ହୋଇଥାନ୍ତେ। ଏହାସହ ସ୍ୱାମୀନାଥନ କମିଶନ ରିପୋର୍ଟକୁ ଆଧାର କରି ଧାନର ସହାୟକ ମୂଲ୍ୟ ନିର୍ଦ୍ଧାରଣ କରିବାର ପ୍ରତିଶ୍ରୁତିକୁ କେନ୍ଦ୍ର ସରକାର ଭୁଲି ଯାଇଛନ୍ତି। ଧାନ କୁଇଣ୍ଟାଲ ପିଛା ମାତ୍ର ୬୫ ଟଙ୍କା ବୃଦ୍ଧି କଲେ ଚାଷୀଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆସିବ ନାହିଁ। ଚାଷର ଉନ୍ନତି ସହିତ ଚାଷୀର ଉନ୍ନତି ଉପରେ ବଜେଟ୍‌ରେ ବ୍ୟବସ୍ଥା ନାହିଁ।

**- ଅଶୋକ ପ୍ରଧାନ, ଚାଷୀନେତା, ସମ୍ବଲପୁର**

## ଲୋକାଭିମୁଖି



“ ସହଜରେ କହିବାକୁ ଗଲେ ଏଥର ଅର୍ଥମନ୍ତ୍ରୀ ସଂସଦରେ ଉପସ୍ଥାପନ କରିଥିବା ବଜେଟ ଲୋକାଭିମୁଖି ହୋଇଛି। କିନ୍ତୁ ଆୟକର ଛାଡ ସୀମା ବୃଦ୍ଧି ହେବା ନେଇ ସମସ୍ତେ ଆଶା ରଖିଥିଲେ। କିନ୍ତୁ ତାହା କରାଯାଇନାହିଁ। ୫ ଲକ୍ଷରୁ ଅଧିକ ଆୟ ଉପରେ ସିଧାସଳଖ ୨୦ ପ୍ରତିଶତ ଟିକସ ମଧ୍ୟବିତ୍ତ ପରିବାର ଲୋକଙ୍କ ପାଇଁ ଠିକ୍ ହୋଇନାହିଁ। ପେଟ୍ରୋଲ ଓ ଡିଜେଲ ଉପରେ ସେସ ଲାଗିବା ସାଧାରଣ ଲୋକଙ୍କ ପାଇଁ ବୋଝ ହେବ। ଏହାଦ୍ୱାରା ସବୁ ସାମଗ୍ରୀର ଦରଦାମ ବୃଦ୍ଧି ହେବ। ଲୋକେ ଏପରି ଦରବୃଦ୍ଧିକୁ ସହଜରେ ଗ୍ରହଣ କରିପାରିବେ ନାହିଁ।

**- କେତନ କୁମାର ଅଗ୍ରୱାଲା, ସଭାପତି, ମାରୱାଡି ଯୁବାମଞ୍ଚ, ବୌଦ୍ଧ**

## ଦୂରଦୃଷ୍ଟିସମ୍ପନ୍ନ



“ ଦେଶର ଅର୍ଥନୀତିକୁ ସୁଦୃଢ଼ ଓ ସଶକ୍ତ କରିବା ପାଇଁ ଏହା ଏକ ଦୂରଦୃଷ୍ଟିସମ୍ପନ୍ନ ବଜେଟ୍। ୨୦୨୨ ସୁଦ୍ଧା ସମସ୍ତଙ୍କ ପାଇଁ ପକ୍କାଘର ଓ ବିଜୁଳି ସଂଯୋଗ ତଥା ୨୦୨୪ ସୁଦ୍ଧା ଦେଶର ଅର୍ଥନୀତିକୁ ୫ ଟ୍ରିଲିୟନ ଡଲାରସ୍ତରରେ ପହଞ୍ଚାଇବା ଲକ୍ଷ୍ୟ ରଖି ବଜେଟ୍ ପ୍ରସ୍ତୁତି ହୋଇଛି। ଅତି ଧନିକ ଶ୍ରେଣୀଙ୍କ ଉପରେ ଅତିରିକ୍ତ ଟିକସ ବୃଦ୍ଧି ମାଧମରେ ଆୟବୃଦ୍ଧି ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ଉଜ୍ଜ୍ୱଳା ଯୋଜନା ମାଧମରେ ୮ କୋଟି ଗ୍ୟାସ ଯୋଗାଣ ଓ ପ୍ରତ୍ୟେକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ୯୧ ଲକ୍ଷ ମୁଦ୍ରା ଯୋଜନାରେ ଋଣ ବ୍ୟବସ୍ଥା ଗରିବ ଶ୍ରେଣୀ ପାଇଁ ଉତ୍ତମ। ତେବେ ପେଟ୍ରୋଲ ଓ ଡିଜେଲର ଦରବୃଦ୍ଧି ମଧ୍ୟବିତ୍ତ ଓ ଗରିବ ଶ୍ରେଣୀଙ୍କ ପାଇଁ ବାଧକ ହେବ।

**- ଜୟକୃଷ୍ଣ ସାହୁ, ଆଡଭୋକେଟ, ବଲାଙ୍ଗୀର**

## ଘରୋଇକରଣ ପ୍ରକ୍ରିୟା ପୁଞ୍ଜିପତିଙ୍କୁ ସମୃଦ୍ଧ କରିବ



“ କେନ୍ଦ୍ର ସରକାରଙ୍କ ବଜେଟ ଶୁଣିବାକୁ ଶ୍ରୁତି ମଧୁର ହୋଇପାରେ, ମାତ୍ର ଏଥିରେ ବାସ୍ତବତା କମ୍ ନଜରକୁ ଆସୁଛି। ସ୍ୱପ୍ନ ଦେଖାଇବାରେ କିଛି ଅସୁବିଧା ନାହିଁ। କାର୍ଯ୍ୟକାରୀ ହେବା ହିଁ ମୁଖ୍ୟ କଥା। ଚଳିତ ବଜେଟରେ ସବୁ ବର୍ଗର ଲୋକଙ୍କ ଉତ୍ଥାନ ନେଇ ବ୍ୟବସ୍ଥା ନାହିଁ। ବିଶେଷ କରି ଦେଶର ବେକାରଙ୍କ ପାଇଁ ସେମିତି କିଛି ନିର୍ଦ୍ଦିଷ୍ଟ ଯୋଜନା ଥିବା ପରି ମନେ ହେଉନାହିଁ। ଘରୋଇକରଣ ପ୍ରକ୍ରିୟା ପୁଞ୍ଜିପତିଙ୍କୁ ସମୃଦ୍ଧ କରିବ। ସରକାର ବାକି ଯାହା ଚିତ୍ର ଦେଖାଇଛନ୍ତି ତାହା ପୂରଣ ହେବା ଦୁରୂହ ବ୍ୟାପାର। ଏଥିପାଇଁ କେନ୍ଦ୍ର ସରକାର ଅନ୍ୟ କୌଣସି ବ୍ୟବସ୍ଥା କରିବା ଆବଶ୍ୟକ ଥିଲା।

**- ରମେଶ ବଳ, ପୂର୍ବତନ ନଗରପାଳ, ରାଉରକେଲା**

## ଗ୍ରାମାଞ୍ଚଳକୁ ପ୍ରାଧାନ୍ୟ



“ କେନ୍ଦ୍ର ଅର୍ଥମନ୍ତ୍ରୀ ଶୁକ୍ରବାର ସଂସଦରେ ଆଗତ କରିଥିବା ବଜେଟ୍ ଲୋକାଭିମୁଖି ହୋଇପାରିଛି। ଏଥିରେ ବିଭିନ୍ନ ବର୍ଗକୁ ଖୁସି କରିବା ପାଇଁ ବ୍ୟବସ୍ଥା କରାଯାଇଛି। ବିଶେଷରେ ବଜେଟ୍‌ରେ କୃଷି, ଗ୍ରାମାଞ୍ଚଳକୁ ପ୍ରାଧାନ୍ୟ ଦିଆଯାଇଛି। ମହିଳା ସଶକ୍ତୀକରଣ ଉପରେ ବି ଦୃଷ୍ଟି ଦିଆଯାଇଛି। ଆୟକର ସୀମା ଛାଡ଼ରେ ପରିବର୍ତ୍ତନ ଆସିଛି, ଯଦ୍ୱାରା ମଧ୍ୟବିତ୍ତ ପରିବାରମାନଙ୍କ ପାଇଁ ଆର୍ଥିକ ସ୍ଥିତି ସୁଧୁରିପାରିବ ଓ ବିକାଶ ହୋଇପାରିବ। ମୋଟାମୋଟି କହିବାକୁ ଗଲେ ବଜେଟ୍ ଦେଶର ଅଗ୍ରଗତିରେ ସହାୟକ ହେବ ବୋଲି ଆଶା କରାଯାଉଛି।

**- ରାମଚନ୍ଦ୍ର ମହାପାତ୍ର, ଶିକ୍ଷାବିତ୍, ଦେବଗଡ଼**

## ଶିକ୍ଷାକ୍ଷେତ୍ରରେ ପରିବର୍ତ୍ତନ ଆସିବ



“ ବଜେଟ୍‌ରେ ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ସ୍ପଷ୍ଟ ଆଭାସ ମିଳିଛି। ନୂତନ ଶିକ୍ଷାନୀତି ପ୍ରଚଳନ ଏକ ନୂତନ ଦିଗଦର୍ଶନ ପ୍ରଦାନ କରିବ। ବିଶେଷ କରି ଉଚ୍ଚ ଗବେଷଣା କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ। ବିଦେଶୀ ଛାତ୍ରୀଛାତ୍ରଙ୍କୁ ପ୍ରକଳ୍ପ କରିବା ପାଇଁ ଷ୍ଟଡି ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଘୋଷଣା କରିବା ଏ ଦେଶ ପାଇଁ ଗର୍ବର ବିଷୟ। ଛାତ୍ରୀଛାତ୍ରଙ୍କ ଜ୍ଞାନ ଓ ଦକ୍ଷତାର ବିକାଶ ଫଳରେ ଭାରତ ମାନବ ସମ୍ବଳ ସୁଦୃଢ଼ ହେବା ଆଶା ପୋଷଣ କରାଯାଇପାରିବ।

**- ଡ. ଉମେଶ ଚନ୍ଦ୍ର ଶତପଥୀ, ଶିକ୍ଷାବିତ୍, ଭବାନୀପାଟଣା**

## ଅର୍ଥନୈତିକ, ସାମାଜିକ ବିକାଶ ଉପରେ ଗୁରୁତ୍ୱ



“ ବହୁ ବର୍ଷ ପରେ ଏକ ଭଲ ବଜେଟ ଦେଖିବାକୁ ମିଳିଛି। ବଜେଟରେ ବିଭିନ୍ନ ଦିଗ ପ୍ରତି ଦୃଷ୍ଟି ଦିଆଯାଇଛି। କୃଷି ଏବଂ ଶିଳ୍ପ ବିକାଶ ଦିଗରେ ସରକାରଙ୍କ ପଦକ୍ଷେପ ପ୍ରଶଂସନୀୟ। ମେକ୍ ଇନ୍ ଇଣ୍ଡିଆ ଉପରେ ଗୁରୁତ୍ୱ ଦେଲେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହା ଦେଶର ଚାଷୀ, ଗରିବ, ଖଟିଖିଆ, ମହିଳା, ଯୁବ ସମାଜ ସକାଶେ ବିକାଶର ରାସ୍ତା ଦେଖାଇବ। ଅର୍ଥନୈତିକ, ସାମାଜିକ ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି।

**- ସୁରେଶ କୁମାର ଦଣ୍ଡସେନା, ସାମାଜିକ କର୍ମୀ, ନୂଆପଡ଼ା**

## ପ୍ରତିଶ୍ରୁତି ପ୍ରତିଫଳିତ ହୋଇନାହିଁ



“ କେନ୍ଦ୍ରର ମୋଦି ସରକାରଙ୍କ ଦ୍ୱାରା ଉପସ୍ଥାପିତ ବଜେଟ ପୁଞ୍ଜିବାଦୀଙ୍କୁ ସୁହାଇଲା ଭଳି ହୋଇଛି। ଏଥିରେ ଗରିବ, ମଧ୍ୟବିତ ଶ୍ରେଣୀର ଲୋକଙ୍କୁ ଭୁଆଁ ବୁଲାଯାଇଛି। ଏହି ବଜେଟରେ କୌଣସି ନୂତନତ୍ୱ ନାହିଁ। ଏହା ନୂଆଁ ବୋତଲରେ ପୁରୁଣା ମଦ ସଦୃଶ ହୋଇଛି। ଗରିବ ଲୋକଙ୍କୁ ମୋଦି ସରକାର ଦେଇଥିବା ପ୍ରତିଶ୍ରୁତି ପ୍ରତିଫଳିତ ହୋଇନାହିଁ।

**- ନିମାଇଁ ଚରଣ ନାଏକ, ବରିଷ୍ଠ ଆଇନଜୀବୀ, ସୁନ୍ଦରଗଡ଼**

## ପୁଞ୍ଜିପତି, ବ୍ୟବସାୟୀଙ୍କୁ ସୁହାଇବ



“ କେନ୍ଦ୍ର ସରକାରଙ୍କ ଦ୍ୱାରା ଯେଉଁ ବଜେଟ ଆଗତ ହୋଇଛି ତାହା ପୁଞ୍ଜିପତି, ବ୍ୟବସାୟୀମାନଙ୍କୁ ସୁହାଇବ। ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ପାଇଁ ସେତେଟା ଆଖିଦୃଶିଆ ଘୋଷଣା ହୋଇନାହିଁ।

**- ବିନୋଦ ଚନ୍ଦ୍ର ଜେନା, ଶିକ୍ଷାବିତ୍, ଗଜପତି**

## ଶିକ୍ଷାର୍ଥୀଙ୍କ ପାଇଁ ଭଲ



“ ଏହି ବଜେଟରେ ଉଚ୍ଚଶିକ୍ଷା ପାଇଁ ୪୦୦ କୋଟିର ବ୍ୟୟବରାଦ କରାଯାଇଛି। କୌଶଳ ବିକାଶ ଯୋଜନାରେ ୧ କୋଟି ଯୁବତୀଯୁବକଙ୍କୁ ତାଲିମ ଦିଆଯିବ। ଉଚ୍ଚଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ପାଇଁ ନୂଆ ଶିକ୍ଷାନୀତିରେ ଅନେକ ପ୍ରସ୍ତାବ ରହିଛି। ନ୍ୟାଶନାଲ ରିସର୍ଚ୍ଚ ଫାଉଣ୍ଡେଶନ ପ୍ରତିଷ୍ଠା କରି ଶିକ୍ଷା ବ୍ୟବସ୍ଥାକୁ ବିଶ୍ୱସ୍ତରରେ ନେବା ପାଇଁ ଉଦ୍ୟମ କରାଯାଇଛି। ବିଦେଶରୁ ଛାତ୍ରୀଛାତ୍ରଙ୍କୁ ଭାରତ ପ୍ରତି ଆକର୍ଷିତ କରିବା ପାଇଁ ଷ୍ଟଡି ଇନ୍ ଇଣ୍ଡିଆ ପ୍ରଚଳନ କରାଯିବ, ଯାହାକି ସ୍ୱାଗତଯୋଗ୍ୟ। ଏହା ଶିକ୍ଷାର୍ଥୀମାନଙ୍କ ପାଇଁ ଭଲ ବଜେଟ।

**- ଦୀନେଶ ବିଶ୍ୱାଳ, ଛାତ୍ର, ନୟାଗଡ଼**

## ଲୋକାଭିମୁଖୀ ହୋଇଛି



“ କେନ୍ଦ୍ର ସରକାରଙ୍କ ବଜେଟ ବେଶ୍ ଲୋକାଭିମୁଖୀ ହୋଇଛି। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟାଙ୍କ ପାଇଁ ମଧ ବଜେଟ ଖୁସି ଭରି ଦେଇଛି। ମୁଦ୍ରା ଯୋଜନାରେ ପ୍ରତି ସଭ୍ୟା ୧ ଲକ୍ଷ ଟଙ୍କାର ଋଣ ସହ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଓଭରଡ୍ରାଫ୍ଟର ସୁବିଧା ପାଇପାରିବେ। ଅନ୍ତରୀକ୍ଷ, ବିଜ୍ଞାନ ଓ କାରୀଗରି କ୍ଷେତ୍ରରେ ଭାରତକୁ ବିଶ୍ୱରେ ପ୍ରତିଷ୍ଠିତ କରିବା ପାଇଁ ଯେଉଁ ଲକ୍ଷ୍ୟ ରହିଛି ତାହା ଗୁରୁତ୍ୱପୂର୍ଣ୍ଣ।

**- ଭଗବାନ ଦାଶ, ବ୍ୟବସାୟୀ, ଜଗତ୍‌ସିଂହପୁର**

## ସ୍କୁଲଗୁଡ଼ିକ ଫି’ ବର୍ଦ୍ଧିତ କରିବେ



“ ଲାଗୁ ହେବାକୁ ଥିବା ନୂଆ ଶିକ୍ଷା ନୀତି ଅନୁସାରେ ଶିକ୍ଷା ବଜେଟ ଜିଡିପିର ୬% ହେବା କଥା। କିନ୍ତୁ ବଜେଟରେ ଏହି ବ୍ୟବସ୍ଥା ନାହିଁ। ଏହା ଚିନ୍ତାର ବିଷୟ। ଅଶୋଧିତ ତୈଳରେ ୧% ସେସ୍ ବୃଦ୍ଧି ପରେ ପେଟ୍ରୋଲ ଏବଂ ତେଲ ଦର ବୃଦ୍ଧି ପାଇବ, ଯାହାକି ଯାତ୍ରୀ ଓ ପରିବହନ ଭଡ଼ା ବୃଦ୍ଧିକୁ ବାଧ କରିବ। ଫଳରେ ସ୍କୁଲଗୁଡ଼ିକ ଫି’ ବର୍ଦ୍ଧିତ କରିବେ। ଅଭିଭାବକମାନେ ହିଁ ପ୍ରଭାବିତ ହେବେ।

**- ବାସୁଦେବ ଭଟ୍ଟ, ଅଧକ୍ଷ, ଓଡ଼ିଶା ଅଭିଭାବକ ମହାସଂଘ**

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୬ ଜୁଲାଇ, ୨୦୧୯

## ସଂକ୍ଷେପରେ

### ଇଫ୍‌କୋ ପରିସରରେ କୃଷକ ସମାବେଶ ଜୈବିକ ସାର ଉତ୍ପାଦନକୁ ଗୁରୁତ୍ୱ

**ପାରାଦୀପ,୫।୭(ସ୍ୱ.ପ୍ର.):** ପାରାଦୀପ ଇଫ୍‌କୋ ସାର କାରଖାନା ସମ୍ପ୍ରତି ବିଶ୍ୱର ବଡ଼ ଉତ୍ପାଦନ ୟୁନିଟ୍ ଭାବେ ମାନ୍ୟତା ପାଇଛି। କମ୍ପାନୀ ଚାଷୀଙ୍କ ଆବଶ୍ୟକତା ଓ ଜମିର ପରିବର୍ତ୍ତନ ସହ ତାଳଦେଇ ଜୈବିକ ସାର ଉତ୍ପାଦନକୁ ଗୁରୁତ୍ୱ ଦେଉଛି। ଏଥିସହ କମ୍ପାନୀ ନାନୋ ଫର୍ଟିଲାଇଜର ଉପରେ ପରୀକ୍ଷା ନିରୀକ୍ଷା କରିସାରିଛି। ଏହି ନାନୋ ସାର କମ୍ପାନୀ ଆଗାମୀ ଦିନରେ ଉତ୍ପାଦନ କରିବ ବୋଲି ଶୁକ୍ରବାର ଏଠାରେ ଅନୁଷ୍ଠିତ କୃଷକ ସମାବେଶରେ ପାରାଦୀପ ୟୁନିଟ୍ ମୁଖ୍ୟ ଜେ.ଜେ.ପଟେଲ ପ୍ରକାଶ କରିଛନ୍ତି। ସେ କହିଲେ ଯେ, ନାନୋ ସାରର ବିଶେଷତ୍ୱ ହେଲା, ଏବେ ୫୦ କିଲୋ ଗ୍ରାମ୍ ସାର ବସ୍ତାରେ ଯେତିକି ଜମିକୁ ପୋଷଣ ମିଳୁଛି, ନାନୋ ସାର ମାତ୍ର ୧ ମିଲି ଗ୍ରାମରେ ସେତିକି ପୋଷଣ ଦେବ। ଏହି ସାରକୁ ଏକ ଚାମଚ ନେଇ ପାଣିରେ ମିଶାଯାଇ କ୍ଷେତରେ ପକାଯାଇପାରିବ। ଏହାଦ୍ୱାରା ଚାଷୀଙ୍କୁ ଆଉ ଅଧିକ ବୋଝ ବୋହିବାକୁ ପଡିବ ନାହିଁ ବୋଲି ସେ କହିଛନ୍ତି। ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀର ବରିଷ୍ଠ ଅଧିକାରୀ ସୁରେଶ ଗୋୟଲ, କୃଷକ ପ୍ରତିନିଧି କେ.ସି.ସ୍ୱାଇଁ, ମହିଳା ଚାଷୀଙ୍କ ମଧ୍ୟରୁ ନିରୁପମା ଦାସ ପ୍ରମୁଖ ମତ ରଖିଥିଲେ। କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାରୁ ଶତାଧିକ ମହିଳା-ପୁରୁଷ ଚାଷୀ ଏଥିରେ ଯୋଗ ଦେଇଥିଲେ।

### ରାସ୍ତା ପ୍ରଶସ୍ତୀକରଣ, ଓଭର ବ୍ରିଜ୍ ପାଇଁ ଦାବିପତ୍ର

**ପାରାଦୀପ, ୫।୭ (ସ୍ୱ.ପ୍ର.):** ପାରାଦୀପର ଅଠରବାଙ୍କିଠାରୁ ଦୋଛକି ପର୍ଯ୍ୟନ୍ତ ୫ନଂ (କ) ଜାତୀୟ ରାଜପଥ ଏବେ ବିପଜ୍ଜନକ ହୋଇପଡିଛି। ଉକ୍ତ ରାସ୍ତାରେ ଭାରିଯାନ ଚଳାଚଳ କରିବା ଫଳରେ ପ୍ରତ୍ୟହ ଦୁର୍ଘଟଣା ଘଟୁଛି। ୧୯୭୦ରେ ନିର୍ମିତ ଏହି ରାସ୍ତାରେ ଏବେ ଅଧିକ ସଂଖ୍ୟାରେ ଗାଡ଼ି ଚାଲିଛି। ଏହାର ପ୍ରତିକାର ପାଇଁ ପାରାଦୀପର ସ୍ୱେଚ୍ଛାସେବୀ ସଙ୍ଗଠନ ପରିବେଶ ସୁରକ୍ଷା ଟ୍ରଷ୍ଟ ପକ୍ଷରୁ ଶୁକ୍ରବାର ରାଜ୍ୟପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଉକ୍ତ ରାସ୍ତାର ସମ୍ପ୍ରସାରଣ, ବାଇପାସ୍ ଓ ଅଠରବାଙ୍କିଠାରେ ଆଉ ଏକ ଓଭର ବ୍ରିଜ୍ ନିର୍ମାଣ ପାଇଁ ଦାବିପତ୍ରରେ ଦର୍ଶାଯାଇଛି। ଏବେ ପାରାଦୀପର ୧୫ଟି ବୃହତ୍ ଶିଳ୍ପକୁ ପ୍ରତିଦିନ ୧୦ ହଜାରରୁ ଊର୍ଦ୍ଧ୍ୱ ଭାରିଯାନ ଚଳାଚଳ କରୁଛି। ସେହି ଅନୁପାତରେ ରାସ୍ତା ନାହିଁ। ଏପରିକି ରାସ୍ତା ଅଧିକାଂଶ ସମୟରେ ଧୂଳିରେ ଅନ୍ଧକାରଚ୍ଛନ୍ନ ରହୁଛି। ଏ ସବୁରୁ ବର୍ତ୍ତିବା ଓ ସାଧାରଣ ଲୋକଙ୍କ ସୁରକ୍ଷା ପାଇଁ ଏଥିପ୍ରତି ଜାତୀୟ ରାଜପଥ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି କରାଯାଇଛି।

## ରାଶନ କାର୍ଡ ସହ ଆଧାର ସଂଯୋଗ

# ବାଦ୍‌ପଡ଼ିଛନ୍ତି ୨୧ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀ

**ତିର୍ତ୍ତୋଲ,୫।୭(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକର ୨୯ ପଞ୍ଚାୟତରେ ୩୨ ହଜାରରୁ ଊର୍ଦ୍ଧ୍ୱ ପରିବାରର ୧ଲକ୍ଷ ୨୩ ହଜାର ହିତାଧିକାରୀ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧ ଲକ୍ଷ ୨ହଜାର ହିତାଧିକାରୀଙ୍କ ଆଧାର ଲିଙ୍କ୍ କରାଯାଇଥିବା ବେଳେ ଏପର୍ଯ୍ୟନ୍ତ ୨୧ ହଜାରରୁ ଅଧିକ ହିତାଧିକାରୀଙ୍କ ଆଧାର ଲିଙ୍କ ହୋଇନାହିଁ। ବହୁ ହିତାଧିକାରୀ ସେମାନଙ୍କ ଆଧାର କାର୍ଡ ଜେରକ୍ସ ପ୍ରଦାନ କରିଥିଲେ ମଧ୍ୟ କାହିଁକି ଆଧାର ଲିଙ୍କ ହୋଇନି ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଏବେ ପୁନର୍ବାର ସେମାନଙ୍କୁ ଆଧାର କାର୍ଡର ଜେରକ୍ସ ପ୍ରଦାନ କରିବାକୁ କୁହାଯାଉଛି। ଏହି ଆଧାର ଲିଙ୍କ୍ ନ ହେବା ପଛରେ ବିଭାଗୀୟ ଅଧିକାରୀମାନଙ୍କ ମନ୍ଦ ଉଦ୍ଦେଶ୍ୟ ରହିଥିବା ଚର୍ଚ୍ଚା ହେଉଛି। ଇତିମଧ୍ୟରେ କେତେକ ଝିଅ ବାହା ହୋଇ ଶାଶୁ ଘରକୁ ଚାଲି ଯାଇଛନ୍ତି ଓ କେତେକ ହିତାଧିକାରୀଙ୍କ ମୃତ୍ୟୁ ଘଟିଛି। ଏମାନଙ୍କ ପାଇଁ ଆସୁଥିବା ରାଶନ ସାମଗ୍ରୀ ବାଟମାରଣା କରାଯାଉଥିବା କୁହାଯାଉଛି। ବହୁ ହିତାଧିକାରୀ ବ୍ଲକ ଭାରପ୍ରାପ୍ତ ଏମଆଇଙ୍କୁ ଏ ସମ୍ପର୍କରେ ଅଭିଯୋଗ କରିବାକୁ ଆସି ତାଙ୍କୁ କାର୍ଯ୍ୟାଳୟରେ ନପାଇ ନିରାଶ ହୋଇ ଫେରୁଛନ୍ତି। ଫୋନରେ ଯୋଗାଯୋଗ କରିବାରୁ ତାଙ୍କର ନିଯୁକ୍ତି ଏରସମାରେ ହୋଇଥିବାରୁ ସେ କେତେବେଳେ ଏରସମା ତ କେତେବେଳେ ଜଗତସିଂହପୁର ସିଏସଓଙ୍କ କାର୍ଯ୍ୟାଳୟରେ ରହୁଥିବା ଉତ୍ତର ଦେଉଛନ୍ତି। ଆଧାର ଲିଙ୍କ ବିଳମ୍ବ ସମ୍ପର୍କରେ ନିକଟରେ ଜିଲା ଯୋଗାଣ ବିଭାଗ ତରଫରୁ ଏସିଏସଓ ପି.କେ. ରାଉତରାୟ ତଦାରଖ କରିବା ପାଇଁ ଆସିଥିଲେ। ଏତେ ପରିମାଣର ଆଧାର ଲିଙ୍କ ହୋଇ ନ ଥିବାରୁ ସେ ଅସନ୍ତୋଷ ପ୍ରକାଶ କରିବା ସହ ସବୁ ହିତାଧିକାରୀଙ୍କ ଆଧାର ଲିଙ୍କ କରିବାକୁ କହିଥିଲେ। କିନ୍ତୁ ତାହା ହୋଇନାହିଁ। ଏସମ୍ପର୍କରେ ଏମଆଇ ଯଶୋବନ୍ତ ମଲ୍ଲିକଙ୍କୁ ପଚାରିବାରୁ ହିତାଧିକାରୀମାନେ ସେମାନଙ୍କ ଆଧାର କାର୍ଡ ଜେରକ୍ସ କପି ପ୍ରଦାନ କରି ନ ଥିବାରୁ ଲିଙ୍କ୍ ବିଳମ୍ବ ହୋଇଥିବା ସୂଚନା ଦେଇଛନ୍ତି। ବହୁ ହିତାଧିକାରୀ ଆଧାର କାର୍ଡ ଦେଇଥିଲେ ମଧ୍ୟ ସେମାନଙ୍କର କାହିଁକି ଲିଙ୍କ୍ କରାଯାଇନାହିଁ ପଚାରିବାରୁ ଆଉ ଥରେ ଆଧାର କାର୍ଡ ଜେରକ୍ସ ଦେଲେ କ'ଣ ଅସୁବିଧା ହୋଇଯାଉଛି ବୋଲି ସେ ପାଲଟା ପ୍ରଶ୍ନ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖାଇଲା ବେଳକୁ ସାତପୁଅ ମା**
**ହୁଳହୁଳି ଦେଲା ବେଳକୁ ଜିଭରେ ଘାଆ ।**

ଖାଇବାକୁ ଆଗୁସାର ଅଥଚ କାମ କରିବାକୁ ବିମୁଖ। ଅନ୍ୟ ଅର୍ଥରେ ନିଜର କାର୍ଯ୍ୟ ସାଧନ ପାଇଁ ଯେତେ ବ୍ୟସ୍ତତା ପ୍ରକାଶ ପାଏ, ଅନ୍ୟକୁ ସାହାଯ୍ୟ କରିବାକୁ ସେତେଟା ବ୍ୟଗ୍ରତା ପରିଲକ୍ଷିତ ହେଉ ନ ଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଖଟତଳେ ଗଲା ବିଛା**
**ଯେଉଁ ଦିନୁ ଧନ ବିଦେଶ ଗଲେଣି**
**ପଲଙ୍କ ପଡ଼ିଛି ତୁଚ୍ଛା ।**

ପ୍ରତୀକ୍ଷା ସାଧାରଣତଃ ଯନ୍ତ୍ରଣାଦାୟକ ହୋଇଥାଏ। ସ୍ୱାମୀ ସହ ସୁଖରେ ଘର ସଂସାର କରିବାକୁ ମନସ୍ଥ କରିଥିବା ନାରୀ ଏଥିରୁ ବଞ୍ଚିତ ହେଲେ ସବୁ ସୋହାଗ ସରାଗ ତା'ର ମରିଯାଇଥାଏ। ସ୍ୱାମୀ ବିନା ସବୁ ଖୁସି ତୁଚ୍ଛ ଲାଗିଥାଏ। ଚିରପ୍ରବାସୀ ସ୍ୱାମୀ ପାଇଁ ଦୀର୍ଘ ପ୍ରତୀକ୍ଷାରତ ରମଣୀ ବିରହଜନିତ ଦୁଃଖରେ ଭାଙ୍ଗିପଡ଼ିବା ସ୍ୱାଭାବିକ ହୋଇଥିବା ସ୍ଥଳେ ତା'ର ବ୍ୟଥିତ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ଭାଜପାର ସାଙ୍ଗଠନିକ ସଦସ୍ୟତା ଅଭିଯାନ


ଭାଜପାର ସଦସ୍ୟତା ଅଭିଯାନ ଉଦ୍‌ଘାଟନ ଅବସରରେ ଉପସ୍ଥିତ ନେତା ଓ କାର୍ଯ୍ୟକର୍ତ୍ତା।

**ଜଗତ୍‌ସିଂହପୁର ଅଫିସ,୫।୭**

ସ୍ଥାନୀୟ ଏକ ମଣ୍ଡପ ପରିସରରେ ଭାଜପାର ସାଙ୍ଗଠନିକ ସଦସ୍ୟତା ଅଭିଯାନ ଜିଲା ସଭାପତି ସତ୍ୟବ୍ରତ ମହାପାତ୍ରଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଏଥିରେ ଜିଲା ସଦସ୍ୟତା ପ୍ରଭାରୀ ସୁକାନ୍ତ କୁମାର ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ୨୦୧୯ ନିର୍ବାଚନରେ ଦଳ ତରଫରୁ ଏମ୍‌ପି ପ୍ରାର୍ଥୀ ହୋଇଥିବା ବିଭୂ ପ୍ରସାଦ ତରାଇ, ପାରାଦୀପ ବିଧାନସଭା ପ୍ରାର୍ଥୀ ସମ୍ପଦ ସ୍ୱାଇଁ, ତିର୍ତ୍ତୋଲର ରମାକାନ୍ତ ଭୋଇ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଉପେନ୍ଦ୍ର ସ୍ୱାଇଁ, ପ୍ରତାପ ମିଶ୍ର, ନିର୍ମଳ ସ୍ୱାଇଁ, ଜିଲା ଉପସଭାପତି ସୌଭାଗ୍ୟ ମହାନ୍ତି, ଅଜିତ ଦାସ, ସାଧାରଣ ସମ୍ପାଦକ ବିଜୟ ଦାଶ, ଜଗନ୍ନାଥ ଦାସ ଓ ମିଡିଆ ସେଲର ଗଣେଶ ପ୍ରସାଦ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ସଦସ୍ୟତା ଅଭିଯାନ ସାରା ଦେଶରେ ଜୁଲାଇ ୬ରୁ ଅଗଷ୍ଟ ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଏଥିରେ ସୂଚନା ଦିଆଯାଇଛି।

## ବିହନ ବିଶୋଧନ କାର୍ଯ୍ୟକ୍ରମ

**ବିରିଡ଼ି,୫।୭(ଡି.ଏନ.ଏ)**

ବିରିଡ଼ି ବ୍ଲକ କୃଷି ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଖରିଫ ଧାନ ଚାଷ ପାଇଁ ବିହନ ବିଶୋଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ନିରୋଗ ଫସଲ ପାଇଁ ବିହନ ବିଶୋଧନ ଅପରିହାର୍ଯ୍ୟ ବୋଲି ବ୍ଲକ ସହକାରୀ କୃଷି ଅଧିକାରୀ ମାନସୀ ମଧୁଭାସିନୀ ପଶାୟତ କହିଛନ୍ତି। ସଡେଇଶାସନ ପଞ୍ଚାୟତ କାର୍ଯ୍ୟାଳୟଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସହକାରୀ କୃଷି ଅଧିକାରୀ ତଥା ସ୍କିମ ଅଫିସର ଜନାର୍ଦ୍ଦନ ବଳ, ଭିଏଲଡବ୍ଲ୍ୟୁ ଅନୁସ୍ମିତା ସେଠୀ, ରାଜେନ୍ଦ୍ର ସ୍ୱାଇଁ, ପଲ୍ଲୀ ବିକାଶ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମ୍ପାଦକ ବାବାଜୀ ଚରଣ ସ୍ୱାଇଁ, କୃଷକ ସାଥୀ ଭରତ ମହାନ୍ତି, ସବ୍ୟସାଚୀ ରାୟ ପ୍ରମୁଖ ଯୋଗଦେଇ କେଉଁ ପ୍ରଣାଳିରେ ବିହନ ବିଶୋଧନ କରାଯିବ ବୁଝାଇଥିଲେ। ସେହିପରି ଫିଲିଫାଇନ୍ସ ଆର୍ଥିକ ସହାୟତାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜରିଆରେ ଚାଷୀଙ୍କୁ ୧୨୦ ଦିନିଆ ବୀଣା ଧାନ ବିହନ, ୧୪୫ ଦିନିଆ ସ୍ୱର୍ଣ୍ଣ ସବ-୧ ଓ ୧୫୫ ଦିନିଆ ୧୦୦୯ ସବ-୧ ପ୍ୟାଚ୍ ଅନୁସାରେ ଚାଷୀଙ୍କୁ ମାଗଣାରେ ଯୋଗାଇ ଦିଆଯିବ ବୋଲି କହିଥିଲେ। ଶଙ୍ଖପୁର ଓ ଅଲାଣ୍ଡୋ ପଞ୍ଚାୟତରେ ସହକାରୀ କୃଷି ଅଧିକାରୀ ପ୍ରଦୀପ କୁମାର ବେଉରା, କୃଷି ଗ୍ରାମସେବକ ଚନ୍ଦ୍ରଶେଖର ସାହୁ, ରୁଦ୍ରନାରାୟଣ ମହାନ୍ତି ପ୍ରମୁଖ ଯୋଗଦେଇ ବିହନ ବିଶୋଧନ ପ୍ରଣାଳି ବୁଝାଇଥିଲେ।

## ଶୃଙ୍ଖଳାରେ ସରିଲା ଘୋଷଯାତ୍ରା


ପିପିଏଲ୍ ପକ୍ଷରୁ କମ୍ପାନୀର ସ୍ଥାନୀୟ ମୁଖ୍ୟ ରଣଜିତ୍ ସିଂ ଚୁଗ୍ ପୂଜା କରୁଛନ୍ତି।

**ପାରାଦୀପ/ବିରିଡ଼ି/ବାଲିଆ,୫।୭ (ସ୍ୱ.ପ୍ର./ଡି.ଏନ୍.ଏ)**

ପାରାଦୀପ ଫସଫେଟ୍‌ସ ଲିମିଟେଡ୍ (ପିପିଏଲ୍) ଟାଉନସିପ୍ ପରିସରରେ ରଥଯାତ୍ରା ଅନୁଷ୍ଠିତ ହୋଇଛି। କମ୍ପାନୀର ସ୍ଥାନୀୟ ମୁଖ୍ୟ ରଣଜିତ୍ ସିଂ ଚୁଗ୍ ଛେରା ପହଁରା କରିବା ପରେ ରଥ ଟଣାଯାଇଥିଲା। ସେହିପରି ବିରିଡ଼ିର ହାଜିପୁରସ୍ଥିତ ମହାପୁରୁଷ ପଞ୍ଚସଖାଙ୍କ ସାଧନାପୀଠ ଧାନକୁଦଠାରେ ଥିବା ଶ୍ରୀ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଅନୁଷ୍ଠିତ ହୋଇଛି। ମୁଦିରସ୍ତ ବିଜୟ କୁମାର ମିଶ୍ରଙ୍କ ଦ୍ୱାରା ଛେରା ପହଁରା, ଚାରମାଳ ଫିଟା ଓ ଘୋଡା ସାରଥି ବିଜେ ହେବା ପରେ ରଥଟଣା ହୋଇଥିଲା। ପାଗ ପ୍ରତିକୂଳ ସତ୍ତ୍ୱେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଅଢଙ୍ଗ ନାଇଲୋ ଯଶୋବନ୍ତ ମହାପୁରୁଷଙ୍କ ପୀଠ, ଉକୁନ୍ଦରା, ମଇନ୍ଦିପୁର, ଅଷ୍ଟଶମ୍ଭୁ ମନ୍ଦିର, ଶିବପୁର, କଇଜଙ୍ଗା ବଜାର ସହ ବିଭିନ୍ନ ସ୍ଥାନରେ ରଥଯାତ୍ରା ହୋଇଥିଲା। ତେନ୍ତୁଳିଆ-ଅରଙ୍ଗାବାଦ ଗ୍ରାମବାସୀଙ୍କ ପ୍ରଚେଷ୍ଟାରେ ଚଳିତ ବର୍ଷ ପ୍ରଥମ କରି ରଥଯାତ୍ରା ହୋଇଛି। ଏଠାରେ ମହିଳା ଭକ୍ତମାନେ ରଥ ଟାଣିଥିଲେ। ରାଜା ଭାବେ ଆଶୀର୍ବାଦ ସ୍ୱାଇଁ ଛେରାପହଁରା କରିଥିଲେ।

## ରାଜ୍ୟ ଘରୋଇ ବିଦ୍ୟାଳୟ ମହାସଂଘ ବୈଠକ

**କୁଜଙ୍ଗ,୫।୭(ସ୍ୱ.ପ୍ର.)**

ସ୍ଥାନୀୟ ମଡେଲ୍ ପବ୍ଲିକ୍ ସ୍କୁଲ ପରିରରେ ରାଜ୍ୟ ଘରୋଇ ବିଦ୍ୟାଳୟ ଶିକ୍ଷକ ଓ କର୍ତ୍ତୃପକ୍ଷ ମହାସଂଘ ପକ୍ଷରୁ ଶୁକ୍ରବାର ଅପରାହ୍ନରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ମଡେଲ୍ ପବ୍ଲିକ୍ ସ୍କୁଲର ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ବୈଠକରେ କୁଜଙ୍ଗ ବ୍ଲକ୍ ସମେତ ଜଗତ୍‌ସିଂହପୁର ଜିଲାର ବିଭନ୍ନ ଘରୋଇ ବିଦ୍ୟାଳୟ କର୍ତ୍ତୃପକ୍ଷ ଯୋଗ ଦେଇଥିଲେ। ବର୍ତ୍ତମାନ ରାଜ୍ୟ ସରକାର ଘରୋଇ ବିଦ୍ୟାଳୟଗୁଡ଼ିକରେ ତାଲା ପକାଇବା ପାଇଁ ଯେପରି କଠୋର ମନୋଭାବ ପୋଷଣ କରିଛନ୍ତି ତାହାକୁ ଏଥିରେ ସମାଲୋଚନା କରାଯାଇଥିଲା। ଶିକ୍ଷା ଅଧିକାର ଆଇନ ୨୦୦୯ ଅନୁଯାୟୀ, ଯେପରି ଭିତ୍ତିଭୂମି ଆବଶ୍ୟକ ତାହା ଉଭୟ ସରକାରୀ ଓ ବେସରକାରୀ ବିଦ୍ୟାଳୟ ପାଳନ କରିବାକୁ ନିୟମ ଥିବାବେଳେ ସରକାର ଏକ ପାଖିଆ ଭାବେ କେବଳ ଘରୋଇ ବିଦ୍ୟାଳୟଗୁଡ଼ିକୁ ମାନିବାକୁ ବାଧ୍ୟ କରୁଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ଶିକ୍ଷା ଅଧିକାର ୨୦୦୯ ଏକ ଆଇନରେ ପରିଣତ ହୋଇଥିବାରୁ ତାହାକୁ ଘରୋଇ ବିଦ୍ୟାଳୟ ମାନିବାକୁ ଅଙ୍ଗୀକାର ବଦ୍ଧ। ହେଲେ ଏଥିପାଇଁ କିଛି ସମୟ ଦରକାର ବୋଲି ଆଲୋଚନା ହୋଇଥିଲା। ଓଟିଇଟି ଓ ପ୍ରଶିକ୍ଷିତ ଶିକ୍ଷକଙ୍କ ପ୍ରସଙ୍ଗରେ ଘରୋଇ ବିଦ୍ୟାଳୟ ମହାସଂଘ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲା। ଏହାକୁ ବିଚାର କରି ୯୦ ଦିନ ମଧ୍ୟରେ ସରକାର ପଦକ୍ଷପ ନେବାକୁ ନ୍ୟାୟଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ତଦନୁଯାୟୀ ରାଜ୍ୟ ସରକାର ଏକ ବର୍ଷ ନିମନ୍ତେ ଓଟିଇଟି ଶିକ୍ଷକ ନିଯୁକ୍ତି ପାଇଁ କୋହଳ ମନୋଭାବ ପୋଷଣ କରିଛନ୍ତି। ତେବେ ସରକାର ସିଓଆର(ସାର୍ଟିଫିକେଟ୍ ଅଫ୍ ରେକଗ୍‌ନାଇଜେସନ) ପ୍ରଦାନ କ୍ଷେତ୍ରରେ ଯଥାଶୀଘ୍ର ପୁନଃବିଚାର କରନ୍ତୁ ବୋଲି ସଂଘ ପକ୍ଷରୁ ଦାବି ହୋଇଛି। ଏନେଇ ଏକ ପୂର୍ଣ୍ଣାଙ୍ଗ ବୈଠକ ଆସନ୍ତା ୧୪ ତାରିଖରେ କୁଜଙ୍ଗସ୍ଥିତ ମଡେଲ ପବ୍ଲିକ୍ ସ୍କୁଲ ପରିସରରେ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଧ୍ରୁବଚରଣ ସ୍ୱାଇଁ, ପରାଗ କୁମାର ମିଶ୍ର, ଗୀତାଞ୍ଜଳି ତରାଇ, ଗୌତମ କୁମାର ରାଉତ ଓ ରମେଶ ଚନ୍ଦ୍ର ଦାସ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଜଗତ୍‌ସିଂହପୁର ଘରୋଇ ବିଦ୍ୟାଳୟ ମହାସଂଘ ସଂଯୋଜକ ଅଶୋକ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।

## ବିଶୋଧନାଗାର ପରିସରରେ ସ୍ୱଚ୍ଛତା ପକ୍ଷ ଆରମ୍ଭ

**ପାରାଦୀପ,୫।୭(ସ୍ୱ.ପ୍ର.)**

ପାରାଦୀପ ତୈଳ ବିଶୋଧନାଗାର ପକ୍ଷରୁ ଶୁକ୍ରବାର ସ୍ୱଚ୍ଛତା ପକ୍ଷ ଆରମ୍ଭ ହୋଇଛି। ଏହା ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ନିର୍ବାହୀ ନିର୍ଦ୍ଦେଶକ ଟି.ଡି.ଭି.ଏସ୍. ଗୋପାଳକୃଷ୍ଣ ଯୋଗଦେଇ ସମସ୍ତ କର୍ମଚାରୀଙ୍କୁ ଶପଥପାଠ କରାଇଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା, ଝିମାଣୀ କଲେଜ ପରିସରରେ ବୃକ୍ଷରୋପଣ, ପ୍ରତିଦିନ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି କୁହାଯାଇଛି।


# CLASSIFIED DISPLAY

**ALL EDITION - B/W (Everyday)**

*for Booking Contact:*
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

BUSINESS

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Bhartiya Infotech Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 70 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। ମାସିକ 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
9078842412

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
କଂପାନୀ ଜିଣ୍ଡଲ୍ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ
90,000,00/- ପାଆନ୍ତୁ ଓ ମାସକୁ ଭଡା 50,000/- ଟଙ୍କା ପାଆନ୍ତୁ । ୧ ଚାକିରି + ବାଇକ୍ ୨୦ ବର୍ଷର କୋର୍ଟ ଅଗ୍ରୀମେଣ୍ଟ ।
Plot No - 14/271, Devaraja Mohalla, Bangalore, Karnataka 570001
8929313996
7042350747

FINANCE

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ
ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

DHARITRI Career appointment Every Wednesday and Saturday

ଲୋନ! ଲୋନ! ଲୋନ
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ୍ୟ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ ପାଇଁ ସମ୍ପର୍କ କରନ୍ତୁ।
Address :- 201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

DHANLAXMI FINANCE COMPANY
ଏବେ କରିବ
ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ
50,000-୨୫ ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର କାର୍ଡ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ।
1% ସୁଧ, 40% ରିହାତି
(ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
HELPLINE
09485832476
PETUMALI, JHARMUNDA, PETUPALI, BARGARH, ODISHA - 768034

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଳେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣ। ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

See Color Display Classified on every Tuesday & Friday

## ରାଜୀବ ହତ୍ୟା ମାମଲା
# ନଳିନୀଙ୍କୁ ମାସେ ପାରୋଲ

**ଚେନ୍ନାଇ,୫।୭(ଆଇଏଏନ୍‌ଏସ୍‌):** ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତଙ୍କ ମଧ୍ୟରୁ ଅନ୍ୟତମ ମୁଖ୍ୟ ଆସାମୀ ଏସ୍‌. ନଳିନୀଙ୍କୁ ମାସେ ପାରୋଲ୍‌ରେ ଛଡାଯାଇଛି। ମାଡ୍ରାସ ହାଇକୋର୍ଟ ତାଙ୍କୁ ଶୁକ୍ରବାର ଛୁଟି ମଞ୍ଜୁର କରିଛନ୍ତି। ଝିଅ ବିବାହ ପାଇଁ ପ୍ରସ୍ତୁତ ହେବା ଲାଗି ନଳିନୀ ୬ମାସ ଛୁଟି ନେବାକୁ ଆବେଦନ କରିଥିଲେ। ସେ ଅଦାଲତରେ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହି ଦର୍ଶାଇଥିଲେ, ପ୍ରତ୍ୟେକ କଏଦୀ ଦୁଇବର୍ଷ ଜେଲ୍‌ରେ ରହିବା ପରେ ମାସେ ଛୁଟି ମିଳିବାର ବ୍ୟବସ୍ଥା ଅଛି। କିନ୍ତୁ ଦୀର୍ଘ ୨୭ବର୍ଷ ଜେଲ୍‌ରେ ରହିବା ପରେ ବି ସେ ଆଦୌ ଛୁଟି ନେଇନାହାନ୍ତି। ନଳିନୀଙ୍କ ବ୍ୟତୀତ ଦୋଷୀ ସାବ୍ୟସ୍ତ ହୋଇଥିବା ଅନ୍ୟ ୬ଜଣ ହେଉଛନ୍ତି ନଳିନୀଙ୍କ ସ୍ୱାମୀ ଭି. ଶ୍ରୀହରନ୍‌ ଓରଫ୍‌ ମୁରୁଗାନ୍‌, ଏ.ଜି. ପେରାରିଭାଲାନ୍‌, ଟି. ସୁଥେନ୍ଦ୍ରରାଜା ଓରଫ ସନ୍ଥନ, ଜୟକୁମାର, ରବର୍ଟ ପାୟସ ଏବଂ ରବିଚନ୍ଦ୍ରନ୍‌। ଏହି ୭ଜଣ ୧୯୯୧ରୁ ଜେଲ୍‌ରେ ରହିଆସୁଛନ୍ତି। ସୂଚନାଯୋଗ୍ୟ, ୧୯୯୧ ମେ ୨୧ରେ ଚେନ୍ନାଇ ନିକଟବର୍ତ୍ତୀ ଶ୍ରୀପେରୁମ୍ବୁଦୁରଠାରେ କଂଗ୍ରେସର ଏକ ନିର୍ବାଚନୀ ସଭାରେ ରାଜୀବ ଗାନ୍ଧୀଙ୍କ ପାଦ ଛୁଇଁବା ବେଳେ ଏଲଟିଟିଇର ଜଣେ ଆତ୍ମଘାତୀ ମହିଳା ନିଜକୁ ବିସ୍ଫୋରଣରେ ଉଡାଇ ଦେବାରୁ ରାଜୀବଙ୍କ ମୃତ୍ୟୁ ଘଟିଥିଲା।

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ଆଲୋଚନା
# ୩୭୦୦ ଠିକା ଏଏନ୍‌ଏମ୍‌ଙ୍କୁ ସ୍ଥାୟୀ କରାଯିବ

**ଭୁବନେଶ୍ୱର, ୫।୭ (ବ୍ୟୁରୋ):** ୫ଦିନ ହେବ ଲୋୟର ପିଏମ୍‌ଜିଠାରେ ଅନଶନରେ ବସିଥିବା ନିଖିଳ ଓଡ଼ିଶା ଅଣନିଯୁକ୍ତି ତାଲିମପ୍ରାପ୍ତ ମହିଳା ସ୍ୱାସ୍ଥ୍ୟକର୍ମୀ (ଏଏନ୍‌ଏମ୍‌)ଙ୍କ ସହ ଶୁକ୍ରବାର ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଆଲୋଚନା କରିଛନ୍ତି। ଦାବି ଅନୁସାରେ ଏଏନ୍‌ଏମ୍‌ମାନଙ୍କୁ ସ୍ଥାୟୀ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଏହାପରେ ନିଷ୍ପତ୍ତି ଅନୁଯାୟୀ ଅନଶନକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରାଯାଇଥିବା ସଂଘ ସଭାପତି ପାର୍ଥସାରଥୀ ଜେନା ଜଣାଇଛନ୍ତି।

ସଚିବାଳୟସ୍ଥିତ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ବୈଠକରେ ସ୍ୱାସ୍ଥ୍ୟ ସଚିବ, ଉପସଚିବ, ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ସହିତ ସଂଘ ସଭାପତି ଜେନା, ସମ୍ପାଦିକା ସଂଯୁକ୍ତା ସାହୁ, କୋଷାଧ୍ୟକ୍ଷ ମମତା ସାହୁ, ଗଣମାଧ୍ୟମ ସଂଯୋଜିକା ମଧୁସ୍ମିତା ସାହୁ ପ୍ରମୁଖ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ନିଯୁକ୍ତି ସଂକ୍ରାନ୍ତରେ ଆଲୋଚନା କରିଥିଲେ। ସଂଘର ଦାବି ଯଥାର୍ଥ ବୋଲି ମନ୍ତ୍ରୀ ହୃଦବୋଧ କରିବା ପରେ ଶୀଘ୍ର ରାଜ୍ୟରେ ୩୭୦୦ଜଣ ଠିକା ଏଏନ୍‌ଏମ୍‌ଙ୍କୁ ସ୍ଥାୟୀ ନିଯୁକ୍ତି କରାଯିବ ବୋଲି କହିଥିଲେ। ଏଥିସହ ପ୍ରତ୍ୟେକ ବର୍ଷ ଖାଲି ପଡ଼ିଥିବା ପଦବୀରେ ନିଯୁକ୍ତି ଦିଆଯିବା ଉପରେ ଗୁରୁତ୍ୱ ଦେଇଥିଲେ। ୨୦୦୬ରୁ କାର୍ଯ୍ୟ କରୁଥିବା ତଥା ବାର୍ଷିକ ତାଲିମ ଶେଷ କରିଥିବା ସ୍ୱାସ୍ଥ୍ୟକର୍ମୀଙ୍କ ବୟସସୀମା କୋହଳ କରି ଖାଲିଥିବା ପଦବୀରେ ନିଯୁକ୍ତି ପ୍ରଦାନ କରାଯିବ ବୋଲି ମନ୍ତ୍ରୀ କହିଥିବା ସଂଘ ପକ୍ଷରୁ କୁହାଯାଇଛି।

# ପ୍ରତି ମାସରେ ଯାଞ୍ଚ ହେବ କଲେଜ ଛାତ୍ରୀଛାତ୍ରଙ୍କ ଉପସ୍ଥାନ

**ଭୁବନେଶ୍ୱର, ୫।୭ (ବ୍ୟୁରୋ)**

- ଅଧ୍ୟକ୍ଷଙ୍କୁ ଚିଠି ଲେଖିଲା ଉଚ୍ଚ ଶିକ୍ଷା ବିଭାଗ
- ଅଧ୍ୟାପକମାନେ ମଧ୍ୟ ଏକ୍ସଟ୍ରା କାର୍ଯ୍ୟ କରିବେ

ଏଥର କଲେଜରେ ସବୁ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ୭୫% ପ୍ରତିଶତ ରହିବ। ନଚେତ୍‌ ପରୀକ୍ଷାରୁ ବଞ୍ଚିତ ହେବେ। ପ୍ରତି ମାସରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ଯାଞ୍ଚ ହେବ। ଯଦି କେହି ନ ଆସୁଥିବାର ପରିଲକ୍ଷିତ ହୁଏ ; ତେବେ ଫୋନ୍‌, ଏସ୍‌ଏମ୍‌ଏସ୍‌ କିମ୍ବା ପୋଷ୍ଟ କାର୍ଡ ଜରିଆରେ ଅଭିଭାବକଙ୍କ ସହ ଯୋଗାଯୋଗ କରାଯିବ। ଯଦି ଛାତ୍ରୀଛାତ୍ରଙ୍କର ଉପସ୍ଥାନ ନିର୍ଦ୍ଧାରିତ ହାରଠାରୁ କମ୍‌ ରହିବ ସେମାନେ ଶେଷ ବର୍ଷ ପରୀକ୍ଷା ଦେଇ ପାରିବେ ନାହିଁ। ତେଣୁ ସମସ୍ତ କଲେଜର ଅଧ୍ୟକ୍ଷମାନଙ୍କୁ ଏ ଦିଗରେ ପଦକ୍ଷେପ ନେବା ପାଇଁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ଏନେଇ ଶୁକ୍ରବାର ବିଭାଗ ପକ୍ଷରୁ ସମସ୍ତ ସରକାରୀ ଓ ଅନୁଦାନପ୍ରାପ୍ତ ବେସରକାରୀ କଲେଜର ଅଧ୍ୟକ୍ଷମାନଙ୍କୁ ଚିଠି ଲେଖାଯାଇଛି। କଲେଜରେ ଅଧ୍ୟାପକମାନେ ୭ଘଣ୍ଟା କାର୍ଯ୍ୟ କରିବେ ବୋଲି ମଧ୍ୟ ଚିଠିରେ ଉଲ୍ଲେଖ ରହିଛି। ଅଧ୍ୟାପକମାନେ ପାଠପଢ଼ା ସମେତ ପାଠାଗାର, ଗବେଷଣା, ଏକ୍ସଟ୍ରା କ୍ଲାସ୍‌, ଛାତ୍ରୀଛାତ୍ରଙ୍କ ଉପସ୍ଥାନ ନେଇ ମଧ୍ୟ କାର୍ଯ୍ୟ କରିବେ। ଯଦି ଏଥିରେ କେହି ବିଚ୍ୟୁତ କରନ୍ତି, ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ମେଘୁଆ ରହିବ।

**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘାଚ୍ଛନ୍ନ ରହିବା ସହିତ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍‌ ରହିବ ବୋଲି ଅନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୨.୨ | ୨୫.୩ |
| ଚାନ୍ଦବାଲି | ୩୧.୭ | ୨୫.୬ |
| କଟକ | ୩୧.୦ | ୨୩.୬ |
| ପାରାଦ୍ୱୀପ | ୩୦.୪ | ୨୬.୧ |
| ଭୁବନେଶ୍ୱର | ୩୦.୪ | ୨୫.୮ |
| ଗୋପାଳପୁର | ୩୦.୬ | ୨୬.୦ |
| ପୁରୀ | ୩୦.୬ | ୨୫.୮ |
| ଅନୁଗୋଳ | ୩୦.୭ | ୨୧.୦ |
| ବାରିପଦା | ୩୨.୦ | ୨୭.୦ |
| ଝାରସୁଗୁଡ଼ା | ୨୮.୮ | ୨୫.୪ |
| କେନ୍ଦୁଝର | ୩୦.୦ | ୨୩.୮ |
| ସମ୍ବଲପୁର | ୨୮.୪ | ୨୪.୦ |
| ସୁନ୍ଦରଗଡ଼ | ୨୮.୦ | ୧୯.୦ |
| ହୀରାକୁଦ | ୨୭.୬ | ୨୪.୬ |
| ତାଲଚେର | ୩୦.୧ | ୨୩.୬ |
| ଭବାନୀପାଟଣା | ୩୦.୫ | ୨୪.୫ |
| ବଲାଙ୍ଗୀର | ୨୭.୬ | ୨୫.୦ |
| କୋରାପୁଟ | ୨୪.୮ | ୧୯.୬ |
| ଫୁଲବାଣୀ | ୨୭.୬ | ୨୪.୦ |
| ଟିଟିଲାଗଡ଼ | ୨୮.୫ | ୨୦.୫ |
| ମାଲକାନଗିରି | ୩୨.୦ | ୨୦.୬ |
| ସୋନପୁର | ୩୦.୨ | ୨୧.୦ |
| ଦାରିଙ୍ଗିବାଡ଼ି | ୨୫.୦ | ୧୯.୫ |

ଡିଗ୍ରୀ ସେଲ୍‌ସିୟସ୍‌

# ଶୁଟିଂ ଚାଲିଛି 'ଅଙ୍ଗ୍ରେଜି ମିଡିୟମ୍‌'

**ଲଣ୍ଡନ:** ବିଶିଷ୍ଟ ଅଭିନେତ୍ରୀ ଡିମ୍ପଲ କାପାଡିଆଙ୍କ ଅଭିନୀତ 'ଅଙ୍ଗ୍ରେଜି ମିଡିୟମ୍‌'ର ଶୁଟିଂ ଲଣ୍ଡନରେ ଆରମ୍ଭ ହୋଇଛି। ନିର୍ଦ୍ଦେଶକ ହୋମି ଆଦାଜାନିଆଙ୍କ ସହ ଡିମ୍ପଲଙ୍କ ପ୍ରଥମ ଶୁଟିଂ ବେଶ୍‌ ମଜାଦାର ହୋଇଛି। ଡିମ୍ପଲ ତାଙ୍କର ଗୋଟିଏ ପାଦ ହୋମିଙ୍କ କାନ୍ଧ ଉପରେ ରଖିଥିବାର ଫଟୋଗ୍ରାଫ୍‌ ଇନ୍‌ଷ୍ଟାଗ୍ରାମ୍‌ରେ ଶେୟାର କରାଯାଇଛି। ଏହାକୁ ଶେୟାର କରିଛନ୍ତି ନିର୍ଦ୍ଦେଶକ ହୋମି। ଡିମ୍ପଲ କାପାଡିଆ ଗାଳିଦେବାକୁ ଉଦ୍ୟମ କରିବା ବେଳେ ଏଥିରୁ ରକ୍ଷା ପାଇବାକୁ ଯାଇ ହୋମି ପରିହାସ ଛଳରେ ଡିମ୍ପଲଙ୍କ କନ୍ୟା ଟୁଇଙ୍କିଲ୍‌ ଖାନ୍ନାଙ୍କ ସହାୟତା ଲୋଡ଼ିଛନ୍ତି। ଏହି ସମୟରେ ନିଜର ବାକ୍‌ଚାତୁରୀ ଏବଂ କୌତୁକିଆ ଢଙ୍ଗରେ ଜବାବ୍‌ ଦେଇଛନ୍ତି ଡିମ୍ପଲ। ସେ କହିଛନ୍ତି, 'ନିର୍ଯାତିତ ହୋଇ ବି ତଥାପି ଭଲ ପାଉଥାଅ। ରକ୍ଷା ଅଛି, ଘରେ ପଡିଥିବା ପନିକି ପଟାରେ ମା' ତୁମକୁ ବାଡେଇ ନାହାନ୍ତି।' ଦିନେଶ ବିଜନ୍‌ଙ୍କ ପ୍ରଯୋଜିତ 'ଅଙ୍ଗ୍ରେଜି ମିଡିୟମ୍‌' ୨୦୧୭ରେ ନିର୍ମିତ ଫିଲ୍ମ 'ହିନ୍ଦୀ ମିଡିୟମ୍‌'ର ସିକ୍ୱେଲ୍‌ (ରୂପାନ୍ତର)। ଏଥିରେ ଅନ୍ୟମାନଙ୍କ ସହ ମୁଖ୍ୟ ଭୂମିକାରେ ଅଛନ୍ତି, ଇର୍‌ଫାନ୍‌ ଖାନ୍‌ ଏବଂ କରୀନା କପୁର ଖାନ୍‌।



Bhubaneswar based Designers House ପାଇଁ Cutting & Stitching ରେ ଅଭିଜ୍ଞତା ଥିବା ମହିଳା ଆବଶ୍ୟକ। ସକାଳ ୭ରୁ ସନ୍ଧ୍ୟା ୭ ମଧ୍ୟରେ ଯୋଗାଯୋଗ କରନ୍ତୁ:
7978878192

नौकरी चेन्नई में | वेतन: 14000 से 16000 | हिंदी बोलनेवाला | केवल अनुभवी व्यक्ति | नौकर | घर सफाइवाला | जूनियर कुक | रसोईया | चपरासी | केयरटेकर |
संपर्क: अग्रवाल, 9884761210

OFFICIALLY JOB
ଯୋଗ୍ୟତା: ଦଶମ ପାସ୍‌/ଫେଲ୍‌, ବୟସ: (18-40) yrs., ମାସିକ ଦରମା upto Rs.25,000/-.
Contact Immediately
Mob: 8763257042

ଆବଶ୍ୟକ
ପୁରୀ Dist. ପାଇଁ Water Purifier, Sells & Service, Front Office Executive (F) ପାଇଁ ପିଲା ଦରକାର। ଭଲ ଦରମା ଓ incentive
Cont.- 7440172321 9090700543

ସିକ୍ୟୁରିଟି ଆବଶ୍ୟକ
ସିକ୍ୟୁରିଟି ଗାର୍ଡ – ୩୦ଜଣ
ସିକ୍ୟୁରିଟି ସୁପରଭାଇଜର – ୫ଜଣ
ସିକ୍ୟୁରିଟି ଅଫିସର୍‌ – ୨ଜଣ
GISS SECURITY SERVICES Near Balikuda Traffic, Gopalpur, Cuttack
Contact : 9861744455

WANTED
ଟେକ୍ନିକାଲ କାମ କରିବା ପାଇଁ ୨ଜଣ କୁଶଳୀ କିମ୍ବା ଅଣକୁଶଳୀ ପିଲା ଆବଶ୍ୟକ।
ଯୋଗାଯୋଗ: ସୋନୁ ଇଲେକ୍ଟ୍ରିକାଲ୍ସ
୧୫୯, ବାପୁଜୀନଗର, ଗଳି ନଂ.–୧୨, ଭୁବନେଶ୍ୱର

FRESHER'S WANTED
Industry: Pharmaceutical
Job: Marketing and Sales
Skill: Well behaved and hard working
Education: Graduate (any stream)
Language: Odia, Hindi and English
Salary: ₹6000/- – ₹16000/- P.M.
Call: 7008162582 | 7894275800

ଆବଶ୍ୟକ
ଅଫିସ/ଗାଡ଼ି ସଫାସୁତୁରା, ବଗିଚା କାମ ପାଇଁ ଅଭିଜ୍ଞତା ଥିବା ପୁରୁଷ ପ୍ରାର୍ଥୀ ଆବଶ୍ୟକ। ରହିବା ସୁବିଧା ଥାଇ ଦରମା ୮ ରୁ ୯ ହଜାର ଟଙ୍କା।
ଯୋଗାଯୋଗ - ସାଇଁ ଏଣ୍ଡ ଆସୋସିଏଟସ୍‌, ୭୭-ସତ୍ୟନଗର, ଭୁବନେଶ୍ୱର - ୯
ଫୋନ – ୯୩୩୭୦୮୬୧୬୯

Teacher's Required
ST. XAVIER'S HIGH SCHOOL, KHORDHA
English, Physics, Chemistry
Qualification- Bachelors / Master Degree
Experience- Minimum 2 Years.
Mail- xaviers.khurda@gmail.com
Contact- 9776360354 9937961754

## भारतीय विज्ञान शिक्षा एवं अनुसंधान संस्थान बरहमपुर
## IISER Indian Institute of Science Education and Research Berhampur
Established by the Ministry of HRD, Govt. of India

Advt. No. NT- 02/19 — Date: July 06, 2019

### Recruitment Notice : Non-Teaching Positions

IISER Berhampur, an Institute of national importance established by the MHRD Govt. of India is looking for dedicated and committed candidates to fill-up the following vacancies on regular basis through Direct Recruitment/ Deputation/ Transfer-on-Absorption.

| Sl. No. | Name of the Post | Pay Level | Group | No. of Vacancy | UR |
|---|---|---|---|---|---|
| 1. | Assistant Librarian | 10 (AGP) | A | 01 | 01 |
| 2. | Assistant Engineer | 7 | B | 01 | 01 |
| 3. | Superintendent | 7 | B | 01 | 01 |
| 4. | ASO cum Transport Manager | 6 | B | 01 | 01 |
| 5. | Junior Translator(Rajbhasha) | 6 | B | 01 | 01 |
| | Total | | | 05 | 05 |

The following 03 vacancies are reserved ONLY for Persons with disability (PWD) (backlog):

| Sl. No. | Name of the Post | Pay Level | Group | No. of Vacancy (backlog for PwD) |
|---|---|---|---|---|
| 1. | Assistant Registrar | 10 | A | 01 |
| 2. | Junior Superintendent | 6 | B | 01 |
| 3. | Laboratory Technician | 5 | C | 01 |
| | Total | | | 03 |

Commencement of online application is on 06th July 2019. Last date for submission of online application will be till 05.30 pm on 26th July 2019. Last date for sending the hard copy of online-submitted application form within 05.30 pm on 06th August 2019. For details visit https://www.iiserbpr.ac.in> Careers > Staff Positions.

कुलसचिव

OrissaPOST English daily
WANTED
Anchors/ Reporters
- Candidates having Bachelors Degree in Journalism, Broadcasting or Communications and strong communication skills in English required.
- Responsibilities include scripting, anchoring, research and reporting, strong idea on use of digital and social media will be preferred.

Bulletin Producers
- Experienced producers to coordinate newscasts, editorial packages & bulletins for digital platform.

Visual Editors
- Candidate should be able to edit videos and create attractive news packages for digital audience.
- Should have working knowledge of uploading videos & creating Live Stream feeds.
- Experience in online video editing work will be given preference.

Apply within 7 days to : recruitment@orissapost.com
Pay & perks will be the best in the industry for deserving candidates.

## SAMBALPUR UNIVERSITY
JYOTI VIHAR, BURLA- 768019, SAMBALPUR (ODISHA)
www.suniv.ac.in
### Advertisement No. 4112/ Estt-III Dt. 02.07.2019

Applications in prescribed format (seven copies) are invited from the eligible candidates for the posts of Professor, Associate Professor and Assistant Professor in the following P.G. Departments of Sambalpur University, Jyoti Vihar, Burla and L.R. Law College, Sambalpur, Odisha

| Sl. No. | Department/ Constituent College | Name of the Post/Number of Vacancy/Category | | | Total |
|---|---|---|---|---|---|
| | | Professor [Scale of pay Rs. 37,400- Rs. 67,000 with AGP of Rs. 10,000/-] (6th Pay) | Associate Professor [Scale of pay Rs. 37,400- Rs. 67.000 with AGP of Rs. 9,000/-] (6th Pay) | Assistant Professor [Scale of pay Rs. 15,600- Rs. 39,100 with AGP of Rs. 6,000/-] (6th Pay) | |
| 1. | Anthropology | -- | 1 (UR) | -- | 1 |
| 2. | Business Administration | 2 (UR-1 UR- W-1) | 2 (UR-1 UR- W-1) | 1 (UR-W) | 5 |
| 3. | Chemistry | -- | -- | 3 (ST-1 SC-1 SEBC-1) | 3 |
| 4. | Computer Sc. & Application | 1 (UR) | -- | 1 (UR) | 2 |
| 5. | Earth Science | -- | 1 (UR) | -- | 1 |
| 6. | Economics | 1 (UR) | 2 (UR-1 UR-W-1) | -- | 3 |
| 7. | English | -- | 1 (UR) | 2 (UR-1 SC-1) | 3 |
| 8. | History | 1 (UR) | 3 (UR-2 UR-W-1) | 2 (ST-1 SEBC-1) | 6 |
| 9. | Home Science | 1 (UR) | -- | -- | 1 |
| 10. | Law | -- | 1 (UR) | 1 (UR) | 2 |
| 11. | Library & Info. Sc. | -- | 1 (UR) | -- | 1 |
| 12. | Life Science | 2 (UR) | 1 (UR-W) | 1 (ST) | 4 |
| 13. | Biotechnology & Bioinformatics | -- | 1 (UR) | -- | 1 |
| 14. | Mathematics | -- | -- | 2 (ST-1 SC-1) | 2 |
| 15. | Odia | 1 (UR) | 1 (UR) | 1 (UR) | 3 |
| 16. | Physics | -- | 1 (UR-W) | 2 (UR-1 SC-1) | 3 |
| 17. | Political Science & Public Administration | -- | 1 (UR) | -- | 1 |
| 18. | Sociology | -- | -- | 1 (UR) | 1 |
| 19. | Statistics | -- | -- | 1 (UR) | 1 |
| 20. | L.R. Law College, Sambalpur | -- | -- | 2 (ST-1 SC-1) | 2 |
| | Total | 9 | 17 | 20 | 46* |

For details of posts, eligibility criteria, qualification, reservations, experience, scale of pay, application format etc. please visit Sambalpur University website **www.suniv.ac.in.** The candidates are requested to download the application form from the website and submit the same through Speed Post/ Registered Post only so as to reach the office of the registrar, Sambalpur University on or before **02.08.2019.**

**UR=** Unreserved **SC=** Scheduled Caste **ST=** Scheduled Tribe SEBC= Socially & Educationally Backward Class **W-** Women

* Appropriate number of posts shall be filled up from the PwD category (as per functional classification given in detailed in the University website) in respect of Assistant Professor (3), Associate Professor (2) and Professor (1) as per the Rights of Persons with Disabilities Act. 2016, consequent upon the availability and attendance of candidates in the interview for the subjects.

**Sd./- Registrar**

OFFICE STAFF ଆବଶ୍ୟକ
Bhubaneswar ଅଫିସ୍‌ ପାଇଁ 10th/ above candidates (M/F) ଆବଶ୍ୟକ। ବୟସ: (18-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24,000/-.
Contact: 9938414918

ଚେନ୍ନାଇ ପାଇଁ ଆବଶ୍ୟକ
ଲୋଡ୍‌ମ୍ୟାନ୍‌
ଲେବର କଣ୍ଟ୍ରାକ୍ଟର
ଲରି ଡ୍ରାଇଭର-ହେଭି ଡ୍ୟୁଟି ଲାଇସେନ୍ସ
ଦରମା: 15000/-ରୁ 25000/-
ଯୋଗାଯୋଗ: 9840893117/ 9042383450

PART / FULL TIME
ଘରକାମ/ରୋଷେଇ/ ରୋଗୀଙ୍କ ଯତ୍ନ/ଛୋଟପିଲାଙ୍କ ଯତ୍ନ ଏବଂ ଡ୍ରାଇଭର ଆବଶ୍ୟକ।
9090909300
7381222430

WANTED
A leading publication house requires following personnel
SUB EDITORS: 10 Nos.
Qual: MJMC/PGJMC, Having at least 5 years exp. in ODIA DTP and Page Layout
DTP CUM LAYOUT OPERATORS: 10 Nos.
Qual: Graduate with at least 2 years exp. in ODIA DTP (Speed above 40)
Salary will not be a constraint for the right candidate.
Interested candidates may send their Resume through
Email: dkaur0001@gmail.com

WANTED
• AUTOCAD STAFF (CIVIL) FOR ARCHITECTURAL & STRUCTURAL CONSULTANCY FIRM. CIVIL DIPLOMA ENGINEERS OR DIPLOMA ARCHITECTS WITH AUTOCAD KNOWLEDGE CAN APPLY.
CONTACT-9777247762

ଜିଲ୍ଲା ସ୍ତରୀୟ ନିଯୁକ୍ତି
ନିଜ ନିଜ ଜିଲ୍ଲାରେଥିବା Govt. ଓ Non-Govt. ଅଫିସରେ COMPUTER OPERATOR, DATA ENTRY OPERATOR ଓ CLERK ଆବଶ୍ୟକ
Qual.- 10th, +2, +3 with Computer
Salary : Rs. 8,000 To Rs.16,000
M : 8895725158 / 7327065424

URGENTLY REQUIRED
A division of furniture & timber unit requires MANAGER- 3 Nos. at Bhubaneswar.
Qal: Graduation/ MBA.
Cont.: 9692676868

TEAM ADMARK (P) LTD.
URGENTLY REQUIRED
1. SR. EXECUTIVE CUM ADMIN OFFICE: Graduate with min. 4-5 years' experience Male/ Female (Females will be preferred) in office work & having excellent computer knowledge. (Friendly in MS Office & Internet) independent job handing capacity preferable- Male/Female candidate. Salary: Rs. 10,000/- to Rs. 13,000/- depending on capability & experience per month.
2. SR. MARKETING EXECUTIVE (OUTDOOR): BBA Graduate (Male & Female) with min. 4-5 years marketing experience in outdoor advertising trade or in space selling. Preferably MBA, Salary: 15,000 to 18,000/- per month. Fuel and Mob. Expenses Extra, Two wheeler must.
3. MARKETING EXECUTIVE (OUTDOOR): BBA Graduate (Male & Female) with min. 2-3 years marketing experience in outdoor advertising trade or in space selling. Salary: 10,000/- to 12,000/- per month. Fuel and Mob. Expenses Extra.
Interested candidates may apply to our above address & mail ID with complete Bio-data with photo within 7 days from the date of advertisement.
99/A, Saheed Nagar, 1st Lane Facing N.Opp of Ayakar Bhawan, Bhubaneswar-751007, Phone-9238882225 / 7735220188,
Mail id- teamadmark@gmail.com

କାର ଡ୍ରାଇଭର ଆବଶ୍ୟକ
ଜଗତପୁର ଅଫିସ୍‌ ପାଇଁ।
ଯୋଗାଯୋଗ ପାଇଁ
Mob.- 7381075901 9437496020

BHARTI ENTERPRISE
WANTED
C.C. TV Camera Installation & Sale, All type of Building interior work Urgent staff requirement Qualification- 8th to Graduation, Salery 6000 ରୁ 15000
Contact:- 9658576790, 9090211028, SAMBALPUR

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27,000/-. (Part Time/Full Time)
Mob: 9938676412

See Career Appointment on every Wednesday & Saturday

## RAVENSHAW UNIVERSITY
CUTTACK- 753003, ODISHA

### WALK- IN -INTERVIEW

Applications are invited for walk-in-interview for engagement of Guest Faculty in **Zoology, Environmental Science, Botany, Biotechnology, Biochemistry, Commerce, Business Administration (Finance & Accounting / NSE), Physics, Chemistry, Analytical Chemistry, Sociology, Economics, Rural Development, Business Economics, History, Education, Integrated B.Ed., Political Science, Philosophy, Psychology, Hindi, English, Sanskrit, Odia, Geology, Applied Geography, Mathematics, Statistics, Computer Science, MCA, ITM and ETC** of Ravenshaw University.

Applications are also invited for walk-in-interview for engagement of Temporary Faculty in **Integrated B.Ed.** of Ravenshaw University. For details please visit 'www.ravenshawuniversity.ac.in'.

*No.2254 / Dt.05.07.2019* — **Registrar**

### ନୋଟିସ୍‌:

ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

## ସଂକ୍ଷେପରେ

### ତମାଳଶାସନରେ ଶ୍ରୀଜୀଉଙ୍କ ସାନ୍ଧ୍ୟ ଦର୍ଶନ ଆରମ୍ଭ

**କେନ୍ଦ୍ରାପଡା ଅଫିସ, ୫।୭:** କେନ୍ଦ୍ରାପଡା ବ୍ଲକ ଚନ୍ଦନପୁର ପଞ୍ଚାୟତ ତମାଳଶାସନର ଚଉଦକୁଲାଟରେ ଶୁକ୍ରବାର ଠାରୁ ଶ୍ରୀ ଦଧିବାବନଜୀଉଙ୍କ ସାନ୍ଧ୍ୟ ଦର୍ଶନ ଆରମ୍ଭ ହୋଇଛି । ଏଥିପାଇଁ ରଥଦାଣ୍ଡ ପରିସରରେ ଭଜନ ସମାରୋହ, ପ୍ରବଚନ ଆଦି କାର୍ଯ୍ୟକ୍ରମ ୮ ଦିନ ପର୍ଯ୍ୟନ୍ତ ଜାରି ରହିବ ବୋଲି ସୂଚନା ମିଳିଛି। ପ୍ରକାଶ ଯେ, ଚଉଦକୁଲାଟର ଆରାଧ୍ୟଦେବ ଶ୍ରୀ ଦଧିବାମନଜୀଉଙ୍କ ରଥଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ କେନ୍ଦ୍ରାପଡା, ଜଗତସିଂହପୁର ଓ ଯାଜପୁର ଜିଲାର ୧୦ ହଜାରରୁ ଅଧିକ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ।

### ନିର୍ବାଚନ ତାରିଖ ଘୋଷଣା:ମାର୍ଶାଘାଇର ୭ ପଞ୍ଚାୟତବାସୀ ଉତ୍ସାହିତ

**ମାର୍ଶାଘାଇ ,୫।୭ (ଡି.ଏନ.ଏ.):** ଦୀର୍ଘ ପ୍ରତୀକ୍ଷା ପରେ ବହୁ ଚର୍ଚ୍ଚିତ ପାଟକୁରା ବିଧାନସଭା ଆସନ ପାଇଁ ନିର୍ବାଚନ ତାରିଖ ଘୋଷଣା ହୋଇଛି । ଏହି ନିର୍ବାଚନ ଜୁଲାଇ ୨୦ ତାରିଖରେ ଅନୁଷ୍ଠିତ ହୋଇ ୨୪ ତାରିଖରେ ଗଣତି ହେବ । ଏହି ଖବର ପ୍ରଚାରିତ ହେବା ପରେ ପାଟକୁରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମାର୍ଶାଘାଇ ବ୍ଲକର ୭ ଗୋଟି ପଞ୍ଚାୟତ ଯଥା ବଚ୍ଛରାଇ , ବନ୍ଧକଟା, ମେହେନ୍ଦିନଗର, ଜମପଡ଼ା, କରିଲୋପାଟଣା, ଜଳପୋକ ଓ ଆଇତିପୁର ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି । ନିର୍ବାଚନରେ ବିଜେଡି , ଭାଜପା ଓ କଂଗ୍ରେସ ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦିତା ହେବାକୁ ଯାଉଛି । ବିଶେଷ କରି ମାର୍ଶାଘାଇ ବ୍ଲକର ଏହି ୭ ପଞ୍ଚାୟତର ୩୨ ହଜାର ଭୋଟ କାହା ସପକ୍ଷରେ ଯିବ ଏ ନେଇ ଅଙ୍କକଷା ଚାଲିଛି । ଅପରପକ୍ଷରେ ୨ ମାସ ହେବ ପୂର୍ବତନ ମନ୍ତ୍ରୀ ତଥା ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ ଓ ବ୍ଲକ ବିଜେଡି ସଭାପତି ସଞ୍ଜୟ ଲେଙ୍କା କର୍ମୀମାନଙ୍କୁ ଏକଜୁଟ କରିବା ସହ ପଞ୍ଚାୟତ ଓ ୱାର୍ଡ ସ୍ତରରେ ସାଧାରଣ ଜନତାଙ୍କ ସମସ୍ୟା ସମାଧାନ କରିବା ପାଇଁ ଲାଗି ପଡିଛନ୍ତି । ସେହିପରି ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ରଥ ମଧ ବିଜେଡି ସଂଗଠନକୁ ସୁଦୃଢ କରିବାରେ ଲାଗି ପଡ଼ିଛନ୍ତି । ଭାଜପା ସଂଗଠନକୁ ସୁଦୃଢ କରିବା ପାଇଁ ବରିଷ୍ଠ ଭାଜପା ନେତା ତଥା ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ର ଓ ତାଙ୍କ କର୍ମୀମାନେ ଗାଁ ଗାଁ ବୁଲି ଭୋଟ ଭିକ୍ଷା କରୁଛନ୍ତି । କଂଗ୍ରେସ ପ୍ରାର୍ଥୀ ଜୟନ୍ତ ମହାନ୍ତି ନିଜର ପ୍ରଚାରକୁ ଏକ ମାସ ହେବ ଜୋରଦାର୍ କରିଛନ୍ତି ।

### ସଢୁଙ୍କୁ ଶେଷ ଦର୍ଶନ ପାଇଁ ଆସି ବାଟରେ ଗଲା ଜୀବନ

**ମାର୍ଶାଘାଇ,୫।୭ (ଡ଼ିଏନ୍ଏ):** ଗୁରୁବାର ରାତିରେ ୫ ନଂ (କ) ଜାତୀୟ ରାଜପଥର ଶିଳିପୁର ଛକଠାରେ ଏକ ଟ୍ରକ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା । ମୃତକ ହେଲେ ପ୍ରସନ୍ନ ଦାସ (୩୮) ଓ ତାଙ୍କ ଘର ବାଲିଗୋଠ ଗ୍ରାମରେ । ସଢୁଙ୍କୁ ଶେଷ ଦର୍ଶନ କରିବା ପାଇଁ ପ୍ରସନ୍ନ ମାର୍ଶାଘାଇ ବ୍ଲକର କାନପୁର ଗ୍ରାମକୁ ମୋଟର ସାଇକେଲରେ ଯାଉଥିବା ବେଳେ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ । ଏହି ଦୁର୍ଘଟଣାରେ ମୋଟର ସାଇକେଲରୁ ଛିଟିକି ପଡି ଆହତ ହୋଇଥିବା ଅନ୍ୟ ଦୁଇଜଣ ହେଲେ ମନୋଜ ଦାସ (୧୯) ଓ ରଞ୍ଜିତ ଦାସ । ଗୁରୁବାର ପ୍ରସନ୍ନଙ୍କ ସଢୁ କାନପୁର ଗ୍ରାମର ଅଶୋକ ଦାସ(୫୫) ହୃଦ୍‌ଘାତରେ ମୃତ୍ୟୁବରଣ କରିଥିଲେ । ଏହି ଖବର ପାଇ ସେ ତାଙ୍କ ଗାଁକୁ ଯାଉଥିଲେ। ଦୁର୍ଘଟଣା ଘଟାଇଥିବା ଟ୍ରକକୁ ପୋଲିସ ଜବତ କରିଛି ।

## ■ ରଥ ଟାଣିଲେ ୮୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ

# ଚକଡ଼ାରେ ଲାଗିଲା ବଳଦେବ ଜୀଉଙ୍କ ରଥ

**କେନ୍ଦ୍ରାପଡା ଅଫିସ, ୫।୭**



ଦୀର୍ଘ ବର୍ଷକର ଅପେକ୍ଷା ପରେ ରତ୍ନ ସିଂହାସନ ଛାଡ଼ି ଭକ୍ତଙ୍କ ଗହଣକୁ ଆସିଛନ୍ତି ଭଗବାନ। ଘୋଷଯାତ୍ରା ଅବସରରେ ଭଗବାନ ଭକତ ମେଳିକୁ ଆସିଥିବା ବେଳେ ସୃଷ୍ଟି ହୋଇଥିଲା ଭାବ ଆଉ ଭକ୍ତିର ଅପୂର୍ବ ପରିବେଶ। ହଜାର ହଜାର ଭକ୍ତ ଅତ୍ୟନ୍ତ ଶ୍ରଦ୍ଧାର ସହିତ ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବ ଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥକୁ ଟାଣି ନେଇଥିଲେ ଇଚ୍ଛାପୁରସ୍ଥିତ ଗୁଣ୍ଡିଚା ମନ୍ଦିରକୁ। ଘୋଷଯାତ୍ରା ଅବସରରେ ଗୁରୁବାର ଅପରାହ୍ନରେ ରଥଟଣା ଆରମ୍ଭ ହୋଇଥିଲେ ବି ଦେବୋତ୍ତର କାର୍ଯ୍ୟାଳୟ ନିକଟରେ ଶ୍ରୀଜୀଉଙ୍କ ରଥ ଅଟକି ଯାଇଥିଲା। ଫଳରେ ଶୁକ୍ରବାର ଅପରାହ୍ନ ୨ଟାରେ ପାରମ୍ପରିକ ରୀତିନୀତି ଅନୁଷ୍ଠିତ ହେବାପରେ ରଥଟଣା ଆରମ୍ଭ ହୋଇଥିଲା।

ନବ ଦିନାତ୍ମକ ଏହି ରଥଯାତ୍ରାରେ ୮୦ ହଜାରରୁ ଅଧିକ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଶୃଙ୍ଖଳିତ ଭାବେ ରଥଟଣା ପାଇଁ ମନ୍ଦିର ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଏଏସ୍‌ପି ଅରୁଣ କୁମାର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏସ୍‌ଡିପିଓ ରାଜୀବଲୋଚନ ପଣ୍ଡା, ୮ ଇନ୍ସପେକ୍ଟର, ୧୪ ଏସ୍‌ଆଇ, ୩୪ ଏଏସ୍‌ଆଇ, ୬୬ ହାବିଲଦାର, ୫୯ ମହିଳା କନଷ୍ଟେବଲ, ୧୪୪ ହୋମଗାର୍ଡ ଓ ୮ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ଅପରପକ୍ଷେ ପ୍ରତ୍ୟୁଷରୁ ରଥ ଉପରେ ବିରାଜିତ ଶ୍ରୀଜୀଉଙ୍କ ନୀତିକାନ୍ତି ପାରମ୍ପରିକ ଭାବେ କରାଯାଇଥିଲା। ନିର୍ଧାର୍ଯ୍ୟ ସମୟରେ ଭଜନ, ସଂକୀର୍ତ୍ତନ, ଖୋଳ, କରତାଳ, ଝାଞ୍ଜ, ମୃଦଙ୍ଗ, ତୁରୀ, ଭେରୀ, ହୁଳହୁଳି, ହରିବୋଲ ମଧ୍ୟରେ ରଥଟଣା କାର୍ଯ୍ୟ ଶେଷ ହୋଇଥିଲା। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ବଜରଙ୍ଗ ଦଳ, ଜନଶ୍ରୀ, ମହାକାଳପଡ଼ା ୟୁଥ୍ ଗ୍ରୁପ ପରି ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ଦମକଳ ବାହିନୀ, ସ୍ୱାସ୍ଥ୍ୟ ବିଭାଗ, ଜଳ ଓ ପରିମଳ ବିଭାଗ, ପୂର୍ତ୍ତ ବିଭାଗର ବିଭାଗୀୟ ଅଧିକାରୀଙ୍କ ତତ୍ତ୍ୱାବଧାନରେ ସେବା କାର୍ଯ୍ୟ ହୋଇଥିଲା । ଦେବୋତ୍ତର ସଂସ୍ଥା ନିର୍ବାହୀ ଅଧିକାରୀ ବଳଭଦ୍ର ପତି, ପୌରାଞ୍ଚଳ ନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳ, ଟ୍ରଷ୍ଟି ବଳରାମ ସୁଆର, ପୂର୍ବତନ ପୌରାଧ୍ୟକ୍ଷ ଧୀରେନ ସାହୁ, ଯଜାତିକେଶରୀ ମହାନ୍ତି, ରଞ୍ଜନ ପୃଷ୍ଟି, ପୂର୍ବତନ କାଉନସିଲର ହିରଣ୍ୟ କୁମାର ପଣ୍ଡା, ଦୁର୍ଗା ପ୍ରସାଦ ପତି, କାଳି ପ୍ରସାଦ ମିଶ୍ର ପ୍ରମୁଖ ଏହି ରଥଯାତ୍ରାକୁ ପରିଚାଳନା କରିଥିଲେ । ଏଥିରେ ଏମପି ଅନୁଭବ ମହାନ୍ତି, କେନ୍ଦ୍ରାପଡା ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳ, ଯୁବ ବିଜେଡି ସଭାପତି ରାଜେଶ ପଣ୍ଡା ପ୍ରମୁଖ ସାମିଲ ହୋଇ ରଥ ଟାଣିଥିଲେ ।

### ପତିତପାବନଜୀଉଙ୍କ ରଥଯାତ୍ରା ପାଳିତ

**ପଟ୍ଟାମୁଣ୍ଡାଇ, ୫।୭ (ସ୍ୱ.ପ୍ର)**

ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅଧୀନ ପୋଖରୀଆପଡା ପତିତପାବନଜୀଉଙ୍କ ରଥଯାତ୍ରା ଶାନ୍ତିଶୃଖଳାର ସହ ଶେଷ ହୋଇଛି । ଚଳିତବର୍ଷ ରଥଯାତ୍ରା ଦେଖିବା ପାଇଁ ପ୍ରାୟ ୫ ହଜାର ଶ୍ରଦ୍ଧାଳୁଙ୍କ ଭିଡ ହୋଇଥିଲା ।

ରଥଯାତ୍ରା ଉପଲକ୍ଷେ ପୂର୍ବାହ୍ନ ୧୦ଟା ବେଳେ ଶ୍ରୀଜୀଉମାନଙ୍କୁ ଦଇତାପତି ଗୋଟି ପହଣ୍ଡିରେ ରଥାରୂଢ଼ କରିଥିଲେ । ରଥ ଉପରେ ମହାସ୍ନାନ ଓ ବେଶାଦିକ୍ରମ ହୋଇଥିଲା । ମନ୍ଦିର ପୂଜକ ପର୍ଶୁରାମ ଦାଶ, ସନ୍ତୋଷ ଦାଶ ଓ ତ୍ରୈଲୋକ୍ୟ ମିଶ୍ର ପ୍ରମୁଖ ବିଶେଷ ପୂଜା ନୀତି ସମ୍ପନ୍ନ କରିଥିଲେ । ଅପରାହ୍ନ ୩ଟା ବେଳେ ହରପାର୍ବତୀଜୀଉଙ୍କ ନିକଟରୁ ଆଜ୍ଞାମାଳ ପହଞ୍ଚିବା ପରେ ମନ୍ଦିର ପରିଚାଳନା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ଦାଶ ରଥରେ ଛେରା ପହଁରା କରିଥିଲେ। ଅପରାହ୍ନ ୪ଟା ବେଳେ ହଜାର ହଜାର ଶ୍ରଦ୍ଧାଳୁ ହରିବୋଲ ହୁଳହୁଳି ପକାଇ ଉତ୍ସାହର ସହ ରଥ ଟାଣିଥିଲେ । ଶ୍ରଦ୍ଧାଳୁମାନେ ରଥ ଟାଣି ନେଇ ସନ୍ଧ୍ୟା ୭ଟା ବେଳେ ବକ୍ତାରପୁରସ୍ଥିତ ମାଉସୀ ମା'ମନ୍ଦିର ଚକଡାରେ ପହଞ୍ଚି ଥିଲେ । ପରିଚାଳନା କମିଟିର ସମ୍ପାଦକ ଈଶ୍ୱର ଲେଙ୍କା, ନରହରି ଲେଙ୍କା, ବିଜୟ ମହାନ୍ତି, ଇଂ ତ୍ରିଲୋଚନ ସୂତାର, ଇଂ ତପନ ପାତ୍ରଙ୍କ ସମେତ ଶତାଧିକ ସଦସ୍ୟ ରଥଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ ।

## ପରିବେଶକୁ ସବୁଜ ସୁନ୍ଦର କରିବାକୁ ପରାମର୍ଶ

**ଡେରାବିଶ, ୫।୭ (ସ୍ୱ.ପ୍ର.)**

ବାଲିଆ ସ୍ଥିତ କେନ୍ଦ୍ରାପଡ଼ା ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ତରଫରୁ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ବନ ମହୋତ୍ସବ ସପ୍ତାହ ପାଳନ ଉପଲକ୍ଷେ ଆୟୋଜିତ ସଭାରେ ପ୍ରତିଷ୍ଠାନର ଅଧ୍ୟକ୍ଷା ସଭାପତିତ୍ୱ କରିଥିଲେ। ଏଥିରେ ବରିଷ୍ଠ ଖବରଦାତା ପରିକ୍ଷିତ ପାତ୍ର ମୁଖ୍ୟଅତିଥି ଏବଂ କେନ୍ଦ୍ରାପଡ଼ା ବ୍ଲକ ସହକାରୀ ଉଦ୍ୟାନ ବିଭାଗ ଅଧିକାରୀ ଶୁଭଶ୍ରୀ କର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ବୃକ୍ଷ କାଟିବା ଦ୍ୱାରା ପରିବେଶ ଉପରେ କିପରି କୁପ୍ରଭାବ ପଡୁଛି ସେ ଦିଗରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏଥିସହ ସମସ୍ତେ ଗୋଟିଏ ଗୋଟିଏ ଗଛ ଲଗାଇ ପରିବେଶକୁ ସବୁଜିମାରେ ଭରିଦେବାକୁ ପରାମର୍ଶ ଦେଇଥିଲେ। ଅଜିତ୍ କୁମାର ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ସଭା ପୂର୍ବରୁ ଛାତ୍ରୀଛାତ୍ରମାନେ ବୃକ୍ଷରୋପଣ ସମ୍ପର୍କରେ ସଚେତନତା ପ୍ଲାକାର୍ଡ ଧରି ବଜାର ପରିକ୍ରମା କରିଥିଲେ। ସେଠାରୁ ଫେରିବା ପରେ ମୁଖ୍ୟଅତିଥି ପାତ୍ର, ମୁଖ୍ୟବକ୍ତା କରଙ୍କ ସମେତ ବନ୍ଦିତା ପଟ୍ଟନାୟକ, ଗଣେଶ୍ୱର ଜେନା, ଅସୀମା ବେହେରା, ବିରାଟ କିଶୋର ଦାସ, ବିଦ୍ୟୁଲତା ସାହୁ, ଲୋପାମୁଦ୍ରାକ ପଣ୍ଡା, ଲକ୍ଷ୍ମୀଧର ସାହୁ, କଳ୍ପନା ସାହୁ, ସୁନିତା ବେହେରା, ରାଜକିଶୋର ନାୟକ, ରାଜକିଶୋର ଲେଙ୍କା ପ୍ରମୁଖ ପ୍ରତିଷ୍ଠାନ ପରିସରରେ ବୃକ୍ଷରୋପଣ କରିଥିଲେ। କାହ୍ନୁ ଚରଣ ସାମଲ, ରଜତ କୁମାର ସ୍ୱାଇଁ, ବିକାଶ ବିନ୍ଧା, କୃପାସିନ୍ଧୁ ସାମଲ, ସୁନୀଲ ଦାସ, ଧର୍ମେନ୍ଦ୍ର ସାହୁ, ଲିପ୍‌ସାପ୍ରଜ୍ଞା ଲେଙ୍କା, ଭାଗ୍ୟଶ୍ରୀ ସାହୁ, ଅରୁଣ ବେହେରା ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ■ ୨୦ରେ ପାଟକୁରା ବିଧାନସଭା ଆସନ ପାଇଁ ନିର୍ବାଚନ

# ତାରିଖ ଘୋଷଣା ପରେ ଭୋଟର ଉତ୍ସାହିତ

**ଡେରାବିଶ, ୫।୭ (ସ୍ୱ.ପ୍ର.)**

ପାଟକୁରା ବିଧାନସଭା ଆସନରେ ନିର୍ବାଚନ ପାଇଁ ଗୁରୁବାର ନିର୍ବାଚନ କମିଶନଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ବିଭିନ୍ନ ଦଳର ପ୍ରାର୍ଥୀ ଓ ସମର୍ଥକଙ୍କ ସମେତ ସ୍ଥାନୀୟ ଭୋଟରଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଛି। ସାଧାରଣ ନିର୍ବାଚନରେ ସଭିଏଁ ମତଦାନ କରିବାର ସୁଯୋଗ ପାଇଥିବା ବେଳେ ପାଟକୁରା ନିର୍ବାଚନମଣ୍ଡଳୀବାସୀ ଏଥିରୁ ବାଦ ପଡ଼ିଥିଲେ । ଅନ୍ୟପଟେ ପାଟକୁରା ଅଞ୍ଚଳର ଅସୁବିଧା ସମ୍ପର୍କରେ ବିଧାନସଭାରେ ଉଠାଇବା କୌଣସି ଲୋକପ୍ରତିନିଧି ନ ଥିବା ବେଳେ ନିର୍ବାଚନ ଏକାଧିକ ବାର ସ୍ଥଗିତ ରହିବା ଯୋଗୁ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା । ତେବେ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଅନେକ ଭୋଟର ଉତ୍ସାହିତ ଥିବା ଦେଖିବାକୁ ମିଳିଛି। ଏହି ଆସନରୁ ବିଜେଡି ପୂର୍ବତନ ବିଧାୟକ ସ୍ୱଗତ ବେଦପ୍ରକାଶ ଅଗ୍ରୱାଲଙ୍କ ସ୍ତ୍ରୀ ସାବିତ୍ରୀ ଅଗ୍ରୱାଲଙ୍କୁ ପ୍ରାର୍ଥୀ କରିଛି। ସେହିପରି କଂଗ୍ରେସ ଜୟନ୍ତ ମହାନ୍ତିଙ୍କୁ ଟିକେଟ ଦେଇଥିବା ବେଳେ ଭାଜପା ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କୁ ପ୍ରାର୍ଥୀ କରିଛି।

ରାଜ୍ୟ ରାଜନୀତିରେ ଗୁରୁତ୍ୱ ବହନ କରୁଥିବା ପାଟକୁରା ବିଧାନସଭା କ୍ଷେତ୍ର ପାଇଁ ନିର୍ବାଚନ ତାରିଖ ବହୁ ବିଳମ୍ବରେ ଘୋଷଣା କରାଯାଇଛି। ହେଲେ ବିଳମ୍ବ ହେଉ ପଛେ ତାରିଖ ଘୋଷଣା ପାଇବା ପରେ ନିର୍ବାଚନମଣ୍ଡଳୀବାସୀ ଭୋଟଦାନ କରିବାର ଅଧିକାର ପାଇବେ ବୋଲି ପ୍ରାଧ୍ୟାପକ ଚିତ୍ତରଞ୍ଜନ ଦାସ କହିଛନ୍ତି। ସେହିପରି ୨୦୧୯ ସାଧାରଣ ନିର୍ବାଚନରେ ଓଡ଼ିଶାର ମୋଟ ୧୪୭ ଟି ବିଧାନସଭା ଆସନ ମଧ୍ୟରୁ ସବୁଥିରେ ନିର୍ବାଚନ ଶେଷ ହୋଇଥିବା ବେଳେ କେବଳ ପାଟକୁରାରେ ନିର୍ବାଚନ ସ୍ଥଗିତ ରହିଥିଲା। ସମସ୍ତ ଆସନରୁ ବିଧାୟକମାନେ ବିଧାନସଭା ଯାଇଥିବା ବେଳେ ପାଟକୁରା ଏଥିରୁ ବାଦ୍ ପଡ଼ିଥିଲା। ତେବେ ଗୁରୁବାର ନିର୍ବାଚନ ତାରିଖ ଘୋଷଣା ହେବା ପରେ ଆସ୍ୱସ୍ଥ ଲାଗୁଛି ବୋଲି ପାଣିଓଳା ଗ୍ରାମର ପ୍ରମୋଦ କୁମାର ପ୍ରଧାନ, ପଲ୍ଲୀ ଗ୍ରାମର ଶ୍ରୀୟା ରୟ ଓ କଂସାରିପାଟଣା ଗ୍ରାମର ଦିଗମ୍ବର ମିଶ୍ର କହିଛନ୍ତି।

ସୂଚନାଥାଉ କି, ପାଟକୁରା ନିର୍ବାଚନମଣ୍ଡଳୀରେ ୨ ଲକ୍ଷ ୪୪ ହଜାର ୭୪୭ ଜଣ ଭୋଟର ମତଦାନ ସାବ୍ୟସ୍ତ କରିବେ। ସେମାନଙ୍କ ମଧ୍ୟରେ ୧ ଲକ୍ଷ ୨୭ ହଜାର ୪୩୧ ପୁରୁଷ ଭୋଟର ଥିବା ବେଳେ ୧ ଲକ୍ଷ ୧୭ ହଜାର ୩୦୬ ମହିଳା ଏବଂ ୧୦ ଅନ୍ୟାନ୍ୟ ଭୋଟର ଅଛନ୍ତି।

**ମତଦାନ ସାବ୍ୟସ୍ତ କରିବେ ୨,୪୪, ୭୪୭ ଭୋଟର**



ବିଜୟ ମହାପାତ୍ର



ସାବିତ୍ରୀ ଅଗ୍ରୱାଲ



ଜୟନ୍ତ ମହାନ୍ତି

# ଦେହ ବ୍ୟବସାୟ ପାଇଁ ନାବାଳିକାଙ୍କୁ ଅପହରଣ ଅଭିଯୋଗ

## ■ ୫ ଦିନ ବନ୍ଦ ଘରେ ରଖି କରାଯାଇଥିଲା ବଳାତ୍କାର

**ରାଜନଗର,୫।୭(ଡି.ଏନ.ଏ.)**

■ ବଜାର ଯିବାକୁ କହି ଘରୁ ଡାକି ନେଇଥିଲେ ସମ୍ପର୍କୀୟା ପିଉସୀ

■ ନାବାଳିକାଙ୍କ ମୁହଁ, ପିଠି ଓ କହୁଣିରେ ମାଡ ଚିହ୍ନ

କେନ୍ଦ୍ରାପଡା ଜିଲାର ଜଣେ ନାବାଳିକାଙ୍କୁ ଅପହରଣ କରାଯାଇ ବାଲେଶ୍ୱର ଅଞ୍ଚଳର ଏକ ବନ୍ଦ ଘରେ ୫ ଦିନ ଧରି ରଖି ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି । ଶୁକ୍ରବାର ସଂପୃକ୍ତ ନାବାଳିକା ଏ ନେଇ ରାଜନଗର ବ୍ଲକର ତାଳଚୁଆ ସାମୁଦ୍ରିକ ଥାନାରେ ଅଭିଯୋଗ କରିବା ପରେ ଘଟଣା ପଦାକୁ ଆସିଛି । ନାବାଳିକାଙ୍କ ମୁହଁ, ପିଠି ଓ କହୁଣିରେ ମାଡ ଚିହ୍ନ ରହିଛି । ଦେହ ବ୍ୟବସାୟରେ ଲଗାଇବା ପାଇଁ ତାଙ୍କୁ ଅପହରଣ କରାଯାଇଥିଲା ବୋଲି ପୋଲିସର ପ୍ରାଥମିକ ତଦନ୍ତରୁ ଜଣାଯାଇଛି।

ପ୍ରକାଶ ଯେ, ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ତାଙ୍କ ସମ୍ପର୍କୀୟା ପିଉସୀ ତାଳଚୁଆ ବଜାର ଯିବାକୁ କହି ଘରୁ ଡାକି ଆଣିଥିଲେ। ଯିବା ବାଟରେ ପିଉସୀ ଏକ ନିଶା ମିଶା ଚକଲେଟ ଖାଇବାକୁ ଦେଇଥିଲେ। ପରେ ନାବାଳିକାଙ୍କୁ ତାଳଚୁଆ ଘାଟ ପାର କରାଇ କାରନାଳିରେ ପହଞ୍ଚିଥିଲେ। କାରନାଳିରେ ପୂର୍ବରୁ ଅପେକ୍ଷା କରିଥିବା ଧାମରା ସାମୁଦ୍ରିକ ଥାନା ଅଞ୍ଚଳର ଜଣେ ବ୍ୟକ୍ତି ମୋଟର ସାଇକେଲ ଯୋଗେ ଦୁଇଜଣଙ୍କୁ ବାଲେଶ୍ୱରର ମୋତିଗଞ୍ଜକୁ ନେଇ ଯାଇଥିଲେ। ଅପହରଣ କରି ନେଇଥିବା ମହିଳା ଜଣକ ମୋତିଗଞ୍ଜରେ ଭଡାଘର ନେଇ ରହୁଥିଲେ । ତେଣୁ ସେହି ଘରେ ସେ ନାବାଳିକାଙ୍କୁ ରଖିଥିଲେ । ଉକ୍ତ ଭଡାଘର ଭିତରେ ଏହି ଅପହରଣ ଘଟଣାରେ ସଂପୃକ୍ତ ଥିବା ବ୍ୟକ୍ତି ଜଣକ ନାବାଳିକାଙ୍କୁ ବଳାତ୍କାର କରିଥିଲେ । ସେ ଏହାର ପ୍ରତିବାଦ କରିବାରୁ ମହିଳା ଓ ତାଙ୍କ ସହଯୋଗୀ ମାଡ ମାରିବାକୁ ପଛାଉ ନ ଥିଲେ। ଏପରିକି ରବିବାର ଠାରୁ ଗୁରୁବାର ଯାଏଁ ୫ଦିନ ଧରି ବନ୍ଦଘରେ ନାବାଳିକାଙ୍କୁ ବାରମ୍ବାର ବଳାତ୍କାର କରାଯାଇଥିଲା। ଗୁରୁବାର ଉକ୍ତ ବନ୍ଦ ଘର ଭିତରୁ ଚିତ୍କାର ଶୁଣି ସ୍ଥାନୀୟ ଲୋକେ କବାଟ ଓ ଗ୍ରୀଲ ଭାଙ୍ଗି ନାବାଳିକାଙ୍କୁ ଉଦ୍ଧାର କରିବା ସହ ଦୁଇ ଅଭିଯୁକ୍ତଙ୍କୁ କାବୁ କରି ନେଇଥିଲେ। ସ୍ଥାନୀୟ ଲୋକେ ବାଲେଶ୍ୱର ଟାଉନ ଥାନାରେ ନାବାଳିକା ଓ ଦୁଇ ଅଭିଯୁକ୍ତଙ୍କୁ ଜିମା ଦେଇଥିଲେ। ବାଲେଶ୍ୱର ପୋଲିସ ଠାରୁ ଖବର ପାଇ ତାଳଚୁଆ ସାମୁଦ୍ରିକ ଥାନା ପୋଲିସ ଓ ନାବାଳିକାଙ୍କ ପରିବାର ଲୋକେ ଗୁରୁବାର ବିଳମ୍ବିତ ରାତିରେ ବାଲେଶ୍ୱରରେ ପହଞ୍ଚି ଥିଲେ। ଶୁକ୍ରବାର ସକାଳେ ନାବାଳିକା ଓ ଦୁଇ ଅଭିଯୁକ୍ତଙ୍କୁ ଧରି ପୋଲିସ ରାଜନଗର ଫେରିଛି। ଏ ସଂପର୍କରେ ପୀଡିତାଙ୍କ କହିବା କଥା ହେଲା ଅପହରଣକାରୀମାନେ ଘରୁ ଦେହ ବ୍ୟବସାୟ ପାଇଁ ଉଠାଇ ନେଇ ବିକ୍ରି କରିବା ଯୋଜନାରେ ଥିଲେ। ଏପରି କି ମାଡ ମାରି ବନ୍ଦ ଘରେ ବଳାତ୍କାର କରିଥିଲେ। ଏ ସଂପର୍କରେ ଏସ୍‌ଡିପିଓ ରଞ୍ଜନ କୁମାର ଦେଙ୍କୁ ପଚାରିବାରେ କହିଛନ୍ତି ଯେ, ନାବାଳିକାଙ୍କୁ ଅପହରଣ କରି ବାଲେଶ୍ୱର ନିଆଯାଇଥିଲା। ତାଙ୍କୁ ଉଦ୍ଧାର କରାଯାଇ ତଦନ୍ତ ଚାଲିଛି । ଏ ନେଇ ତାଳଚୁଆ ସାମୁଦ୍ରିକ ଥାନାରେ ୩୦/୨୦୧୯ରେ ଏକ ମାମଲା ରୁଜୁ ହୋଇଛି ।

## ଚକଡ଼ା ଛୁଇଁଲେ ଶ୍ରୀଦଧିବାମନ ଜୀଉ

**ଡେରାବିଶ, ୫।୭ (ସ୍ୱ.ପ୍ର.)**



ଶ୍ରଦ୍ଧାଳୁମାନେ ରଥ ଟାଣି ନେଉଛନ୍ତି।

ଡେରାବିଶ ବ୍ଲକସ୍ଥିତ ଶ୍ରୀଦଧିବାମନ ଜୀଉ ରଥଯାତ୍ରା ଅବସରରେ ମାଉସୀ ମା' ମନ୍ଦିର ଅଭିମୁଖେ ବାହାରିଥିବା ବେଳେ କଚେରି ଦାଣ୍ଡରେ ଅଟକି ଥିଲେ। ଶୁକ୍ରବାର ପୁନର୍ବାର ରଥଟଣା ଆରମ୍ଭ ହୋଇଥବା ବେଳେ ସନ୍ଧ୍ୟାରେ ଦୁମୁକାହାଟ (ରଥପଡିଆ) ଗ୍ରାମସ୍ଥିତ ମାଉସୀମା' ମନ୍ଦିର ଚକଡାରେ ପହଞ୍ଚିଥିଲେ ଦଧିବାମନ ଜୀଉ । ପୂର୍ବନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ, ଶୁକ୍ରବାର ଅପରାହ୍ନ ୪ଟାରେ ରଥ ଟଣା ଆରମ୍ଭ ହୋଇଥିଲା। ସନ୍ଧ୍ୟା ୬ଟା ସୁଦ୍ଧା ଠାକୁରଙ୍କ ରଥ ମାଉସୀ'ମା ମନ୍ଦିର ଚକଡ଼ାରେ ଲାଗିଥିଲା। ଏହାପରେ ରୀତି ନୀତି ଅନୁସାରେ ବଡ଼ଠାକୁରଙ୍କ ବିଭିନ୍ନ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ପହଣ୍ଡି କରି ଶ୍ରୀଦଧିବାମନ ଜୀଉଙ୍କୁ ମନ୍ଦିର ଭିତରକୁ ନିଆଯାଇଥିଲା। ଶୃଙ୍ଖଳା ରକ୍ଷା ପାଇଁ ଡେରାବିଶ ଥାନା ଅଧିକାରୀ ଉମାକାନ୍ତ ନାୟକଙ୍କ ନେତୃତ୍ୱରେ ପୋଲିସ ଟିମ ମୁତୟନ କରାଯାଇଥିଲା। ସେହିପରି ଗୁରୁବାର ବ୍ଲକ ଅଧୀନ ନରସିଂହପୁର ଗ୍ରାମ ସମେତ ବାଲିଆ ପଞ୍ଚାୟତର ଓଉଖଣ୍ଡ ଓ ପ୍ରସିଦ୍ଧ ଓଲକଣା ମେଳଣ ପଡ଼ିଆଠାରେ ଶ୍ରୀଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହୋଇଥିଲା।

## ବିଜୟଙ୍କ ବିଜୟ କାମନା, ମହିଳାଙ୍କ ସମୂହ ଦୀପଦାନ

**ପାଟକୁରା, ୫।୭ (ଡି.ଏନ୍.ଏ.)**

ପାଟକୁରା ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା ହେବା ପରେ ରାଜନୈତିକ ମାହୋଲ ସରଗରମ ହୋଇଛି। ନିର୍ବାଚନରେ ବିଜୟ ପାଇଁ ସବୁ ଦଳର ପ୍ରାର୍ଥୀ ଓ ସମର୍ଥକ ନାନା ଉଦ୍ୟମ କରୁଥିବା ଦେଖାଯାଉଛି। ତେବେ ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ରଙ୍କ ବିଜୟ କାମନା କରି ପାଟକୁରା ଅଞ୍ଚଳର ମହିଳାମାନେ ଶୁକ୍ରବାର ସମୂହ ଦୀପଦାନ କରିଥିଲେ। ୧୦ ନଂ. ଜୋନ୍ ଅଧୀନ ନଡ଼ିଆବରେଇ, ରାମଚନ୍ଦ୍ରପୁର, ତିକନପୁର, ବଙ୍ଗାଳପୁର, ଭଗବାନପୁର ଓ ସାନଅଡ଼ଙ୍ଗା ଆଦି ପଞ୍ଚାୟତର ଶତାଧିକ ମହିଳା ସ୍ଥାନୀୟ ହରିହରକ୍ଷେତ୍ର ମହାଲକ୍ଷ୍ମୀ ମନ୍ଦିରରେ ସମୂହ ଦୀପଦାନ କରିଥିଲେ।



ମହାଲକ୍ଷ୍ମୀଙ୍କ ମନ୍ଦିରରେ ମହିଳାଙ୍କ ସମୂହ ଦୀପଦାନ।

## ପଟ୍ଟାମୁଣ୍ଡାଇ କଲେଜର ୪୯ତମ ପ୍ରତିଷ୍ଠା ଦିବସ ପାଳିତ

**ପଟ୍ଟାମୁଣ୍ଡାଇ, ୫।୭ (ସ୍ୱ.ପ୍ର)**

ସାମ୍ପ୍ରତିକ ଶିକ୍ଷା ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ କେବଳ ସୂଚନା ସ୍ତରରେ ଅଟକାଇ ରଖିଅଛି । ଯାହା ଫଳରେ ଜ୍ଞାନର ଉପଲବ୍ଧି ଠାରୁ ଛାତ୍ରୀଛାତ୍ରମାନେ ଦୂରେଇ ଯାଉଛନ୍ତି । ସୂଚନା ପ୍ରଯୁକ୍ତିକୁ ଗୁରୁତ୍ୱ ଦେଉଥିବା ଆଜିର ଶିକ୍ଷା ବସ୍ତୁବାଦୀ ହୋଇଯାଇଛି । ଆମକୁ ଯାହା ବିକାଶ ପରି ପ୍ରତୀୟମାନ ହେଉଛି ତାହା ବାସ୍ତବରେ ବିକାଶ ବୋଲି କହି ହେବନାହିଁ । ମଣିଷ ମନରେ ମୌଳିକ ଚିନ୍ତା ଜନ୍ମ ନେବା ସ୍ଥାନରେ ସୂଚନାଲବ୍ଧ ଜ୍ଞାନ ଅଧିକ ପ୍ରଭାବଶାଳୀ ହୋଇ ରହିଛି । ପଟ୍ଟାମୁଣ୍ଡାଇ କଲେଜର ୪୯ତମ ପ୍ରତିଷ୍ଠା ଦିବସ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜ ଚିନ୍ତକ ତଥା କବି ହରପ୍ରସାଦ ଦାସ ଏହି କଥା କହିଛନ୍ତି । ପଟ୍ଟାମୁଣ୍ଡାଇ କଲେଜ ପରିଚାଳନା କମିଟି ସଭାପତି ତଥା ବିଧାୟକ ଧ୍ରୁବ ଚରଣ ସାହୁ ଉତ୍ସବରେ ପୌରୋହିତ୍ୟ କରିଥିଲେ ଏଥିରେ ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଅଧ୍ୟାପକ ବିଶ୍ୱରଞ୍ଜନ ଯୋଗଦେଇ କହିଥିଲେ, ଛାତ୍ରୀଛାତ୍ରମାନଙ୍କର ବୌଦ୍ଧିକ ବିକାଶ ପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକର ଭୂମିକା ବହୁ ଗୁରୁତ୍ୱପୂର୍ଣ୍ଣ । ଶିକ୍ଷକ, ଅଭିଭାବକ ଓ ଶିକ୍ଷାୟତନ ଛାତ୍ରୀଛାତ୍ରମାନଙ୍କୁ ଗଢିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି କହିଥିଲେ । ଏହି ଉତ୍ସବରେ କଲେଜ ଅଧ୍ୟକ୍ଷ ପ୍ରଫେସର ଅଧିକାରୀ ଲକ୍ଷ୍ମୀନାରାୟଣ ଦାଶ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ଓ ଅଫିସ୍ ସହାୟକ ଗୌରାଙ୍ଗ ମହାନ୍ତିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯିବା ସହିତ କଲେଜର ବାଣିଜ୍ୟ, କଳା ଓ ବିଜ୍ଞାନରେ ଉତ୍କର୍ଷ ପ୍ରତିପାଦନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ବରିଷ୍ଠ ସାହିତ୍ୟିକ ତଥା କେନ୍ଦ୍ରାପଡା କଲେଜ ପ୍ରାକ୍ତନ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ବେହେରାଙ୍କୁ କଲେଜ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଭରତ ଚନ୍ଦ୍ର ପାତ୍ର, କୈଳାସ ଚନ୍ଦ୍ର ପାତ୍ର, ଦେବବ୍ରତ ପ୍ରଧାନ, ପରୀକ୍ଷିତ ପାତ୍ର, କସ୍ତୁରୀ ଚରଣ ସ୍ୱାଇଁ, ଆଲୁମ୍ନି କମିଟି ସଦସ୍ୟ ରାଜେନ୍ଦ୍ର ଦାଶ, ଗାଳ୍ପିକ ପ୍ରଦୀପ ନାୟକଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି ଓ ଅଧ୍ୟାପିକା ଅଧ୍ୟାପକମାନେ ଯୋଗ ଦେଇଥିଲେ। ଶେଷରେ ପ୍ରାଧ୍ୟାପକ ରଞ୍ଜିତ କୁମାର ସେନାପତି ଧନ୍ୟବାଦ ଦେଇଥିଲେ । ମଧୁସ୍ମିତା ପରିଡା, ଡ. ଅଳି ଦାଶ, ଅଧ୍ୟାପକ ମନୋଜ କୁମାର ପରିଡା, ଅଧ୍ୟାପିକା ପ୍ରେମଲତା ରାଉତ, ପ୍ରମୋଦ ସାମଲ, ଦୁଃଶାସନ ପରିଡା, ନିର୍ମଳ ସାହୁ, ରମେଶ ସାହୁ ପ୍ରମୁଖ ସହଯୋଗ କରିଥିଲେ ।



“୨୦୨୩ ବିଶ୍ୱକପ୍ ପାଇଁ ଦଳ ଗଢ଼ିବା ଲାଗି ୱେଷ୍ଟଇଣ୍ଡିଜକୁ ଇଂଲଣ୍ଡ ପଦାଙ୍କ ଅନୁସରଣ କରିବାକୁ ପଡ଼ିବ।

–କାର୍ଲୋସ ବ୍ରାଥୱେଟ୍, ୱେଷ୍ଟଇଣ୍ଡିଜ ଅଲରାଉଣ୍ଡର



“ପ୍ରଫେଶନାଲ କ୍ରିକେଟ ଖେଳିବାକୁ ହେଲେ ପ୍ରତ୍ୟେକ ବିଭାଗରେ ଶତ ପ୍ରତିଶତ ଫିଟ୍ ରହିବା ଜରୁରୀ।

–ଗୁଲ୍‌ବଦିନ ନାଇବ, ଆଫଗାନିସ୍ତାନ ଅଧିନାୟକ

## ସଂକ୍ଷେପରେ

### କ୍ୱାର୍ଟରରେ କାଶ୍ୟପ, ସୌରଭ

**କାଲଗାରି, ୫ା୭(ପି.ଟି.):** ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ପାରୁପାଲ୍ଲୀ କାଶ୍ୟପ ଓ ସୌରଭ ବର୍ମା ଏଠାରେ ଚାଲିଥିବା ୭୫ ହଜାର ଆମେରିକୀୟ ଡଲାର କାନାଡା ଓପନ ସୁପର ୧୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପୂର୍ବତନ ରାଜ୍ୟଗୋଷ୍ଠୀ ଚାମ୍ପିୟନ କାଶ୍ୟପ ୨୩-୨୧, ୨୧-୧୩, ୨୧-୧୯ ଗେମ୍‌ରେ ଚାଇନାର ରେନ୍ ପେଙ୍ଗ୍‌ଙ୍କୁ ହରାଇଛନ୍ତି। ତାଙ୍କୁ ମ୍ୟାଚ୍ ଜିତିବା ଲାଗି ଏକ ଘଣ୍ଟା ୨୪ ମିନିଟ୍ ଲାଗିଥିଲା। ଜାତୀୟ ଚାମ୍ପିୟନ ସୌରଭ ୨୧-୧୩, ୧୫-୨୧, ୨୧-୧୫ ଗେମ୍‌ରେ ଚାଇନିଜ ଖେଳାଳି ସୁନ୍ ଫେଇ ଜିଆଙ୍ଗଙ୍କୁ ପରାସ୍ତ କରିଥିଲେ। ପରବର୍ତ୍ତୀ ରାଉଣ୍ଡରେ ୬ଷ୍ଠ ସିଡ୍ କାଶ୍ୟପ ଫ୍ରାନ୍ସର ଲୁକାସ କ୍ଲାଏରବାଉଟ୍‌ଙ୍କୁ ଭେଟିବାକୁ ଥିବାବେଳେ ସୌରଭ ଚାଇନାର ଲିଶି ଫେଙ୍ଗ୍‌ଙ୍କ ସହ ମୁକାବିଲା କରିବେ।

### ଇଂଲଣ୍ଡ ମିଡ୍‌ଫିଲ୍ଡର କାର୍ନିଙ୍କ ଅବସର ଘୋଷଣା

**ନାଇସ(ଫ୍ରାନ୍ସ),୫ା୭ (ଏପିଏଫ୍):** ଚଳିତ ମହିଳା ଫିଫା ବିଶ୍ୱକପ୍‌ର ୩ୟ ସ୍ଥାନ ପାଇଁ ହେବାକୁ ଥିବା ମ୍ୟାଚ୍ ପରେ ଇଂଲଣ୍ଡ ମିଡ୍‌ଫିଲ୍ଡର କାରେନ କାର୍ନି ଅବସର ନେବେ ବୋଲି ଘୋଷଣା କରିଛନ୍ତି। ଇଂଲଣ୍ଡ ଦଳ ବ୍ରୋଞ୍ଜ ପଦକ ମୁକାବିଲାରେ ସ୍ୱିଡେନକୁ ଭେଟିବ। ମୁଁ ଏବେ ଦଳ ପାଇଁ ସବୁ କରିପାରିବି। ହେଲେ ମୁଁ ଶାରୀରିକ ଦୃଷ୍ଟିକୋଣରୁ ଆଉ ଫିଟ୍ ଅନୁଭବ କରୁନାହିଁ ବୋଲି ୩୧ ବର୍ଷୀୟ ମିଡ୍‌ଫିଲ୍ଡର କହିଛନ୍ତି। ୨୦୦୫ରେ ଅନ୍ତର୍ଜାତୀୟ ସ୍ତରରେ ପଦାର୍ପଣ କରିଥିବା କାରନି ୧୪୩ ମ୍ୟାଚ୍ ଖେଳିଛନ୍ତି। ୨୦୧୫ ବିଶ୍ୱକପ୍‌ରେ ବ୍ରୋଞ୍ଜ ପଦକ ଜିତିଥିବା ଇଂଲଣ୍ଡ ଦଳର ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ଥିଲେ। ସେ ଚଳିତ ବିଶ୍ୱକପ୍‌ର ସମସ୍ତ ଗ୍ରୁପ ପର୍ଯ୍ୟାୟ ମ୍ୟାଚ୍‌ରେ ଖେଳିଥିଲେ। ତାଙ୍କର ଏଭଳି ନିଷ୍ପତ୍ତି ଯୋଗୁ ମହିଳା ପ୍ରିମିୟର ଲିଗ୍ ଦଳ ଚେଲସିଙ୍କ ସହ ତାଙ୍କ ଚୁକ୍ତିର ଅନ୍ତ ହେବ।

### ଏଟିକେରୁ ଖେଳିବେ ଆନାସ

**କୋଲକାତା, ୫ା୭ (ପି.ଟି.):** ଇଣ୍ଡିଆନ ସୁପର ଲିଗ୍‌ର ଆସନ୍ତା ସିଜନ ପାଇଁ ପୂର୍ବତନ ଚାମ୍ପିୟନ ଏଟିକେ ଶୁକ୍ରବାର ପୂର୍ବତନ ଭାରତୀୟ ଡିଫେଣ୍ଡର ଆନାସ ଏଦାଥୋଡିକାଙ୍କୁ ଅନୁବନ୍ଧିତ କରିଛି। ଆନାସଙ୍କ ଯୋଗଦାନ ପରେ ଏଟିକେର ଡିଫେନ୍ସ ଲାଇନ୍ ଅଧିକ ଶକ୍ତିଶାଳୀ ହୋଇପାରିଛି। ତାଙ୍କ ସହିତ ଜାତୀୟ ଦଳର ସନ୍ଦେସ ଝିଙ୍ଗାନ ଏହି ପୋଜିଶନରେ ଖେଳିବେ। ୨୦୧୧ରେ ପୁଣେ ଏଫ୍‌ସିରେ ଯୋଗଦାନ କରିବା ପୂର୍ବରୁ ଆନାସ ଆଇ-ଲିଗ୍‌ରେ ମୁମ୍ବାଇ ତରଫରୁ ଖେଳି ତାଙ୍କ କ୍ୟାରିୟର ଆରମ୍ଭ କରିଥିଲେ। ସେ ୨୦୧୩-୧୪ରେ ଦଳର ଅଧିନାୟକ ହୋଇଥିଲେ। ସେ ୨୦୧୨-୧୩ରେ ପୁଣେ ଫୁଟ୍‌ବଲ କ୍ଲବ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ଜିତିଥିଲେ। ସେ ପ୍ରଥମ ଭାରତୀୟ ତଥା ପ୍ରଥମ ଡିଫେଣ୍ଡର ଭାବେ ଏହି ପୁରସ୍କାର ଜିତିଥିଲେ। ଆଇଏସଏଲ୍‌ରେ ଆନାସ ୨୦୧୭-୧୮ ସିଜନରେ ଜାମଶେଦପୁର ଏଫ୍‌ସି ତରଫରୁ ଖେଳି ପ୍ରତିଯୋଗିତାରେ ପ୍ରଥମ ପଦାର୍ପଣ କରିଥିଲେ।

# ଦୋଛକିରେ ସଞ୍ଜୟ, ସୁପ୍ରିମକୋର୍ଟଙ୍କ ଶୁଣାଣିକୁ ଅପେକ୍ଷା

**କଟକ ଅଫିସ,୫ା୭**

ରାଜ୍ୟ କ୍ରୀଡ଼ା ଜଗତରେ ଯେଉଁ କେତୋଟି ପ୍ରସଙ୍ଗ ଚର୍ଚ୍ଚାରେ ରହିଛି, ସେଗୁଡ଼ିକ ମଧ୍ୟରେ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର ନିର୍ବାଚନ ପ୍ରସଙ୍ଗ ସବୁଠାରୁ ଆଗରେ। ରାଜ୍ୟର ସବୁଠାରୁ ଶକ୍ତିଶାଳୀ କ୍ରୀଡ଼ା ସଂଘ ଓସିଏର ମୁଖିଆ କିଏ ହେବ ତାହାକୁ ନେଇ ଏବେ ଚାଲିଛି ଅଙ୍କକଷା। ଏକଦା ରାଜ୍ୟ କ୍ରିକେଟର ସର୍ବେସର୍ବା ବିବେଚିତ ହେଉଥିବା ଆଶୀର୍ବାଦ ବେହେରା ଏବେ ଓସିଏର କୌଣସି ପଦବୀରେ ନ ଥିଲେ ମଧ୍ୟ ଆସୋସିଏଶନ ଗଠନ କରିବାରେ ତାଙ୍କ ଭୂମିକା ହିଁ ସବୁଠାରୁ ଅଧିକ ରହିବ ବୋଲି ଚର୍ଚ୍ଚା ହେଉଛି। ଆଶୀର୍ବାଦଙ୍କ ପତିଆରା ଏବେ ବି ସତେଜ ଓସିଏରେ। ତେବେ ଆଶୀର୍ବାଦଙ୍କ ପୁଅ ତଥା ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ସମ୍ପାଦକ ସଞ୍ଜୟ ବେହେରାଙ୍କୁ ଓସିଏର ଭବିଷ୍ୟତ ମୁଖିଆ ଭାବେ ପ୍ରୋଜେକ୍ଟ କରାଯାଉଛି ବୋଲି କେତେକ କ୍ରୀଡ଼ା ସଙ୍ଗଠକ ମତ ଦେଇଛନ୍ତି। ଏ କଥାକୁ ଓସିଏ ସହ ଜଡ଼ିତ ଅନେକ ପୂର୍ବତନ କ୍ରୀଡ଼ା ସଙ୍ଗଠକ ଅସ୍ୱୀକାର ମଧ୍ୟ କରିନାହାନ୍ତି।

**ଅଗଷ୍ଟରେ ଫାଓ, ସେପ୍ଟେମ୍ବରରେ ଓସିଏ ନିର୍ବାଚନ**

ହେଲେ ସଞ୍ଜୟ ଏବେ ଦୋଛକିରେ ଅଛନ୍ତି। ଆଗାମୀ ଦୁଇ ମାସ ଭିତରେ ଉଭୟ ଫାଓ ଏବଂ ଓସିଏର ନିର୍ବାଚନ ଶେଷ ହେବ। ଦୀର୍ଘବର୍ଷ ଧରି ରାଜ୍ୟରେ ଫୁଟବଲର ବିକାଶ କରିଥିବା ସଞ୍ଜୟ ଫାଓ ହାତ ଛାଡ଼ି ଓସିଏ ସହ ଯୋଡ଼ି ହେବେ କିମ୍ବା ଫାଓର ଲଗାତର ତୃତୀୟ ଥର ସମ୍ପାଦକ ହେବେ ତାହା ଦେଖିବାକୁ ବାକି ରହିଛି। ଆସନ୍ତା ୧୦ ତାରିଖରେ ରାଜ୍ୟ କ୍ରିକେଟ ଆସୋସିଏଶନଗୁଡ଼ିକର ନିର୍ବାଚନକୁ ନେଇ ସୁପ୍ରିମକୋର୍ଟରେ ଶୁଣାଣି ମଧ୍ୟ ରହିଛି। ଏହି ତାରିଖ ହିଁ ସଞ୍ଜୟଙ୍କ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବ ବୋଲି କୁହାଯାଉଛି।

୨୦୦୦ ଜୁନ ୨୫ ତାରିଖରେ କଟକର ପୁରୁଖା ରାଜନେତା ତଥା କ୍ରୀଡ଼ା ସଙ୍ଗଠକ ଆଶୀର୍ବାଦ ବେହେରା ଓସିଏର ସମ୍ପାଦକ ପଦବୀରେ ଅବସ୍ଥାପିତ ହୋଇଥିଲେ। ୧୬ବର୍ଷର ଦାୟିତ୍ୱ ପରେ ୨୦୧୭ ଜାନୁୟାରୀ ୪ ତାରିଖରେ ଆଶୀର୍ବାଦ ବାଧ୍ୟବାଧକତାରେ ଏହି ପଦବୀ ଛାଡ଼ି ଥିଲେ। ଲୋଧା କମିଟିର ସୁପାରିସ କ୍ରମେ ଓ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରିପ୍ରେକ୍ଷୀରେ ଆଶୀର୍ବାଦ ଓସିଏ ଛାଡ଼ିଥିଲେ ସୁଦ୍ଧା ପରବର୍ତ୍ତୀ ସମୟରେ ତାଙ୍କ ବିନା ପରାମର୍ଶରେ ଓସିଏରେ କୌଣସି କାମ ଆଗେଇ ନାହିଁ। କାର୍ଯ୍ୟକାରୀ କମିଟି ଗଠନ ହୋଇ ୩ଟି ଅନ୍ତର୍ଜାତୀୟ ମ୍ୟାଚ୍ ଇତି ମଧ୍ୟରେ ଆୟୋଜନ ହୋଇଥିଲେ ମଧ୍ୟ ଅଭିଜ୍ଞ କ୍ରୀଡ଼ା ସଙ୍ଗଠକ ଆଶୀର୍ବାଦଙ୍କ ଉପସ୍ଥିତି ସବୁବେଳେ କାମରେ ଲାଗିଛି। ଓସିଏ ନିର୍ବାଚନ ତାରିଖ ଏଯାଏଁ ନିର୍ଦ୍ଧାରିତ ହୋଇନାହିଁ। ତଥାପି ଓସିଏ ଏହା ଆଉ ଅଧିକ ଦୂର ନୁହେଁ। ଆଗାମୀ ଓସିଏ ନିର୍ବାଚନରେ ଆଶୀର୍ବାଦଙ୍କ ପୁଅ ସଞ୍ଜୟ ହିଁ ବାପାଙ୍କ ପଦବୀ ସମ୍ଭାଳିବେ ବୋଲି ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଆଶୀର୍ବାଦଙ୍କୁ ପଚରାଯାଇଥିଲେ ମଧ୍ୟ ସେ ସ୍ପଷ୍ଟ ଉତ୍ତର କେବେ ଦେଇ ନାହାନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ରାଜ୍ୟ କ୍ରିକେଟ ସଂଘ ଗୁଡ଼ିକର ନିର୍ବାଚନ ନେଇ ଯୋଜନା ମଧ୍ୟ ଅଗ୍ରଗତି କରି ସାରିଲାଣି। କମିଟି ଅଫ ଆଡମିନିଷ୍ଟ୍ରେଟର(ସିଓଏ)ର ଘୋଷଣା ଅନୁଯାୟୀ, ଜୁଲାଇ ୧ ତାରିଖ ସୁଦ୍ଧା ସମସ୍ତ ରାଜ୍ୟ ଆସୋସିଏଶନ ନିର୍ବାଚନ ଅଧିକାରୀ ନିଯୁକ୍ତ କରିବା ସହ ଅଗଷ୍ଟ ୧୪ ସୁଦ୍ଧା ନିର୍ବାଚନ ବିଧି ଓ ଭୋଟର ତାଲିକା ପ୍ରଚଳନ, ସେପ୍ଟେମ୍ବର ୧୪ ସୁଦ୍ଧା ରାଜ୍ୟ ଆସୋସିଏଶନଗୁଡ଼ିକର ନିର୍ବାଚନ ହେବ। ଏଣୁ ସେପ୍ଟେମ୍ବରରେ ଓସିଏ ନିର୍ବାଚନ ହେବା ଥୟ। ରାଜ୍ୟ କ୍ରିକେଟ ଆସୋସିଏଶନଗୁଡ଼ିକର ନିର୍ବାଚନକୁ ନେଇ ସୁପ୍ରିମକୋର୍ଟରେ ଏକ ଶୁଣାଣି ତାରିଖ ରହିଛି। ଆଶାୟୀ ପ୍ରାର୍ଥୀଙ୍କ ପାଇଁ ଏହି ତାରିଖଟି ଏକ ଗୁରୁତ୍ୱପୂର୍ଣ୍ଣ ଦିନ ପାଲଟି ସାରିଲାଣି। ଶୁଣାଣିରେ କେଉଁ ସବୁ ଦିଗ ପ୍ରତି ଦୃଷ୍ଟି ଦେଇ ପ୍ରାର୍ଥୀ ଚୟନ କରାଯିବ ତାହା ସ୍ପଷ୍ଟ ହେବ। ସଞ୍ଜୟଙ୍କ ପାଇଁ ମଧ୍ୟ ଆସନ୍ତା ୧୦ ତାରିଖ ଗୁରୁତ୍ୱପୂର୍ଣ୍ଣ।

ଅନ୍ୟପକ୍ଷରେ ଓଡ଼ିଶା ଫୁଟବଲ ଆସୋସିଏଶନରୁ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ଗଠନ ହେବା ଦିନ ଠାରୁ ସଞ୍ଜୟ ହିଁ ଏହାର ସମ୍ପାଦକ ଅଛନ୍ତି। ୨୦୧୦ ମସିହାରେ ଗଠନ ହୋଇଥିଲା ଫାଓ। ଶେଷଥର ନିମନ୍ତେ ୨୦୧୪ରେ ଫାଓ ନିର୍ବାଚନ ହୋଇଥିବା ବେଳେ ୨୦୧୮ରୁ ଏହାର କାର୍ଯ୍ୟକାଳ ଶେଷ ହୋଇ ସାରିଲାଣି। ହେଲେ ଏଯାଏଁ ନିର୍ବାଚନ କରାଯାଇନାହିଁ। ଖୁବଶୀଘ୍ର ଫାଓର ସମ୍ବିଧାନକୁ ଅବଲମ୍ବନ କରି କାଉନସିଲ ବୈଠକ ଡାକିବା ସହ ନିର୍ବାଚନ ତାରିଖ ଧାର୍ଯ୍ୟ ହେବ ବୋଲି ଫାଓ ପକ୍ଷରୁ କୁହାଯାଇଛି।



“ରାଜ୍ୟରେ ଫୁଟବଲ ବିକାଶ କେଉଁ ସ୍ତରକୁ ଯାଇଛି ତାହା ସମସ୍ତେ ଜାଣନ୍ତି। ଏଣୁ ଫାଓ ପ୍ରତି ଭଲପାଇବା ରହିଛି। ହେଲେ ଓସିଏ ସହ ଯୋଡ଼ି ହେବି ନା ନାହିଁ ସେ ନେଇ କୌଣସି ଯୋଜନା କରିନାହିଁ। କ୍ରିକେଟ ସଂଘର ଭାଗ୍ୟ, ବିଧାତା ହେଉଛନ୍ତି ସୁପ୍ରିମକୋର୍ଟ। ତାଙ୍କ ନିଷ୍ପତ୍ତି ଶୁଣିବା ଅପେକ୍ଷାରେ ଅଛି।

- ସଞ୍ଜୟ ବେହେରା, ସମ୍ପାଦକ, ଫାଓ

### ମାର୍ଶ ବାଦ୍, ଅଷ୍ଟ୍ରେଲିଆ ଦଳରେ ହ୍ୟାଣ୍ଡସ୍କମ୍ବ

**ଲିଡ୍ସ, ୫ା୭:** ଟପ୍ ଅର୍ଡର ବାମହାତୀ ବ୍ୟାଟ୍ସମ୍ୟାନ ଶନ ମାର୍ଶ ଆହତ ସମସ୍ୟା ଯୋଗୁ ଅଷ୍ଟ୍ରେଲିଆ ବିଶ୍ୱକପ୍ ଦଳରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ପିଟର ହ୍ୟାଣ୍ଡସ୍କମ୍ବଙ୍କୁ ଦଳରେ ସାମିଲ କରାଯାଇଛି। ଏ ନେଇ ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି) ପକ୍ଷରୁ କୁହାଯାଇଛି। ଓଲ୍ଡ ଟ୍ରାଫୋର୍ଡଠାରେ ଗୁରୁବାର ଅଭ୍ୟାସବେଳେ ପାଟ କମିନ୍ସଙ୍କ ରାଇଜିଂ ଡିଲେଭରୀ ୩୫ ବର୍ଷୀୟ ମାର୍ଶଙ୍କ ରିଷ୍ଟରେ ବାଜିଥିଲା। ବିଶ୍ୱକପ୍‌ର ଟେକନିକାଲ କମିଟି ମାର୍ଶଙ୍କ ବଦଳ ଖେଳାଳି ଭାବେ ହ୍ୟାଣ୍ଡସ୍କମ୍ବଙ୍କୁ ଅଷ୍ଟ୍ରେଲିଆ ଦଳରେ ସାମିଲ ହେବାକୁ ଅନୁମତି ଦିଆଯାଇଛି ବୋଲି ଆଇସିସି ସ୍ପଷ୍ଟ କରିଛି। ମାର୍ଶଙ୍କ ରିଷ୍ଟ ଫ୍ୟାକ୍‌ଚର ହୋଇଛି। ଏଥିରୁ ମୁକୁଳିବା ଲାଗି ତାଙ୍କୁ ଅସ୍ତ୍ରୋପଚାର କରାଇବାକୁ ପଡ଼ିବ। ଅଲରାଉଣ୍ଡ ଗ୍ଲେନ ମ୍ୟାକ୍ସୱେଲଙ୍କ ରିଷ୍ଟରେ ମଧ୍ୟ ଆଘାତ ଲାଗିଛି। ତାଙ୍କର ସ୍କାନ କରାଯାଇସାରିଛି। ସମସ୍ୟା ଗୁରୁତର ନୁହେଁ। ସେ ଶନିବାର ଖେଳାଯିବାକୁ ଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ୍ ପୂର୍ବରୁ ଫିଟ୍ ହୋଇଯିବେ ଆଶା କରାଯାଉଛି ବୋଲି କୋଚ୍ ଜଷ୍ଟିନ ଲାଙ୍ଗର କହିଛନ୍ତି। ୨୮ ବର୍ଷୀୟ ହ୍ୟାଣ୍ଡସ୍କମ୍ବ ୨୧ ଦିନିକିଆ ଖେଳି ଗୋଟିଏ ଶତକ ଓ ୪ ଅର୍ଦ୍ଧଶତକ ଲଗାଇସାରିଛନ୍ତି।





କାରୋଲିନ୍ ଓଜନିଆକିଙ୍କ ବିପକ୍ଷରେ ରିଟର୍ନ ଶଟ୍ ଖେଳିବା ଅବସରରେ ଚାଇନାର ଝାଙ୍ଗ ଶୁଇ। ମ୍ୟାଚ ଜିତିବାପରେ ଖୁସି ମନାଉଛନ୍ତି ଚେକ୍ ରିପବ୍ଲିକର କାରୋଲିନା ମୁଚୋଭା।

# ଓଜନିଆକି, ଆଣ୍ଡରସନ ପରାସ୍ତ

**ଲଣ୍ଡନ, ୫ା୭**

ପୂର୍ବତନ ମହିଳା ନମ୍ବର ୱାନ ଖେଳାଳି ଡେନମାର୍କର କାରୋଲିନ୍ ଓଜନିଆକି ଏବଂ ଗତଥରର ପୁରୁଷ ରନର୍ସଅପ୍ କେଭିନ ଆଣ୍ଡରସନ ୱିମ୍ବଲଡେନ ଓପନ ଟେନିସରୁ ବିଦାୟ ନେଇଛନ୍ତି। ଶୁକ୍ରବାର ଏକ ମହିଳା ସିଙ୍ଗଲ୍ସ ତୃତୀୟ ରାଉଣ୍ଡ ମ୍ୟାଚରେ ଚାଇନାର ଝାଙ୍ଗ୍ ଶୁଆଇ ୬-୪, ୬-୨ ସେଟ୍‌ରେ ୧୪ତମ ସିଡ୍ ଓଜନିଆକିଙ୍କୁ ପରାସ୍ତ କରିଛନ୍ତି। ଝାଙ୍ଗ୍ ବର୍ତ୍ତମାନ ଭିକ୍ଟୋରିଆ ଗେଲୁବିକ୍ କିମ୍ବା ଡାୟାନା ୟାସ୍ତ୍ରେମେସ୍କାଙ୍କୁ ଭେଟିବେ। ଅନ୍ୟପକ୍ଷରେ ପୁରୁଷ ସିଙ୍ଗଲ୍ସର ଏକ ତୃତୀୟ ରାଉଣ୍ଡ ମ୍ୟାଚରେ ଆର୍ଜେଣ୍ଟିନାର ଗୁଇଡୋ ପେଲା ଚତୁର୍ଥ ସିଡ୍ ତଥା ଦକ୍ଷିଣ ଆଫ୍ରିକାର ଆଣ୍ଡରସନଙ୍କୁ ୬-୪, ୬-୩, ୭-୬ (୭-୪)ରେ ପରାସ୍ତ କରିଛନ୍ତି। ଏକ ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତାରେ ସେ ପ୍ରଥମ ଥର ପାଇଁ ଚତୁର୍ଥ ରାଉଣ୍ଡକୁ ଉନ୍ନୀତ ହୋଇ ପାରିଛନ୍ତି। ଏହି ମ୍ୟାଚରେ ବିଜୟ ଅନୁଭବ ଅବର୍ଣ୍ଣନୀୟ ବୋଲି ପେଲା ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ବିଶ୍ୱର ଏହି ୨୬ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ବର୍ତ୍ତମାନ କାନାଡାର ମିଲୋସ ରାଓନିକ୍‌ଙ୍କୁ ଭେଟିବେ। ରାଓନିକ ଆମେରିକାର ରେଲି ଓପେଲନ୍‌କାଙ୍କୁ ୭-୬ (୭-୧), ୬-୨, ୬-୧ ସେଟ୍‌ରେ ହରାଇ ଦେଇଛନ୍ତି। ପୁରୁଷ ସିଙ୍ଗଲ୍ସରେ ଅନ୍ୟମାନଙ୍କ ମଧ୍ୟରେ ସ୍ପେନର ରବର୍ଟୋ ବଟିଷ୍ଟା ଅଗଟ୍, ଫ୍ରେଞ୍ଚ ଖେଳାଳି ବେନଏଟ ପାଇରେ ମଧ୍ୟ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।

**ୱିମ୍ବଲଡେନ ଗ୍ରାଣ୍ଡସ୍ଲାମ୍ ଟେନିସ୍**

### ଭାରତ ଆଶା ଉଜ୍ଜୀବିତ କଲେ ଶରନ

**ଲଣ୍ଡନ, ୫ା୭(ପି.ଟି.)**

ଚଳିତ ୱିମ୍ବଲଡନ ଟେନିସ ଚାମ୍ପିୟନଶିପ୍‌ରେ ଡିଭିଜ୍ ଶରନ ଭାରତୀୟ ଆଶାକୁ ଉଜ୍ଜୀବିତ ରଖିଛନ୍ତି। ବ୍ରାଜିଲିଆନ ପାର୍ଟନର ମାର୍ସେଲୋ ଡିମୋଲିନରଙ୍କ ସହିତ ସେ ପୁରୁଷ ଡବଲ୍ସ ପ୍ରି-କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଏହି ଯୋଡ଼ି ବେଲିଜିଆନ ଯୋଡ଼ି ସାଣ୍ଡର ଗିଲେ ଓ ଜୋରାନ ଭ୍ଲିଜେନଙ୍କୁ ୭-୬ (୧),୫-୭, ୭-୬(୬), ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। ଏହି ମ୍ୟାଚ ୩ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିଲା। ସୂଚନାଯୋଗ୍ୟ, ଶରନ ୱିମ୍ବଲଡନ୍‌ରେ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ କରି କ୍ୱାର୍ଟରଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇ ପାରିଥିଲେ। ସେତେବେଳେ ଆର୍ଟେମ ସିଟାକ୍ ତାଙ୍କର ପାର୍ଟନର ରହିଥିଲେ। ଶରନ ଅଷ୍ଟ୍ରେଲିଆନ ଓପନ (୨୦୧୮), ଫ୍ରେଞ୍ଚ ଓପନ (୨୦୧୭) ଏବଂ ୟୁଏସ୍ ଓପନ୍ (୨୦୧୩)ରେ ମଧ୍ୟ ତୃତୀୟ ରାଉଣ୍ଡ ପର୍ଯ୍ୟନ୍ତ ଉନ୍ନୀତ ହୋଇପାରିଥିଲେ। ଏଥର ୱିମ୍ବଲଡନରେ ରୋହନ ବୋପାନ୍ନା, ଲିଆଣ୍ଡର ପେସ୍, ପୂରବ ରାଜା ଏବଂ ଜୀବନ ନେଦୁନଚେଝିଆନ ପୁରୁଷ ଡବଲ୍ସ ପ୍ରତିଯୋଗିତାରୁ ବିଦାୟ ନେଇ ସାରିଛନ୍ତି।

■ ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଫୁଟ୍‌ବଲ

### ଭାରତୀୟ ସମ୍ଭାବ୍ୟ ଦଳ ଘୋଷିତ

**ନୂଆଦିଲ୍ଲୀ, ୫ା୭ (ପି.ଟି.)**

ଜୁଲାଇ ୭ରୁ ଅହମ୍ମଦାବାଦର ଏକା ଆରେନାଠାରେ ଇଣ୍ଟରକଣ୍ଟିନେଣ୍ଟାଲ ଫୁଟ୍‌ବଲ ଟୁର୍ନାମେଣ୍ଟ ହେବ। ଏଥିଲାଗି ଭାରତୀୟ ଫୁଟ୍‌ବଲ ଟିମ୍ କୋଚ୍ ଇଗୋର ଷ୍ଟିମାକ୍ ଶୁକ୍ରବାର ୨୫ ଜଣିଆ ସମ୍ଭାବ୍ୟ ଫୁଟ୍‌ବଲ ଟିମ୍ ଘୋଷଣା କରିଛନ୍ତି। ପ୍ରଥମ ଦିବସରେ ଗତଥରର ଚାମ୍ପିୟନ ଭାରତ ତାଜିକିସ୍ତାନକୁ ଭେଟିବ। ଏଥିରେ ଅନ୍ୟ ଦୁଇ ଦଳ ସିରିଆ ଓ ଉତ୍ତର କୋରିଆ ଅଂଶଗ୍ରହଣ କରିବେ। ପ୍ରତ୍ୟେକ ଦଳ ପ୍ରତ୍ୟେକଙ୍କୁ ଥରେ ଲେଖାଏଁ ଭେଟିବେ। ଶ୍ରେଷ୍ଠ ଦୁଇ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ହେବ। ଟୁର୍ନାମେଣ୍ଟ ଲାଗି ମୁମ୍ବାଇରେ ୧୦ ଦିନ ଧରି ପ୍ରସ୍ତୁତି କ୍ୟାମ୍ପ ଚାଲିଥିଲା। ଏଥିରେ ସମସ୍ତ ଖେଳାଳି ବାସ୍ତବିକ କଠିନ ପରିଶ୍ରମ କରିଛନ୍ତି। ଆଗାମି ମ୍ୟାଚଗୁଡ଼ିକରେ ଦଳର ପ୍ରଦର୍ଶନକୁ ଆମେ ଉତ୍କଣ୍ଠାର ସହିତ ଅପେକ୍ଷା କରିଛୁ ବୋଲି ଷ୍ଟିମାକ୍ କହିଛନ୍ତି। ଟୁର୍ନାମେଣ୍ଟ ଆରମ୍ଭ ପୂର୍ବରୁ ଖେଳାଳି ତାଲିକା ୨୩କୁ ହ୍ରାସ କରାଯିବ। ଇଣ୍ଡିଆନ ଆରୋଜ ଡିଫେଣ୍ଡର ନରେନ୍ଦର ଗେହଲଟଙ୍କ ସହିତ ମନ୍ଦର ରାଓ ଦେଶାଇଙ୍କୁ ଦଳରେ ସ୍ଥାନ ମିଳିଛି। ଗୁଜରାଟରେ ପ୍ରଥମ ଥର ଏକ ସିନିୟର ପୁରୁଷ ଅନ୍ତର୍ଜାତୀୟ ପ୍ରତିଯୋଗିତା ଆୟୋଜିତ ହେବାକୁ ଯାଉଛି। ୨୦୧୪ ଫିଫା ବିଶ୍ୱକପ୍ ପାଇଁ କ୍ରୋଏସିଆକୁ ଦଳକୁ କୋଚିଂ ଦେଇଥିବା ଷ୍ଟିମାକ୍ କହିଛନ୍ତି, ସେପ୍ଟେମ୍ବରରେ ଆରମ୍ଭ ହେବାକୁଥିବା ୨୦୨୨ ଫିଫା ବିଶ୍ୱକପ୍ କ୍ୱାଲିଫାୟର୍ସ ପୂର୍ବରୁ ଖେଳାଳିମାନେ କିପରି ଫର୍ମକୁ କିପରି ଫେରିପାରିବେ ସେଥିଲାଗି ସମସ୍ତ ଯୋଜନା କରାଯାଇଛି। ଜୁନ୍ ୨୫ରୁ ଆରମ୍ଭ ହୋଇଥିବା ପ୍ରସ୍ତୁତି କ୍ୟାମ୍ପ ଲାଗି ୩୫ ଜଣ ଖେଳାଳିଙ୍କୁ ଡକାଯାଇଥିଲା। ତନ୍ମଧ୍ୟରୁ ୨୫ଜଣଙ୍କୁ ମନୋନୀତ କରାଯାଇ ଅବଶିଷ୍ଟଙ୍କୁ ରିଲିଜ୍ କରିଦିଆଯାଇଥିଲା।



ଇଗୋର ଷ୍ଟିମାକ୍

**ମନୋନୀତ ଖେଳାଳି: ଗୋଲକିପର:** ଗୁରପ୍ରୀତ ସିଂ ସାନ୍ଧୁ, ଅମରିନ୍ଦର ସିଂ ସାନ୍ଧୁ, କମଲଜିତ୍ ସିଂ।

**ଡିଫେଣ୍ଡର:** ପ୍ରୀତମ କୋଟାଲ, ରାହୁଲ ଭେକେ, ସନ୍ଦେଶ ଝିଙ୍ଗାନ, ଅଦିଲ ଖାଁ, ଆନାସ ଏଦାଥୋଡିକା, ନରେନ୍ଦର ଗେହଲଟ, ସୁଭାଶିଷ ବୋଷ୍, ଜେରି ଲାଲ୍‌ରିନ୍‌ଜୁଆଲା।

**ମିଡ୍‌ଫିଲ୍ଡର:** ଉଦାନ୍ତ ସିଂ, ବ୍ରେଣ୍ଡନ ଫର୍ନାଣ୍ଡିଜ୍, ଅନିରୁଦ୍ଧ ଥାପ୍ପା, ପ୍ରଣୟ ହାଲ୍‌ଦାର, ରାଓଲିନ୍ ବର୍ଗେସ, ବିନିତ ରାୟ, ସହଲ ଅବ୍‌ଦୁଲ, ଅମରଜିତ୍ ସିଂ, ଲାଲ୍‌ଲିଆନଜୁଆଲା ଚାଙ୍ଗଟେ, ମନ୍ଦର ରାଓ ଦେଶାଇ।

**ଫରୱାର୍ଡ:** ଜୋବି ଜଷ୍ଟିନ, ସୁନୀଲ ଛେତ୍ରୀ, ଫାରୁକ୍ ଚୌଧାରୀ ଓ ମନଭିର ସିଂ।

### ଜୁଭେଣ୍ଟସ ଫେରିଲେ କିମ୍ବଦନ୍ତୀ ବଫନ

**ରୋମ,୫ା୭**

ପୂର୍ବତନ ଇଟାଲିଆନ ଗୋଲକିପର ଗିଆନଲୁଇଗି ବଫନ ପ୍ୟାରିସ ସେଣ୍ଟ ଜର୍ମେନ (ପିଏସ୍‌ଜି) ସହ ଏକ ବର୍ଷୀୟା ଚୁକ୍ତି ଶେଷ କରିବା ପରେ ଜୁଭେଣ୍ଟସ କ୍ଲବକୁ ଫେରିଛନ୍ତି। ଏ ନେଇ କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି। ୪୧ ବର୍ଷୀୟ ଗୋଲକିପର ପୂର୍ବରୁ ୧୭ ସିଜନରେ କ୍ଲବ ପାଇଁ ଖେଳିଛନ୍ତି। ତାଙ୍କ ପ୍ରତିନିଧିତ୍ୱରେ ଦଳ ୯ ଥର ସିରିଜ ଏ' ଟାଇଟଲ ହାତେଇବା ସହ ୩ ଥର ଚାମ୍ପିୟନ୍ସ ଲିଗ୍ ଫାଇନାଲ ଖେଳିଥିଲା।

■ ଜାତୀୟ ଜୁନିୟର ମହିଳା ହକି କ୍ୟାମ୍ପ

### ସମ୍ଭାବ୍ୟ ଖେଳାଳି ତାଲିକାରେ ଓଡ଼ିଶାର ୩

**ନୂଆଦିଲ୍ଲୀ, ୫ା୭(ପି.ଟି.)**

ବେଙ୍ଗାଲୁରୁସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ(ସାଇ) ସେଣ୍ଟରରେ ଭାରତୀୟ ଜୁନିୟର ମହିଳା ହକି ଖେଳାଳିଙ୍କୁ ନେଇ କ୍ୟାମ୍ପ ଚଳିତମାସ ୮ରୁ ଆରମ୍ଭ ହେବ। ଶୁକ୍ରବାର ଏଥିପାଇଁ ଘୋଷିତ ୩୩ ଜଣିଆ କୋର୍ ତାଲିକାରେ ଓଡ଼ିଶାର ୩ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ମିଡ୍‌ଫିଲ୍ଡର ମାରିଆନା କୁଜୁର, ଆଜମିନା କୁଜୁର ଓ ଫରୱାର୍ଡ ଜୀଓ୍ୱନ କିଶୋରୀ ଟପ୍ପୋ। କୋଚ୍ ବଲଜିତ ସିଂ ସଇନିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୪ ସପ୍ତାହ ବିଶିଷ୍ଟ ଏହି କ୍ୟାମ୍ପ ଅଗଷ୍ଟ ୩ରେ ଶେଷ ହେବ।

ଗତ ଆୟର୍ଲାଣ୍ଡ ଗସ୍ତ ଅବସରରେ ଭାରତୀୟ ଦଳ ଚମତ୍କାର ପ୍ରଦର୍ଶନ କରି ଚତୁଃରାଷ୍ଟ୍ରୀୟ ୨୧ ବର୍ଷରୁ କମ୍ କାଣ୍ଟର ଫଇଜ୍‌ଗେରାଲ୍ଡ ଟୁର୍ନାମେଣ୍ଟ ବିଜୟୀ ହୋଇଥିଲା। ସେଠାରେ ଦଳ ଆୟୋଜକ ଆୟର୍ଲାଣ୍ଡ, କାନାଡ଼ା, ସ୍କଟଲାଣ୍ଡ ବିପକ୍ଷରେ ଆକର୍ଷଣୀୟ ପ୍ରଦର୍ଶନ କରିଥିଲା। ପରେ ଭାରତୀୟ ଦଳ ବେଲାରୁଷ ଗସ୍ତ କରି ସେଠାକାର ଜୁନିୟର ଦଳକୁ ପରାସ୍ତ କରିଥିଲା। ଆୟର୍ଲାଣ୍ଡ ଓ ବେଲାରୁଷ ଗସ୍ତ ପରେ ଭାରତୀୟ ଦଳ ବିଶ୍ୱର ଶ୍ରେଷ୍ଠ ଜୁନିୟର ଦଳରେ ପରିଣତ ହୋଇଛି ବୋଲି ଅନୁଭବ କରୁଛନ୍ତି କୋଚ୍ ସଇନି। କ୍ୟାମ୍ପ ପରେ କେତେଜଣ ଖେଳାଳି ସିନିୟର ସ୍ତରରେ କ୍ୟାରିୟର ଆରମ୍ଭ କରିବାକୁ ପ୍ରସ୍ତୁତ ବୋଲି ସେ ସୂଚନା ଦେଇଛନ୍ତି।



ଆଜମିନା କୁଜୁର



ମାରିଆନା କୁଜୁର



ଜୀଓ୍ୱନ କିଶୋରୀ ଟପ୍ପୋ

# ଉପଯୁକ୍ତ ନିଷ୍ପତ୍ତି ନେବାର ସମୟ

**ଜ୍ୟାକ୍ସ କାଲିସ**

ଚଳିତ ବିଶ୍ୱକପରେ ଦକ୍ଷିଣ ଆଫ୍ରିକାର ପ୍ରଦର୍ଶନକୁ ନେଇ ଅନେକ କିଛି ଆଲୋଚନା ହୋଇଗଲା। ଆସନ୍ତା ଶନିବାର ସମ୍ମାନ ରକ୍ଷା ପାଇଁ ଦଳ ଲାଗି ଶେଷ ସୁଯୋଗ ରହିଛି। ଏହାର ସଦ୍‌ବ୍ୟବହାର କରି ଦଳ ନିଶ୍ଚିତ ଇମ୍ରାନ ତାହିର, ଜେପି ଡୁମିନି ଏବଂ ଆଉ ଜଣେ ଦୁଇଜଣଙ୍କୁ ନିଶ୍ଚିତ ଉପଯୁକ୍ତ ଢଙ୍ଗରେ ବିଦାୟ ସମ୍ବର୍ଦ୍ଧନା ଦେବାକୁ ଚାହିଁବ। ତାହିର ବିଳମ୍ବରେ ଗତ ୮ ବର୍ଷ ତଳେ ଦକ୍ଷିଣ ଆଫ୍ରିକା ପକ୍ଷରୁ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ। ସେ ଖେଳ ଆରମ୍ଭ କରିବା ସମୟରେ ଚୟନକର୍ତ୍ତାମାନେ ଦଳ ଜଣେ ନା ଦୁଇଜଣ ସ୍ପିନରଙ୍କୁ ନେବେ ତାହାକୁ ନେଇ ଦ୍ୱନ୍ଦ୍ୱରେ ରହୁଥିଲେ। ଏହା ଦକ୍ଷିଣ ଆଫ୍ରିକା ପାଇଁ ଏବେ ମଧ୍ୟ ପ୍ରଶ୍ନବାଚୀ ହୋଇ ରହିଛି। ତେବେ ସେ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇ ନିଜ ପ୍ରଦର୍ଶନର ଛାପ ଛାଡ଼ିଲେ। ତେଣୁ ତାଙ୍କ ଅନୁପସ୍ଥିତି ଅନୁଭୂତ ହେବ। ଦଳରେ ତାଙ୍କ ଉପସ୍ଥିତି କେତେ ଗୁରୁତ୍ୱପୂର୍ଣ୍ଣ ତାହା ସାଥୀ ଖେଳାଳିମାନେ ହିଁ ଭଲଭାବେ ଜାଣିଛନ୍ତି, ମାତ୍ର ଅଧିକାଂଶ ଦର୍ଶକ ଏହା ଚାହୁଁଥିବେ ବୋଲି ମୁଁ ଭାବିପାରୁନି। ସେ ଉଇକେଟ ଶୂନ୍ୟ ରହୁଥିବାବେଳେ ଦକ୍ଷିଣ ଆଫ୍ରିକା ଅନେକ ସଂଘର୍ଷପୂର୍ଣ୍ଣ ସମୟ ଦେଇ ଗତି କରିଛି।

ଇଂଲଣ୍ଡ କ୍ରମାଗତ ୨ଟି ବଡ଼ ମ୍ୟାଚରେ ବିଜୟ ଆବଶ୍ୟକ କରୁଥିଲା ଏବଂ ଦଳ ପ୍ରଭାବୀ ପ୍ରଦର୍ଶନ କରି ତାହା ହାସଲ କରିଛି। ଭାରତ ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ଦକ୍ଷତା ଅନୁସାରେ ଖେଳିଥିଲା। ସେମିଫାଇନାଲ ପ୍ରବେଶ ପୂର୍ବରୁ ଇଂଲଣ୍ଡ ପାଇଁ ପୂର୍ବ ୨ଟି ମ୍ୟାଚ ସେମିଫାଇନାଲ ସଦୃଶ ଥିଲା। ୨ଟି ଯାକ ମ୍ୟାଚରେ ବିଜୟ ହାସଲ କରିଥିବାରୁ ଖେଳାଳିଙ୍କ ମନୋବଳ ନିଶ୍ଚିତ ବୃଦ୍ଧି ପାଇଥିବ ବୋଲି ମୁଁ ଅନୁଭବ କରୁଛି। ଭାରତ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ନକ୍‌ଆଉଟ ପର୍ଯ୍ୟାୟରେ ଅସଲ ପରୀକ୍ଷାର ସମ୍ମୁଖୀନ ହେବେ। କହିଲେ ଅତ୍ୟୁକ୍ତି ହେବନାହିଁ ଯେ , ଏପରି ପରିସ୍ଥିତିରେ ଭାରତ ଓ ଅଷ୍ଟ୍ରେଲିଆ ପୂର୍ବରୁ ନିଜ ଦକ୍ଷତା ପ୍ରତିପାଦନ କରି ସାରିଛନ୍ତି। ତେଣୁ ସେମିଫାଇନାଲ ପରି ବଡ଼ ମ୍ୟାଚରେ ସେମାନେ କିଛି ଅସୁବିଧାର ସମ୍ମୁଖୀନ ହେବେ ବୋଲି ମୁଁ ଭାବି ପାରୁନି। ସେମିଫାଇନାଲରେ ପ୍ରବେଶ କରିଥିବା ପ୍ରତି ଦଳରେ ଆହତ ସମସ୍ୟା ରହିଛି। ତେଣୁ କେଉଁ ଦଳ କେତେ ଶକ୍ତିଶାଳୀ ତାହା ଏଠାରେ ପରୀକ୍ଷା ହୋଇଯିବ।

ଆଠ ନମ୍ବର ସ୍ଥାନରେ ରବୀନ୍ଦ୍ର ଜାଡେଜା ଓ ଭୁବନେଶ୍ୱର କୁମାରଙ୍କ ପରି ଅତିରିକ୍ତ ବ୍ୟାଟିଂ ବିକଳ୍ପଙ୍କ ଅଭାବ ଯୋଗୁ ଭାରତର ବ୍ୟାଟିଂ ବିଭାଗ ପ୍ରଭାବିତ ହୋଇଛି। ମାତ୍ର ମହମ୍ମଦ ସାମି ପ୍ରତ୍ୟାବର୍ତ୍ତନ କରିବା ପରଠାରୁ ନିଜ ଦାୟିତ୍ୱକୁ ସୁଚାରୁରୂପେ ତୁଲାଇବାରେ ସକ୍ଷମ ହୋଇଛନ୍ତି। ତେଣୁ ଭାରତ ନିଶ୍ଚିତ ୪ ସ୍ପେଶାଲିଷ୍ଟ ବୋଲର ଏବଂ ଜଣେ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ନେଇ ଖୁସି ରହିବ। କେତେକ ଆଶ୍ଚର୍ଯ୍ୟଜନକ ଫଳାଫଳ ଯୋଗୁ ଟୁର୍ନାମେଣ୍ଟରେ ଏବେ ମଧ୍ୟ ରୋମାଞ୍ଚ ଭରି ରହିଛି। ମାତ୍ର ୨ ସପ୍ତାହ ପୂର୍ବରୁ ମୁଁ କହି ସାରିଛି ଯେ, ଶ୍ରେଷ୍ଠ ୪ଟି ଦଳ ହିଁ ସେମିଫାଇନାଲରେ ପହଞ୍ଚି ପାରିବେ। ଏବେ ସେ ସମୟ ଉପନୀତ।

ଏବେ ବଡ଼ ସ୍କୋର କିମ୍ବା ରେକର୍ଡ କରିବା, ଛକା ମାରି ଦର୍ଶକଙ୍କୁ ଉଲ୍ଲସିତ କରିବା ସମୟ ନୁହେଁ, ଥଣ୍ଡାମନରେ ବିଚାର କରି ଉପଯୁକ୍ତ ନିଷ୍ପତ୍ତି ନେବାର ସମୟ। ଏବେ କେବଳ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇବାର ସମୟ। ଶୀଘ୍ର ଉଇକେଟ ହରାଇବା କିମ୍ବା ୩ ଓଭରରେ ୩୦ ରନ ବ୍ୟୟ କରିବାର ସମୟ ଏହା ନୁହେଁ। ଏପରି ସ୍ଖେଲ୍ ଦଳ ପାଇଁ ମହଙ୍ଗା ପଡ଼ିପାରେ। ସମ୍ଭବତଃ ଶ୍ରେଷ୍ଠ ଦୁଇ ଦଳ ମଧ୍ୟରେ ଫାଇନାଲ ହେବ ଏବଂ ଏକ ଶ୍ରେଷ୍ଠ ଦଳ ହିଁ ବିଜୟ ମୁକୁଟ ପିନ୍ଧିବ।

(ଟିଭାକ୍ ସ୍ପୋର୍ଟ୍ସ/ଗେମ୍ ପ୍ଲାନ)



# ସେମିଫାଇନାଲ ପୂର୍ବରୁ ଶେଷ ଲଢ଼େଇ

## ମିଡଲ ଅର୍ଡରର ସୁଧାରିବା ଲକ୍ଷ୍ୟରେ ଭାରତ

ଲିଡ୍ସ, ୫।୭(ପି.ଟି.)

ଚଳିତ ଆଇସିସି ବିଶ୍ୱକପ୍‌ରେ ଭାରତ ବିଜୟଧାରା ବଜାୟ ରଖିବାରେ ସକ୍ଷମ ହୋଇଛି। ତେବେ ଏହା ସତ୍ତ୍ୱେ ଦଳର ମିଡଲଅର୍ଡର ସମସ୍ୟା ତଥା ଦୁର୍ବଳତା ପଦାରେ ପଡିଛି। ସେମିଫାଇନାଲରେ ପ୍ରବେଶ କରିସାରିଥିବା ଭାରତ ସ୍ଥାନୀୟ ହେଡିଂଲେ ଗ୍ରାଉଣ୍ଡରେ ଶନିବାର ତା'ର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ଭେଟିବ। ତେଣୁ ହାଇଭୋଲ୍‌ଟେଜ ସେମିଫାଇନାଲ ଖେଳିବା ପୂର୍ବରୁ ଭାରତ ଏହି ସମସ୍ୟାର ସମାଧାନ କରିବାକୁ ପ୍ରୟାସ କରିବ। ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ଏହି ମ୍ୟାଚ୍‌ରେ ନିଜର ପୁରୁଣା ଫର୍ମ ଫେରିପାଇବାକୁ ଚେଷ୍ଟା କରିବେ। ଶ୍ରୀଲଙ୍କାକୁ ଭାରତ ହରାଇଲେ ଓ ଅନ୍ୟପଟେ ଶନିବାର ଖେଳାଯିବାକୁ ଥିବା ଦ୍ୱିତୀୟ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଦକ୍ଷିଣ ଆଫ୍ରିକାଠାରୁ ପରାସ୍ତ ହେଲେ ଭାରତ ପଏଣ୍ଟ ଟେବୁଲର ଶୀର୍ଷକୁ ଉଠିବ। ଏହା ହେଲେ ଭାରତ ସେମିଫାଇନାଲରେ ପଏଣ୍ଟ ତାଲିକାର ଚତୁର୍ଥ ସ୍ଥାନରେ ଥିବା ନ୍ୟୁଜିଲାଣ୍ଡକୁ ଭେଟିବ। ଇଂଲଣ୍ଡକୁ ସେମିଫାଇନାଲରେ ଭେଟିବା ଅପେକ୍ଷା ଭାରତ ସେମିରେ ନ୍ୟୁଜିଲାଣ୍ଡକୁ ଭେଟିଲେ ଅପେକ୍ଷାକୃତ ସୁବିଧାଜନକ ସ୍ଥିତିରେ ରହିବ। ଭାରତ ଏପର୍ଯ୍ୟନ୍ତ ୮ଟି ମ୍ୟାଚ୍ ଖେଳି ୬ଟି ବିଜୟ, ଗୋଟିଏ ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ୧୩ ପଏଣ୍ଟ ପାଇଁ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ସେମିଫାଇନାଲ ଦୌଡ଼ରୁ ବାଦ୍ ପଡିସାରିଥିବା ଶ୍ରୀଲଙ୍କା ୮ଟି ମ୍ୟାଚ୍ ଖେଳି ୩ଟି ଲେଖାଏ ବିଜୟ ଓ ପରାଜୟ ଏବଂ ଦୁଇଟି ବିନା ଫଳାଫଳ ସହ ୮ ପଏଣ୍ଟ ପାଇ ଟେବୁଲର ଷଷ୍ଠ ସ୍ଥାନରେ ରହିଛି।



ଟ୍ରେନିଂ ସେସନରେ ଅଧିନାୟକ, ଉପ ଅଧିନାୟକ, କୋଚ୍ ଓ ଚୟନ କମିଟି ମୁଖ୍ୟଙ୍କ ମଧ୍ୟରେ ମନ୍ତ୍ରଣା।

ଭାରତର ମିଡଲଅର୍ଡର ସମସ୍ୟା ଏବେ ବି ଜାରି ରହିଥିବା ବେଳେ ଟିମ୍ ମ୍ୟାନେଜମେଣ୍ଟ ଏ ନେଇ ଚିନ୍ତିତ ରହିଛି। ଟପ୍ ଅର୍ଡର ଭଲ ପ୍ରଦର୍ଶନ ଉପରେ ଦଳ ନିର୍ଭରଶୀଳ ହୋଇଛି। ଉପଅଧିନାୟକ ତଥା ଓପନର ରୋହିତ ଶର୍ମାଙ୍କ ଉପରେ ଦଳ ଅଧିକ ନିର୍ଭର କରୁଛି। ରୋହିତ ଏପର୍ଯନ୍ତ ୫୪୪ ରନ କରି ସର୍ବାଧିକ ରନ୍ ସଂଗ୍ରହ ତାଲିକାର ଶୀର୍ଷରେ ରହିଛନ୍ତି। ସେ ବିଶ୍ୱକପ୍‌ରେ ଏପର୍ଯ୍ୟନ୍ତ ୪ଟି ଶତକ ହାସଲ କରି ଶ୍ରୀଲଙ୍କାର କୁମାର ସାଙ୍ଗକାରାଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି। ଆଉ ଗୋଟିଏ ଶତକ ହାସଲ କଲେ ରୋହିତ ବିଶ୍ୱକପ୍ ଇତିହାସରେ ନୂଆ ରେକର୍ଡ ସୃଷ୍ଟି କରିବେ। ସେହିପରି ଅଧିନାୟକ ବିରାଟ କୋହଲି କ୍ରମାଗତ ୫ଟି ଅର୍ଦ୍ଧଶତକ ହାସଲ କରି ୪୦୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିସାରିଛନ୍ତି। ତେବେ ସେ ଏପର୍ଯ୍ୟନ୍ତ ତାଙ୍କ ଦକ୍ଷତା ଅନୁରୂପ ପ୍ରଦର୍ଶନ କରିପାରିନାହାନ୍ତି ବୋଲି ଚର୍ଚ୍ଚା ହେଉଛି। ତେବେ ଧୋନୀଙ୍କୁ ଡେଥ୍ ଓଭରରେ କମାଲ କରିବାକୁ ପଡିବ। ଲସିଥ ମାଲିଙ୍ଗାଙ୍କ ୟର୍କର ଓ ଭେରିଏସନ ସହ ମନ୍ଥର ବୋଲିଂକୁ ସେ କିପରି ସାମ୍ନା କରୁଛନ୍ତି ତାହା ଏହି ମ୍ୟାଚ୍‌ରେ ଜଣାପଡିବ।

ଶ୍ରୀଲଙ୍କା ସ୍ପିନର ଧନଞ୍ଜୟ ଡି ସିଲ୍‌ଭା ବେଶ୍ ଏପର୍ଯ୍ୟନ୍ତ ବେଶ୍ କଞ୍ଜୁସ୍ ବୋଲିଂ କରିଛନ୍ତି। ମିଡଲ ଓଭରରେ ଧୋନୀ ତାଙ୍କୁ ଉଚିତ ମୁକାବିଲା କରି ରନ୍ ସଂଗ୍ରହ କରି ଆତ୍ମବିଶ୍ୱାସ ଫେରିପାଇବେ ବୋଲି ଆଶା କରାଯାଉଛି। ସବୁ ମ୍ୟାଚ୍‌ରେ ଧୋନୀ ସ୍ପିନରଙ୍କ ବିପକ୍ଷରେ ୮୧ଟି ବଲ ଖେଳି ମାତ୍ର ୪୭ ରନ ସଂଗ୍ରହ କରିଛନ୍ତି। ମିଡଲ ଓଭରରେ ସ୍ଲୋ ବୋଲରଙ୍କ ବିପକ୍ଷରେ ସେ ତାଙ୍କର ଦୁର୍ବଳତା ଏବେ ପଦାରେ ପଡିଛି। ଏଥିପାଇଁ ଶ୍ରୀଲଙ୍କା ଅଧିନାୟକ ଦିମୁଥ କରୁଣାରତ୍ନେ ଧୋନୀଙ୍କ ବିପକ୍ଷରେ ବାମହାତୀ ସ୍ପିନର ମିଲିନ୍ଦା ସିରିବର୍ଦ୍ଧନାଙ୍କୁ ବ୍ୟବହାର କରିବେ ବୋଲି ଆଶା କରାଯାଉଛି। ଅଧିନାୟକ କୋହଲି ଭାରତ ପାଇଁ ପ୍ରେରଣା ଉତ୍ସ ହୋଇ ରହିବେ ଓ ସେ ଭାରତକୁ ଫାଇନାଲରେ ପହଞ୍ଚାଇବାରେ ସବୁ ପ୍ରକାର ପ୍ରୟାସ କରିବେ।

ସେମିରେ ପହଞ୍ଚିସାରିଥିବାରୁ ଶ୍ରୀଲଙ୍କା ବିପକ୍ଷରେ ଭାରତ କେତୋଟି ପରୀକ୍ଷା ନିରୀକ୍ଷା କରିବ ବୋଲି ଆଶା କରାଯାଉଛି। ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କୁ ଏହି ମ୍ୟାଚ୍‌ରେ ସୁଯୋଗ ମିଳିପାରେ। ନୂଆକରି ଦଳରେ ସାମିଲ ହୋଇଥିବା ମୟଙ୍କ ଅଗ୍ରୱାଲଙ୍କ ସମେତ ଜାଡେଜା ଏପର୍ଯ୍ୟନ୍ତ ବିଶ୍ୱକପ୍‌ରେ କୌଣସି ମ୍ୟାଚ୍ ଖେଳିନାହାନ୍ତି। ଶ୍ରୀଲଙ୍କା ଦଳରେ ଏକାଧିକ ବାମହାତୀ ବ୍ୟାଟ୍ସମ୍ୟାନ ଥିବାରୁ ଜାଡେଜା ଖେଳିବାର ସମ୍ଭାବନା କମ୍ ରହିଛି। ଫଳରେ ଭଲ ଅଫ୍ ବ୍ରେକ୍ ବୋଲିଂ କରୁଥିବାରୁ କେଦାର ଯାଦବଙ୍କୁ ଖେଳାଇବାର ଯଥେଷ୍ଟ ସମ୍ଭାବନା ରହିଛି। ଗତ ବାଂଲାଦେଶ ବିପକ୍ଷରେ ବେଶି ବଲ୍ ଖେଳି ନ ଥିବା ଦୀନେଶ କାର୍ତ୍ତିକ ଏହି ମ୍ୟାଚ୍‌ରେ ନ ଖେଳିଲେ ଅନ୍ୟାୟ ହେବ। ଧୋନୀଙ୍କୁ ୪ ନମ୍ବରରେ ଖେଳାଇବା ନେଇ କୋହଲି ସେତେଟା ଉତ୍ସାହ ଦେଖାଇନାହାନ୍ତି। ଏହା ହେଲେ ପାୱାର ହିଟର ରିଷଭ ପନ୍ତ ଓ ହାର୍ଦ୍ଦିକ ପାଣ୍ଡ୍ୟା ନିମ୍ନ କ୍ରମରେ ସ୍ୱାଭାବିକ ଖେଳ ପ୍ରଦର୍ଶନ କରନ୍ତେ। କେତୋଟି ଅର୍ଦ୍ଧ ଶତକ ହାସଲ କରିଥିବା ଲୋକେଶ ରାହୁଲ ରୋହିତଙ୍କ ସହ ଇନିଂସ ଓପନ କରିବେ। ପୂର୍ବରୁ ରୋହିତ ଶ୍ରୀଲଙ୍କା ବିପକ୍ଷରେ ଦୁଇଟି ଦ୍ୱିଶତକ ଅର୍ଜନ କରିଛନ୍ତି। ତେବେ ସେ ମୁମ୍ବାଇ ଇଣ୍ଡିଆନ୍ସ ସାଥୀ ମାଲିଙ୍ଗାଙ୍କ ତରଫରୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ।






୧୪ଟି ଲେଖାଏ ଉଇକେଟ ଅକ୍ତିଆର କରିଥିବା ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ଓ ମହମ୍ମଦ ସାମିଙ୍କୁ ସେମିଫାଇନାଲ ପୂର୍ବରୁ ବିଶ୍ରାମର ଆବଶ୍ୟକତା ରହିଛି। ତେବେ ଭାରତ ପଏଣ୍ଟ ତାଲିକାର ଶୀର୍ଷ ସ୍ଥାନ ଅଧିକାର କରିବା ଲକ୍ଷ୍ୟରେ ଥିବାରୁ ଅତିକମ୍‌ରେ ଏହି ଦୁଇଜଣଙ୍କ ମଧ୍ୟରୁ ଜଣକୁ ବିଶ୍ରାମ ଦେବ ବୋଲି ଆଶା କରାଯାଉଛି।

**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଲୋକେଶ ରାହୁଲ, ରିଷଭ ପନ୍ତ, ହାର୍ଦ୍ଦିକ ପାଣ୍ଡ୍ୟା, ମହେନ୍ଦ୍ର ସିଂ ଧୋନୀ, ଦୀନେଶ କାର୍ତ୍ତିକ, ୟୁଜବେନ୍ଦ୍ର ଚହଲ, ମହମ୍ମଦ ସାମୀ, ଯଶପ୍ରୀତ ବୁମ୍‌ରା, ଭୁବନେଶ୍ୱର କୁମାର, କୁଲଦୀପ ଯାଦବ, ମୟଙ୍କ ଅଗ୍ରୱାଲ, ରବୀନ୍ଦ୍ର ଜାଡେଜା ଓ କେଦାର ଯାଦବ।

**ଶ୍ରୀଲଙ୍କା ଦଳ:** ଦିମୁଥ କରୁଣାରତ୍ନେ (ଅଧିନାୟକ), କୁଶଲ ମେଣ୍ଡିସ୍, କୁଶାଲ ପେରେରା, ଲାହିରୁ ଥିରିମାନେ, ଆଞ୍ଜେଲୋ ମାଥ୍ୟୁସ, ଲସିଥ ମାଲିଙ୍ଗା, ଜୀବନ ମେଣ୍ଡିସ୍, ଧନଞ୍ଜୟ ଡି ସିଲଭା, କସୁନ ରଜିଥା, ଇସୁରୁ ଉଡ଼ାନା, ସୁରଙ୍ଗା ଲାକମଲ, ମିଲିନ୍ଦା ସିରିବର୍ଦ୍ଧନା, ଜେଫ୍ରି ଭାଣ୍ଡରସେ, ଥିସାରା ପେରେରା ଓ ଅଭିଷ୍କା ଫର୍ନାଣ୍ଡୋ।

## ଭାବବିହ୍ୱଳ ବିଦାୟ ଲାଗି ପ୍ରସ୍ତୁତ ତାହିର



ମାଞ୍ଚେଷ୍ଟର,୫।୭

ଦକ୍ଷିଣ ଆଫ୍ରିକା ଲେଗ୍ ସ୍ପିନର ଇମ୍ରାନ ତାହିର ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରୁ ସନ୍ନ୍ୟାସ ନେବା ଲାଗି ପ୍ରସ୍ତୁତ। ଶନିବାର ଡିଫେଣ୍ଡିଂ ଚାମ୍ପିୟନ ଅଷ୍ଟ୍ରେଲିଆ ବିପକ୍ଷ ମୁକାବିଲା ତାଙ୍କ କ୍ୟାରିୟରର ୧୦୭ତମ ଓ ଅନ୍ତିମ ଦିନିକିଆ ମ୍ୟାଚ୍ ହେବ। ପାକିସ୍ତାନରେ ଜନ୍ମିତ ତାହିର ଦକ୍ଷିଣ ଆଫ୍ରିକୀୟ ନାଗରିକଙ୍କୁ ବିବାହ କରିଥିଲେ। ଅନ୍ତର୍ଜାତୀୟ ସ୍ତରରେ ପଦାର୍ପଣ ଲାଗି ତାଙ୍କୁ ବହୁ ସଂଘର୍ଷ କରିବାକୁ ପଡ଼ିଥିଲା। ସେ ପ୍ରାୟ ୩୨ ବର୍ଷ ବୟସରେ ୨୦୧୧ ଫେବୃଆରୀରେ ଅନ୍ତର୍ଜାତୀୟ ଦିନିକିଆରେ ପଦାର୍ପଣ କରିଥିଲେ। ଏବେ ୪୦ ବର୍ଷୀୟ ତାହିର ଦିନିକିଆ ଫର୍ମାଟରେ ଏପର୍ଯ୍ୟନ୍ତ ୧୭୨ ଉଇକେଟ ନେଇସାରିଛନ୍ତି। ଦକ୍ଷିଣ ଆଫ୍ରିକା ଦଳ ଚଳିତ ବିଶ୍ୱକପ୍‌ରେ ଭଲ ପ୍ରଦର୍ଶନ କରିପାରି ନାହିଁ। ଦଳ ୮ ମ୍ୟାଚ୍‌ରୁ ମାତ୍ର ୨ ବିଜୟ ସହ ସେମିଫାଇନାଲ ଦୌଡ଼ରୁ ବାଦ୍ ପଡ଼ିସାରିଛି। ଦଳଗତ ଭାବେ ଆମେ ବିଜୟ ସହ ଅଭିଯାନ ଶେଷ କରିବାକୁ ଚାହୁଁ। କିନ୍ତୁ ଏହା ମୋ ପାଇଁ ଦୁଃଖର ବିଷୟ। କାରଣ ମୁଁ ଏବେ ୫୦ ଓଭରିଆ ଫର୍ମାଟ ଛାଡ଼ିବାକୁ ଯାଉଛି। ଅନ୍ତର୍ଜାତୀୟ କ୍ରିକେଟ ଖେଳିବା ମୋ ପାଇଁ ସ୍ୱପ୍ନ ଥିଲା। ମୋତେ ସାହାଯ୍ୟ ଓ ସମର୍ଥନ କରିଥିବା ପ୍ରତ୍ୟେକଙ୍କ ଲାଗି ମୁଁ କୃତଜ୍ଞ। ମୁଁ ଯେତେ ଲମ୍ବା କ୍ରିକେଟ ଖେଳିପାରିଥାନ୍ତି, ଖେଳିଛି। ଏବେ ଅଲ୍‌ବିଦା କହିବାକୁ ସମୟ ଆସିଯାଇଛି। ଏହା ମୋ ପାଇଁ ଦୁଃଖର ବିଷୟ ଓ ଏଥିନେଇ ମୁଁ ପ୍ରସ୍ତୁତ। ଦଳ ଓ ମୁଁ ଅନ୍ତିମ ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରିପାରିବୁ ବୋଲି ଆଶା କରୁଛି।

# ବିଜୟ ସହ ପାକିସ୍ତାନର ଅଭିଯାନ ଶେଷ

ଲଣ୍ଡନ,୫।୭(ପି.ଟି.)

ଚଳିତ ଆଇସିସି ବିଶ୍ୱକପ୍‌ରେ ପୂର୍ବତନ ଚାମ୍ପିୟନ ପାକିସ୍ତାନ ତା'ର ଶେଷ ଲିଗ୍ ମ୍ୟାଚ୍‌ରେ ବିଜୟୀ ହୋଇ ଅଭିଯାନ ଶେଷ କରିଛି। ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଶୁକ୍ରବାର ଖେଳାଯାଇଥିବା ମ୍ୟାଚ୍‌ରେ ପାକିସ୍ତାନ ୯୪ ରନରେ ବାଂଲାଦେଶକୁ ପରାସ୍ତ କରିଛି। ବିଜୟ ହାସଲ କରିଥିଲେ ମଧ୍ୟ ପାକିସ୍ତାନ ନେଟ ରନରେଟ୍‌ରେ ପଛରେ ପଡ଼ିବା କାରଣରୁ ସେମିଫାଇନାଲରେ ପ୍ରବେଶ କରିପାରିନାହିଁ। ଟସ୍ ଜିତି ପାକିସ୍ତାନ ପ୍ରଥମେ ବ୍ୟାଟିଂ କରି ୯ ଉଇକେଟ ହରାଇ ୩୧୫ ରନ ସଂଗ୍ରହ କରିଥିଲା। ଜବାବରେ ବାଂଲାଦେଶ ୪୪.୧ ଓଭରରେ ୨୨୧ ରନ କରି ଆଉଟ ହୋଇ ଆତ୍ମସମର୍ପଣ କରିଛି।। ଏହି ବିଜୟ ସହ ପାକିସ୍ତାନ ୯ଟି ମ୍ୟାଚ୍ ଖେଳି ବିଜୟ, ୩ ପରାଜୟ, ଗୋଟିଏ ବିନା ଫଳାଫଳ ସହ ୧୧ ପଏଣ୍ଟ ହାସଲ କରି ଟେବୁଲର ପଞ୍ଚମ ସ୍ଥାନରେ ରହିଛି। ଅନ୍ୟପଟେ ବାଂଲାଦେଶ ୯ଟି ମ୍ୟାଚ୍ ଖେଳି ୩ ବିଜୟ, ୫ ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ୭ ପଏଣ୍ଟ ପାଇ ଟେବୁଲର ସପ୍ତମ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ୬ ଉଇକେଟ ଅକ୍ତିଆର କରି ବାଂଲାଦେଶର ବିପର୍ଯ୍ୟୟ ଘଟାଇଥିବା ଦ୍ରୁତ ବୋଲର ଶାହିନ ଶାହା ଆଫ୍ରିଦୀ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୩୧୬ ରନ ଚ୍ୟାଲେଞ୍ଜିଂ ଟାର୍ଗେଟର ପିଛା କରି ବାଂଲାଦେଶ ଇନ୍‌ଫର୍ମ ସୌମ୍ୟ ସରକାରଙ୍କୁ ପ୍ରଥମେ ହରାଇଥିଲା। ସୌମ୍ୟ ୨୨ ରନ କରିଥିବା ବେଳେ ମହମ୍ମଦ ଅମୀରଙ୍କ ବଲ୍‌ରେ ପଏଣ୍ଟରେ ଫଖର ଜମାନଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଏହା ପରେ ତାରକା ଓପନର ତାମିମ ଇକ୍‌ବାଲ ମାତ୍ର ୮ ରନ କରିଥିବା ବେଳେ ଶାହିନ ଶାହ ଆଫ୍ରିଦୀଙ୍କ ସ୍ଲୋ ବଲ୍‌ରେ ଜଲ୍‌ଦି ଷ୍ଟ୍ରେଟ୍ ଡ୍ରାଇଭ କରିବାକୁ ଯାଇ ଲାଇନ୍ ମିସ୍ କରି କ୍ଲିନ୍ ବୋଲ୍ଡ ହୋଇଥିଲେ। ସାର



ଶତକ ହାସଲ ପରେ ଇମାମ ଉଲ ହକ୍।

ଟୁର୍ନାମେଣ୍ଟରେ ବେଶ୍ ଭଲ ପ୍ରଦର୍ଶନ କରିଥିବା ଉଇକେଟକିପର ବ୍ୟାଟ୍ସମ୍ୟାନ ମୁସ୍‌ଫିକର ରହିମ ୧୬ ରନକରିଥିବା ବେଳେ ୱାହାବ ରିୟାଜଙ୍କ ଲେଙ୍ଥ ବଲକୁ ଶଟ୍ ଖେଳିବାକୁ ଯାଇଥିଲେ। ତେବେ ବଲ୍ ବ୍ୟାଟ୍ସର ଏଜ୍ ନେଇ ଷ୍ଟମ୍ପରେ ବାଜିଥିଲା। ଫଳରେ ସେ ବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ। ତାରକା ମିଡଲଅର୍ଡର ବ୍ୟାଟ୍ସମ୍ୟାନ ଲିଟନ ଦାସ ୩୨ ରନକରି ଆଫ୍ରିଦୀଙ୍କ ବଲ୍‌ରେ ହାରିସ ସୋହେଲଙ୍କୁ କ୍ୟାଚ୍ ଦେଇଥିଲେ। ଏହାପରେ ଇନ୍‌ଫର୍ମ ଅଲରାଉଣ୍ଡର ସାକିବ ଅଲ ହାସନ ୭୭ ବଲରୁ ୬ ଚୌକା ସହ ୬୪ ରନ କରି ଆଫ୍ରିଦୀଙ୍କ ବଲ୍‌ରେ ଉଇକେଟ କିପର ସର୍ଫରାଜ ଅହମ୍ମଦଙ୍କୁ କ୍ୟାଚ୍ ଦେଇଥିଲେ। ମୋସାଡେକ ହୋସେନ ୧୬ ରନ କରି ସଦାବ ଖାଁ, ମହମ୍ମଦ ସୈଫୁଦ୍ଦିନ ବିନା ସ୍କୋରରେ ଓ ମହମୁଦୁଲ୍ଲା ୨୯ ରନ କରି ଆଫ୍ରିଦିଙ୍କ ଦ୍ୱାରା ଆଉଟ ହୋଇଥିଲେ। ସେହିପରି ଅଧିନାୟକ ମଶ୍ରାଫି ମୋର୍ତ୍ତାଜା ୧୫, ମୁସ୍ତାଫିଜୁର ୧ ରନ କରି ଆଉଟ ହୋଇଥିବା ବେଳେ ମେହେଦି ହାସନ ମିରାଜ ୭ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ପାକିସ୍ତାନ ତରଫରୁ ଆଫ୍ରିଦି ସର୍ବାଧିକ ୬, ସଦାବ ୨, ଅମୀର ଓ ରିୟାଜ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ପାକିସ୍ତାନ ଚିରାଚରିତ ଢ଼ଙ୍ଗରେ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ଓପନର ଫକର ଜମାନ ମାତ୍ର ୧୩ ରନ କରିଥିବାବେଳେ ମହମ୍ମଦ ସୈଫୁଦ୍ଦିନଙ୍କ ବଲ୍‌ରେ ମେହିଦି ହାସନ ମିରାଜଙ୍କୁ ପଏଣ୍ଟରେ କ୍ୟାଚ୍ ଦେଇଥିଲେ। ଏହାପରେ ଦ୍ୱିତୀୟ ଉଇକେଟରେ ଅନ୍ୟତମ ଓପନର ଇମାମ ଓ ଇନ୍‌ଫର୍ମ ତାରକା ବ୍ୟାଟ୍ସମ୍ୟାନ ବାବର ଆଜମ ୧୪୮ ବଲରୁ ୧୫୭ ରନ ସଂଗ୍ରହ କରି ସ୍ଥିତି ସମ୍ଭାଳିବା ସହ ଦଳକୁ ମଜଭୁତ ସ୍ଥିତିରେ ପହଞ୍ଚାଇଥିଲେ। ତେବେ ୯୮ ବଲରୁ ୧୧ ଚୌକା ସହ ୯୬ରନର ଇନିଂସ ଖେଳି ବାବର ଲାଇନ୍ ମିସ୍ କରି ସୈଫୁଦ୍ଦିନଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇ ମାତ୍ର ୪ ରନ ପାଇ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ଏହାପରେ ଇମାମ୍ ୧୦୦ ରନ (୧୦୦ ବଲ, ୭ ଚୌକା) ଶତକୀୟ ଇନିଂସ ଖେଳି ପ୍ୟାଭିଲିୟନ ଫେରିଥିଲେ। ଶତକ ହାସଲ କରିବା ଠିକ ପରେ ସେ ଇମାମ ମୁସ୍ତାଫିଜୁର ରହମାନଙ୍କ ବଲ୍‌ରେ ବ୍ୟାକ୍‌ଫୁଟ୍‌ରେ ଫ୍ଲିକ୍ କରୁଥିବାକୁ ପ୍ରୟାସ କରୁଥିବା ବେଳେ ତାଙ୍କ ପଛ ଗୋଡ ଷ୍ଟମ୍ପରେ ବାଜିଥିଲା। ଫଳରେ ସେ ହିଟ୍ ଉଇକେଟ ହୋଇ ପ୍ରଶଂସକଙ୍କୁ ନିରାଶ କରିଥିଲେ। ଏଥିସହିତ ଇମାମ ୨୩ ବର୍ଷରେ ବିଶ୍ୱକପ୍‌ରେ ପାକିସ୍ତାନର ସର୍ବକନିଷ୍ଠ ଶତକ ହାସଲକାରୀ ବ୍ୟାଟ୍ସମ୍ୟାନ ସାବ୍ୟସ୍ତ ହୋଇଛନ୍ତି ଓ ସେ କ୍ୟାରିୟରର ସପ୍ତମ ଦିନିକିଆ ଶତକ ଅର୍ଜନ କରିଛନ୍ତି। ଅଭିଜ୍ଞ ମହମ୍ମଦ ହାଫିଜ୍ ୨୫ ବଲରୁ ୩ ଚୌକା ସହ ୨୭ ରନ କରିଥିବାବେଳେ ମିରାଜଙ୍କ ବଲ୍‌ରେ ସାକିବ ଅଲ ହାସନଙ୍କୁ ଡିପ୍ ବ୍ୟାକ୍‌ୱାର୍ଡ ସ୍କୋୟାରରେ କ୍ୟାଚ୍ ଦେଇଥିଲେ। ଇମାଦ ୱାସିମ ୨୬ ବଲରୁ ୬ ଚୌକା ଓ ୧ ଛକା ସହ ଦ୍ରୁତ ୪୩ ରନ କରିଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ବାଂଲାଦେଶ ତରଫରୁ ମୁସ୍ତାଫିଜୁର ସର୍ବାଧିକ ୫, ସୈଫୁଦ୍ଦିନ ୩, ମିରାଜ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର:**

ପାକିସ୍ତାନ ୫୦ ଓଭରରେ ୩୧୫/୯ (ଇମାମ- ୧୦୦, ବାବର- ୯୬, ଇମାଦ- ୪୩, ମୁସ୍ତାଫିଜୁର- ୫/୭୫, ସୈଫୁଦ୍ଦିନ- ୩/୭୭ )।

**ବାଂଲାଦେଶ ୪୪.୧ ଓଭରରେ ୨୨୧ ଅଲଆଉଟ୍**

(ସାକିବ- ୬୪, ଲିଟନ- ୩୨, ମହମୁଦୁଲ୍ଲା- ୨୯, ସୌମ୍ୟ- ୨୨, ଆଫ୍ରିଦି- ୬/୩୫, ସଦାବ- ୨/୫୯)।

### ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ଟାଇ | ବିନା ଫଳାଫଳ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|---|---|
| ଅଷ୍ଟ୍ରେଲିଆ | ୮ | ୭ | ୧ | ୦ | ୦ | ୧୪ | +୧.୦୦୦ |
| **ଭାରତ** | **୮** | **୬** | **୧** | **୦** | **୧** | **୧୩** | **+୦.୮୧୧** |
| ଇଂଲଣ୍ଡ | ୯ | ୬ | ୩ | ୦ | ୦ | ୧୨ | +୧.୧୫୨ |
| ନ୍ୟୁଜିଲାଣ୍ଡ | ୯ | ୫ | ୩ | ୦ | ୧ | ୧୧ | +୦.୧୭୫ |
| ପାକିସ୍ତାନ | ୯ | ୫ | ୩ | ୦ | ୧ | ୧୧ | -୦.୪୩୦ |
| ଶ୍ରୀଲଙ୍କା | ୮ | ୩ | ୩ | ୦ | ୨ | ୮ | -୦.୯୩୪ |
| ବାଂଲାଦେଶ | ୯ | ୩ | ୫ | ୦ | ୧ | ୭ | -୦.୪୧୦ |
| ଦକ୍ଷିଣ ଆଫ୍ରିକା | ୮ | ୨ | ୫ | ୦ | ୧ | ୫ | -୦.୦୮୦ |
| ୱେଷ୍ଟଇଣ୍ଡିଜ | ୯ | ୨ | ୬ | ୦ | ୧ | ୫ | -୦.୨୨୫ |
| ଆଫଗାନିସ୍ତାନ | ୯ | ୦ | ୯ | ୦ | ୦ | ୦ | -୧.୩୨୨ |

# ଅଷ୍ଟ୍ରେଲିଆ- ଦକ୍ଷିଣ ଆଫ୍ରିକା ମୁକାବିଲା ଆଜି

ମାଞ୍ଚେଷ୍ଟର,୫।୭(ଏଏଫପି)

ଚଳିତ ବିଶ୍ୱକପର ଅନ୍ତିମ ଲିଗ୍ ମ୍ୟାଚରେ ଗତଥର ଚାମ୍ପିୟନ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମୁହାଁମୁହିଁ ହେବେ। ଶନିବାର ଖେଳାଯିବାକୁ ଥିବା ଏହି ଦ୍ୱିତୀୟ ମ୍ୟାଚ୍ ଅଷ୍ଟ୍ରେଲିଆ ପାଇଁ ଅଧିକ ଗୁରୁତ୍ୱବହନ କରୁଛି। ସେମିଫାଇନାଲ ଦୌଡ଼ରୁ ଦକ୍ଷିଣ ଆଫ୍ରିକା ବାଦ୍ ପଡିସାରିଛି। ଏହି ମ୍ୟାଚ୍‌ରେ ଅଷ୍ଟ୍ରେଲିଆର ହାର ଜିତ୍ ଉପରେ ସେମିଫାଇନାଲର ରୂପରେଖ ସ୍ପଷ୍ଟ ହେବ। ଅର୍ଥାତ୍ ଅନ୍ତିମ ତାଲିକାରେ କେଉଁ ଦଳଗୁଡ଼ିକ ଶ୍ରେଷ୍ଠ ୪ଟି ସ୍ଥାନରେ ରହିବେ ତାହା ସ୍ପଷ୍ଟ ହେବ। ବଲ ଟ୍ୟାମ୍ପରିଂ ମାମଲାରେ ଦକ୍ଷିଣ ଆଫ୍ରିକା ବିପକ୍ଷ କେପ୍ ଟାଉନ ଟେଷ୍ଟରେ ଷ୍ଟିଭ ସ୍ମିଥ୍ ଓ ଡେଭିଡ ୱାର୍ନର ଗୋଟିଏ ବର୍ଷ ବାସନ୍ଦାଦେଶ କଟାଇବା ପରେ ଦଳକୁ ପ୍ରତ୍ୟାବର୍ତ୍ତନ କରିସାରିଛନ୍ତି। ତେବେ ଏହି ମ୍ୟାଚ୍‌ରେ ଦୁଇ ଖେଳାଳି ଚାପର ବଶବର୍ତ୍ତୀ ହେବେ ନାହିଁ ବୋଲି ଅଷ୍ଟ୍ରେଲିଆ କୋଚ୍ ଜଷ୍ଟିନ ଲାଙ୍ଗର କହିଛନ୍ତି। ଅଷ୍ଟ୍ରେଲିଆ ଚଳିତ ବିଶ୍ୱକପ୍‌ରେ ଏପର୍ଯ୍ୟନ୍ତ ୮ଟି ମ୍ୟାଚ୍ ଖେଳି ୭ ବିଜୟ ଓ ଗୋଟିଏ ପରାଜୟ ସହ ୧୪ ପଏଣ୍ଟ ହାସଲ କରି ଟେବୁଲର ଶୀର୍ଷରେ ରହିଛି। ଅନ୍ୟପଟେ ଦକ୍ଷିଣ ଆଫ୍ରିକା ୮ଟି ମ୍ୟାଚ୍ ଖେଳି ୨ଟି ବିଜୟ, ୫ଟି ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ୫ ପଏଣ୍ଟ ପାଇ ଟେବୁଲର ଅଷ୍ଟମ ସ୍ଥାନରେ ରହି ସେମି ଦୌଡ଼ରୁ ବାଦ୍ ପଡ଼ିସାରିଛି। ଏହି ମ୍ୟାଚ୍ ଏକାଧିକ ଖେଳାଳିଙ୍କ ପାଇଁ ବିଶେଷ ଭାବେ ମହତ୍ତ୍ୱ ରଖୁଛି ବୋଲି ଲାଙ୍ଗର କହିଛନ୍ତି। ବିଜୟୀ ହେଲେ ଅଷ୍ଟ୍ରେଲିଆ ଶୀର୍ଷରେ ରହିବ ଓ ସେମିଫାଇନାଲରେ ଇଂଲଣ୍ଡ ଭେଟିବ ନାହିଁ। ଫଳରେ ଦଳ ସେମିରେ ନ୍ୟୁଜିଲାଣ୍ଡକୁ ଭେଟିବାର ଯଥେଷ୍ଟ ସମ୍ଭାବନା ରହିବ। ବିଜୟଧାରା ବଜାୟ ରଖି ଶୀର୍ଷକୁ ଉଠିବାର ଆମର ଲକ୍ଷ୍ୟ ବୋଲି ଲାଙ୍ଗର କହିଛନ୍ତି।

ବିଶ୍ୱକପରେ ୱାର୍ନର ସର୍ବାଧିକ ସ୍କୋର କରିବାରେ ଅନ୍ୟତମ ବ୍ୟାଟ୍ସମ୍ୟାନ ସାବ୍ୟସ୍ତ ହୋଇଛନ୍ତି। ସେ ତୃତୀୟ ସନ୍ତାନର ଜନକ ହୋଇଛନ୍ତି। ୱାର୍ନର ଓ ସ୍ମିଥ୍ ଉଭୟ ଭଲ ଖେଳିଛନ୍ତି ଓ ଏହି ମ୍ୟାଚ୍‌ରେ ମଧ୍ୟ ଆଶାନୁରୂପ ପ୍ରଦର୍ଶନ କରିବେ ବୋଲି ଲାଙ୍ଗର ଆଶା ପ୍ରକାଶ କରିଛନ୍ତି। ଅଷ୍ଟ୍ରେଲିଆ ପୂର୍ବରୁ ୫ଥର ବିଶ୍ୱକପ୍ ହାସଲ କରିଛି। ଗତଥର ମଧ୍ୟ ଘରୋଇ ମାଟିରେ ଅଷ୍ଟ୍ରେଲିଆ ଟାଇଟଲ ଜିତିଥିଲା। ଏଥର ପ୍ରଥମଦଳ ଭାବେ ଅଷ୍ଟ୍ରେଲିଆ ସେମିଫାଇନାଲକୁ ଉଠିଥିଲା। ବଲ ଟ୍ୟାମ୍ପରିଂ ମାମଲା ତଥା କଳଙ୍କକୁ ପଛରେ ପକାଇ ଅଷ୍ଟ୍ରେଲିଆ ଭଲ ପ୍ରଦର୍ଶନ କରି ଦଳର ହୃତ ଗୌରବକୁ ଫେରାଇ ଆଣିବା ଲକ୍ଷ୍ୟରେ ରହିଛି ବୋଲି ଲାଙ୍ଗର କହିଛନ୍ତି।

### ଆଜିର ମ୍ୟାଚ୍

| ଭାରତ ବନାମ ଶ୍ରୀଲଙ୍କା | ଅଷ୍ଟ୍ରେଲିଆ ବନାମ ଦକ୍ଷିଣ ଆଫ୍ରିକା |
|---|---|
| ସ୍ଥାନ: ଲିଡ୍ସ | ସ୍ଥାନ: ମାଞ୍ଚେଷ୍ଟର |
| ସମୟ: ଅପରାହ୍ନ ୩ଟା | ସମୟ: ସନ୍ଧ୍ୟା ୬ଟା |

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ


ମନେ ପଡ଼ନ୍ତି

ପଞ୍ଚମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଲଛମନ ମହାନ୍ତି
ବିନିଶପୁର, କଟକ
ଆବିର୍ଭାବ: ୧୯୩୭
ତିରୋଧାନ: ୦୧।୦୭।୨୦୧୪
ଚାହୁଁ ଚାହୁଁ ପାଞ୍ଚବର୍ଷ ବିତିଗଲାଣି କିନ୍ତୁ ଆଜି ବି ଆପଣଙ୍କ ସ୍ମୃତି ଆମ୍ଭମାନଙ୍କ ମନ ମଧ୍ୟରେ ଅଛି। ଯେଉଁଠି ଥାଅ ନା କାହିଁକି ଆପଣଙ୍କର ଆଶୀର୍ବାଦ ଆମ୍ଭର କାମ୍ୟ। ତୁମ୍ଭର ଆତ୍ମାର ଶାନ୍ତି ଏବଂ ସଦଗତି ନିମନ୍ତେ ପରମ ଦୟାଳୁ ଠାକୁରଙ୍କ ଚରଣ ତଳେ ଆମ୍ଭର କୋଟି କୋଟି ପ୍ରଣାମ।
ଶୋକସନ୍ତପ୍ତ:
ସ୍ତ୍ରୀ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଏବଂ ସପରିବାରବର୍ଗ।
ଧ-୬୫୬୬୨

ଚତୁର୍ଥ ଶ୍ରାଦ୍ଧବାର୍ଷିକୀ



✓ମନୋରଞ୍ଜନ ମିଶ୍ର
୮୫,ବାପୁଜୀ ନଗର, ଭୁବନେଶ୍ୱର
ଆବିର୍ଭାବ -୧୯.୦୬.୧୯୫୭
ତିରୋଧାନ-୧୯.୦୭.୨୦୧୫
ଆଜି ୪ର୍ଥ ଶ୍ରାଦ୍ଧବାର୍ଷିକ ଅବସରରେ ଆପଣଙ୍କ ଅମଳିନ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ :
ମିଶ୍ର ପରିବାର ବର୍ଗ ଏବଂ ଆତ୍ମୀୟ ସ୍ୱଜନ।
ଧ-୬୬୭୨୫

ଦଶାହ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଆକୁଳି ଚରଣ ମହାନ୍ତି
(ବୈପାରୀଗୁଡ଼ା)
ଆବିର୍ଭାବ: ୦୮।୧୨।୧୯୪୪
ତିରୋଧାନ: ୨୭।୦୬।୨୦୧୯
ବାପା, ଆମ୍ଭମାନଙ୍କୁ ପରକରି ଆରପାରିକୁ ଚାଲିଗଲ। ବହୁତ ମନେପଡ଼ନ୍ତି। ସର୍ବଦା ଆପଣଙ୍କ ଆଶୀର୍ବାଦ ଆମ ପ୍ରତି ରହୁ। ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଗୁହାରି କରୁଛୁ।
ଆପଣଙ୍କ ଶୋକସନ୍ତପ୍ତ:
ପତ୍ନୀ: ସୁଷମା, ପୁଅ, ବୋହୂ, ନାତି, ନାତୁଣୀ ଏବଂ ଆତ୍ମୀୟସ୍ୱଜନ।
ଧ-୧୩୨୭୦

No.1 EXCELLENCE AWARDED (MAXIM) IN INDIA
MBBS Study in Abroad
RUSSIA | KYRGYZSTAN | KAZAKHSTAN | UKRAINE
4210 DOCTORS SUCCESSFULLY RETURNED
Dr. Sudhakar Tiwari Available for Spot Admission and Counselling
AT BHUBANESHWAR- 8th July Hotel Arya Palace
AT BALASORE- 9th July Lucky International
AT SAMBALPUR- 10th July Hotel Sheela Tower
MAXIM EDU. PVT. LTD.
Since 1990
OFFICE : - Plot No. : 85, Lane No. 6, Bapuji Nagar, BHUBANESHWAR Mob. : 7381600301, 9300432509,
Toll Free - 1800-270-2007 | www.maximedu.com

ତୀର୍ଥ ଭ୍ରମଣ ସ୍ପେଶାଲ
REGD. NO. 465, ORGR,- BANAMALI PANDA, KHAIRABAD, JAJPUR, M- 9437310046, 9668114682
ପ୍ୟାକେଜ୍ ଟ୍ରେନ୍ ଟୁର୍ : ୧ମ ଯାତ୍ରା (ଉତ୍ତର ଭାରତ): ପିତୃପକ୍ଷ ମହାଳୟା ଉପଲକ୍ଷେ ପୁରୀ-ଭୁବନେଶ୍ୱର ଷ୍ଟେସନରୁ ତା.୦୯.୦୯.୧୯ରୁ ବାହାରି ଏହ୍ଲାବାଦ (ତ୍ରିବେଣୀ ସଙ୍ଗମ), ଆଗ୍ରା, ଗୋପ, ମଥୁରା, ବୃନ୍ଦାବନ ଦିଲ୍ଲୀ, ଅକ୍ଷରଧାମ, ଅମୃତସର, ୱାଘାବର୍ଡର, ଜାମ୍ମୁ, କଟରା, ବୈଷ୍ଣବଦେବୀ, ହରିଦ୍ୱାର, ଋଷିକେଶ, ଡେରାଡୁନ୍, ମସୁରୀ, ବଦ୍ରିନାରାୟଣ ଧାମ, ଅଯୋଧ୍ୟା କାଶୀ, ବାରାଣସୀ, ଗୟା, ବୁଦ୍ଧଗୟା ହୋଇ ୨୪।୦୯ରେ ପୁରୀ ପହଞ୍ଚିବ। ୨ୟ ଯାତ୍ରା: ୨୪।୦୯ରେ ଭୁବନେଶ୍ୱରରୁ ବାହାରି ଏହ୍ଲାବାଦ (ତ୍ରିବେଣୀ ସଙ୍ଗମ), ଗୟା, ପିଣ୍ଡଦାନ, ବୁଦ୍ଧଗୟା, କାଶୀ, ବାରାଣସୀ ହୋଇ ତା.୩୦।୦୯ରେ ପୁରୀ ପହଞ୍ଚିବ।

ASBM
A Strong Foundation for a Winning Career
ADMISSION - 2019
B.COM (Hons.)
Accounting | Management
Students can apply on the SAMS web portal (http://dheodisha.gov.in/SAMS/degree.aspx) by giving 1st option for ASBM, Bhubaneswar Block, District Khurda.
13th Batch BBA (Hons.)
Apply Online : www.asbm.ac.in
+91-674-2744884/ 885, 2374838 | TOLL FREE - 18003 4565855

# ବିଜିୟୁ ଓ ଏମ୍ଏମ୍ୟୁ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ

**ଭୁବନେଶ୍ୱର,୫।୭(ବ୍ୟୁରୋ)**

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି (ବିଜିୟୁ) ଓ ମାଲେସିଆସ୍ଥିତ ମଲ୍ଟି ମିଡିଆ ୟୁନିଭର୍ସିଟି (ଏମ୍ଏମ୍ୟୁ) ମଧ୍ୟରେ ଏକ ବୁଝାମଣା ସ୍ୱାକ୍ଷରିତ ହୋଇଯାଇଛି। ବୁଝାମଣା ଅନୁସାରେ ଗବେଷଣା ସହ ଷ୍ଟୁଡେଣ୍ଟ ଫାକଲ୍ଟି ଏକ୍ସଚେଞ୍ଜ ପ୍ରୋଗ୍ରାମ ଜରିଆରେ ଉଭୟ ଶିକ୍ଷାନୁଷ୍ଠାନ ମିଳିତ ଭାବେ କାର୍ଯ୍ୟ କରିବାକୁ ପରସ୍ପରକୁ ସହଯୋଗ ପ୍ରଦାନ କରିବେ। ବିଜିୟୁର କୁଳପତି ଡ. ପ୍ରଫେସର ସୁଧାକର ପଣ୍ଡା ଏବଂ ଏମ୍ଏମ୍ୟୁର ସଭାପତି ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫେସର ଦାତୁକ୍ ଟିଏସ୍ ଏବଂ ଡ. ଅହମ୍ମଦ ରଫି ଇସାକ୍ ଏହି ବୁଝାମଣା ସ୍ୱାକ୍ଷରିତ କରିଥିଲେ। ବିର୍ଲା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ଡିନ୍ ଡ. ପରମେଶ୍ୱର ନାୟକ ଏବଂ ଏମ୍ଏମ୍ୟୁ ଏଫ୍ଓବିର ଡିନ୍ ଗେରାଲ୍ଡ ଗୋ ଗୁଆନ୍ ଉପସ୍ଥିତ ଥିଲେ। ଚଳିତ ବର୍ଷ ମାର୍ଚ୍ଚରେ ବିଜିୟୁର ୪୦ଜଣ ଛାତ୍ରୀଛାତ୍ର ପ୍ରଫେସର ସୁଜିତ କୁମାର ପାତ୍ର ଓ ପ୍ରଫେସର ଅର୍ଚ୍ଚନା ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଏକ ସପ୍ତାହ ପର୍ଯ୍ୟନ୍ତ ଏମ୍ଏମ୍ୟୁକୁ ଷ୍ଟଡି ଟୁର୍‌ରେ ଯାଇଥିଲେ। ଅନ୍ୟପକ୍ଷରେ ଦୀର୍ଘ ୨୦ବର୍ଷ ଧରି ଶିକ୍ଷାକ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ଏମ୍ଏମ୍ୟୁ ମାଲେସିଆ ଛାତ୍ରୀଛାତ୍ରୀମାନଙ୍କୁ ବିଶ୍ୱସ୍ତରୀୟ ଜ୍ଞାନ ପ୍ରଦାନ କରିଆସୁଥିବାବେଳେ ଏହି ଶିକ୍ଷାନୁଷ୍ଠାନ ସହ ଏମ୍ଓୟୁ ଦ୍ୱାରା ବିଜିୟୁ ଛାତ୍ରୀଛାତ୍ରମାନେ ବିଶେଷ ଉପକୃତ ହେବେ। ଏହାବ୍ୟତୀତ ବିଜିୟୁର ସ୍ଲୋଭେନିଆସ୍ଥିତ ୟୁନିଭର୍ସିଟି ଅଫ୍ ଲୁବ୍ଲିନିୟା, ଫ୍ରାନ୍ସର ଏସ୍କା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ଏବଂ ପୋଲାଣ୍ଡସ୍ଥିତ କୋଜମିନ୍‌ସ୍କି ସହ ସହବନ୍ଧନ ରହିଛି।

# ପାଟକୁରା ନିର୍ବାଚନ ପାଇଁ ପ୍ରଶାସନିକ ତତ୍ପରତା




ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସର୍ବଦଳୀୟ ବୈଠକରେ ଜିଲାପାଳ ସମର୍ଥ ବର୍ମା ଓ ବିଭିନ୍ନ ଦଳର ନେତୃବୃନ୍ଦ।

**କେନ୍ଦ୍ରାପଡା ଅଫିସ, ୫।୭**

ଆସନ୍ତା ୨୦ ତାରିଖରେ ପାଟକୁରା ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ତତ୍ପରତା ପ୍ରକାଶ କରିଛି ଜିଲା ପ୍ରଶାସନ। ଭୁବନେଶ୍ୱରରୁ ଇଭିଏମ୍ ଓ ଭିଭିପିଏଟି ମେଶିନ ଅଣାଯିବା ସହିତ ଶୁକ୍ରବାର ସର୍ବଦଳୀୟ ବୈଠକ ଓ ସର୍ଭିଲାନ୍ସ ଟିମର ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସମର୍ଥ ବର୍ମା ଉକ୍ତ ଦୁଇ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସର୍ବଦଳୀୟ ବୈଠକରେ ରାଜନୈତିକ ଦଳଗୁଡିକ ଦ୍ୱାରା ଆଦର୍ଶ ଆଚରଣ ବିଧି ପାଳନ ଓ ନିର୍ବାଚନକୁ ଅବାଧ, ମୁକ୍ତ ଓ ନିରପେକ୍ଷ କରିବା ପାଇଁ ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ବିଜେଡିର ପ୍ରଦୀପ୍ତ ମହାନ୍ତି, ହରିଲାଲ ଅଗ୍ରୱାଲ, ସିପିଆଇର ରମଣିରଞ୍ଜନ ରାଉତରାୟ, ସିପିଆଇ(ଏମ)ର ଗୟାଧର ଧଳ, କଂଗ୍ରେସର ପ୍ରଫୁଲ୍ଲ କୁମାର ଦାସ ଓ ଭାଜପାର ଦୁର୍ଯ୍ୟୋଧନ ସାହୁ ଯୋଗଦେଇଥିଲେ। ସେହିପରି ଷ୍ଟାଟିଟିକ୍ସ ସର୍ଭିଲାନ୍ସ ଟିମ, ଭିଡିଓ ସର୍ଭିଲାନ୍ସ ଟିମ୍ ଓ ଫ୍ଲାଇଙ୍ଗ ସ୍କ୍ୱାଡ ଟିମ୍‌ର ସଦସ୍ୟଙ୍କୁ ରାଜନୈତିକ ଦଳଗୁଡ଼ିକ ଦ୍ୱାରା ନିର୍ବାଚନୀ ଆଦର୍ଶ ଆଚରଣ ବିଧି ପାଳନକୁ ତଦାରଖ କରିବା ନିମନ୍ତେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏଡିଏମ୍ ବସନ୍ତ କୁମାର ରାଉତ, ପିଡି ଦିଲ୍ଲୀପ କୁମାର ପରିଡ଼ା, ଅତିରିକ୍ତ ଉପଜିଲାପାଳ ପ୍ରଣୟ କୁମାର ଜେନା, ସହକାରୀ ଜିଲାପାଳ ସସ୍ମିତ ଶତପଥୀ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

BIG HOME SAVINGS
Durian
FLAT 35% OFF + FLAT 25% PAYTM CASHBACK
LIMITED PERIOD OFFER
ON HOME FURNITURE
Shop online www.durian.in 1800 22 3242
Plot No. 2060, Part 2061/62, Samantarapur.
*Condition apply.
Paytm Cashback | Easy EMI at No Extra Cost on HDFC BANK Credit Card & Lifestyle Loan. T&C* | Easy EMI on Credit / Debit Cards* Powered by Pine Labs | 5 years warranty

Reliance Growth is Life
ପୁରସ୍କାର ମୂଲ୍ୟ ₹2.5 କୋଟି ଜିତିବାର ସୁଯୋଗ
Reliance digital PERSONALISING TECHNOLOGY
SHOP ANY ELECTRONICS AT MY JIO STORE | Jio DIGITAL LIFE
ବୁଟ୍ ଅପ୍ ଇଣ୍ଡିଆ
ସବୁଠାରୁ ବଡ଼ ଲାପଟପ୍ ଫେଷ୍ଟିଭାଲ୍
ଏବେ କିଣାକିଣି କରନ୍ତୁ ଏଠାରେ ବି reliancedigital.in
ଆଶ୍ୱସ୍ତ ଲାଭ ₹13 000/- ପର୍ଯ୍ୟନ୍ତ*
ପ୍ରତି ସପ୍ତାହରେ ଜିତିବାର ସୁଯୋଗ
5% କ୍ୟାସ୍‌ବ୍ୟାକ୍# ପ୍ରତିଦିନ
ପ୍ରତି କ୍ରୟ ଉପରେ ଆଶ୍ୱସ୍ତ ଉପହାର
1 ବର୍ଷ ପର୍ଯ୍ୟନ୍ତ ସଫ୍ଟ ମାଗଣା**
TRENDS
BEST DEALS
DELL 3567 ₹33 999/-
HP 15 DB0186AU ₹32 299/-
ACER A315-21 ₹23 499/-
ESSENTIALS
APPLE iPad (6th GEN) ₹28 000/-
HP 419 INKTANK PRINTER ₹13 499/-
HIGH PERFORMANCE
LENOVO S340 ₹44 999/-
HP 15 DA0435TX ₹45 599/-
HP 14 CD0050TXx360 ₹50 999/-
HP 15 DR0002TU ₹53 999/-
HP 15 CS1000TX/S ₹59 999/-
DELL 5570 ₹60 999/-
VISIT US AT: BHUBANESWAR: RELIANCE MALL, MASTER CANTEEN. PH: 0674 2510531 • Z TOWER, NANDAN KANAN ROAD, PATIA. PH: 0674 6541001 • ESPLANADE ONE MALL, RASULGARH. PH: 0674 2549161. CUTTACK: COLLEGE SQUARE, JOBRA RD, OPP-BOMBAY HOTEL. PH: 06712547580 / 1. PURI: GROUND & FIRST FLOOR, VIP ROAD IN FRONT POLICE LINE, TEHSIL. PH: 0675-2227414 / 15.

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ଶତପଥୀ

■ ବ୍ୟାସସରୋବର ରଥ ଚକ ଭାଙ୍ଗିବା ଘଟଣା

## ତଦନ୍ତ ନିର୍ଦ୍ଦେଶ ଦେଲେ ଏଡିଏମ୍

**ଯାଜପୁରରୋଡ,୫।୭(ନି.ପ୍ର.):** ବ୍ୟାସସରୋବରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଥିଲା। ରଥଯାତ୍ରା ପାଇଁ ବ୍ୟାସନଗର ପୌରପରିଷଦ ପକ୍ଷରୁ ୮୦ ହଜାର ଟଙ୍କା ପରିଚାଳନା କମିଟିକୁ ପ୍ରଦାନ କରାଯାଇଥିଲା। ରଥ ମରାମତି ବିଶେଷଭାବେ କରାଯାଇ ନ ଥିବାରୁ ରଥ ୧୦ ହାତ ଗଡ଼ିବା ପରେ ୨ଟି ଚକ ଭାଙ୍ଗିବା ସହ ଦଉଡ଼ି ଛିଡିଯାଇଥିଲା। ଶେଷରେ ଶ୍ରୀଜୀଉଙ୍କୁ କାନ୍ଧରେ ବୋହି ମାଉସୀ ମା' ମନ୍ଦିରକୁ ନେଇଥିଲେ। ଏହା ଜଗନ୍ନାଥ ସଂସ୍କୃତି ପ୍ରତି ଅବମାନନା ବୋଲି ଶ୍ରଦ୍ଧାଳୁମାନେ କହିଛନ୍ତି। ପୌର ପରିଷଦ ପକ୍ଷରୁ ଦିଆଯାଉଥିବା ଟଙ୍କା ରଥ ମରାମତିରେ ଖର୍ଚ୍ଚ ହେଉଛି କି ନାହିଁ, ରଥ ଚକ କାହିଁକି ଭାଙ୍ଗିଲା, ସେ ବିଷୟରେ ତଦନ୍ତ କରିବାକୁ ଶୁକ୍ରବାର ଅତିରିକ୍ତ ଜିଲାପାଳ (ଏଡିଏମ୍) ସନ୍ତୋଷ କୁମାର ମିଶ୍ର ପୌର ପରିଷଦ ନିର୍ବାହୀ ଅଧିକାରୀ ସପନ କୁମାର ନନ୍ଦଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, କିଛିବର୍ଷ ପୂର୍ବେ ଏହି ପୀଠରେ ରଥଯାତ୍ରାବେଳେ ରଥ ଭାଙ୍ଗିଯାଇଥିବାରୁ ଶଗଡ ମାଧ୍ୟମରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଘଟଣା ପରେ ପୌରପରିଷଦ ପକ୍ଷରୁ ଅନୁଦାନ ଓ ବନବିଭାଗ ପକ୍ଷରୁ କାଠ ଯୋଗାଇ ଦିଆଯାଇଥିଲା। ପରେ ରଥ ନିର୍ମାଣ ହୋଇ ରଥଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଥିଲା। ସେହିଦିନଠାରୁ ଆଉ ରଥ ନିର୍ମାଣ ହୋଇନାହିଁ। କେବଳ ମରାମତି କରାଯାଇ ପୌରପରିଷଦ ଅନୁଦାନ ବାଟବାରଣା କରାଯାଉଛି ବୋଲି ଅଭିଯୋଗ ହୋଇଛି।

## ଗଳିତ ମୃତଦେହ ଉଦ୍ଧାର

**ଛତିଆ,୫।୭(ଡି.ଏନ୍.ଏ.):** ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ନିକଟ ଅମରାବତୀ ମଠ ଦୁର୍ଗ ପଛପଟ ଧନିଆ ପାହାଡ ତଳେ ଥିବା ମୋରମ ଖାଦାନରୁ ଶୁକ୍ରବାର ବୈରୀ ପୋଲିସ ଏକ ଗଳିତ ମୃତଦେହ ଉଦ୍ଧାର କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ. ୧୪/୧୯) ରୁଜୁ କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ହେଲେ ମୃତଦେହର ପରିଚୟ ମିଳିପାରିନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ରହସ୍ୟ ଜଣାପଡ଼ିବ ବୋଲି ବୈରୀ ଥାନାଧିକାରୀ ନିରଞ୍ଜନ ଶବର ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ସ୍ଥାନୀୟ ଅଞ୍ଚଳର ଛୋଟ ପିଲାମାନେ ଉକ୍ତ ମଠରେ ବୁଲାବୁଲି କରୁଥିବାବେଳେ ପଛପଟ ଖାଦାନ ମଧ୍ୟରେ ଏକ ମୃତଦେହ ପଡ଼ିଥିବା ଦେଖି ଭୟରେ ଘରକୁ ଆସି ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ବଡ଼ଚଣା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭାଗ୍ୟଧର ମଲ୍ଲିକଙ୍କୁ ଏ ବିଷୟରେ କହିଥିଲେ। ସମିତି ଅଧ୍ୟକ୍ଷ ମଲ୍ଲିକ ଏ ବିଷୟରେ ବୈରୀ ଆଇଆଇସି ନିରଞ୍ଜନ, ଅମରାବତୀ ମଠ ପରିଚାଳନା କମିଟି ସଭ୍ୟଙ୍କୁ ଜଣାଇଥିଲେ। ପରେ ବୈରୀ ଥାନାଧିକାରୀ, ଛତିଆ ବିଟ୍ ହାଉସ୍ ଅଧିକାରୀ ବହୁ ଖୋଜାଖୋଜି ପରେ ଅମରାବତୀ ଦୁର୍ଗ ପଛପଟେ ଧନିଆ ପାହାଡ ପାଦଦେଶରେ ଥିବା ଆକାଶିଆ ଜଙ୍ଗଲରେ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ପ୍ରାୟ ୫-୬ ଦିନ ହେବ ଏଠାରେ ମୃତଦେହ ପଡ଼ି ପଚିଯାଇଥିବାରୁ ଦୁର୍ଗନ୍ଧ ହେଉଥିଲା।

## ବିଦ୍ୟୁତ୍ ଆଘାତରେ ବୃଦ୍ଧଙ୍କ ମୃତ୍ୟୁ

**ଧର୍ମଶାଳା,୫।୭(ଡି.ଏନ.ଏ.):** ଧର୍ମଶାଳା ଥାନା ଅନ୍ତର୍ଗତ ସୁନ୍ଦରିଆ ପଞ୍ଚାୟତ ହରିଦେଇପୁର ଗ୍ରାମରେ ଶୁକ୍ରବାର ବିଦ୍ୟୁତ୍ ଆଘାତରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ କନ୍ଦ ଦେଉରୀ (୬୦)। କନ୍ଦ ନିଜ ଘରେ ବିଦ୍ୟୁତ୍ ସଜାଡୁଥିଲାବେଳେ ଆଘାତ ପାଇ ଗୁରୁତର ହୋଇପଡିଥିଲେ। ପରିବାର ଲୋକେ ତାଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଧର୍ମଶାଳା ପୋଲିସ ଏକ ମାମଲା (ନଂ. ୧୦/୧୯) ରୁଜୁ କରି ତଦନ୍ତ କରୁଛି।

## ଖରସ୍ରୋତାରେ ପ୍ରଥମ ବନ୍ୟାଜଳ



**ସିଂହପୁର,୫।୭(ଡି.ଏନ୍.ଏ.):** ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ଖରସ୍ରୋତା ନଦୀରେ ପ୍ରଥମ ବନ୍ୟାଜଳ ଆସିଛି। ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଜଳସମ୍ପଦ ସେକ୍ସନ ଅଧୀନ ଖରସ୍ରୋତା ନଦୀର ଜରୀ କୂଳସାହିରେ ଗତବର୍ଷ ଜାଫିଲ କରାଯାଇ ବଡ ବିପଦରୁ ରକ୍ଷା କରାଯାଇଥିଲା। ହେଲେ ଏ ପର୍ଯ୍ୟନ୍ତ ସେହି ସ୍ଥାନରେ ପଥର ପ୍ୟାକିଂ କରାଯାଇନାହିଁ। ବାଙ୍ଗରା ପଞ୍ଚାୟତ ଅନ୍ତର୍ଗତ ଛନ୍ଦାମୁଣ୍ଡ ଗ୍ରାମ ନାୟକ ସାହିର ୧୦ ପରିବାର ନଦୀକୂଳରେ ଥିବାରୁ ଭୟଭୀତ ହୋଇପଡିଛନ୍ତି। ସମ୍ପୃକ୍ତ ପରିବାର ବନ୍ୟା ସମୟରେ ସମ୍ପୂର୍ଣ୍ଣ ଜଳବନ୍ଦୀ ହୋଇଯାଆନ୍ତି। ଗତବର୍ଷ ବନ୍ୟାରେ ଏହି ସ୍ଥାନରେ ଅତଡ଼ା ଧସିଥିଲା। ତୁରନ୍ତ ଉକ୍ତ ସ୍ଥାନରେ ପଥର ପ୍ୟାକିଂ ନ କଲେ ୧୦ ପରିବାର ନଦୀ ଗର୍ଭରେ ଲୀନ ହୋଇଯିବେ। ସେହିପରି ବାଙ୍ଗରା ଛକ ନିକଟରେ ନଦୀବନ୍ଧ ବିପଦସଙ୍କୁଳ ଥିବାରୁ ପଥର ପ୍ୟାକିଂ ନିତାନ୍ତ ଆବଶ୍ୟକ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏହି ବିପଦସଙ୍କୁଳ ସ୍ଥାନ ପ୍ରତି ଦୃଷ୍ଟିଦେଇ ମରାମତି କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ଭଙ୍ଗା କୁଡ଼ିଆରେ ପଢୁଛନ୍ତି ଛାତ୍ରୀଛାତ୍ର

**ରସୁଲପୁର,୫।୭(ଡିଏନଏ)**



ଅଙ୍ଗନୱାଡି କେନ୍ଦ୍ର ଗୃହ ନିର୍ମାଣ ନୈରାଶ୍ୟଜନକ

ଅଙ୍ଗନୱାଡି କେନ୍ଦ୍ର କୁନିକୁନି ପିଲାଙ୍କ ପାଇଁ ପ୍ରଥମ ବିଦ୍ୟାଳୟ। ଏଠାରେ କୋମଳମତି ଶିଶୁଙ୍କୁ ଖେଳଖୁଦ ମାଧ୍ୟମରେ ଶିକ୍ଷାଦାନ ସହ ପୁଷ୍ଟିକର ଖାଦ୍ୟ ପ୍ରଦାନ ଓ ସୁସ୍ଥ ସ୍ୱାସ୍ଥ୍ୟର ଯତ୍ନ ନିଆଯାଇଥାଏ। ମାତ୍ର ଏ ସବୁ ବ୍ୟବସ୍ଥା କେମିତି ଚାଲୁଛି ତାହା କେନ୍ଦ୍ର ପରିସର ଓ ପରିବେଶରୁ ସ୍ପଷ୍ଟ ଅନୁମେୟ ହେଉଛି। କେନ୍ଦ୍ରଗୁଡିକର ନିଜସ୍ୱ ଗୃହ ନ ଥିବାରୁ ଭଙ୍ଗା କୁଡିଆ, ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଛାତ୍ରୀଛାତ୍ରଙ୍କୁ ପାଠପଢା ଯାଉଛି। ଏଭଳି ସ୍ଥିତି ଯାଜପୁର ଜିଲାର ରସୁଲପୁର ବ୍ଲକରେ ଦେଖିବାକୁ ମିଳିଛି। ଏଠାରେ ଅଙ୍ଗନୱାଡି ଗୃହ ନିର୍ମାଣସ୍ଥିତି ନୈରାଶ୍ୟଜନକ ରହିଛି। କେତେକ ସ୍ଥାନରେ ଗୃହ ନିର୍ମାଣ ସରିଥିଲେ ମଧ୍ୟ ପ୍ରଶାସନର ଟାଳଟୁଳ ନୀତି ଯୋଗୁ ତାହା ବ୍ୟବହାର ହୋଇପାରୁ ନାହିଁ। ଫଳରେ ପିଲାମାନେ ଭାଙ୍ଗା କୁଡିଆ, କୋଠଘର, ରାଜୀବଗାନ୍ଧି ସେବାକେନ୍ଦ୍ର, ବିଦ୍ୟାଳୟ ବାରଣ୍ଡାରେ ପାଠ ପଢୁଛନ୍ତି। ଏଭଳି ଦୟନୀୟ ସ୍ଥିତିକୁ ପ୍ରଶାସନ ପକ୍ଷରୁ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି।

ରସୁଲପୁର ବ୍ଲକ ଅଧୀନରେ ୨୬୬ଟି ଅଙ୍ଗନୱାଡି କେନ୍ଦ୍ର ରହିଛି। ସେଥିରୁ ୧୯୨ଟି କେନ୍ଦ୍ର ପାଇଁ ଅନୁଦାନ ମିଳିଛି। ୮୫ଟି କେନ୍ଦ୍ରର ଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ବାକି ୧୦୭ଟି କେନ୍ଦ୍ରକୁ ନେଇ ଅନିଶ୍ଚିତତା ଲାଗି ରହିଛି। ସେଥିରୁ ୫୩ଟି କେନ୍ଦ୍ର ନିର୍ମାଣ ଦିଗରେ ଜମିଜମା ବିବାଦ, ରାଜନୈତିକ ଚକାପଞ୍ଝା, ସୀମା ବିବାଦ, ଗୃହ ନିର୍ମାଣକୁ ନେଇ କେନ୍ଦ୍ର ଅଧୀନରେ ଥିବା ପରିବାରଙ୍କ ମଧ୍ୟରେ ଟଣାଓଟରା, ବନ୍ଦୋବସ୍ତରେ ନଟ୍ ଫାଇନାଲ ରାଜସ୍ୱ ଗ୍ରାମ ଭଳି ସ୍ଥିତି ବାଧକ ସାଜିଛି। ଏ ଦିଗରେ ୩୪ଟି କେନ୍ଦ୍ରର ସମସ୍ୟା ସମାଧାନ ଦିଗରେ ପ୍ରଶାସନ ସଫଳ ହୋଇଛି। ହେଲେ ୧୯ଟି କେନ୍ଦ୍ରର ଗୃହ ନିର୍ମାଣ ସ୍ଥିତି ଏବେ ବି ଅସ୍ପଷ୍ଟ ରହିଛି। ଏବେ ବି ୭୪ଟି କେନ୍ଦ୍ର ପାଇଁ ଅନୁଦାନ ମିଳିପାରି ନାହିଁ। ହେଲେ ଅନୁଦାନ ମିଳିଥିବା କେନ୍ଦ୍ରକୁ ନେଇ ଅବହେଳା ଯୋଗୁ ତାହା କାମରେ ଆସିପାରୁ ନାହିଁ। ଏଥିପାଇଁ ଅନେକ ସ୍ଥାନରେ ଗୃହ ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁ ନିର୍ମାଣ କାର୍ଯ୍ୟ ବିଳମ୍ବ ହେଉଛି। ଏଭଳି ସ୍ଥିତି ବଡକଇଁଚି, ଭୋଟକା, ରସୁଲପୁର, ରାଜେନ୍ଦ୍ରପୁର ଭଳି ପଞ୍ଚାୟତରେ ଦେଖାଯାଇଛି। ବ୍ଲକର ଅଧିକାଂଶ ପଞ୍ଚାୟତରେ କେନ୍ଦ୍ର ଗୃହ ନିର୍ମାଣ ସରିଥିଲେ ବି ସେଗୁଡିକ ମହିଳା ଓ ଶିଶୁ କଲ୍ୟାଣ ପ୍ରକଳ୍ପକୁ ହସ୍ତାନ୍ତର କରାଯାଉ ନାହିଁ। ଫଳରେ ତାହା ପିଲାଙ୍କ କାମରେ ଆସୁନି। କେତେକ ସ୍ଥାନରେ ଠିକାଦାର ଗୃହ ନିର୍ମାଣ କାର୍ଯ୍ୟ ସରିଥିଲେ ବି ଚାବି ବ୍ଲକ ପ୍ରଶାସନକୁ ହସ୍ତାନ୍ତର କରାଯାଇ ନ ଥିବା ଜଣାପଡିଛି। ଏ ଦିଗରେ ବ୍ଲକ ପ୍ରଶାସନିକ ତତ୍ପରତା ପ୍ରକାଶ ପାଉନାହିଁ। କେନ୍ଦ୍ର ଗୃହ ନିର୍ମାଣକୁ ନେଇ ଉଭୟ ରସୁଲପୁର ବିଡିଓ ଓ ମହିଳା ଶିଶୁ ବିକାଶ ଅଧିକାରିଣୀ ସରିତା ନାୟକ ଦୋଷ ଠେଲାଠେଲି ହୋଇଛନ୍ତି। ନିର୍ମାଣ ସରିଥିବା କେନ୍ଦ୍ରକୁ ରସୁଲପୁର ବିଡିଓ ତାଙ୍କୁ ହସ୍ତାନ୍ତର କରିନାହାନ୍ତି ଅଧିକାରିଣୀ ନାୟକ କହିଛନ୍ତି। ବ୍ଲକ ପକ୍ଷରୁ ତାଙ୍କୁ ଗୃହ ନିର୍ମାଣ ସରିଥିବାର ଏକ ତାଲିକା ପ୍ରଦାନ କରାଯାଇଛି। ମାତ୍ର ବ୍ଲକ ପକ୍ଷରୁ ଆଇନତଃ ଗୃହଗୁଡିକୁ ହସ୍ତାନ୍ତର କରାଯାଇ ନାହିଁ। ତେବେ ଏ ଦିଗରେ ବିଡିଓ ଉମାକାନ୍ତ ପରିଡାଙ୍କୁ ପଚାରିବାରୁ, ସେ ସିଡିପିଓଙ୍କ ଉପରକୁ ଦୋଷ ଠେଲି ଦେଇଛନ୍ତି। ସିଡିପିଓ ସାପ୍ତାହିକ ରିଭ୍ୟୁ ବୈଠକରେ ଯୋଗଦେଉ ନାହାନ୍ତି। ଫଳରେ କେନ୍ଦ୍ର ଗୃହ ହସ୍ତାନ୍ତର ଓ ଅଗ୍ରଗତି ନେଇ ସମୀକ୍ଷା ହୋଇପାରୁ ନାହିଁ ବୋଲି କହିଛନ୍ତି।

## ସାପ କାମୁଡ଼ାରେ ଜଣେ ମୃତ

**ଧର୍ମଶାଳା,୫।୭(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଛେଳିଆପଦା ଗ୍ରାମରେ ଶୁକ୍ରବାର ସାପ କାମୁଡ଼ାରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଛେଳିଆପଦା ଗ୍ରାମର ବେଣୁଧର ଖିଲାର (୪୮) ଏବଂ ଗୁରୁତର ହେଲେ ରାଇଛନ୍ଦା ପଞ୍ଚାୟତ ବାଲିକୁଦିଆ ଗ୍ରାମର ଶ୍ରୀଧର ପରିଡ଼ା (୫୫)। ବେଣୁଧର ନିକଟସ୍ଥ ରେଳଲାଇନ୍ କଡ଼କୁ ଶୌଚ ହେବାକୁ ଯାଇଥିଲାବେଳେ ଏକ ବିଷାକ୍ତ ସାପ ତାଙ୍କ ଗୋଡ଼କୁ କାମୁଡି ଦେଇଥିଲା। ଘରକୁ ଫେରିବାର କିଛି ସମୟ ପରେ ଅସୁସ୍ଥତା ଅନୁଭବ କରିଥିଲେ। ପରିବାର ଲୋକେ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଧର୍ମଶାଳା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୯/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବଡ଼ଚଣା ପଠାଇଛି। ସେହିପରି ବାଲିକୁଦିଆ ଗ୍ରାମର ଶ୍ରୀଧର ନିଜ ବାଡ଼ିରେ କୁଟାଗଦା ସଫା କରୁଥିବାବେଳେ ଏକ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି।

# ବନ ମହୋତ୍ସବରେ ଚାରାରୋପଣ ପାଇଁ ଆହ୍ୱାନ

**ଜେନାପୁର,୫।୭(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଉଚ୍ଚ ବିଦ୍ୟାଳୟ ପରିସରରେ ରାଜ୍ୟ ସରକାର ଓ ପରିବେଶ ବିଭାଗ ଆନୁକୂଲ୍ୟରେ ଶୁକ୍ରବାର ୭୦ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ଧର୍ମଶାଳା ବିଧାୟକ ତଥା ଉପମୁଖ୍ୟ ସଚେତକ ପ୍ରଣବ କୁମାର ବଳବନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ଚାରାରୋପଣ କରିଥିଲେ। ଏଥିସହ ଅନ୍ୟ ଅତିଥିଙ୍କୁ ଚାରାରୋପଣ କରିବାକୁ କହିଥିଲେ। ୧୨ ନଂ. ଜୋନ ଜିଲା ପରିଷଦ ସଭ୍ୟ ପ୍ରଣତି ଲେଙ୍କା, ବ୍ଲକ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ବେହେରା, ଶିଶୁ ସାହିତ୍ୟିକ ପ୍ରିୟନାଥ ମହାପାତ୍ର, ଶିକ୍ଷକ ପ୍ରଫୁଲ୍ଲ ମହାରଣା, ଯୁବନେତା ଦିଲୀପ କୁମାର ବରାଳ, ପଞ୍ଚାୟତ ସଭାପତି ଅଶୋକ କୁମାର ସାହୁ, ସରପଞ୍ଚ କୃଷ୍ଣଚନ୍ଦ୍ର ପଟ୍ଟନାୟକ, ଗିରିଧାରୀ ଜେନା, ସେକ ସାହେବ, ପ୍ରହଲ୍ଲାଦ କୁମାର ପାତ୍ର, ବିଧାୟକ ପ୍ରତିନିଧି ନିର୍ମଳ କୁମାର ପ୍ରଧାନ, ବନରକ୍ଷୀ ଲକ୍ଷ୍ମୀଧର ନାୟକ ପ୍ରମୁଖ ଯୋଗଦେଇ ଚାରାରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗଡ଼ମଧୁପୁର ବନରକ୍ଷୀ ସ୍କ୍ୱାଡ ପୂର୍ଣ୍ଣ ସହଯୋଗ କରିଥିଲେ। ଗଡ଼ମଧୁପୁର ଫରେଷ୍ଟର ରଞ୍ଜନ କୁମାର ମିଶ୍ର, ବିଦ୍ୟାଳୟର ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ସ୍ୱାଇଁ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ସେହିପରି ଉତ୍କଳମଣି ସେବା ସଂଗଠନ ପକ୍ଷରୁ ସମ୍ପାଦକ ସୁଶାନ୍ତ କୁମାର ଖଟୁଆଙ୍କ ନେତୃତ୍ୱରେ ବୃନ୍ଦାଦେଇପୁରସ୍ଥିତ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ଓ କବାଟବନ୍ଧସ୍ଥିତ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା।



ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ଚାରାରୋପଣ କରୁଛନ୍ତି।


**ଚିକିଟି ମହାବିଦ୍ୟାଳୟ, ଚିକିଟି, ଗଞ୍ଜାମ**

ଓଡ଼ିଶା, ପିନ: ୭୬୧୦୧୦, ଦୂରଭାଷ: ୦୬୮୦-୨୪୯୭୨୮୭, ମେଲ୍: cmv15.08.1980@gmail.com

**ନାମଲେଖା ବିଜ୍ଞାପନ**

ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଚିଠି ସଂଖ୍ୟା ନଂ: ୧୨୪୦୮/ତା୧୯।୦୬।୨୦୧୯ରିଖ ଅନୁସାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର ସହବନ୍ଧିତ ହୋଇ ସ୍ନାତକୋତ୍ତର ଓଡ଼ିଆ ବିଭାଗର ୧୬ଟି ସିଟ୍ ଚଳିତ ଶିକ୍ଷା ବର୍ଷ (୨୦୧୯-୨୦) ଖୋଲିବା ନିମନ୍ତେ ଅନୁମତି ମିଳିଛି। ଏଥିସକାଶେ ସ୍ନାତକ ଉତ୍ତୀର୍ଣ୍ଣ ଆଗ୍ରହୀ ଛାତ୍ରଛାତ୍ରୀଙ୍କଠାରୁ ଆବେଦନ ପତ୍ର ଆହ୍ୱାନ କରାଯାଉଛି। ସବିଶେଷ ବିବରଣୀ କଲେଜ୍ ୱେବସାଇଟ୍ www.cmvedu.in ରେ ଦୁଇଦିନ ପରେ ଉପଲବ୍ଧ ହେବ।

Sd./- Principal, Chikiti Mahavidyalaya, Chikiti (Gm.)

बैंक ऑफ़ बड़ौदा Bank of Baroda | କ୍ଷେତ୍ରୀୟ କାର୍ଯ୍ୟାଳୟ : ଭୁବନେଶ୍ୱର କ୍ଷେତ୍ର, ପ୍ରଥମ ମହଲା, ବିଭବ ଗୁଲମୋହର, ବେହେରା ସାହି, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨

**ଲିଜ୍ ଭିତ୍ତିରେ ଗୃହ ଆବଶ୍ୟକ**

**ବ୍ୟାଙ୍କ ଅଫ ବରୋଦା** ଏହାର ଶାଖା ଖୋଲିବା ପାଇଁ ଦୁଇ ବିଡ୍ ବ୍ୟବସ୍ଥା ମାଧ୍ୟମରେ ନିମ୍ନଲିଖିତ ସ୍ଥାନରେ ଲିଜ୍ ଭିତ୍ତିରେ ଆବଶ୍ୟକ କରୁଥିବା ଗୃହ ନିମନ୍ତେ ପ୍ରସ୍ତାବମାନ ଆହ୍ୱାନ କରୁଅଛି। ଗୃହ ତଳ ମହଲାରେ ହୋଇଥିଲେ ପସନ୍ଦଯୋଗ୍ୟ।

| | |
|---|---|
| ଜନପଥ / ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ / ବିଦ୍ୟୁତ ମାର୍ଗ / ନୟାପଲ୍ଲୀ | ୨୦୦୦ ବର୍ଗଫୁଟ |

ସବିଶେଷ ବିବରଣୀ ନିମନ୍ତେ ଆମ୍ଭର ୱେବସାଇଟ **www.bankofbaroda.com** ର ଟେଣ୍ଡର ବିଭାଗକୁ ଲଗ୍ ଅନ୍ କରନ୍ତୁ କିମ୍ବା ୦୬୭୪-୨୪୨୧୨୧୦ରେ ଯୋଗାଯୋଗ କରନ୍ତୁ।

ପ୍ରସ୍ତାବ ଦାଖଲର ଅନ୍ତିମ ତାରିଖ: ୨୬.୦୭.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ।

ଉପ-ମହାପ୍ରବନ୍ଧକ








**ଆଲ୍ଲାହାବାଦ ବ୍ୟାଙ୍କ**
(ଭାରତ ସରକାରଙ୍କ ଉପକ୍ରମ)
**ଭୁବନେଶ୍ୱର ମୁଖ୍ୟ ଶାଖା, ୧୫୯, ବାପୁଜୀ ନଗର, ଭୁବନେଶ୍ୱର-୭୫୧୦୦୯**

**ଦଖଲ ନୋଟିସ୍**
(ସ୍ଥାବର / ଅସ୍ଥାବର ସମ୍ପତ୍ତି ନିମନ୍ତେ)

କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ (ସିକ୍ୟୁରିଟି) ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୩ ଅନୁଯାୟୀ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା ଏବଂ ଜାମିନ୍‌ଦାର ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଓ ଜାମିନ୍‌ଦାରଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ଆକାଉଣ୍ଟର ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି।

ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତା, ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଆଲ୍ଲାହାବାଦ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

***ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।***

| ଋଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କ ନାମ ଓ ଠିକଣା / ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ଡ଼ିମାଣ୍ଡ ନୋଟିସ୍ ତାରିଖ ଅନୁଯାୟୀ ବକେୟା ଦେୟ |
|---|---|---|---|---|
| **ଋଣଗ୍ରହୀତା: ମେସର୍ସ ମା ଭବାନୀ କନ୍‌ଫେକ୍ସନେରୀ, ସତ୍ତ୍ୱାଧିକାରୀ: ଶ୍ରୀ ଅଶୋକ କୁମାର ପାତ୍ର,** ଇଡ୍‌କୋ ପ୍ଲଟ ନଂ.-୨୨ ଏବଂ ୨୩, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯, **ଶ୍ରୀ ଅଶୋକ କୁମାର ପାତ୍ର (ସତ୍ତ୍ୱାଧିକାରୀ) ଓ ଶ୍ରୀମତୀ ବିଶ୍ୱ ବନ୍ଦିତା ପାତ୍ର (ଜାମିନ୍‌ଦାର),** ସ୍ୱା-ଶ୍ରୀ ଅଶୋକ କୁମାର ପାତ୍ର, ଉଭୟଙ୍କ ଠିକଣା: ପ୍ଲଟ ନଂ.୫୯୩, ପୂର୍ଣ୍ଣିମା ଗେଟ୍, ଗରାବଡୁ ମଶାଣି ନିକଟ, ଭୁବନେଶ୍ୱର- ୭୫୧୦୦୨, **ସମ୍ପତ୍ତିର ମାଲିକ- ମେସର୍ସ ମା ଭବାନୀ କନ୍‌ଫେକ୍ସନେରୀ, ସତ୍ତ୍ୱାଧିକାରୀ :ଶ୍ରୀ ଅଶୋକ କୁମାର ପାତ୍ର।** | (୧)ମେସର୍ସ ମା ଭବାନୀ **କନ୍‌ଫେକ୍ସନେରୀ** ନାମରେ ଥିବା ଫ୍ୟାକ୍ଟ୍ରି ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଇଡ୍‌କୋ ପ୍ଲଟ ନଂ.-୨୨ ଏବଂ ୨୩, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର- ୭୫୧୦୧୯, ମୌଜା- ଭଗବାନପୁର, ଖାତା ନଂ.-୫୦୩, ରେଭିନ୍ୟୁ ପ୍ଲଟ ନଂ.-୫୪(ପି), ଏରିଆ- ଏକର୦.୩୪୦ ଡିସିମିଲ (୧୦୦ ଫୁଟ X ୧୪୫ ଫୁଟ), ଜିଲ୍ଲା- ଖୋର୍ଦ୍ଧା, ତହସିଲି- ଭୁବନେଶ୍ୱର, ଏସ୍‌ଆରଓ- ଖଣ୍ଡଗିରି, ଚଉହଦି: ଉତର- ରାସ୍ତା, ଦକ୍ଷିଣ- ପ୍ଲଟ ନଂ.-୨୬ ଏବଂ ୨୭, ପୂର୍ବ- ରାସ୍ତା, ପଶ୍ଚିମ- ପ୍ଲଟ ନଂ.୨୧। (୨)ଇଡ୍‌କୋ ପ୍ଲଟ ନଂ.-୨୨ ଏବଂ ୨୩, ଖାତା ନଂ.୫୦୩, ମୌଜା-ଭଗବାନପୁର, ତହସିଲି- ଭୁବନେଶ୍ୱର, ଏସ୍‌ଆରଓ- ଖଣ୍ଡଗିରି, ଜିଲ୍ଲା-ଖୋର୍ଦ୍ଧା, ପିନ୍-୭୫୧୦୧୯ ରେ ସ୍ଥାପିତ ହୋଇଥିବା ପ୍ଲାଣ୍ଟ ଏବଂ ମେସିନାରୀ ଯାହା **ମେସର୍ସ ମା ଭବାନୀ କନ୍‌ଫେକ୍ସନେରୀ** ନାମରେ ଅଛି। | ୨୯.୦୪.୨୦୧୯ | ୦୩.୦୭.୨୦୧୯ | ଟ.୨,୧୩,୧୧,୩୮୮.୩୩ + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |

ସ୍ଥାନ-ଭୁବନେଶ୍ୱର, ତାରିଖ-୦୫.୦୭.୨୦୧୯ — କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ




**ସଂକ୍ଷେପରେ**

## ଋଣ ପ୍ରଦାନ ଧାର୍ଯ୍ୟ ଲକ୍ଷ୍ୟରୁ ବଞ୍ଚିତ ହେଉଛନ୍ତି ବହୁ ଚାଷୀ

ଧର୍ମଶାଳା,୫।୭(ଡି.ଏନ୍.ଏ.)- ଧର୍ମଶାଳା ବ୍ଲକର ୧୩ଟି ସମବାୟ ସମିତି ଜରିଆରେ ଚଳିତ ବର୍ଷ ଜୁନ୍ ଶେଷସୁଦ୍ଧା ଲକ୍ଷ୍ୟଧାର୍ଯ୍ୟଠାରୁ ମାତ୍ର ୩୯ ଭାଗ ଚାଷୀଙ୍କୁ ୪୦ଭାଗ ଅର୍ଥ ଋଣ ପ୍ରଦାନ କରାଯାଇଛି। ଧର୍ମଶାଳା ବ୍ଲକର ୧୩ ସମବାୟ ସମିତିରେ ୧୦ହଜାର ୧୯୦ଜଣ କୃଷକ ନାମ ପଞ୍ଜୀକରଣ କରିଛନ୍ତି। ସେମାନଙ୍କୁ ଗତ ଆର୍ଥିକ ବର୍ଷରେ ୪୩ କୋଟି ୭୫ଲକ୍ଷ ୪୫ହଜାର ଟଙ୍କା ଋଣ ପ୍ରଦାନ କରାଯାଇଥିଲା। ଚଳିତ ବର୍ଷ ୧୩ହଜାର କୃଷକଙ୍କୁ ୪୬ କୋଟି ଟଙ୍କା ଋଣ ପ୍ରଦାନ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ମାତ୍ର ଜୁନ୍ ୩୦ ତାରିଖ ସୁଦ୍ଧା ମାତ୍ର ୪ ହଜାର ୨୯ ଜଣ ପୁରୁଣା ଓ ୫ଜଣ ନୂଆଙ୍କୁ ମିଶାଇ ମୋଟ୍ ୪ ହଜାର ୩୪ଜଣ ଚାଷୀଙ୍କୁ ମାତ୍ର ୧୮କୋଟି ୪୦ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଥିବା କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ପରିଚାଳକ ତ୍ରିଲୋଚନ ପାତ୍ର ସୂଚନା ଦେଇଛନ୍ତି। ଏଥିସହ ଏପ୍ରିଲ୍ ୧ତାରିଖଠାରୁ ଖରିଫ୍ ଋଣ ପ୍ରଦାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ସେପ୍ଟେମ୍ବର ୩୦ ଯାଏ ଚାଲିବ। ଜୁନ୍ ୩୦ତାରିଖ ସୁଦ୍ଧା ମିର୍ଜାପୁର ସମବାୟ ସମିତିରେ ସର୍ବନିମ୍ନ ୩୬ଜଣ କୃଷକଙ୍କୁ ମାତ୍ର ୩୮ ଲକ୍ଷ ୪୦ହଜାର ଟଙ୍କା ଋଣ ଓ ଅରେଇକଣା ସମବାୟ ସମିତି ପକ୍ଷରୁ ସର୍ବାଧିକ ୭୧୦ ଜଣ ଚାଷୀଙ୍କୁ ୨କୋଟି ୨୫ ଲକ୍ଷ୍ୟ ୫୮ ଜହାର ଟଙ୍କା ଋଣ ପ୍ରଦାନ କରାଯାଇଛି। ସରକାର କୃଷକଙ୍କ ପାଇଁ ବିନା ସୁଧରେ ୧ଲକ୍ଷ ଟଙ୍କା କୃଷି ଋଣ ଦେବା ପାଇଁ ଘୋଷଣା କରିଥିବାରୁ ଏ ନେଇ କୃଷକଙ୍କୁ ସମବାୟ ସମତି ଜରିଆରେ ସଚେତନ କରାଯିବ। ଏ ନେଇ ସେପ୍ଟେମ୍ବର ୩୦ତାରିଖ ସୁଦ୍ଧା ଋଣ ପ୍ରଦାନ ପାଇଁ ଲକ୍ଷ ଧାର୍ଯ୍ୟ କରିବାକୁ ସେ ସମବାୟ ସମିତି ସମ୍ପାଦକମାନଙ୍କୁ ନିର୍ଦ୍ଦେଶ ଦେଇଥିବା ପାତ୍ର ସୂଚନା ଦେଇଛନ୍ତି।

## ସଂଗୀତ ଗୁରୁ ମାଗୁଣି ସାହୁଙ୍କ ପରଲୋକ

ଦଶରଥପୁର,୫।୭(ଡିଏନ୍ଏ)- ସଂଗୀତ ଗୁରୁ ମାଗୁଣି ଚରଣ ସାହୁଙ୍କର ଶୁକ୍ରବାର ସକାଳେ ପରଲୋକ ହୋଇଯାଇଛି । ସେ ଦୀର୍ଘଦିନ ହେବ ବାର୍ଦ୍ଧକ୍ୟ ରୋଗରେ ପୀଡିତ ଥିଲେ। ସ୍ୱର୍ଗତ ସାହୁଙ୍କ ଘର ଦଶରଥପୁର ବ୍ଲକ ଜୟନ୍ତରା ପଞ୍ଚାୟତ ଜୁନିଦା ପାଟଣା ଗ୍ରାମରେ। ତାଙ୍କ ବିୟୋଗରେ ସମଗ୍ର ବ୍ଲକରେ ଶୋକର ଛାୟା ଖେଳିଯାଇଛି । ସ୍ୱର୍ଗତ ସାହୁ ଜଣେ ଉଚ୍ଚକୋଟିର ସଂଗୀତଜ୍ଞ ଥିଲେ। ଦଶରଥପୁର କଳା ବିକାଶ କେନ୍ଦ୍ରରେ ଦୀର୍ଘ ବର୍ଷ ଧରି ଛାତ୍ରୀଛାତ୍ରଙ୍କୁ ସଂଗୀତ ଶିକ୍ଷା ଦେଉଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଜିଲା ବିଜେଡି ସଭାପତି ସରୋଜ ମହାପାତ୍ର, ପଞ୍ଚାୟତ ସମିତି ଅଧକ୍ଷ ସୁଜାତା ସାହୁ, ସ୍ଥାନୀୟ ସରପଞ୍ଚ ସୁରେଶ ଦାସ, କାହ୍ନୁଚରଣ ଜେନା, ଦଶରଥପୁର ସରପଞ୍ଚ ଇନ୍ଦ୍ରଜିତ ଦାସ, ସମାଜସେବୀ ଶ୍ୟାମସୁନ୍ଦର କର, ଯୁବନେତା ଦିଲୀପ କୁମାର ସାହୁଙ୍କ ସମେତ ବହୁ ଲୋକ ଶୋକ ପ୍ରକାଶ କରିଛନ୍ତି।

# ସମସ୍ୟା ଘେରରେ ଡିଇଟି ପ୍ରତିଷ୍ଠାନ

- ଶ୍ରେଣୀଗୃହର ଅଭାବ
- ଲାଗି ରହିଛି ପାନୀୟ ଜଳ ସମସ୍ୟା
- ଖାଲି ପଡ଼ିଛି ଶିକ୍ଷକ ପଦବୀ

ଯାଜପୁର ରୋଡ,୫।୭(ନି.ପ୍ର.)



ଯାଜପୁର ଜିଲାର ଏକମାତ୍ର ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡିଆଇଇଟି) ଯାଜପୁରରୋଡ ସହରଠାରୁ ୩ କି.ମି. ଦୂର ବ୍ରାହ୍ମଣୀଦେବୀ-ନଗୁଆଁଠାରେ ଅବସ୍ଥିତ। ୧୯୮୯ ମସିହାରେ ଡୋଲିପୁରଠାରେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ମାନ୍ୟତା ପାଇଥିଲା। ଏବେ ଏହି ପ୍ରତିଷ୍ଠାନରେ ସିଟି, ବିଏଡ୍ ପାଠ୍ୟକ୍ରମ ଶିକ୍ଷା ଦିଆଯାଉଛି। ଏହି ପ୍ରତିଷ୍ଠାନରେ ଶ୍ରେଣୀଗୃହର ଅଭାବ, ପାନୀୟ ଜଳ ସମସ୍ୟା, ଶିକ୍ଷକ ଅଭାବ ଭଳି ମୁଖ୍ୟ ସମସ୍ୟା ଲାଗି ରହିଛି। ଏହା ବ୍ୟତୀତ ଫନୀରେ ଶିକ୍ଷାନୁଷ୍ଠାନ ପାଚେରୀ ଭାଙ୍ଗି ଯାଇଛି। ଫଳରେ ବୁଲା ଗୋରୁ ଗାଈ ଶିକ୍ଷାନୁଷ୍ଠାନରେ ପ୍ରବେଶ କରି ବିଭିନ୍ନ ଗଛ ନଷ୍ଟ କରିଦେଉଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ସିଟିରେ ୩୦୦ ଛାତ୍ରୀଛାତ୍ର ପ୍ରଶିକ୍ଷଣ ନେଉଥିବାବେଳେ ବିଏଡ୍‌ରେ ୨୦୦ଜଣ ଛାତ୍ରୀଛାତ୍ର ପ୍ରଶିକ୍ଷଣ ନେଉଛନ୍ତି। ସେମାନଙ୍କ ରହିବା ପାଇଁ ଆବଶ୍ୟକ ମୁତାବକ ଛାତ୍ରାବାସ ନାହିଁ। କେବଳ ୧୦୦ଜଣ ଛାତ୍ରୀଙ୍କ ପାଇଁ ଛାତ୍ରୀ ନିବାସର ସୁବିଧା ରହିଛି। ଅବଶିଷ୍ଟ ଛାତ୍ରୀଛାତ୍ର ବାହାରେ ଘର ଭଡାନେଇ ରହୁଛନ୍ତି। ଶ୍ରେଣୀଗୃହ ବି ଆବଶ୍ୟକ ମୁତାବକ ନାହିଁ। ଜୁନିୟର ଅଧ୍ୟାପକ ପଦ ୨ଟି, ୮ଟି ବରିଷ୍ଠ ଅଧ୍ୟାପକ, ହିନ୍ଦୀ, ମୁଖ୍ୟ କିରାଣୀ, ଲାଇବେରିଆନ୍, ଟେକ୍ନିସିଆନ୍ ପଦବୀ ଖାଲି ପଡିଛି। ମୁଖ୍ୟତଃ ଜଳ ସମସ୍ୟା ଲାଗି ରହିଛି। ପାଣି ପମ୍ପଟି କାର୍ଯ୍ୟ କରୁ ନ ଥିବାରୁ ପୁରାତନ କୂପରୁ ପାଣି ବ୍ୟବହାର କରାଯାଉଛି। ମାତ୍ର ତାହା ବି ଆବଶ୍ୟକତା ପୂରଣ କରିପାରୁ ନାହିଁ। ପାନୀୟ ଜଳ ଯୋଗାଇବା ପାଇଁ ପ୍ରତିଷ୍ଠାନ ପକ୍ଷରୁ ଯାଜପୁର ଜିଲାପାଳ ଓ କୋରେଇ ବିଡିଓଙ୍କ ନିକଟରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁ ନ ଥିବା କୁହାଯାଉଛି। ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉଦ୍ଦେଶ୍ୟରେ ମେଧାବୀ ଯୁବତୀଯୁବକଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ସେମାନେ ପ୍ରଶିକ୍ଷଣ ନେବା ପରେ ବିଦ୍ୟାଳୟରେ ଶିକ୍ଷାଦାନ କରି ଦେଶର ଭବିଷ୍ୟତ ଗଠନ କରନ୍ତି। କିନ୍ତୁ ଡିଆଇଇଟିରେ ଅଧ୍ୟାପକ ଅଭାବ ଓ ପାନୀୟ ଜଳ ସମସ୍ୟା ବାଧକ ସୃଷ୍ଟି କରୁଛି। ଦୁଇବର୍ଷ ତଳେ ପାନୀୟ ଜଳ ସମସ୍ୟା ସୁଧାରିବାକୁ ଛାତ୍ରୀଛାତ୍ରମାନେ ଧାରଣା ଦେଇଥିଲେ। ତତ୍କାଳୀନ କୋରେଇ ବିଡିଓ ଓ ତତ୍କାଳୀନ ଯାଜପୁର ଉପଜିଲାପାଳ ଘଟଣାସ୍ଥଳକୁ ଯାଇ ସେଠାରେ ଏକ ବୋରିଂ ମାଧ୍ୟମରେ ପାଣି ଯୋଗାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ବୋରିଂ କରାଗଲା, ପାଣି ପମ୍ପ ମଧ୍ୟ ଲାଗିଲା। ହେଲେ ସେଥିରେ ଏବେ ପାଣି ଆସୁନାହିଁ। ଏ ସମ୍ପର୍କରେ କୋରେଇ ବ୍ଲକ ବିଡିଓଙ୍କୁ ବହୁବାର ଅବଗତ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଅଧ୍ୟାପକ ପଦବୀ ପୂରଣ ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଚିଠି ଲେଖାଯାଇଛି। ପାନୀୟ ଜଳ ସମ୍ପର୍କରେ ଜିଲାପାଳ ବିଭାଗୀୟ କର୍ତ୍ତୃପକ୍ଷ ଲୋକ ପ୍ରତିନିଧି ଓ କୋରେଇ ବିଡିଓଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏ ସମ୍ପର୍କରେ କୋରେଇ ବିଡିଓ ଉମାକାନ୍ତ ପରିଡ଼ାଙ୍କୁ ପଚାରିବାରେ, ସେ ଏବେ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବାରୁ ଏ ବିଷୟରେ ଅବଗତ ନାହାନ୍ତି। ଅଭିଯୋଗ ଉପରେ ଅନୁଧ୍ୟାନ କରି ସେ ପଦକ୍ଷେପ ନେବେ ବୋଲି କହିଛନ୍ତି।

# ନାହିଁ ଆବଶ୍ୟକ ଶ୍ରେଣୀଗୃହ, ପାଠପଢା ବାଧାପ୍ରାପ୍ତ

**ଧର୍ମଶାଳା କଲେଜ**

ଧର୍ମଶାଳା,୫।୭(ଡି.ଏନ୍.ଏ.)



ଧର୍ମଶାଳା ମହାବିଦ୍ୟାଳୟ ।

ଧର୍ମଶାଳା ମହାବିଦ୍ୟାଳୟରେ ୨ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ୧୯୭୮ ଅଗଷ୍ଟ ୩୦ ତାରିଖରେ ପ୍ରତିଷ୍ଠିତ ହୋଇଥିବା ଏହି ମହାବିଦ୍ୟାଳୟ ଏବେ ନାକ୍ କମିଟି ପକ୍ଷରୁ ବି ଗ୍ରେଡ୍ ମାନ୍ୟତା ପାଇଛି। ଅଞ୍ଚଳର ପ୍ରମୁଖ କଲେଜ ହୋଇଥିବାରୁ ଏଠାରେ ପ୍ରତିବର୍ଷ ବହୁ ଛାତ୍ରୀଛାତ୍ର ନାମ ଲେଖାଇଥାନ୍ତି। ଶ୍ରେଣୀଗୃହ ଏବଂ ଅନ୍ୟାନ୍ୟ ଆନୁସାଙ୍ଗିକ ଖର୍ଚ୍ଚ ପାଇଁ ୨ ବର୍ଷ ହେବ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ (ରୁଷା) ପକ୍ଷରୁ ଦେଢ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା। ସେଥିମଧ୍ୟରୁ ୭୫ଲକ୍ଷ ଟଙ୍କା ମରାମତି ବାବଦରେ ଖର୍ଚ୍ଚ କରାଯାଇଥିବାବେଳେ ଅବଶିଷ୍ଟ ୭୫ଲକ୍ଷ ଟଙ୍କା ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଜମା ରହିଥିବା ଜଣାପଡିଛି। କିନ୍ତୁ କଲେଜର ମରାମତି କାମ ସାରି ଦେଇ କର୍ତ୍ତୃପକ୍ଷ ବସିଥିବାବେଳ ବର୍ତ୍ତମାନ ପର୍ଯ୍ୟନ୍ତ ଶ୍ରେଣୀ ଗୃହ ନିର୍ମାଣ କରାଯାଇ ପାରି ନାହିଁ। ଫଳରେ ପରୀକ୍ଷା ସମୟରେ ବହୁ ଛାତ୍ରୀଛାତ୍ର କ୍ଲାସରୁ ବଞ୍ଚିତ ହେଉଥିବା କହିଛନ୍ତି।

କଲେଜ ବରିଷ୍ଠ ପ୍ରାଧ୍ୟାପକଙ୍କୁ ଅଧକ୍ଷ ଦାୟିତ୍ୱ ପ୍ରଦାନ କରାଯାଇଥିବାବେଳ ଅର୍ଥନୀତି ବିଭାଗରେ ୨ଜଣ ଅଧ୍ୟାପକ, ଦର୍ଶନଶାସ୍ତ୍ର ବିଭାଗରେ ଜଣେ, ଓଡିଆ ବିଭାଗରେ ୨ଜଣ, ସଂସ୍କୃତ ବିଭାଗରେ ଜଣେ, ରାଜନୀତି ବିଜ୍ଞାନରେ ଜଣେ ଅଧ୍ୟାପକ ଓ ୩ଜଣ କିରାଣୀ ପଦବୀ ଖାଲି ପଡିଛି। ଏ ନେଇ ଅଧକ୍ଷ ଶୁଭ୍ରାଂଶୁ ପଟ୍ଟନାୟକଙ୍କୁ ପଚାରିବାରୁ ଖାଲି ପଡିଥିବା ପଦବୀ ପୂରଣ ଏବଂ ଶ୍ରେଣୀଗୃହ ପାଇଁ ସ୍ଥାନୀୟ ବିଧାୟକ ତଥା ସରକାରୀ ଉପମୁଖ୍ୟ ସଚେତକ ପ୍ରଣବ କୁମାର ବଳବନ୍ତରାୟ ଓ ଶିକ୍ଷା ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଯାଇଥିବା କହିଥିଲେ। ତେବେ ନିକଟରେ ମହାବିଦ୍ୟାଳୟରେ ଯୁକ୍ତ ୩ ବାଣିଜ୍ୟ ବିଭାଗରେ ପ୍ରଥମକରି ୬୪ଟି ସିଟ ଅନର୍ସ ସହ ଖୋଲିଛି। ସେଥି ମଧ୍ୟରୁ ୩୨ଟି ଆକାଉଣ୍ଟିଂ ଓ ୩୨ଟି ମ୍ୟାନେଜମେଣ୍ଟରେ ଅନର୍ସ ସହ ଖୋଲି ଥିବାରୁ ଛାତ୍ରୀଛାତ୍ର ଓ ଅଭିଭାବଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି ହୋଇଛି।

## ଇନରହ୍ୱିଲ କ୍ଲବ ପ୍ରତିଷ୍ଠା ଦିବସ ପାଳିତ

ଯାଜପୁର ଟାଉନ,୫।୭(ଡିଏନଏ)

ଯାଜପୁର ଇନରହ୍ୱିଲ କ୍ଲବର ୨୨ ତମ ପ୍ରତିଷ୍ଠା ଦିବସ ରୋଟାରୀ ଭବନଠାରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଚାର୍ଟର ଚେୟାରମ୍ୟାନ ଗୌରୀପ୍ରିୟା ଦେବୀ, ସମ୍ମାନିତ ଅତିଥି ଭାବେ ସମ୍ପାଦିକା ସୁରୁଚି ପାଣି ଓ ବରିଷ୍ଠ ସଭ୍ୟା ଆଶାଲତା ପତି ଯୋଗଦେଇ ଉକ୍ତ କ୍ଲବ ବିଭିନ୍ନ ଅଞ୍ଚଳରେ ଦୀର୍ଘ ୨୨ବର୍ଷ ହେଲା ବହୁ ସେବାମୂଳକ କାର୍ଯ୍ୟ କରିଆସୁଛି ବୋଲି ବକ୍ତବ୍ୟରେ କହିଥିଲେ। ଏହାସହିତ ରାଜ୍ୟ, ଦେଶ ଓ ବିଶ୍ୱର ବିଭିନ୍ନ ସାଂପ୍ରତିକ ସମସ୍ୟା ନେଇ କ୍ଲବ ପକ୍ଷରୁ ନିୟମିତ ଆଲୋଚନା ପର୍ଯ୍ୟାଲୋଚନା ଇତ୍ୟାଦି କରାଯାଇଥାଏ ବୋଲି ସଭା ପରିଚାଳନା କରୁଥିବା କ୍ଲବ ସଭାପତି ପ୍ରେମଲତା ପଣ୍ଡା ସୂଚନା ଦେଇଥିଲେ। ଏ ସମସ୍ତ କାର୍ଯ୍ୟକ୍ରମରେ ଚାର୍ଟର କର୍ମକର୍ତ୍ତାଙ୍କଠାରୁ ଆରମ୍ଭ କରି ସମସ୍ତ ସଭ୍ୟାମାନେ ସହଯୋଗ କରିଆସୁଥିବା ଏବଂ ରୋଟାରୀ କ୍ଲବ କର୍ମକର୍ତ୍ତା ଏ ଦିଗରେ ଉତ୍ସାହ ଯୋଗାଉଥିବା ସମ୍ପାଦିକା ଚିତ୍ରଲେଖା ନାୟକ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଭ୍ୟା ତିଳୋତ୍ତମା ଦାସ, ପ୍ରତିମା ସାହୁ, ସ୍ୱୟଂପ୍ରଭା ପଣ୍ଡା, ସ୍ମିତା ପଟ୍ଟନାୟକ, ରଶ୍ମିତା ଶତପଥି, କଳ୍ପନା ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖାଇଲା ବେଳକୁ ସାତପୁଅ ମା**
**ହୁଳହୁଳି ଦେଲା ବେଳକୁ ଜିଭରେ ଘାଆ ।**

ଖାଇବାକୁ ଆଗୁସାର ଅଥଚ କାମ କରିବାକୁ ବିମୁଖ। ଅନ୍ୟ ଅର୍ଥରେ ନିଜର କାର୍ଯ୍ୟ ସାଧନ ପାଇଁ ଯେତେ ବ୍ୟସ୍ତତା ପ୍ରକାଶ ପାଏ, ଅନ୍ୟକୁ ସାହାଯ୍ୟ କରିବାକୁ ସେତେଟା ବ୍ୟଗ୍ରତା ପରିଲକ୍ଷିତ ହେଉ ନ ଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଖଟତଳେ ଗଲା ବିଛା**
**ଯେଉଁ ଦିନୁ ଧନ ବିଦେଶ ଗଲେଣି**
**ପଲଙ୍କ ପଡ଼ିଛି ତୁଚ୍ଛା ।**

ପ୍ରତୀକ୍ଷା ସାଧାରଣତଃ ଯନ୍ତ୍ରଣାଦାୟକ ହୋଇଥାଏ। ସ୍ୱାମୀ ସହ ସୁଖରେ ଘର ସଂସାର କରିବାକୁ ମନସ୍ଥ କରିଥିବା ନାରୀ ଏଥିରୁ ବଞ୍ଚିତ ହେଲେ ସବୁ ସୋହାଗ ସରାଗ ତା'ର ମରିଯାଇଥାଏ। ସ୍ୱାମୀ ବିନା ସବୁ ଖୁସି ତୁଚ୍ଛ ଲାଗିଥାଏ। ଚିରପ୍ରବାସୀ ସ୍ୱାମୀ ପାଇଁ ଦୀର୍ଘ ପ୍ରତୀକ୍ଷାରତ ରମଣୀ ବିରହଜନିତ ଦୁଃଖରେ ଭାଙ୍ଗିପଡ଼ିବା ସ୍ୱାଭାବିକ ହୋଇଥିବା ସ୍ଥଳେ ତା'ର ବ୍ୟଥିତ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ଅଷ୍ଟମଙ୍ଗଳା ଦିନ ପ୍ରେମିକ ସହ ନବବଧୂ ଫେରାର

ଦଶରଥପୁର,୫।୭(ଡିଏନ୍ଏ)

୮ଦିନ ତଳେ ହୋଇଥିଲା ବିବାହ। ଅଷ୍ଟମଙ୍ଗଳା ଦିନ ବର କନ୍ୟା ଲେଉଟାଣି ଆସିଥିବାବେଳେ ନବ ବିବାହିତ କନ୍ୟା ତାଙ୍କ ପ୍ରେମିକ ସହ ଫେରାର ହୋଇଯାଇଥିଲେ। ଫଳରେ ବର ସ୍ତ୍ରୀଙ୍କ ସାନ ଭଉଣୀଙ୍କୁ ବିବାହ କରିଥିବା ଜଣାପଡ଼ିଛି। ସୂଚନା ଯେ, ଦଶରଥପୁର ବ୍ଲକ କନିକାପଡ଼ା ପଞ୍ଚାୟତର ଜଣେ ଯୁବତୀଙ୍କର ଭଦ୍ରକ ଜିଲା ତିହିଡି ଅଞ୍ଚଳର ଜଣେ ଯୁବକଙ୍କ ସହ ବୈଦିକ ରୀତିରେ ବିବାହ ହୋଇଥିଲା। ଗୁରବାର ନବବିବାହିତା ଯୁବତୀ ସ୍ୱାମୀଙ୍କ ସହ ବାପଘରକୁ ଲେଉଟାଣୀ ଆସିଥିବାବେଳେ ସ୍ୱାମୀଙ୍କୁ ଗାଁ ବୁଲିବାକୁ ଯାଉଛି ବୋଲି କହି ବାହାରକୁ ଯାଇଥିଲେ। ତେବେ ସନ୍ଧ୍ୟା ହେବା ପର୍ଯ୍ୟନ୍ତ ସ୍ତ୍ରୀ ଘରକୁ ନ ଫେରିବାରୁ ସେ ତାଙ୍କ ପ୍ରେମିକ ସହ ଫେରାର ହୋଇଥିବା ଜାଣିବାକୁ ପାଇଥିଲେ। ଏହାପରେ ଜ୍ୱାଇଁ ତାଙ୍କ ଶାଳୀଙ୍କୁ ଗ୍ରାମ ନିକଟସ୍ଥ ଏକ ମନ୍ଦିରରେ ବିବାହ କରିଥିବା ଜଣାପଡ଼ିଛି । ତେବେ ଏହି ଘଟଣାକୁ ନେଇ ଦଶରଥପୁର ବ୍ଲକ ଅଞ୍ଚଳରେ ବେଶ ଚର୍ଚ୍ଚା ଚାଲିଛି । ଅନ୍ୟପକ୍ଷରେ ନବବଧୂଙ୍କ ପ୍ରେମିକ ଏକ ଗାଡି ଶୋରୁମ୍‌ର ମାଲିକ ସହିତ ଜଣେ ସରକାରୀ ଚାକିରିଆ ମଧ୍ୟ। ତେବେ ତାଙ୍କର ସ୍ତ୍ରୀ ଓ ପିଲା ଥିବା ଜଣାପଡ଼ିଛି।

**ଶାଳୀଙ୍କୁ ବିବାହ କଲେ ଭିଣୋଇ**

- ଦାନଗଦୀ ପ୍ରାଣୀ ଚିକିତ୍ସାକେନ୍ଦ୍ର

## ବିଳମ୍ବରେ ଡାକ୍ତର ଆସୁଥିବା ଅଭିଯୋଗ

କଳିଙ୍ଗନଗର,୫।୭(ଡି.ଏନ୍.ଏ.)

ଦାନଗଦୀ ବ୍ଲକ ତ୍ରିଜଙ୍ଗା ଗ୍ରାମରେ ଥିବା ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଅବ୍ୟବସ୍ଥା ଦେଖାଦେଇଛି। କର୍ମଚାରୀଙ୍କଠାରୁ ଆରମ୍ଭ କରି ପ୍ରାଣୀ ଡାକ୍ତର ଚିକିତ୍ସାକେନ୍ଦ୍ରଙ୍କୁ ମନଇଚ୍ଛା ଆସୁଛନ୍ତି। ଦିନ ୧୧ଟା ପରେ ମଧ୍ୟ ଚିକିତ୍ସାଳରେ ତାଲା ଝୁଲୁଛି। ଏ ନେଇ ଗୁରୁବାର ସେଠାରେ ଚାପା ଉତ୍ତେଜନା ଦେଖାଦେଇଥିଲା। ସ୍ଥାନୀୟ ଗ୍ରାମବାସୀ ଚିକିତ୍ସାକେନ୍ଦ୍ରରେ ଅବ୍ୟବସ୍ଥାକୁ ନେଇ ଡାକ୍ତର ଓ କର୍ମଚାରୀଙ୍କୁ ଘେରିଥିଲେ। ନିୟମିତଭାବେ ପ୍ରାଣୀ ଚିକିତ୍ସା ଠିକ୍‌ଭାବରେ କରାଯିବା ନେଇ ଡାକ୍ତର ପ୍ରତିଶ୍ରୁତି ଦେବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ପ୍ରକାଶ ଯେ, ତ୍ରିଜଙ୍ଗା ଗ୍ରାମର ପ୍ରଶାନ୍ତ କୁମାର ଧୀର ସକାଳ ୯ଟା ପାଖାପାଖି ସମୟରେ ଗୋରୁକୁ ଚିକିତ୍ସାକେନ୍ଦ୍ରକୁ ନେଇ ଆସିଥିଲେ। ହେଲେ ଚିକିତ୍ସାଳୟରେ ତାଲା ପଡିଥିବାଦେଖି ଦାୟିତ୍ୱରେ ଥିବା ଡାକ୍ତରଙ୍କ ସହ ଯୋଗାଯୋଗ କରିଥିଲେ। କିନ୍ତୁ ସମ୍ପୃକ୍ତ ଡାକ୍ତର ଜଣଙ୍କ ବାହାରେ ଥିବାରୁ ଆସିବାରେ ବିଳମ୍ବ ହେବ ବୋଲି କହିଥିଲେ। ଏହିପରି ଅନ୍ୟ କର୍ମଚାରୀଙ୍କୁ ଯୋଗାଯୋଗ କରିବାରୁ ସେମାନେ ମଧ୍ୟ ଆସିବାରେ ବିଳମ୍ବ ହେବ ବୋଲି କହିଥିଲେ। ଏହି ଘଟଣା ଜାଣିବା ପରେ ସ୍ଥାନୀୟ ଲୋକେ ଏକତ୍ରିତ ହୋଇ ହୋହଲ୍ଲା କରିଥିଲେ। ଦିନ ୧୧ଟା ପରେ ଡାକ୍ତର ଓ କର୍ମଚାରୀ ପହଞ୍ଚି ପ୍ରଶାନ୍ତଙ୍କ ଗୋରୁର ଚିକିତ୍ସା କରିଥିଲେ। ତେବେ ପଶୁ ଚିକିତ୍ସାଳୟରେ ଜଣେ ବଦଳରେ ଦୁଇ ଜଣ ଡାକ୍ତର ନିଯୁକ୍ତି ପାଇଁ ଦାବି ହୋଇଛି।

CLASSIFIED DISPLAY

ALL EDITION - B/W (Everyday)

MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Bhartiya Infotech Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 70 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। ମାସିକ 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
9078842412

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ କଂପାନୀ ଜିଣ୍ଡଲ୍ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 50,000/- ଟଙ୍କା ପାଆନ୍ତୁ । ୧ ଚାକିରି + ବାଇକ୍ ୨୦ ବର୍ଷର କୋର୍ଟ ଅଗ୍ରୀମେଣ୍ଟ ।
Plot No - 14/271, Devaraja Mohalla, Bangalore, Karnataka 570001
8929313996
7042350747

FINANCE

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74



DHARITRI Career appointment Every Wednesday and Saturday

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି ।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :- 201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

DHANLAXMI FINANCE COMPANY
ଏବେ କରିବ ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ 50,000-୨୫ ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର କାର୍ଡ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ।
1% ସୁଧ, 40% ରିହାତି
(ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
HELPLINE
09485832476
PETUMALI, JHARMUNDA, PETUPALI, BARGARH, ODISHA - 768034

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଯାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

See Color Display Classified on every Tuesday & Friday

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୬ ଜୁଲାଇ, ୨୦୧୯



ପ୍ରତ୍ୟେକ ମହତ୍ କାର୍ଯ୍ୟ ପ୍ରଥମେ ଅସମ୍ଭବ ବୋଲି ଜଣାପଡ଼େ।
- ବ୍ୟାସକବି ଫକୀରମୋହନ ସେନାପତି



## ଆଜି କ'ଣ କେଉଁଠି

- ସଦର ମହକୁମାରେ ଜିଲା ମାଜିଷ୍ଟ୍ରେଟଙ୍କ ମାମଲା ଶୁଣାଣି। ସ୍ଥାନ- ଜିଲାପାଳଙ୍କ କାର୍ଯ୍ୟାଳୟ। ସମୟ-ପୂର୍ବାହ୍ନ ୧୧ଟା।
- କଳିଙ୍ଗନଗର ଉନ୍ନୟନ କର୍ତ୍ତୃପକ୍ଷର ସୌଧ ନିର୍ମାଣ ଯୋଜନା କମିଟି ବୈଠକ। ସ୍ଥାନ-କଳିଙ୍ଗନଗର ଉନ୍ନୟନ କର୍ତ୍ତୃପକ୍ଷ କାର୍ଯ୍ୟାଳୟ, ଯାଜପୁରରୋଡ। ସମୟ-ଅପରାହ୍ନ ୪ଟା।

## ଗ୍ରାମ୍ୟ ନିର୍ମାଣ ବିଭାଗ-୨, ଜାରକା

# ଅଧାରେ ଅଟକିଛି ୧୦୦ କୋଟି ଟଙ୍କାର ପ୍ରକଳ୍ପ

- ସମସ୍ୟା ଭୋଗୁଛନ୍ତି ସାଧାରଣ ଜନତା
- ୭ଟି ବିଜୁସେତୁ, ୭ଟି ଏମ୍‌ଏମ୍‌ଏସ୍‌ୱାଇ, ୨ଟି ନାବାର୍ଡ ଅସମ୍ପୂର୍ଣ୍ଣ
- ଅଗ୍ରଗତି ତୁଳନାରେ ହୋଇଛି ଖର୍ଚ୍ଚ ଅଧିକ

**ଯାଜପୁର ଅଫିସ,୫।୭**

ଯାଜପୁର ଜିଲାରେ ୧୩୩ଟି ଗ୍ରାମକୁ ସଡ଼କ ସଂଯୋଗ ନାହିଁ। ଚଳିତ ବିଧାନସଭାରେ କେନ୍ଦୁଝର ବିଧାୟକ ମୋହନଚରଣ ମାଝୀଙ୍କ ଦ୍ୱାରା ଉତ୍ଥାପିତ ଏକ ପ୍ରଶ୍ନର ଉତ୍ତରରେ ଏହା ସ୍ପଷ୍ଟ ହୋଇଛି। ଗ୍ରାମ୍ୟ ନିର୍ମାଣ ବିଭାଗ କାର୍ଯ୍ୟ ଦକ୍ଷତା କିଭଳି ଏଥିରୁ ସ୍ପଷ୍ଟ ଜଣାପଡୁଛି। ଏବେ ଅନ୍ୟ ଏକ ତଥ୍ୟ ରାସ୍ତା ନିର୍ମାଣ ଉପରେ ବିଭାଗ କେତେ ଯତ୍ନଶୀଳ ତାହା ଜଳଜଳ ହୋଇ ଦିଶୁଛି। ମିଳିଥିବା ତଥ୍ୟ ଅନୁଯାୟୀ ୨୦୧୩ ମସିହାରୁ ଏଯାଏ ୧୦୦ କୋଟି ୨୮ଲକ୍ଷ ୯୯ହଜାର ଟଙ୍କାର ମଞ୍ଜୁରପ୍ରାପ୍ତ ୨୪ଟି ପ୍ରକଳ୍ପ ଅଧପନ୍ତରିଆ ଅବସ୍ଥାରେ ପଡ଼ି ରହିଛି। ଫଳରେ ଗମନାଗମନ ସୁଦୃଢ ହୋଇ ପାରୁ ନ ଥିବାରୁ ସମ୍ପୃକ୍ତ ଅଞ୍ଚଳର ବିକାଶ ପରାହତ ହେଉଛି। ଏହାକୁ ନେଇ ଦୁର୍ବଳ ନେତୃତ୍ୱ ତଥା ଠିକାଦାରି ରାଜନୀତି ବିକାଶର ଧାରାକୁ ପଛକୁ ପକାଇ ଦେଇଥିବା ସାଧାରଣରେ ଆଲୋଚନା ହେଉଛି।

ଗତ ୬ ବର୍ଷ ମଧ୍ୟରେ ଗ୍ରାମ୍ୟ ନିର୍ମାଣ ଡିଭିଜନ-୨ ଜାରକା ଅଧୀନରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା(ପିଏମ୍‌ଜିଏସ୍‌ୱାଇ), ମୁଖ୍ୟମନ୍ତ୍ରୀ ସଡକ ଯୋଜନା(ଏମ୍‌ଏମ୍‌ଏସ୍‌ୱାଇ), ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ ପାଣ୍ଠି (ଆର୍‌ଆଇଡିଏଫ), ବିଜୁ ସେତୁ ଯୋଜନା, ନାବାର୍ଡ ବ୍ରିଜ, ନାବାର୍ଡ ରୋଡ ପ୍ରଭୃତି ଯୋଜନାରେ ପୋଲ ଓ ରାସ୍ତା ନିର୍ମାଣ ହୋଇଛି। ତେବେ ୨୦୧୩ରୁ ବିଜୁ ସେତୁ ଯୋଜନାରେ ୭ଟି ପ୍ରକଳ୍ପ ଅଧପନ୍ତରିଆ ଅବସ୍ଥାରେ ରହିଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ ପାରି ନ ଥିବାରୁ ସରକାରଙ୍କ ରାଜସ୍ୱ କ୍ଷତି ହେବା ସହିତ ସାଧାରଣ ଲୋକଙ୍କ ସମସ୍ୟା ବଢ଼ିଛି। ଏଥିରେ ୧୬୨.୯ଲକ୍ଷ ଟଙ୍କାର କଣ୍ଟିଗଡିଆ ଭାୟା ସିଦ୍ଧିପୁର ରାସ୍ତାରେ କାଏଁବିଲା ନାଳା ଉପରେ ବିଜୁ ସେତୁ, ୬୧୮.୫୯ ଲକ୍ଷ ଟଙ୍କାର ସାନଗେଙ୍ଗୁଟି ନଦୀ ଉପରେ ସୁକଦେଇପୁର ସେତୁ, ୪୨୧.୬୬ ଲକ୍ଷ ଟଙ୍କାର କୁଆଁରିଆ ନଦୀ ଉପରେ ରାହାଡପୁର-କମ୍ପାଲୁ ସେତୁ, ୧୧୭.୮୧ ଲକ୍ଷ ଟଙ୍କାର ରାହାସୋଲା ନାଳା ଉପରେ ନୂଆସୁଗୁଡ଼ା ସେତୁ, ୧୭୭୪.୮୮ ଲକ୍ଷ ଟଙ୍କାର କେଲୁଅ ନଦୀ ଉପରେ ଅରାବଳ-ରାମ୍ପାପୁର ହାଏଲେଭଲ ବ୍ରିଜ, ସଗଡିଆ ନାଳା ଉପରେ ୧୭୧.୯୭ ଲକ୍ଷ ଟଙ୍କାର ନରସିଂହପୁର-ପିପଲଡିହ ବ୍ରିଜ, ୩୧୧.୬୨ ଲକ୍ଷ ଟଙ୍କା ମୂଲ୍ୟର କୁଆଁରିଆ ନାଳା ଉପରେ ଚମ୍ପାପୁର-କୋହ୍ଲ ବ୍ରିଜ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ତେବେ ଇତିମଧ୍ୟରେ ସୁକଦେଇପୁର ଓ କୋହ୍ଲ ବ୍ରିଜ ପାଇଁ ରିଭାଇଜ କରାଯାଇଛି। ସେହିପରି ନାବାର୍ଡ ଅନୁଦାନରେ ୧୩୭୫.୩୧ ଲକ୍ଷ ଟଙ୍କାର ବିରୁପା ନଦୀ ଉପରେ ବାହୁଜଙ୍ଗ ବ୍ରିଜ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ନାବାର୍ଡ ଅନୁଦାନରେ ୨୪୨.୯୮ ଲକ୍ଷ ଟଙ୍କାର କଣ୍ଟାପଡ଼ା-ବଳରାମପୁର ରାସ୍ତା ମାତ୍ର ୨୫ପ୍ରତିଶତ ସମ୍ପୂର୍ଣ୍ଣ ହୋଇ ପାରିଛି। ଏହି ରାସ୍ତା ଉପରେ ମଞ୍ଜୁର ଅର୍ଥରୁ ଅଧାରୁ ଅଧିକ ଖର୍ଚ୍ଚ ହୋଇସାରିଛି। ସେହିପରି ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୭ଟି ପ୍ରକଳ୍ପ ଅଧାରେ ଅଟକିଛି। ଏଥିରେ ନୂଆପାଟଣା-ହମଜପୁର ୫ ପ୍ରତିଶତ, ନାକପୋଷି-ଅକରାବାଦ ରାସ୍ତା ୨୮ ପ୍ରତିଶତ, ସଞ୍ଜୟନଗର-ଶାସନ ରାସ୍ତା ଶୂନ ପ୍ରତିଶତ, ଭୁଲୁକା ପଦ୍ମାଳୟ ହାଇସ୍କୁଲରୁ କୃଷ୍ଣପୁର ଶାସନ ହାଇସ୍କୁଲ ରାସ୍ତା ୫ ପତିଶତ, କୁମ୍ଭେଇ-ଉପୁଲା ରାସ୍ତା ୧୦ପ୍ରତିଶତ, ପୁରୁଷୋତ୍ତମପୁର-ମଙ୍ଗରାଜପୁର ରାସ୍ତା ୨୮ ପ୍ରତିଶତ ଓ ଆରଡି ରୋଡରୁ ରାହାଦେଇପୁର ରାସ୍ତା ୨୭ପ୍ରତିଶତ ସମ୍ପୂର୍ଣ୍ଣ ହୋଇପାରିଛି। ଏଭଳି ୨୪ଟି ରାସ୍ତାରେ ପ୍ରାୟ ୬୦ ପ୍ରତିଶତ ଖର୍ଚ୍ଚ ହୋଇ ସାରିଛି ହେଲେ ରାସ୍ତା କେବେ ସରିବ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଲୋକଙ୍କ ଭରସା ତୁଳନାରେ ନିର୍ବାଚିତ ଲୋକପ୍ରତିନିଧିମାନେ ଗମନାଗମନ ସମେତ ଅନ୍ୟାନ୍ୟ ବିକାଶ କ୍ଷେତ୍ରରେ ସେତେଟା ଉନ୍ନତି କରିବାରେ ବିଫଳ ହୋଇଛନ୍ତି। ଫଳରେ ଗତ ସାଧାରଣ ନିର୍ବାଚନରେ ଜିଲାରେ ଶାସକ ଦଳର ଭୋଟହାର ହ୍ରାସ ପାଇଥିବା ସହ ଭାଜପାର ଭୋଟହାର ବହୁ ମାତ୍ରାରେ ବୃଦ୍ଧି ହୋଇଛି। ଏ ସଂକ୍ରାନ୍ତରେ ଗ୍ରାମ୍ୟ ନିର୍ମାଣ ବିଭାଗ-୨ ଜାରକାର ନିର୍ବାହୀ ଯନ୍ତ୍ରୀ ସବିଶେଷ ତଥ୍ୟ ସହ ଆବଶ୍ୟକ ପଦକ୍ଷେପ ପାଇଁ ଇଞ୍ଜିନିୟର-ଇନ୍-ଚିଫଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ବୋଲି ଦର୍ଶାଇଛନ୍ତି।

## ଦୁର୍ଘଟଣାରେ ୩ ଗୁରୁତର

**ଛଡିଆ,୫।୭(ଡି.ଏନ୍.ଏ.)**

ବୈରୀ ଥାନା ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥର ନେଳିଆ ନିକଟ ଏକ ପେଟ୍ରୋଲ୍ ପମ୍ପ ସମ୍ମୁଖରେ ଗୁରୁବାର ବିଳମ୍ବିତ ରାତିରେ ୨ ମୋଟରସାଇକେଲ ମଧ୍ୟରେ ଧକ୍କା ହୋଇ ୩ ଗୁରୁତର ହୋଇଛନ୍ତି। ଖବରପାଇ ଛଡିଆ ବିଟ ହାଉସ୍ ଅଧିକାରୀ ଜଗଦୀଶ କର, ସନ୍ତୋଷ ବେହେରା ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଯାଇଛି। ଘଟଣାରୁ ପ୍ରକାଶ ଯେ, ୨ ଜଣ ଯୁବକ ମୋଟରସାଇକେଲ (ନଂ.୦୧ଡି-୪୫୯୯) ଯୋଗେ କଟକରୁ ବାଲେଶ୍ୱର ଅଭିମୁଖେ ଯାଉଥିଲେ। ସେହି ସମୟରେ ସ୍ଥାନୀୟ ବିଦ୍ୟାଧରପୁର ଗ୍ରାମର ଅଜୟ ପାତ୍ର ବାଇକ୍ ଯୋଗେ ନିକଟସ୍ଥ ତେଲଟାଙ୍କିକୁ ତେଲ ପକେଇବାକୁ ଯାଉଥିଲେ। ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ରାଜପଥ ଉପରେ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରିଛି। ଗୁରୁତର ୩ ଜଣଙ୍କ ମଧ୍ୟରୁ ୨ ଜଣଙ୍କ ପରିଚୟ ମିଳିପାରିନାହିଁ

## ସାର ଦୋକାନରୁ ଚୋରି

**ରସୁଲପୁର,୫।୭(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ନଠୁଆବର ଛକରେ ଥିବା ଏକ ସାର ଦୋକାନରୁ ଦୁର୍ବୃତ୍ତମାନେ ଗୁରୁବାର ରାତିରେ ୧୨ ବସ୍ତା ଡିଏପି ସାର ଚୋରି ହୋଇଛି। ଏ ନେଇ ଦୋକାନ ମାଲିକ ଦୁର୍ଯ୍ୟୋଧନ ପଣ୍ଡା ଶୁକ୍ରବାର କୁଆଖିଆ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଆରମ୍ଭ କରିଛି। ପୋଲିସ ଦୋକାନର ବିଭିନ୍ନ କାଗଜପତ୍ର ଯାଞ୍ଚ କରୁଛି। ଅଭିଯୋଗର ସତ୍ୟାସତ୍ୟ ଜଣାପଡ଼ିବା ପରେ ମାମଲା ରୁଜୁ ହେବ ବୋଲି ଥାନାଧିକାରୀ ମନୋଜ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି। ମାତ୍ର ରାତିରେ ଉକ୍ତ ଅଞ୍ଚଳରେ ପାଟ୍ରୋଲିଂ ଗାଡ଼ି ବୁଲିବା ସହ ବର୍ଷା ବି ହେଉଥିଲା। ତେବେ ବର୍ଷାରେ କିପରି ସାର ଚୋରି ହେଲା, ସେ ନେଇ ପୋଲିସ ମନରେ ସନ୍ଦେହଜାତ ହେଉଛି।

## କଟକ ବନଖଣ୍ଡ ପକ୍ଷରୁ ବନ ମହୋତ୍ସବ

**ଛଡିଆ,୫।୭(ଡି.ଏନ୍.ଏ.):** କଟକ ବନଖଣ୍ଡ ପକ୍ଷରୁ ସୋଲରସ୍ଥିତ ପୋଲିସ ପ୍ରତିଷ୍ଠାନ ବୈରୀଠାରେ ଜିଲାସ୍ତରୀୟ ବନ ମହୋତ୍ସବ ପାଳିତ ହୋଇଯାଇଛି। ପୋଲିସ ପ୍ରତିଷ୍ଠାନ ଡେପୁଟି କମାଣ୍ଡର ପ୍ରକାଶ ତ୍ରିପାଠୀ ସଭାପତିତ୍ୱ କରିଥିଲେ। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଗଛ ଲଗାଇବା ସହିତ ତା'ର ଯତ୍ନ ନେବାକୁ କହିଥିଲେ। କଟକ ବନଖଣ୍ଡ ଅଧିକାରୀ ଏସ୍.କେ. ରହମନ୍ ବୃକ୍ଷକୁ ପୃଥିବୀର ଶିତଳୀକରଣ ଯନ୍ତ୍ରଭାବେ ଅଭିହିତ କରି ଏହା ଜଳ ସଂରକ୍ଷଣ, ବୃଷ୍ଟିପାତ ଓ ଅମ୍ଳଜାନ ସୃଷ୍ଟିରେ ସହାୟକ ହେଉଛି ବୋଲି ମତ ଦେଇଥିଲେ। କଟକ ବନଖଣ୍ଡ ପକ୍ଷରୁ ଜନସାଧାରଣଙ୍କ ପାଇଁ ୫ ଲକ୍ଷ ଚାରା ବଣ୍ଟନ କରାଯିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଡ଼ଚଣା ବ୍ଲକ ଅଧକ୍ଷ ଭାଗ୍ୟଧର ମଲ୍ଲିକ, ପ୍ରହ୍ଲାଦ ନନ୍ଦ, ଅରବିନ୍ଦ ସାମଲ, ବିନୋଦିନୀ ସାହୁ, ଆମ୍ବାର ଅଧକ୍ଷ ସଚ୍ଚିଦାନନ୍ଦ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ପୋଲିସ ପ୍ରତିଷ୍ଠାନ ଶିବିରରେ ତାଲିମ ନେଉଥିବା ଆଶୁତୋଷ ତ୍ରିପାଠୀ, ଲକ୍ଷ୍ମଣ ପ୍ରସାଦ ମହାପାତ୍ର, ବିପ୍ର ପ୍ରସାଦ ନାଥ ପ୍ରମୁଖ ଗଛର ଉପକାରିତା, ସଂରକ୍ଷଣ ବିଷୟରେ ବକ୍ତବ୍ୟ ରଖିଥିଲେ। ବୃକ୍ଷରୋପଣ କରୁଥିବା ଅନିରୁଦ୍ଧ ରାଉତ, ୱାସିମ୍ ରିଆଦ୍ ଖାନ୍, ସୁରଜିତ୍ ମିଶ୍ର ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ବନସଂରକ୍ଷକ ଶରତ ସାହୁ ସ୍ୱାଗତ ଭାଷଣ ଦେଇଥିବାବେଳେ ସହକାରୀ ବନସଂରକ୍ଷକ ମନୋରଞ୍ଜନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ପ୍ରତ୍ୟେକ ପରୀକ୍ଷାର୍ଥୀ ତାଲିମ ନେବା ସହ ଗୋଟିଏ ଲେଖାଏ ଗଛ ଲଗାଇବାକୁ ବନପାଳ ଶଶିକାନ୍ତ ବେହେରା, ସୁଶାନ୍ତ ବେହେରା, ପୀତବାସ ମହାପାତ୍ର ପ୍ରମୁଖ ପରାମର୍ଶ ଦେଇଥିଲେ। ତାଲିମ ଶିବିର ପରିସରରେ ୬୦୦ ବଉଳ ଚାରାରୋପଣ କରାଯାଇଥିଲା।

# ଗୁଣ୍ଡିଚା ପର ଦିନ ହେଲା ଘୋଷଯାତ୍ରା



ତିନିଠାକୁର ରଥାରୂଢ଼ ହୋଇ ମାଉସୀମା' ମନ୍ଦିର ଅଭିମୁଖେ ଯାଉଛନ୍ତି।

**ଯାଜପୁର ଟାଉନ,୫।୭(ଡିଏନଏ)**

ଯାଜପୁରଟାଉନ ବୈତରଣୀ ନଦୀର ଦଶାଶ୍ୱମେଧ ଘାଟଠାରେ ଥିବା ବହୁ ପ୍ରାଚୀନ ଜଗନ୍ନାଥ ମନ୍ଦିର ପକ୍ଷରୁ ପରମ୍ପରା ଅନୁଯାୟୀ ଶୁକ୍ରବାର ଘୋଷଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶ୍ରୀଗୁଣ୍ଡିଚା ଦିନ ପହଣ୍ଡି କରାଯାଇ ତିନି ଠାକୁରଙ୍କୁ ରଥାରୁଢ କରାଯାଇଥିଲା। ତଦାନୁଯାୟୀ ମହନ୍ତ ପ୍ରଶାନ୍ତ କୁମାର ଦାଶ ଗୁରୁବାର ଛେରା ପହଁରା କରିଥିଲେ। ରଥାରୁଢ ତିନି ଠାକୁରଙ୍କୁ ଦର୍ଶନ କରିବା ପାଇଁ ପ୍ରବଳ ଜନଗହଳି ପରିଲକ୍ଷିତ ହୋଇଥିଲା। ମନ୍ଦିର ଟ୍ରଷ୍ଟି ତହସିଲଦାର ଅନୁପ କୁମାର ମେହେର ଏବଂ ପ୍ରାକ୍ତନ ପୌରାଧ୍ୟକ୍ଷ ଭବ ପ୍ରସାଦ ଦାସ ପ୍ରମୁଖଙ୍କ ଉପସ୍ଥିତିରେ ଶୁକ୍ରବାର ରଥ ଟଣା ହୋଇଛି। ଅନନ୍ୟା ସାହିତ୍ୟ ସଂସଦ ପକ୍ଷରୁ ଶ୍ରୀଗୁଣ୍ଡିଚା ଓ ଏହାର ପରଦିନ ଅନୁଷ୍ଠିତ ରଥଟଣା କାର୍ଯ୍ୟକ୍ରମର ଧାରା ବିବରଣୀ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଶ୍ୟାମାଶ୍ୟାମ ଧାମର ଶ୍ରଦ୍ଧାଳୁ, ବୈଦ୍ୟରାଜପୁର ଘଣ୍ଟବାଦ୍ୟ ସଂଘ, ବିଭିନ୍ନ କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ଏକ ଆଧାତ୍ମିକ ପରିବେଶ ସୃଷ୍ଟି କରିଥିଲେ। ଜଗନ୍ନାଥ ଚେତନା ସଂଘ ପକ୍ଷରୁ ବରିଷ୍ଠ ସାମାଜିକ କର୍ମୀ ସନ୍ତୋଷ କୁମାର ମଲ୍ଲିକଙ୍କ ନେତୃତ୍ୱରେ ସଂଗୀତ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନେକ ପ୍ରତିଷ୍ଠିତ ଗାୟକ ରଥଦାଣ୍ଡରେ ଭଜନ ପରିବେଷଣ କରିଥିଲେ। ରଥଟଣା କାର୍ଯ୍ୟକୁ ଟ୍ରଷ୍ଟି ସଦସ୍ୟଙ୍କ ସମେତ ଅନନ୍ୟା କର୍ମକର୍ତ୍ତା, ବଡବଜାର ପୂଜା କମିଟି, ହରପାର୍ବତୀ ଛକ ପୂଜା କମିଟି ଏବଂ ସଦାବ୍ରତ ମଠ ପୂଜା କମିଟିଗୁଡିକ ପରିଚାଳନାରେ ସହଯୋଗ କରିଥିଲେ। ପୂଜକ ବାସୁଦେବ ପାଣି, ଜଗନ୍ନାଥ ପାଣି, ଅନନ୍ତ ବାସୁଦେବ ପାଣି, ପାଗଳା ପାଣି ପ୍ରମୁଖ ପୂଜକମାନେ ପୂଜା କାର୍ଯ୍ୟକୁ ସଞ୍ଚାଳନ କରିଥିଲେ। ଥାନାଧିକାରୀ ଆଶିଷ କୁମାର ସାହୁଙ୍କ ତତ୍ତ୍ୱାବଧାନକ୍ରମେ ନିୟୋଜିତ ପୋଲିସ ବାହିନୀ ରଥଟଣା କାର୍ଯ୍ୟରେ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲା।

## ବୃକ୍ଷରୋପଣ ନିଷ୍ପତ୍ତି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ବୁଦ୍ଧିଜୀବୀ ପରିଷଦର କୃତଜ୍ଞତା

**ଯାଜପୁର ଟାଉନ,୫।୭(ଡିଏନଏ)**

ଓଡିଶା ଲେଖକ ବୁଦ୍ଧିଜୀବୀ ପରିଷଦ ପକ୍ଷରୁ ରାଜ୍ୟବାସୀଙ୍କ ସୁରକ୍ଷା ପାଇଁ ସବୁଜ ବନାନୀ ସୃଷ୍ଟି ନିମନ୍ତେ ବଜେଟରେ ଅର୍ଥ ବରାଦ ପାଇଁ ହୋଇଥିବା ଦାବିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗ୍ରହଣ କରିଥିବାରୁ ପରିଷଦ ତାଙ୍କୁ କୃତଜ୍ଞତା ଜଣାଇଛି। ଗତ ୨୫ ତାରିଖ ଏ ନେଇ ଇ-ମେଲ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପରିଷଦ ଏକ ପତ୍ର ଲେଖିଥିଲା। ତେବେ ୫ ତାରିଖ ଶୁକ୍ରବାର ମୁଖ୍ୟମନ୍ତ୍ରୀ ରାଜ୍ୟରେ ୬କୋଟି ବୃକ୍ଷରୋପଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ବୃକ୍ଷରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଯାଜପୁର ନିର୍ବାଚନ ମଣ୍ଡଳୀରେ ୧ଲକ୍ଷ ଚାରା ରୋପଣ କରାଯିବ ବୋଲି ବିଧାୟକ ଦାସ ଘୋଷଣା କରିଥିବାବେଳେ ଜୁଲାଇ ଏବଂ ଅଗଷ୍ଟ ୨ ମାସ ଧରି ବିଭିନ୍ନ ବିଦ୍ୟାଳୟରେ ଏହି କାର୍ଯ୍ୟ ଚାଲିବ ବୋଲି ବିଧାୟକ ସୂଚନା ଦେଇଛନ୍ତି। ଜିଲା ପ୍ରଶାସନ ମଧ୍ୟ ସବୁଜବନାନୀର ଆବଶ୍ୟକତାକୁ ଅନୁଭବ କରି ସମଗ୍ର ଜିଲାରେ ଥିବା ସବୁ ସରକାରୀ ହାଇସ୍କୁଲ ଓ ଗାଁ ଗଣ୍ଡାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅନୁଦାନରେ ବ୍ୟାପକ ବୃକ୍ଷରୋପଣ କରିବାକୁ ଲକ୍ଷ୍ୟ ରଖିଛି। ରାଜ୍ୟ ସରକାରଙ୍କ ଅନୁଦାନ ଓ କେନ୍ଦ୍ର ସରକାରଙ୍କ ଅନୁଦାନରୁ ଜିଲାରେ ୧୦ ଲକ୍ଷ ବୃକ୍ଷରୋପଣ କରାଯିବା ପାଇଁ ଲକ୍ଷ୍ୟ ରହିଛି ବୋଲି ପ୍ରଶାସନ ସୂଚନା ଦେଇଛି। ଏଭଳି ପଦକ୍ଷେପ ପାଇଁ ପରିଷଦ ପକ୍ଷରୁ ଏକ ସ୍ୱତନ୍ତ୍ର ବୈଠକରେ ସଭାପତି ନିର୍ମଳ ଚନ୍ଦ୍ର ସାମଲ, ସମ୍ପାଦକ ହରେକୃଷ୍ଣ ପଣ୍ଡାଙ୍କ ସମେତ ବହୁ ସଦସ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି।

## କେନ୍ଦ୍ରୀୟ ବଜେଟ ଉପରେ ମତ

### ବେରୋଜଗାରି ଦୂର ପାଇଁ ନାହିଁ ବ୍ୟବସ୍ଥା



ସମାଜର ବୃହତ୍ ବର୍ଗର ଆର୍ଥିକ ଅଭିବୃଦ୍ଧି ଏବଂ ବେରୋଜଗାରିକୁ ଦୂର କରିବା ପାଇଁ ବଜେଟରେ ସ୍ଥାନ ଦିଆଯାଇ ନାହିଁ। ରେଳ ବଜେଟକୁ ସାଧାରଣରେ ବଜେଟରେ ମିଶାଇବା ଦ୍ୱାରା ରେଳବାଇ ପରି ଜାତୀୟ ପରିବହନ ସଂସ୍ଥାକୁ ଗୁରୁତ୍ୱ ଦିଆଯାଇ ପାରୁନାହିଁ।

- ଜୀତେନ୍ଦ୍ର କୁମାର ପ୍ରତିହାରି
ଆଇନଜୀବୀ, ଯାଜପୁରରୋଡ

### ଖୁଚୁରା ବ୍ୟବସାୟୀଙ୍କୁ ଶକ୍ତ ଝଟକା



କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସଂସଦରେ ବଜେଟ ଉପସ୍ଥାପନ କରିଛନ୍ତି। ଏହି ବଜେଟ ଗରୀବ ଓ ଗାଁ ଅଭିମୁଖୀ ହୋଇଛି ବୋଲି କେନ୍ଦ୍ର ସରକାର ଦାବି କରୁଥିବାବେଳେ ଏହାକୁ ଗାଁ ଗଣ୍ଡାର ବୁଦ୍ଧିଜୀବୀ ଓ ଅର୍ଥନୀତିଜ୍ଞମାନେ ଭିନ୍ନ ଢଙ୍ଗରେ ଦେଖିଛନ୍ତି। ଚଳିତ ବଜେଟ ଖୁଚୁରା ବ୍ୟବସାୟୀଙ୍କୁ ଶକ୍ତ ଝଟକା ପହଞ୍ଚାଇଛି। ବିଦେଶୀ କମ୍ପାନୀମାନେ ଭାରତରେ ପ୍ରତ୍ୟକ୍ଷ ପୁଞ୍ଜି ନିବେଶ କରିବା ଦ୍ୱାରା ଖୁଚୁରା ବ୍ୟବସାୟୀ ବିଶେଷ କ୍ଷତିଗ୍ରସ୍ତ ହେବେ।

- କୈଳାସ ଚନ୍ଦ୍ର ନାୟକ, ଶିକ୍ଷାବିତ୍

### ଗଣମାଧ୍ୟମରେ ପୁଞ୍ଜି ନିବେଶ ନିଷ୍ପତ୍ତି ଦୁର୍ଭାଗ୍ୟଜନକ



ଭାରତୀୟ ଗଣମାଧ୍ୟମ ସଂସ୍ଥା ଉପରେ ବିଦେଶୀ ପୁଞ୍ଜି ନିବେଶ ନିଷ୍ପତ୍ତି ଦୁର୍ଭାଗ୍ୟଜନକ। ଏହାହେଲେ ଗଣମାଧ୍ୟମ ବିଦେଶୀ ନିୟନ୍ତ୍ରଣକୁ ଚାଲିଯିବ। ଯେଉଁ ଉଦ୍ୟୋଗୀମାନେ ଗଣମାଧ୍ୟମ ସଂସ୍ଥା ଉପରେ ପୁଞ୍ଜି ଲଗାଣ କରିବେ, ଉକ୍ତ ସଂସ୍ଥା ଦ୍ୱାରା ଗଣମାଧ୍ୟମ ନିୟନ୍ତ୍ରଣ ହେବ। ଗଣମାଧ୍ୟମର ସ୍ୱାଧୀନତା ଓ ନିରପକ୍ଷେତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିବ।

- ସୁବାସ ଦାସ, ଅର୍ଥଶାସ୍ତ୍ର ଅଧାପକ

**ରଥରେ ବିଦ୍ୟୁତ ତାର ଲାଗି ୨ଜଣଙ୍କ ମୃତ୍ୟୁ ଘଟଣା**

## ମୃତକଙ୍କ ସ୍ତ୍ରୀଙ୍କୁ ନିଯୁକ୍ତି, ସହାୟତା ପ୍ରଦାନ

**କାଳିଆପାଣି,୫।୭(ଡିଏନଏ)**

କାଳିଆପାଣି ଥାନା ଅନ୍ତର୍ଗତ ଟାଟା କଲୋନୀ ପରିସରରେ ରହିଥିବା ଜଗନ୍ନାଥ ମନ୍ଦିରରେ ଗୁରୁବାର ରଥଯାତ୍ରା ସମୟରେ ଏକ ଦୁର୍ଘଟଣାରେ ଦୁଇଜଣଙ୍କ ମୃତ୍ୟୁ ଘଟିଥିଲା। ତେବେ ଶୁକ୍ରବାର ନାରାୟଣୀ ଏଣ୍ଡ ସନ୍ସ କମ୍ପାନୀ ଅଧୀନରେ କାର୍ଯ୍ୟ କରୁଥିବା ମୃତକ ସୁଚିତ୍ର ଲେଙ୍କା ସ୍ତ୍ରୀଙ୍କୁ ଚାକିରି ସହ କିଛି ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ମୃତକ ପରିବାରର ଦାବି ମୁତାବକ କାର୍ଯ୍ୟ କରୁଥିବା କମ୍ପାନୀରେ ସୁଚିତ୍ରଙ୍କ ସ୍ତ୍ରୀଙ୍କୁ ଚାକିରି, ଘର ମରାମତି, ଶୁଦ୍ଧିକ୍ରିୟା ପାଇଁ ରେଡକ୍ରସ ପାଣ୍ଠି, ପଞ୍ଚାୟତ ଓ ମନ୍ଦିର କମିଟି ପକ୍ଷରୁ ଆର୍ଥିକ ସହାୟତାଭାବେ ୭୦ ହଜାର ଟଙ୍କା ଦିଆଯାଇଥିବା ଜଣାପଡ଼ିଛି। ସୂଚନା ଯେ, ଟାଟା କଲୋନୀ ପରିସରରେ ରହିଥିବା ଜଗନ୍ନାଥ ମନ୍ଦିର ପକ୍ଷରୁ ଲୁହାରେ ନିର୍ମାଣ ହୋଇଥିବା ରଥ ମୋଡ଼ଣି ନେବା ବେଳେ ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଥିଲା। ଏଥିରେ ଭରତ ରାୟ ଓ ସୁଚିତ୍ର ମୃତ୍ୟୁବରଣ କରିଥିଲେ। ଭରତ ଅଟୱାଲ ଓ ସୁଚିତ୍ର ନାରାୟଣୀ ଆଣ୍ଡ ସନ୍ସ କମ୍ପାନୀରେ କାର୍ଯ୍ୟ କରୁଥିଲେ। ମୃତକଙ୍କ ପରିବାରର ଦାବି ଅନୁସାରେ ଶୁକ୍ରବାର ପୂର୍ବାହ୍ନରେ କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜକିଶୋର ଦୋରା, ସୁକିନ୍ଦା ଅତିରିକ୍ତ ତହସିଲଦାର ଅସିତ କୁମାର ମହାନ୍ତି, କାଳିଆପାଣି ଥାନାଧିକାରୀ ରମାକାନ୍ତ ମୁଦୁଲୀ, ରାଁସୋଳ ସରପଞ୍ଚ ବିଶ୍ୱଜିତ ମହାନ୍ତି, ସୁଚିତ୍ର ଲେଙ୍କାଙ୍କ ପରିବାର ଓ ଟାଟା କମ୍ପାନୀ ପ୍ରାଶାସନିକ ଅଧିକାରୀ ଗୌତମ ଚକ୍ରବର୍ତ୍ତୀଙ୍କୁ ନେଇ ସମାଧାନ ପାଇଁ ବୈଠକ ବସି କ୍ଷତିପୂରଣ ଦେବାକୁ ନିଷ୍ପତ୍ତି ହୋଇଥିଲା।

## ଜିଲା ସଂସ୍କୃତି ପରିଷଦ ସଦସ୍ୟରେ ସୁକିନ୍ଦା ବାଦ୍

# ଜିଲାପାଳଙ୍କୁ ବିଜେଡିର ଦାବିପତ୍ର

**କଳିଙ୍ଗନଗର,୫।୭(ଡି.ଏନ.ଏ)**

ଯାଜପୁର ଜିଲା ସଂସ୍କୃତି ପରିଷଦ ନୂତନ ସଦସ୍ୟ ଗଠନରେ ସୁକିନ୍ଦା ଅଞ୍ଚଳବାସୀଙ୍କୁ ବାଦ୍ ଦିଆଯାଇଛି। ଏହା ପ୍ରତିବାଦରେ ଶୁକ୍ରବାର ବିଜେଡି ପକ୍ଷରୁ ଏକ ଟିମ୍ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଗତ ମେ ୩୧ ତାରିଖ ନୂତନ ଭାବେ ଜିଲା ସଂସ୍କୃତି ପରିଷଦ ଗଠିତ ହୋଇଛି। ଯାହାର କାର୍ଯ୍ୟକାଳ ୩ ବର୍ଷ। ନୂତନ ଭାବେ ଗଠିତ ଏହି ପରିଷଦରେ ଯାଜପୁର ଜିଲାର ବିଭିନ୍ନ ଅଞ୍ଚଳର ଲୋକେ ସାମିଲ ହୋଇଛନ୍ତି। ମାତ୍ର ଏଥିରେ ସାମିଲ ହୋଇଥିବା ୨୯ଜଣ ସଦସ୍ୟଙ୍କ ମଧ୍ୟରୁ ସୁକିନ୍ଦା ନିର୍ବାଚନମଣ୍ଡଳିରୁ କାହାରିକୁ ସାମିଲ କରାଯାଇ ନାହିଁ। ଯାହା ସୁକିନ୍ଦାବାସୀଙ୍କ ପ୍ରତି ଜିଲା ପ୍ରଶାସନର ପରିହାସ ଭଳି ହୋଇଛି। ଏଣୁ ତୁରନ୍ତ ଜିଲା ସଂସ୍କୃତି ପରିଷଦରେ ସୁକିନ୍ଦାର ବୁଦ୍ଧିଜୀବୀଙ୍କୁ ସାମିଲ କରିବାକୁ ବରିଷ୍ଠ ବିଜେଡି ନେତା ଲୋକନାଥ ଧୀର, ପଦ୍ମଲୋଚନ ଜେନା, ସେକ ଆଜାର ଅହମ୍ମଦ ଖାଁ ପ୍ରମୁଖ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

## ଦୁର୍ଘଟଣା ଯୋଗୁ ଅଟକିଥିଲା ରଥଯାତ୍ରା

# ଆଜି ମାଉସୀ ମା' ଘରକୁ ଯିବେ ଚତୁର୍ଦ୍ଧାମୂର୍ତ୍ତି

**କାଳିଆପାଣି,୫।୭(ଡିଏନଏ)**

ଖଣି ଅଞ୍ଚଳରେ ରଥଯାତ୍ରା କାର୍ଯ୍ୟକ୍ରମରେ ଦୁର୍ଘଟଣା କାରଣରୁ ଅଟକିଥିବା ରଥଟଣା କାର୍ଯ୍ୟକ୍ରମ ଶୁକ୍ରବାର କରାଯାଇଥିବା ଜଣାପଡ଼ିଛି। ସୂଚନା ଯେ, ଟାଟା କଲୋନୀ ପରିସରରେ ଥିବା ଜଗନ୍ନାଥ ମନ୍ଦିରରେ ଗୁରୁବାର ରଥ ବିଦ୍ୟୁତ ସଂସ୍ପର୍ଶରେ ଆସି ଘଟଣାସ୍ଥଳରେ ଦୁଇଜଣଙ୍କ ମୃତ୍ୟୁ ହୋଇଯାଇଥିଲା ଓ ୭ ଜଣ ଆହତ ହୋଇଥିଲେ। ତେଣୁ ଏହାକୁ ନେଇ ରଥଟଣା ବନ୍ଦ ରହିଥିଲା। ରଥଯାତ୍ରା କାର୍ଯ୍ୟକ୍ରମ ଆରମ୍ଭରୁ ଏପରି ଘଟଣା ଘଟିଥିବାରୁ ପ୍ରଭୁଙ୍କ ପହଣ୍ଡି ବିଜେ ହୋଇପାରି ନ ଥିଲା। ରଥରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ଯୋଗୁ ପୁରୀ ମୁକ୍ତି ମଣ୍ଡପରେ ସେବାୟତଙ୍କ ପରାମର୍ଶ ଲୋଡ଼ା ଯାଇଥିଲା। ଶୁକ୍ରବାର ସକାଳ ୮ଟା ୪୫ରେ ଯଥାରୀତି ପ୍ରତିଷ୍ଠା କରାଯାଇଥିଲା। ଅପରାହ୍ନରେ ପହଣ୍ଡି ବିଜେ କରାଯାଇ ପ୍ରଭୁଙ୍କୁ ରଥାରୁଢ କରାଯାଇଥିଲା। ସୁକିନ୍ଦାଗଡ଼ ରାଜାଙ୍କ ନାତି ଜ୍ୟୋତିପ୍ରକାଶ ସିଂଦେଓ ଛେରାପହଁରା କରିଥିବାବେଳେ ରଥକୁ ଭକ୍ତମାନେ ମନ୍ଦିର ପରିସରରୁ କିଛି ଦୂର ଟାଣି ନେଇଥିଲେ। ଆଜି ପାଇଁ ରଥଟଣା କାର୍ଯ୍ୟକ୍ରମ ସ୍ଥଗିତ ରଖାଯାଇଥିବା ବେଳେ ଶନିବାର ପ୍ରଶାସନ ସହାୟତାରେ ମାଉସୀ ମା ମନ୍ଦିର ଅଭିମୁଖେ ରଥଟଣା ଯିବାର କାର୍ଯ୍ୟକ୍ରମ ରହିଥିବା କାଳିଆପାଣି ଥାନା ଅଧିକାରୀ ରମାକାନ୍ତ ମୁଦୁଲୀ ପ୍ରକାଶ କରିଛନ୍ତି।



ଲୋକମାନେ ରଥ ଟାଣୁଛନ୍ତି।

# ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ଅଭିଯୋଗ

**ଡୁବୁରୀ,୫।୭(ଡିଏନଏ)**

ସୁକିନ୍ଦା ବ୍ଲକ ଅନ୍ତର୍ଗତ ପିଙ୍ଗଲ ଗ୍ରାମ ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ଓ ଅନୀୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଗାଁ ଲେକେ ଶୁକ୍ରବାର ବ୍ଲକ ବିଡିଓ, ଜିଲାପାଳ ଓ ଭିଜିଲାନ୍ସ ବିଭାଗକୁ ପତ୍ର ମାଧ୍ୟମରେ ଅଭିଯୋଗ କରିଛନ୍ତି। ବିଭିନ୍ନ ଯୋଜନାରେ ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତିର ତଦନ୍ତ କରିବାକୁ ଗାଁ ଲୋକେ ଭିଜିଲାନ୍ସ ନିକଟରେ ଦାବି କରିଛନ୍ତି। ପିଙ୍ଗଲ ତଳସାହି ନାଳର ପୁନରୁଦ୍ଧାର ଓ ଗାଧୁଆ ତୁଠ ନିର୍ମାଣ ପାଇଁ ଜିଲା ଖଣିଜ ପାଣ୍ଠିରୁ ୧୭ଲକ୍ଷ ୭୧ହଜାର ୩୨୮ ଟଙ୍କା ଯୋଗାଇ ଦିଆଯାଇଥିଲା। ଏହି କାର୍ଯ୍ୟରେ ମାତ୍ର ୧୫ ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇଥିବା ଗାଁ ଲୋକେ ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ସୁକିନ୍ଦା ବ୍ଲକର ବିଭାଗୀୟ ଯନ୍ତ୍ରୀ ପରେଶ ସାହୁଙ୍କ ନାମରେ ଉକ୍ତ କାର୍ଯ୍ୟ ରହିଛି। କାର୍ଯ୍ୟ ଆରମ୍ଭରୁ ଶେଷ ଯାଏ କୌଣସି ବିଭାଗୀୟ ଯନ୍ତ୍ରୀ କାର୍ଯ୍ୟସ୍ଥଳକୁ ଆସି ନଥିବାରୁ ଠିକାଦାର ମନଇଚ୍ଛା ନାଳ ପୁନରୁଦ୍ଧାର କାର୍ଯ୍ୟ ଶେଷ କରି ବିଲ୍ କରିବାକୁ ଉଦ୍ୟମ ଚଳାଇଥିବା ଜଣାଯାଇଛି। ନିର୍ମାଣରେ ଦୁର୍ନୀତି ଓ ଅନୀୟମିତତା ଯୋଗୁ ଏହି କାମକୁ ଏକାଧିକ ଥର ଗାଁ ଲୋକେ ବନ୍ଦ କରିଥିଲେ ମଧ୍ୟ ସମ୍ପୃକ୍ତ ଠିକାଦାର କୌଶଳକ୍ରମେ କାମ ସାରି ବିଲ୍ କରି ନେବାକୁ ଉଦ୍ୟମ କରୁଛନ୍ତି। ସେହିପରି ଗୋପୀ ବେହେରା ଘରଠାରୁ ତଳସାହି ନାଳ ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣରେ ବ୍ୟାପକ ଅନୀୟମିତତା ଓ ନିମ୍ନମାନର କରାଯାଇଥିବା ଅଭିଯୋଗ କରି ଗାଁ ଲୋକେ ନିର୍ମାଣ କାର୍ଯ୍ୟ ବନ୍ଦ କରିଦେଇଥିଲେ। ପରବର୍ତ୍ତୀ ସମୟରେ ଏ ନେଇ ବ୍ଲକ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ ଏହାର କୌଣସି ସୁଫଳ ମିଳି ନ ଥିଲା। ଜିଲା ଖଣିଜ ପାଣ୍ଠି ଅନୁଦାନରେ ୨୧ଲକ୍ଷ ୮୮ ହଜାର ୫୦୬ ଟଙ୍କାର ଏହି କଂକ୍ରିଟ ରାସ୍ତାର ନିର୍ମାଣ ଅତ୍ୟନ୍ତ ନିମ୍ନମାନର ହେବା ସହ ଏଥିରେ ବ୍ୟାପକ ଅନୀୟମିତତା ହୋଇଛି ବୋଲି ଗାଁ ଲୋକେ ଅଭିଯୋଗ କରିଛନ୍ତି। ଫଳରେ ରାସ୍ତା ମାତ୍ର ୨/୩ ମାସ ମଧ୍ୟରେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବାର ଆଶଙ୍କା ରହିଥିବା ଲୋକେ ଅଭିଯୋଗ ପତ୍ରରେ ଦର୍ଶାଇ ତୁରନ୍ତ ଏହାର ତଦନ୍ତ କରିବାକୁ ଭିଜିଲାନ୍ସ ବିଭାଗ ନିକଟରେ ଦାବି କରିଛନ୍ତି। ଏହାଛଡା ସମ୍ପୃକ୍ତ ପଞ୍ଚାୟତରେ ଜିଲା ଖଣିଜ ପାଣ୍ଠିରେ ନିର୍ମିତ ପ୍ରାୟ ୨କୋଟି ଟଙ୍କାର ବିଭିନ୍ନ ଉନ୍ନୟନମୂଳକ କାମରେ ବ୍ୟାପକ ଦୁର୍ନୀତି ଓ ଅନୀୟମିତତା ହୋଇଥିବା ନେଇ ଗାଁର ଚିନ୍ତାମଣି ଜେନା, ଗଦାଧର ବାରିକ, ଦିଲୀପ ବେହେରା, ଶ୍ରୀଧର ବେହେରା, କେଦାରେଶ୍ୱର ବେହେରା, ପ୍ରମୋଦ ସାହୁ, ରାଜୋ ରାଉତ, ନାରାୟଣ ସାହୁ, ଜ୍ୟୋତିପ୍ରକାଶ ମଲ୍ଲିକ, କାର୍ତ୍ତିକ ପ୍ରଧାନ, ପ୍ରଦୀପ ବେହେରାଙ୍କ ସମେତ ଶତାଧିକ ଲୋକେ ଅଭିଯୋଗ କରିଛନ୍ତି।

**ପିଙ୍ଗଲ ପଞ୍ଚାୟତ**



## ସଂକ୍ଷେପରେ

### ‘ଜଗା ପାଇଁ ଗଛଟିଏ’ ସ୍ଲୋଗାନ: ଛାତ୍ରଙ୍କ ଦ୍ୱାରା ଚାରାରୋପଣ



ଭାପୁର,୫।୭(ଡି.ଏନ୍‌.ଏ.)-ପୁରୀର ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ପାଇଁ ପ୍ରତିବର୍ଷ ନୟାଗଡ଼ ଜିଲାରୁ ହିଁ ରଥକାଠ ପଠାଯାଇଥାଏ। କିନ୍ତୁ ପୂର୍ବଭଳି ନୟାଗଡ଼ ଜିଲା ଜଙ୍ଗଲଗୁଡ଼ିକରେ ରଥ ଉପଯୋଗୀ ସମସ୍ତ କାଠ ମିଳୁ ନ ଥିବା ସୂଚନା ମିଳିଛି। ତେଣୁ ଜିଲାର ବହୁ ବଦାନ୍ୟ ବ୍ୟକ୍ତି ସେମାନଙ୍କ ବିଲ, ବାଡ଼ିରେ ଥିବା ଫାଶି, ଅସନ, ଭଳି ବୃକ୍ଷକୁ ରଥକାଠ ନିମନ୍ତେ ଦାନ ଆକାରରେ ଦେଇଥାନ୍ତି। ତେବେ ସବୁବର୍ଷ ବେସରକାରୀ ସୂତ୍ରରୁ ଏହି କାଠ ଯୋଗାଣ କରିବାରେ ସମସ୍ୟା ଦେଖାଦେଇଛି। ଏଥିପାଇଁ ବିଦ୍ୟାଳୟ ଛାତ୍ର, ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ତରଫରୁ ‘ଜଗା ପାଇଁ ଗଛଟିଏ’ ସ୍ଲୋଗାନ ଦେଇ ଘୋଷଯାତ୍ରା ଅବସରରେ ରଥକାଠ ଉପଯୋଗୀ ଦୀର୍ଘସୂତ୍ରୀ କାର୍ଯ୍ୟକ୍ରମରେ ଗୁରୁବାର ଚାରାରୋପଣ କରାଯାଇଛି। ଏହି ଅବସରରେ ନୟାଗଡ଼ ଜିଲା ଫତେଗଡ଼ ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ଛାତ୍ର ଏକାଠି ହୋଇ ନିକଟସ୍ଥ ଜଙ୍ଗଲକୁ ଯାଇ ବିଭିନ୍ନ ରଥକାଠ ଉପଯୋଗୀ ଚାରା ସଂଗ୍ରହ କରି ଗ୍ରାମର ନୂଆପୋଖରୀ ହୁଡ଼ାରେ ଲଗାଇଥିଲେ। ଅଧ୍ୟାପକ ଜିତୁରଞ୍ଜନ ଦାଶ ଓ ଶିକ୍ଷକ ସନ୍ତୋଷ କୁମାର ଜଗା ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ନେଇ ଛାତ୍ରମାନଙ୍କୁ ପ୍ରେରଣା ଓ ସହଯୋଗ କରିଥିଲେ। ଗ୍ରାମର ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ସେଣ୍ଟର ଫର ୟୁଥ୍‌ ଆଣ୍ଡ ସୋସିଆଲ ୱେଲଫେୟାର’ ମଧ୍ୟ ଛାତ୍ରମାନଙ୍କୁ ସହଯୋଗ କରିଥିବା ଜଣାପଡ଼ିଛି।

■ ଗୋହିରିଆପଡ଼ାରେ ଅସବର୍ଣ୍ଣ-ସବର୍ଣ୍ଣ ବିବାଦ

# ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ଅସବର୍ଣ୍ଣ ପରିବାର

■ ଜମିବାଡ଼ିକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ
■ ହାତବାନ୍ଧି ବସିଛି ପୋଲିସ, ଗ୍ରାମ ବାହାରେ ରହୁଛନ୍ତି ଅସବର୍ଣ୍ଣ ଲୋକେ

ନୟାଗଡ଼ ଅଫିସ, ୫।୭

ନୟାଗଡ଼ ଜିଲା ଫତେଗଡ଼ ଥାନା ଗୋହିରିଆପଡ଼ା ଗ୍ରାମରେ ଅସବର୍ଣ୍ଣ ସବର୍ଣ୍ଣ ବିବାଦ ଦେଖାଦେଇଛି। ସବର୍ଣ୍ଣ ଲୋକମାନେ ଅସବର୍ଣ୍ଣ ଲୋକମାନଙ୍କୁ ଆକ୍ରମଣ କରିଥିଲେ ମଧ୍ୟ ପୋଲିସ ଏ ଦିଗରେ ପଦକ୍ଷେପ ନେଉନାହିଁ। ଫତେଗଡ଼ ପୋଲିସ ହାତବାନ୍ଧି ବସିଥିବା ବେଳେ ଜୀବନ ପ୍ରତି ବିପଦ ଥିବାରୁ ଅସବର୍ଣ୍ଣ ଲୋକମାନେ ଗ୍ରାମ ବାହାରେ ରହୁଥିବା ଅଭିଯୋଗ କରିଛନ୍ତି। ସେମାନେ ନ୍ୟାୟ ପାଇଁ ଶୁକ୍ରବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଏସ୍‌ପିଙ୍କଠାରେ ହୋଇଥିବା ଅଭିଯୋଗ ଅନୁସାରେ, ଗୋହିରିଆପଡ଼ା ଗ୍ରାମର ଭୀମ ମଳିକଙ୍କ ମା’ ପ୍ରମିଳାଙ୍କ ନାମରେ ଏକ ଘରଡ଼ିହ ଜାଗା ରହିଛି। ଉକ୍ତ ଜାଗାକୁ ଗ୍ରାମର ସବର୍ଣ୍ଣ ବ୍ୟକ୍ତି କପିଳା ଦାଶ ଓ ତାଙ୍କ ପୁଅ ଦେବାଶିଷ ମାଡ଼ିବସିବାକୁ ଯୋଜନା କରିଥିବା ଅଭିଯୋଗ ହୋଇଛି। ଏପରି କି ବିଭିନ୍ନ ସମୟରେ ଉକ୍ତ ଜାଗାକୁ ଜବରଦଖଲ କରିବା ପାଇଁ ବାଡ଼ ବୁଜିବା ସହ ଧମକଚମକ ଦେଇଥାନ୍ତି। ଜୁନ୍‌ ୨୨ ତାରିଖ ପୂର୍ବାହ୍ନ ୧୦ଟାରେ ଉକ୍ତ ଗ୍ରାମର କପିଳା ଓ ତାଙ୍କ ପୁଅ ଦେବାଶିଷ ଭୀମଙ୍କ ଘରକୁ ଆସିଥିଲେ। ଭୀମ ଓ ତାଙ୍କ ପୁଅମାନେ କେହି ଘରେ ନ ଥିବାରୁ ସେମାନେ ଉକ୍ତ ଜମି ନିକଟକୁ ଯାଉଥିଲେ। ଏହା ଦେଖି ଭୀମଙ୍କ ସ୍ତ୍ରୀ ମେଘି ପ୍ରତିରୋଧ କରିବାରୁ ସେମାନେ ତାଙ୍କୁ ଗାଳି କରିବା ସହିତ ଧମକଚମକ ଦେଇ ପଳାଇଥିଲେ। ଏ ନେଇ ମେଘି ଫତେଗଡ଼ ଥାନାରେ ଅଭିଯୋଗ କରିବାକୁ ଯାଇଥିଲେ ମଧ୍ୟ କପିଳ ଓ ତାଙ୍କ ପୁଅଙ୍କ ବିରୋଧରେ ଥାନା ଅଧିକାରୀ କୌଣସି ମାମଲା ରୁଜୁ କରି ନ ଥିଲେ। ଏହାପରେ ୨୭ ତାରିଖରେ ଦେବାଶିଷ ଓ ତାଙ୍କର କିଛି ସହଯୋଗୀ ଭୀମଙ୍କ ସାନପୁଅ ବିପିନ କୁମାର ମଳିକଙ୍କୁ କଟୁରିରେ ଆକ୍ରମଣ କରିଥିଲେ। ବିପିନଙ୍କ ଖୁଡ଼ୀ ସସ୍ମିତା ଏହାକୁ ବିରୋଧ କରିବାରୁ ଦେବାଶିଷ ତାଙ୍କୁ ମଧ୍ୟ ଗାଳି କରିଥିଲେ। ଦେବାଶିଷଙ୍କ ସାଙ୍ଗରେ ଆସିଥିବା ୮ ଜଣ ବ୍ୟକ୍ତି ବିପିନଙ୍କୁ ଘୋଷାରି ନେଇ ବିଦ୍ୟୁତ୍‌ ଖୁଣ୍ଟରେ ବାନ୍ଧି ମାଡ଼ ମାରିଥିଲେ। ଏହାପରେ ପରିବାର ଲୋକେ ବାହାରେ ଥିବାରୁ ଖବର ପାଇ ଫତେଗଡ଼ ପୋଲିସକୁ ଜଣାଇଥିଲେ। ପୋଲିସ ଗ୍ରାମରେ ପହଞ୍ଚି ବିପିନଙ୍କୁ ଉଦ୍ଧାର କରି ଫେରିଯାଇଥିଲା। ଏହାପରେ ବିପିନ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇଥିଲେ। ଉକ୍ତ ସନ୍ଧ୍ୟାରେ ସେମାନେ ଏସ୍‌ପିଙ୍କ ନିକଟକୁ ଯାଇଥିବା ବେଳେ ଏସ୍‌ପି ନ ଥିବାରୁ ଅତିରିକ୍ତ ଏସ୍‌ପିଙ୍କୁ ଭେଟି ଏ ବିଷୟରେ ଜଣାଇଥିଲେ। ୨୮ ତାରିଖରେ ଫତେଗଡ ଥାନାରେ ମାମଲା ରୁଜୁ ହୋଇଥିଲେ ମଧ୍ୟ ପୋଲିସ ଏପର୍ଯ୍ୟନ୍ତ ସବର୍ଣ୍ଣ ଲୋକଙ୍କୁ ଗିରଫ କରିନାହିଁ। ଫଳରେ ସେହି ଦିନଠାରୁ ଅସବର୍ଣ୍ଣ ପରିବାର ଲୋକେ ଗ୍ରାମ ବାହାରେ ବନ୍ଧୁବାନ୍ଧବଙ୍କ ଘରେ ରହୁଛନ୍ତି। ଏଭଳି ସ୍ଥିତିରେ ଗତ ୩ ତାରିଖରେ ରାଶନ ସାମଗ୍ରୀ ପାଇଁ ମେଘି ଗ୍ରାମକୁ ଯାଇଥିଲେ। ସେଠାରେ ଦେବାଶିଷଙ୍କ ପରିବାର ଲୋକେ ତାଙ୍କୁ ଘେରି ଗାଳିଗୁଲଜ କରିଥିଲେ। ଫଳରେ ଜୀବନ ପ୍ରତି ବିପଦ ଥିବାରୁ ପରିବାର ଲୋକେ ଗ୍ରାମ ବାହାରେ ରହୁଛନ୍ତି। ଶୁକ୍ରବାର ରାଷ୍ଟ୍ରୀୟ ଦଳିତ ମହାସଂଘର ରାଜ୍ୟ ଉପସଭାପତି ଦେବରାଜ ନାଏକଙ୍କ ନେତୃତ୍ୱରେ ପରିବାର ଲୋକେ ଏସ୍‌ପିଙ୍କଠାରେ ଅଭିଯୋଗ କରିଛନ୍ତି। ଏସ୍‌ପି ଶଶିଭୂଷଣ ଶତପଥୀ ଏହାର ତଦନ୍ତ କରିବେ ବୋଲି ସେମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏ ନେଇ ଫତେଗଡ଼ ଥାନା ଅଧିକାରୀ ନିରଞ୍ଜନ ଧିରଙ୍କୁ ପଚାରିବାରୁ ଥାନାରେ ଦୁଇଟି ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଥିବା କହିଥିଲେ। ଅସବର୍ଣ୍ଣ ବ୍ୟକ୍ତି କରିଥିବା ଅଭିଯୋଗ ଆଧାରରେ ୧୦୭/୧୯ରେ ମାମଲା ରୁଜୁ କରାଯାଇଥିବା ବେଳେ ସବର୍ଣ୍ଣ ବ୍ୟକ୍ତିଙ୍କ ଅଭିଯୋଗ ଆଧାରରେ ୧୦୮/୧୯ରେ ଆଉ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଥିବା ସେ ପ୍ରକାଶ କରିଥିଲେ।




ଏସ୍‌ପିଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିବା ପରିବାର ସଦସ୍ୟ।

# ଶିକାର ଉଦ୍ଦେଶ୍ୟରେ ଗୁଳିମାଡ଼, ନାବାଳକ ଗୁରୁତର

ନୟାଗଡ଼ ଅଫିସ, ୫।୭

ପାହାଡ଼ ତଳି ଗାଁରେ ରହୁଥିବା ଜଣେ ନାବାଳକ ଶୁକ୍ରବାର ଭୋର ସମୟରେ ଶୌଚ ପାଇଁ ନିକଟସ୍ଥ ପୋଖରୀକୁ ଯାଇଥିବାବେଳେ କେହି ଦୁର୍ବୃତ୍ତ ତାଙ୍କ ଉପରେ ଗୁଳିମାଡ଼ କରିଥିଲେ। ଫଳରେ ସେ ଗୁରୁତର ହୋଇଛନ୍ତି। ଶିକାର ଉଦ୍ଦେଶ୍ୟରେ ଗୁଳିମାଡ଼ ହୋଇଥିବା ସନ୍ଦେହ କରାଯାଉଛି। ନାବାଳକ ଜଣଙ୍କ ହେଲେ ନୟାଗଡ଼ ଜିଲା ସଦର ବ୍ଲକ ଇଟାମାଟି ଥାନା ପାଲାଗୁଣ୍ଡୁଣୀ ଗ୍ରାମର କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ପୁଅ ଦୁଃଶାସନ ପ୍ରଧାନ (୧୫)।

ମିଳିଥିବା ସୂଚନା ଅନୁସାରେ, କୃଷ୍ଣଚନ୍ଦ୍ରଙ୍କ ପରିବାର ଓ ଅନ୍ୟ କେତେକ ପରିବାର ପାଲାଗୁଣ୍ଡୁଣୀ ଗ୍ରାମ ଶେଷମୁଣ୍ଡରେ ଥିବା ପାହାଡ଼ ତଳେ ରୁହନ୍ତି। ନାବାଳକ ଦୁଃଶାସନ ଶୁକ୍ରବାର ଭୋର ୪ଟାରେ ଶୌଚ ହେବା ପାଇଁ ପୋଖରୀକୁ ଯାଇଥିଲେ। ଏହି ସମୟରେ କେହି ଦୁର୍ବୃତ୍ତ ତାଙ୍କ ଉପରକୁ ଛେରା ଗୁଳିମାଡ଼ କରିଥିଲା। ଗୁଳିଟି ତାଙ୍କ ଡାହାଣ ହାତର ଦୁଇଟି ସ୍ଥାନ ଓ ଛାତିରେ ବାଜିଥିଲା। ଫଳରେ ସେ ଚିତ୍କାର କରି ତଳେ ପଡ଼ି ଯାଇଥିଲେ। ପାଟି ଶୁଣି ତାଙ୍କ ବଡ଼ଭାଇ ଦୁଃଶାସନଙ୍କୁ ଉଦ୍ଧାର କରି ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ଛାତିରେ ଗୁଳିର କିଛି ଅଂଶ ରହିଯାଇଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯିବ ବୋଲି ଡାକ୍ତର ମନୋରଞ୍ଜନ ତ୍ରିପାଠୀ ପ୍ରକାଶ କରିଛନ୍ତି। ଇଟାମାଟି ପୋଲିସ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ତଦନ୍ତ କରିଛି। ଶିକାର ଉଦ୍ଦେଶ୍ୟରେ କେହି ତାଙ୍କୁ ଗୁଳି କରିଦେଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଅନ୍ୟପକ୍ଷେ ସେଠାରେ ରହୁଥିବା ଅନ୍ୟ ପରିବାର ସହିତ ଗଣ୍ଡଗୋଳ ଘଟି ଗୁଳିମାଡ଼ ହୋଇଥିବା ନେଇ ମଧ୍ୟ ଚର୍ଚ୍ଚା ହେଉଛି।



ଗୁରୁତର ନାବାଳକ।

# ଅଗ୍ନିବିପନ୍ନଙ୍କୁ ରେଡ୍‌କ୍ରସ୍‌ ପକ୍ଷରୁ ସହାୟତା

ନୟାଗଡ଼ ଅଫିସ,୫।୭

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଗୋଡ଼ିପଡ଼ା ଆର୍‌ଆଇ ଅନ୍ତର୍ଗତ ହରିଡ଼ାବନ୍ଧ ଗ୍ରାମରେ ଗତ ୨ ତାରିଖରେ ଅଗ୍ନିକାଣ୍ଡ ଘଟି ୪ ପରିବାର ସର୍ବସ୍ୱାନ୍ତ ହୋଇଯାଇଥିଲେ। ଶୁକ୍ରବାର ଇଣ୍ଡିଆନ ରେଡ୍‌କ୍ରସ୍‌ ସୋସାଇଟି ଓଡ଼ିଶା ରାଜ୍ୟ ଶାଖା ପକ୍ଷରୁ ବିପନ୍ନ ପରିବାରଙ୍କୁ ପାଲ, ଖାଦ୍ୟସାମଗ୍ରୀ, ଷ୍ଟିଲ୍‌, ଫାଇବର, ଘରୋଇ ଉପକରଣ ସହିତ ପରିବାରର ସମସ୍ତ ସଦସ୍ୟଙ୍କୁ ବସ୍ତ୍ର ପ୍ରଦାନ କରାଯାଇଛି। ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନଙ୍କ ସହିତ ରେଡ୍‌କ୍ରସ୍‌ ସୋସାଇଟିର ସମ୍ପାଦିକା ଡ. ମେଜର କଳ୍ପନା ଦାସ, ବିଭାଗୀୟ ସହକର୍ମୀ ସୁରେନ୍ଦ୍ରନାଥ ସାମଲ, ପ୍ରଶାନ୍ତ ବାରିକ, ନାଗାର୍ଜୁନ ସାହୁ, ଅଶୋକ କୁମାର ଦାଶ, ହରିଡ଼ାବନ୍ଧ ସରପଞ୍ଚ ସଂଯୁକ୍ତା ପଡ଼ିଆରୀ, ୱାର୍ଡ଼ସଭ୍ୟା ଜାନକୀ ସେଠୀ, ପ୍ରଣବ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ପତିତପାବନଙ୍କ ରଥ ଗୁଣ୍ଡିଚାମଣ୍ଡପ ନିକଟରେ ପହଞ୍ଚିଲା

ଖଣ୍ଡପଡା,୫।୭(ସ୍ୱ.ପ୍ର.)

ଗୁରୁବାର ପବିତ୍ର ଘୋଷଯାତ୍ରାରେ ସନ୍ଧ୍ୟା ହୋଇଯିବାରୁ ଖଣ୍ଡପଡା ବଜାର ମଧ୍ୟରେ ଶ୍ରୀ ପତିତପାବନ ଜୀଉଙ୍କ ରଥ ଅଟକି ରହିଥିଲା । ଶୁକ୍ରବାର ରଥାରୂଢ଼ ବିଗ୍ରହମାନଙ୍କ ନୀତି ଶେଷ ପରେ ରଥଟଣା ଆରମ୍ଭ ହୋଇଥିଲା। ଖଣ୍ଡପଡା ତହସିଲଦାର ପାର୍ଥସାରଥୀ ହାଂସଦାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳାର ସହ ରଥଟଣା କାର୍ଯ୍ୟ ଶେଷ ହୋଇଥିଲା। ଗୁଣ୍ଡିଚା ମଣ୍ଡପ ନିକଟରେ ରଥ ପହଞ୍ଚିବା ପରେ ରଥରେ ଚାରମାଳ ବନ୍ଧାଯାଇ ବିଗ୍ରହମାନଙ୍କୁ ପହଣ୍ଡି ବିଜେ କରାଯାଇଥିଲା ।

# କଲେଜ ଟପ୍ପର ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଭାପୁର,୫।୭(ଡି.ଏନ୍‌.ଏ.)

ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ଅଧୀନ ୬ଟି କଲେଜର +୨ କଳା ପରୀକ୍ଷାରେ ଏ ବର୍ଷ ଛାତ୍ରୀମାନେ ଟପ୍ପର ହୋଇଛନ୍ତି। ଗୁରୁବାର ପଠାଣି ସାମନ୍ତ କଲେଜର +୨ କଳାରେ ଟପ୍ପର ହୋଇଥିବା ଛାତ୍ରୀ ପୂଜା ପରିଡ଼ାଙ୍କୁ ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ସମ୍ବର୍ଦ୍ଧିତ କରିଛନ୍ତି। ତାଙ୍କ ସହ ଅନ୍ୟ ୪ ଜଣଙ୍କୁ ମଧ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି।

# ସୁଭଦ୍ରାଙ୍କ ରଥ ଟାଣିଲେ ମହିଳା

■ ଅଧା ବାଟରେ ଅଟକିଲା ନନ୍ଦିଘୋଷ ରଥ



ମହିଳାମାନେ ସୁଭଦ୍ରାଙ୍କ ରଥକୁ ଟାଣୁଛନ୍ତି ।

ରଣପୁର, ୫।୭ (ସ୍ୱ.ପ୍ର.)

ଓଡିଶାର ଦ୍ୱିତୀୟ ଶ୍ରୀକ୍ଷେତ୍ର କୁହାଯାଉଥିବା ନୟାଗଡ ଜିଲାର ରଣପୁର ଜଗନ୍ନାଥ ମନ୍ଦିରରୁ ଶ୍ରୀଜୀଉମାନେ ଗୁରୁବାର ଘୋଷଯାତ୍ରାରେ ରଥାରୂଢ଼ ହୋଇ ନଅଦିନ ପାଇଁ ଜନ୍ମମାଟି ମାଉସୀମା’ ମନ୍ଦିରକୁ ବାହାରିଥିଲେ। ବଡଠାକୁର ବଳଭଦ୍ରଙ୍କ ରଥକୁ ଭକ୍ତମାନେ ଟାଣିନେଇ ମାଉସୀମା’ ମନ୍ଦିର ନିକଟରେ ପହଞ୍ଚାଇଥିଲେ। ଶୁକ୍ରବାର ଅପରାହ୍ନରେ ପରମ୍ପରା ଅନୁସାରେ ମହିଳାମାନେ ଶ୍ରଦ୍ଧାର ସହ ମା’ ସୁଭଦ୍ରାଙ୍କ ରଥକୁ ଟାଣିନେଇ ମାଉସୀମା’ ମନ୍ଦିର ନିକଟରେ ଲଗାଇଥିଲେ। ଏହାପରେ ଭକ୍ତମାନେ ମହାପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଟାଣିନେଉଥିବା ସମୟରେ ହଠାତ୍‌ ରଥଟି ରାଜବାଟି ଆଗରେ ଥିବା ଏକ ହୋଟେଲରେ ଲାଗିଥିଲା। ବଡେଇ ମହାରଣାମାନେ ସଜାଡ଼ିବା ପରେ ରଥ ଗଡ଼ିଥିଲେ ମଧ୍ୟ ପୁନର୍ବାର ଚୈତନ୍ୟ ମଠ କାମନା ଘର ଆଗରେ ଏହା ଲାଗିରହିଥିଲା। ରାତ୍ର ହୋଇଯିବାରୁ ପ୍ରଶାସନ ତରଫରୁ ରଥଟଣା କାର୍ଯ୍ୟ ବନ୍ଦ ରହିଥିଲା। ଶନିବାର ନନ୍ଦିଘୋଷ ରଥ ଟଣାଯାଇ ମାଉସୀମା’ ମନ୍ଦିର ନିକଟରେ ଲାଗିବା ପରେ ରଥାରୂଢ଼ ତିନିଠାକୁରଙ୍କୁ ଭକ୍ତମାନେ ରଥ ଉପରେ ଦର୍ଶନ କରିବେ। ଏହି ଦର୍ଶନ ରାତ୍ର ୮ଟା ପର୍ଯ୍ୟନ୍ତ ଚାଲିବ। ଏହାପରେ ଶ୍ରୀଜୀଉମାନଙ୍କ ପହଣ୍ଡିକାର୍ଯ୍ୟ ଅନୁଷ୍ଠିତ ହେବ। ପ୍ରଥମେ ସୁଦର୍ଶନ ପରେ ବଡ ଠାକୁର ବଳଭଦ୍ର, ମା’ ସୁଭଦ୍ରା ଓ ଶେଷରେ ମହାପ୍ରଭୁ ଜଗନ୍ନାଥଙ୍କୁ ସେବାୟତମାନେ ଗୋଟି ପହଣ୍ଡି କରି ଗୁଣ୍ଡିଚା ମନ୍ଦିର ଭିତରକୁ ନେବାର କାର୍ଯ୍ୟସୂଚୀ ରହିଛି। ଆସନ୍ତା ନବମୀ ପର୍ଯ୍ୟନ୍ତ ତିନିଠାକୁର ମାଉସୀମା’ ମନ୍ଦିରରେ ଭକ୍ତମାନଙ୍କୁ ଦର୍ଶନ ଦେବେ।

**ଚିକିଟି ମହାବିଦ୍ୟାଳୟ, ଚିକିଟି, ଗଞ୍ଜାମ**
ଓଡ଼ିଶା, ପିନ: ୭୬୧୦୧୦, ଦୂରଭାଷ: ୦୬୮୦-୨୪୯୭୨୮୭, ମେଲ୍‌: cmv15.08.1980@gmail.com
ନାମଲେଖା ବିଜ୍ଞାପନ
ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଚିଠି ସଂଖ୍ୟା ନଂ: ୧୨୪୦୮/ତା୧୯।୦୬।୨୦୧୯ରିଖ ଅନୁସାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର ସହବନ୍ଧିତ ହୋଇ ସ୍ନାତକୋତ୍ତର ଓଡ଼ିଆ ବିଭାଗର ୧୬ଟି ସିଟ୍‌ ଚଳିତ ଶିକ୍ଷା ବର୍ଷ (୨୦୧୯-୨୦) ଖୋଲିବା ନିମନ୍ତେ ଅନୁମତି ମିଳିଛି। ଏଥିସକାଶେ ସ୍ନାତକ ଉତ୍ତୀର୍ଣ୍ଣ ଆଗ୍ରହୀ ଛାତ୍ରଛାତ୍ରୀଙ୍କଠାରୁ ଆବେଦନ ପତ୍ର ଆହ୍ୱାନ କରାଯାଉଛି। ସବିଶେଷ ବିବରଣୀ କଲେଜ୍‌ ୱେବସାଇଟ୍‌ www.cmvedu.in ରେ ଦୁଇଦିନ ପରେ ଉପଲବ୍ଧ ହେବ।
Sd./- Principal, Chikiti Mahavidyalaya, Chikiti (Gm.)

बैंक ऑफ़ बड़ौदा Bank of Baroda
କ୍ଷେତ୍ରୀୟ କାର୍ଯ୍ୟାଳୟ : ଭୁବନେଶ୍ୱର କ୍ଷେତ୍ର, ପ୍ରଥମ ମହଲା, ବିଭବ ଗୁଲମୋହର, ବେହେରା ସାହି, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨
**ଲିଜ୍‌ ଭିତ୍ତିରେ ଗୃହ ଆବଶ୍ୟକ**
ବ୍ୟାଙ୍କ ଅଫ ବରୋଦା ଏହାର ଶାଖା ଖୋଲିବା ପାଇଁ ଦୁଇ ବିଡ୍‌ ବ୍ୟବସ୍ଥା ମାଧ୍ୟମରେ ନିମ୍ନଲିଖିତ ସ୍ଥାନରେ ଲିଜ୍‌ ଭିତ୍ତିରେ ଆବଶ୍ୟକ କରୁଥିବା ଗୃହ ନିମନ୍ତେ ପ୍ରସ୍ତାବମାନ ଆହ୍ୱାନ କରୁଅଛି । ଗୃହ ତଳ ମହଲାରେ ହୋଇଥିଲେ ପସନ୍ଦଯୋଗ୍ୟ।

| | |
|---|---|
| ଜନପଥ / ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ / ବିଦ୍ୟୁତ ମାର୍ଗ / ନୟାପଲ୍ଲୀ | ୨୦୦୦ ବର୍ଗଫୁଟ |

ସବିଶେଷ ବିବରଣୀ ନିମନ୍ତେ ଆମର ୱେବସାଇଟ www.bankofbaroda.com ର ଟେଣ୍ଡର ବିଭାଗକୁ ଲଗ୍‌ ଅନ୍‌ କରନ୍ତୁ କିମ୍ବା ୦୬୭୪-୨୪୨୧୨୧୦ରେ ଯୋଗାଯୋଗ କରନ୍ତୁ ।
ପ୍ରସ୍ତାବ ଦାଖଲର ଅନ୍ତିମ ତାରିଖ: ୨୬.୦୭.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ।
ଉପ-ମହାପ୍ରବନ୍ଧକ




**ଆଲ୍ଲାହାବାଦ ବ୍ୟାଙ୍କ**
(ଭାରତ ସରକାରଙ୍କ ଉପକ୍ରମ)
ଭୁବନେଶ୍ୱର ମୁଖ୍ୟ ଶାଖା, ୧୫୯, ବାପୁଜୀ ନଗର, ଭୁବନେଶ୍ୱର-୭୫୧୦୦୯
**ଦଖଲ ନୋଟିସ୍‌**
(ସ୍ଥାବର / ଅସ୍ଥାବର ସମ୍ପତ୍ତି ନିମନ୍ତେ)

କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍‌ ଫାଇନାନ୍‌ସିଆଲ ଆସେଟସ୍‌ ଆଣ୍ଡ ଏନ୍‌ଫୋର୍ସମେଣ୍ଟ (ସିକ୍ୟୁରିଟି) ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍‌ ୩ ଅନୁଯାୟୀ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କୁ ଡ଼ିମାଣ୍ଡ ନୋଟିସ୍‌ ଜାରିକରି ନୋଟିସ୍‌ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍‌ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।
ଯେହେତୁ ଋଣଗ୍ରହୀତା ଏବଂ ଜାମିନ୍‌ଦାର ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍‌ ମାଧ୍ୟମରେ ଋଣଗ୍ରହୀତା ଓ ଜାମିନ୍‌ଦାରଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍‌ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ଆକାଉଣ୍ଟର ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି।
ଏତଦ୍‌ ଦ୍ୱାରା ବିଶେଷ କରି ଋଣଗ୍ରହୀତା, ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଆଲ୍ଲାହାବାଦ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖା** ନିକଟରେ ଉତ୍ତରଦାୟୀ ରହିବେ ।
***ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।***

| ଋଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କ ନାମ ଓ ଠିକଣା / ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ ନୋଟିସ୍‌ ତାରିଖ | ଦଖଲ ନୋଟିସ୍‌ ତାରିଖ | ଡ଼ିମାଣ୍ଡ ନୋଟିସ୍‌ ତାରିଖ ଅନୁଯାୟୀ ବକେୟା ଦେୟ |
|---|---|---|---|---|
| **ଋଣଗ୍ରହୀତା: ମେସର୍ସ ମା ଭବାନୀ କନ୍‌ଫେକ୍ସନେରୀ, ସତ୍ତ୍ୱାଧିକାରୀ: ଶ୍ରୀ ଅଶୋକ କୁମାର ପାତ୍ର**, ଇଡ୍‌କୋ ପ୍ଲଟ ନଂ.-୨୨ ଏବଂ ୨୩, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍‌ ଇଷ୍ଟେଟ୍‌, ଭୁବନେଶ୍ୱର-୭୫୧୦୧୯, **ଶ୍ରୀ ଅଶୋକ କୁମାର ପାତ୍ର (ସତ୍ତ୍ୱାଧିକାରୀ) ଓ ଶ୍ରୀମତୀ ବିଶ୍ୱ ବନ୍ଦିତା ପାତ୍ର (ଜାମିନ୍‌ଦାର)**, ସ୍ୱା-ଶ୍ରୀ ଅଶୋକ କୁମାର ପାତ୍ର, ଉଭୟଙ୍କ ଠିକଣା: ପ୍ଲଟ ନଂ.୫୯୩, ପୂର୍ଣ୍ଣମା ଗେଟ୍‌, ଗରାବନ୍ଧୁ ମଶାଣି ନିକଟ, ଭୁବନେଶ୍ୱର- ୭୫୧୦୦୨, **ସମ୍ପତ୍ତିର ମାଲିକ- ମେସର୍ସ ମା ଭବାନୀ କନ୍‌ଫେକ୍ସନେରୀ, ସତ୍ତ୍ୱାଧିକାରୀ :ଶ୍ରୀ ଅଶୋକ କୁମାର ପାତ୍ର ।** | (୧)**ମେସର୍ସ ମା ଭବାନୀ କନ୍‌ଫେକ୍ସନେରୀ** ନାମରେ ଥିବା ଫ୍ୟାକ୍ଟ୍ରି ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଇଡ୍‌କୋ ପ୍ଲଟ ନଂ.-୨୨ ଏବଂ ୨୩, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍‌ ଇଷ୍ଟେଟ୍‌, ଭୁବନେଶ୍ୱର- ୭୫୧୦୧୯, ମୌଜା- ଭଗବାନପୁର, ଖାତା ନଂ.-୫୦୩, ରେଭିନ୍ୟୁ ପ୍ଲଟ ନଂ.-୫୪(ପି), ଏରିଆ- ଏକର୦.୩୪୦ ଡିସିମିଲି (୧୦୦ ଫୁଟ X ୧୪୫ ଫୁଟ), ଜିଲ୍ଲା- ଖୋର୍ଦ୍ଧା, ତହସିଲି- ଭୁବନେଶ୍ୱର, ଏସ୍‌ଆରଓ- ଖଣ୍ଡଗିରି, ଚଉହଦି: ଉତର- ରାସ୍ତା, ଦକ୍ଷିଣ- ପ୍ଲଟ ନଂ.-୨୬ ଏବଂ ୨୭, ପୂର୍ବ- ରାସ୍ତା, ପଶ୍ଚିମ- ପ୍ଲଟ ନଂ.୨୧। (୨)ଇଡ୍‌କୋ ପ୍ଲଟ ନଂ.-୨୨ ଏବଂ ୨୩, ଖାତା ନଂ.୫୦୩, ମୌଜା-ଭଗବାନପୁର, ତହସିଲି- ଭୁବନେଶ୍ୱର, ଏସ୍‌ଆରଓ- ଖଣ୍ଡଗିରି, ଜିଲ୍ଲା-ଖୋର୍ଦ୍ଧା, ପିନ୍‌-୭୫୧୦୧୯ ରେ ସ୍ଥାପିତ ହୋଇଥିବା ପ୍ଲାଣ୍ଟ ଏବଂ ମେସିନାରୀ ଯାହା **ମେସର୍ସ ମା ଭବାନୀ କନ୍‌ଫେକ୍ସନେରୀ** ନାମରେ ଅଛି । | ୨୯.୦୪.୨୦୧୯ | ୦୩.୦୭.୨୦୧୯ | ଟ.୨,୧୩,୧୧,୩୮.୩୩ + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |

ସ୍ଥାନ-ଭୁବନେଶ୍ୱର, ତାରିଖ-୦୫.୦୭.୨୦୧୯
କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୬ ଜୁଲାଇ, ୨୦୧୯

## ସଂକ୍ଷେପରେ

### ସଂସ୍କୃତି ବିଭାଗ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା

**ନୟାଗଡ଼ ଅଫିସ,୫।୭-** ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରତିଷ୍ଠା ଦିବସ ଉପଲକ୍ଷେ ଜିଲା ସଂସ୍କୃତି ବିଭାଗ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଏନ୍ଏସି ଉଚ୍ଚ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଓ କନିଷ୍ଠ ବର୍ଗରେ ପ୍ରତିଯୋଗୀ ଭାଗନେଇଥିଲେ। ବକ୍ତୃତା ବରିଷ୍ଠ ବିଭାଗରେ ଲିପ୍ସା ତ୍ରିପାଠୀ, କନିଷ୍ଠରେ ଶ୍ରେୟାଶ୍ରୀ ମିଶ୍ର, କବିତା ଆବୃତ୍ତି ବରିଷ୍ଠରେ ପ୍ରତୀକ୍ଷା ପଣ୍ଡା, କନିଷ୍ଠରେ ସନ୍ଧ୍ୟାରାଣୀ ସାହୁ, ସାଧାରଣ ଜ୍ଞାନ ବରିଷ୍ଠରେ ପ୍ରଭୁପାଦ ପାଣିଗ୍ରାହୀ, କନିଷ୍ଠରେ ଆକାଂକ୍ଷା ଆୟୁଷ ବଳ, ପ୍ରବନ୍ଧ ବରିଷ୍ଠ ବିଭାଗରେ ପୂଜାଶ୍ରୀ ସାହୁ, କନିଷ୍ଠ ବିଭାଗରେ ପ୍ରତ୍ୟାଶା ଶତପଥୀ ପ୍ରଥମ ହୋଇଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀର ନୟାଗଡ଼ ପ୍ରତିନିଧି ନିର୍ମଳ ଚନ୍ଦ୍ର ଶୁରଦେଓଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ. ପ୍ରମୋଦ କୁମାର ନାୟକ ଯୋଗଦେଇ ପ୍ରତ୍ୟେକ ବିଭାଗର ୩ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

# ଅପହୃତ ଯୁବକଙ୍କୁ ହତ୍ୟା ପରେ ପୋଡ଼ିଦେଲେ

**ଖୋର୍ଦ୍ଧା ଅଫିସ/ ନୟାଗଡ ଅଫିସ/ ନିରାକାରପୁର, ୫।୭(ଡି.ଏନ.ଏ.):**

- ମୃତକଙ୍କ ହାଡ କଙ୍କାଳ ଜବତ
- ଗିରଫ ଯୁବକ ଖୋଲିଲେ ହତ୍ୟାକାଣ୍ଡ ଗୁମର

ନୟାଗଡ ଜିଲା ଶରଣକୁଳ ଥାନା କଲ୍ୟାଣପୁର ଗ୍ରାମର ରବିପ୍ରଧାନ(୨୬)ଙ୍କୁ ଅପହରଣ ପରେ ହତ୍ୟା କରାଯାଇଛି। ପରେ ମୃତଦେହକୁ ଜାଳି ଦିଆଯାଇଛି। ଶୁକ୍ରବାର ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ବଡପୋଖରିଆ ଓ ଉଗ୍ରତାରା ଛକ ମଧ୍ୟରେ ଥିବା ବୁଦୁବୁଦିଆ ଜଙ୍ଗଲରୁ ମୃତକଙ୍କ ହାଡ, କଙ୍କାଳ ଓ ପୋଡା ଟାୟାର ପୋଲିସ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତ ଜାମୁଝୋଲା ଗ୍ରାମର ବାଳକୃଷ୍ଣ ବରାଡଙ୍କୁ ପୋଲିସ ଗିରଫ କରିଛି। ପୂର୍ବ ଶତ୍ରୁତା ଓ ରାଜନୈତିକ ଶତ୍ରୁତାରୁ ରବିଙ୍କୁ ହତ୍ୟା କରାଯାଇଥିବା ପୋଲିସ ସୂତ୍ରରୁ ଜଣାପଡିଛି।

ସୂଚନା ଅନୁଯାୟୀ, ଗତ ଜୁନ ୧୪ ତାରିଖ ସନ୍ଧ୍ୟା ପ୍ରାୟ ୬ଟାରେ ରବି ବାଇକ୍ ଯୋଗେ କୌଣସି କାମରେ ବାହାରକୁଯାଇଥିଲେ। ଘରକୁଫେରିବାରେ ବିଳମ୍ବ ହେବାରୁ ରାତି ପ୍ରାୟ ୯ଟାରେ ମା’ ଉଜ୍ଜଳା ପ୍ରଧାନ ପୁଅକୁ ଫୋନ କରିବା ସହ ଶୀଘ୍ର ଫେରି ଆସିବାକୁ କହିଥିଲେ। ଏହି ସମୟରେ ତାଙ୍କ ଜୀବନ ସଙ୍କଟରେ ଥିବା ମା’ଙ୍କୁ ଉତ୍ତର ଦେଇଥିଲେ। କଲ୍ୟାଣପୁର ଗାଁର ଜ୍ୟୋତିର୍ମୟ ମହାନ୍ତି (କାଲୁ) ଓ ଶ୍ରୀନିବାସ ପାତ୍ର(ବୁଲୁ)ତାଙ୍କୁ ପିଛା କରୁଥିବା କହିଥିଲେ। ପୁଅର କଥା ଶୁଣି ମା’ ଭୟଭୀତ ହୋଇ ଖୋଜାଖୋଜି କରିଥିଲେ। ହେଲେ ରବିଙ୍କ ସନ୍ଧାନ ପାଇ ନ ଥିଲେ। ପୂର୍ବ ଶତ୍ରୁତା ଓ ରାଜନୈତିକ ଶତ୍ରୁତାକୁ ନେଇ ପୁଅକୁ ଅପହରଣ କରାଯାଇଥିବା ଉଜ୍ଜଳା ସନ୍ଦେହ କରିଥିଲେ। ପରେ ଗତ ଜୁନ ୧୫ରେ ତାଙ୍କ ପୁଅ ରବିଙ୍କୁ ଅପହରଣ କରାଯାଇଥିବା ନେଇ ସେ ଶରଣକୁଳ ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପୋଲିସ ୩୬୩, ୩୪୧ ଦଫାରେ ମାମଲା (ନଂ.୫୧/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ରବିଙ୍କ ସନ୍ଧାନ ନ ମିଳିବାରୁ ଉଜ୍ଜଳା ଜୁନ୍ ୧୭ରେ ନୟାଗଡ ଏସ୍ପିଙ୍କ ନିକଟରେ ଅଭିଯୋଗ କରିଥିଲେ। ସେହିଭଳି ତାଙ୍କ ପୁଅ ଅପହରଣ ଘଟଣାରେ ଜାମୁଝୋଲା ଗାଁର ବାଳକୃଷ୍ଣ ବରାଡଙ୍କ ସମ୍ପୃକ୍ତି ଅଛି ବୋଲି ଜୁନ ୧୯ରେ ଶରଣକୁଳ ଥାନାରେ ଅଭିଯୋଗ କରିଥିଲେ। ଏହା ପରେ ପୋଲିସ ବାଳକୃଷ୍ଣଙ୍କୁ ପଚରାଉଚୁରା କରି ଛାଡି ଦେଇଥିଲା। କିନ୍ତୁ ପୋଲିସ ତାଙ୍କ ଗତିବିଧି ଉପରେ ନଜର ରଖିଥିଲା। ପୋଲିସର ସନ୍ଦେହ ହେବା ପରେ ବାଳକୃଷ୍ଣଙ୍କୁ ଅଟକ ରଖି ଜେରା କରିବା ପରେ ହତ୍ୟାକାଣ୍ଡର ଗୁମର ଫିଟାଇଥିଲେ। ବାଳକୃଷ୍ଣଙ୍କ ବୟାନ ଅନୁଯାୟୀ, ସେ ଖୋର୍ଦ୍ଧାର ତାପଙ୍ଗ କ୍ରଶରରେ ହାଇୱା ଟ୍ରକର ଡ୍ରାଇଭର ଭାବେ କାର୍ଯ୍ୟ କରନ୍ତି। ପୂର୍ବ ଶତ୍ରୁତା ଓ ରାଜନୈତିକ ଶତ୍ରୁତାକୁ ନେଇ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଜ୍ୟୋତିର୍ମୟ ମହାନ୍ତି(କାଲୁ)ଙ୍କ ଇସାରାରେ ବାଳକୃଷ୍ଣ ଓ ରବିଙ୍କ ସହ ମିତ୍ରତା ସ୍ଥାପନ କରି ଗତ ଜୁନ ୧୪ରେ ଡାକିଥିଲେ। ସେଠାରେ ପୂର୍ବରୁ ଥିବା ମୁଖ୍ୟ ଅଭିଯୁକ୍ତଙ୍କ ସହ କେତେଜଣ ରବିଙ୍କ ସହ ନୟାଗଡରେ ମଦ ପିଇ ରଣପୁର ଥାନା କରଡାପଲ୍ଲୀ ଜଙ୍ଗଲକୁ ଆଣି ମାଡ଼ ମାରିବା ସହ ହତ୍ୟା କରିଥିଲେ। ପରେ ବାଇକ୍ ଯୋଗେ ମୃତଦେହ ନେଇ ବୁଦୁବୁଦିଆ ଜଙ୍ଗଲରେ ଫୋପାଡି ମାଙ୍କଡା ପଥର ପକାଇ ଚାଲି ଯାଇଥିଲେ। ପରେ ତୃତୀୟ ଦିନରେ ଦଶପଲାରୁ ପେଟ୍ରୋଲ ଓ କିରୋସିନି ଏବଂ ଦଧିମାଛଗାଡିଆରୁ ଟାୟାର କିଣି ରାତିରେ ମୃତଦେହକୁ ଜାଳି ଦେଇଥିଲେ। ତଦନ୍ତ ସମୟରେ ପୋଲିସ ରବିଙ୍କ ହାଡ,କଙ୍କାଳ ଓ ପୋଡା ଟାୟାରକୁ ଜବତ କରିଥିଲା। ଶରଣକୁଳ ଆଇଆଇସି କିରଣ ହେମ୍ବ୍ରମଙ୍କ ସୂଚନା ଅନୁଯାୟୀ, ରବିଙ୍କୁ ଗତ ଜୁନ୍ ୧୪ରେ ଅପହରଣ ପରେ ହତ୍ୟା କରାଯାଇଥିଲା। ଏହି ହତ୍ୟାକାଣ୍ଡରେ ୬ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଚାଲିଥିବା ସେ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖାଇଲା ବେଳକୁ ସାତପୁଅ ମା**
**ହୁଳହୁଳି ଦେଲା ବେଳକୁ ଜିଭରେ ଘାଆ ।**

ଖାଇବାକୁ ଆଗୁସାର ଅଥଚ କାମ କରିବାକୁ ବିମୁଖ। ଅନ୍ୟ ଅର୍ଥରେ ନିଜର କାର୍ଯ୍ୟ ସାଧନ ପାଇଁ ଯେତେ ବ୍ୟସ୍ତତା ପ୍ରକାଶ ପାଏ, ଅନ୍ୟକୁ ସାହାଯ୍ୟ କରିବାକୁ ସେତେଟା ବ୍ୟଗ୍ରତା ପରିଲକ୍ଷିତ ହେଉ ନ ଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଖଟତଳେ ଗଲା ବିଛା**
**ଯେଉଁ ଦିନୁ ଧନ ବିଦେଶ ଗଲେଣି**
**ପଲଙ୍କ ପଡ଼ିଛି ତୁଚ୍ଛା ।**

ପ୍ରତୀକ୍ଷା ସାଧାରଣତଃ ଯନ୍ତ୍ରଣାଦାୟକ ହୋଇଥାଏ। ସ୍ୱାମୀ ସହ ସୁଖରେ ଘର ସଂସାର କରିବାକୁ ମନସ୍ଥ କରିଥିବା ନାରୀ ଏଥିରୁ ବଞ୍ଚିତ ହେଲେ ସବୁ ସୋହାଗ ସରାଗ ତା’ର ମରିଯାଇଥାଏ। ସ୍ୱାମୀ ବିନା ସବୁ ଖୁସି ତୁଚ୍ଛ ଲାଗିଥାଏ। ଚିରପ୍ରବାସୀ ସ୍ୱାମୀ ପାଇଁ ଦୀର୍ଘ ପ୍ରତୀକ୍ଷାରତ ରମଣୀ ବିରହଜନିତ ଦୁଃଖରେ ଭାଙ୍ଗିପଡ଼ିବା ସ୍ୱାଭାବିକ ହୋଇଥିବା ସ୍ଥଳେ ତା’ର ବ୍ୟଥିତ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ବର୍ଷେ ବିତିଲା, ତୋରଣ ନିର୍ମାଣ ନୋହିଲା

**ଖଣ୍ଡପଡା, ୫।୭(ସ୍ୱ.ପ୍ର.)**

**ମା’ ନାରାୟଣୀଙ୍କ ପୀଠ**

ଭାପୁର ବ୍ଲକ ପଥରଚକଡା ପଞ୍ଚାୟତରେ ରହିଛି ପୁରାଣ ବର୍ଣ୍ଣିତ ମା’ ନାରାୟଣୀ ଶକ୍ତିପୀଠ। ଏହାର ମୁଖ୍ୟ ପ୍ରବେଶ ପଥରେ ଏକ ସୁଉଚ୍ଚ ତୋରଣ ନିର୍ମାଣ ନିମନ୍ତେ ୨୦୧୮ ମସିହା ଜୁଲାଇ ମାସରେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ଇତିମଧ୍ୟରେ ବର୍ଷେ ବିତିଯାଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ହୋଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ସହ ବଣଭୋଜି ପାଇଁ ମା’ ନାରାୟଣୀଙ୍କ ପୀଠକୁ ପର୍ଯ୍ୟଟକମାନେ ଆସିଥାନ୍ତି। ସେମାନଙ୍କୁ ଅଧିକ ଆକୃଷ୍ଟ କରିବା ପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ତୋରଣ ନିର୍ମାଣ ନିମନ୍ତେ ୨୪ଲକ୍ଷ ଟଙ୍କା ମଞ୍ଜୁର ହୋଇ ତତ୍କାଳୀନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ଏହି ପ୍ରକଳ୍ପ କାର୍ଯ୍ୟ ୨୦୧୮ ଡିସେମ୍ବରରେ ଶେଷ ହେବ ବୋଲି ପର୍ଯ୍ୟଟନ ବିଭାଗ କନିଷ୍ଠଯନ୍ତ୍ରୀ ପ୍ରସନ୍ନ କୁମାର ବଳବନ୍ତରାୟ ସୂଚନା ଦେଇଥିଲେ। ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇ ନ ଥିବାରୁ ପର୍ଯ୍ୟଟନ ବିଭାଗ ପକ୍ଷରୁ ମଞ୍ଜୁର ହୋଇଥିବା ଅର୍ଥ ବିନିଯୋଗ ହେବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

# ଜଙ୍ଗଲରେ ଡମ୍ପିଂୟାର୍ଡ ଖନନକୁ ବିରୋଧ



ଜଙ୍ଗଲରେ ଡମ୍ପିଂୟାର୍ଡ଼ ଖୋଳାଯାଇଛି।

**ରଣପୁର, ୫।୭(ସ୍ୱ.ପ୍ର.)**

- ମନଇଚ୍ଛା ଗଛକାଟି ସଫା କରାଯାଉଛି
- ଅନ୍ୟତ୍ର ସ୍ଥାନାନ୍ତର ଦାବି

ଗ୍ରାମ୍ୟ ଜଙ୍ଗଲରେ ଚାଲିଛି ଡମ୍ପିଂ ୟାର୍ଡ (ବର୍ଜ୍ୟବସ୍ତୁ ଖାତ) ଖନନ। ରଣପୁର ଏନ୍ଏସିର ଏଭଳି କାର୍ଯ୍ୟକୁ ବିରୋଧ କରିଛନ୍ତି ବିଭିନ୍ନ ୱାର୍ଡର ବାସିନ୍ଦା। ଚଳିତମାସ ୧ରୁ ୭ ତାରିଖ ପର୍ଯ୍ୟନ୍ତ ବନ ମହୋତ୍ସବ ପାଳିତ ହେଉଛି। ପରିବେଶ ସୁରକ୍ଷା ପାଇଁ ବିଭିନ୍ନ ବିଦ୍ୟାଳୟ ଓ ସାଧାରଣ ଲୋକେ ଗଛ ଲଗାଉଛନ୍ତି। ଏନ୍ଏସି ତରଫରୁ ଗଛ ଲଗାଇବା ପାଇଁ ଲୋକଙ୍କୁ ସଚେତନ କରାଇବା ବଦଳରେ ଡମ୍ପିଂୟାର୍ଡ ଖନନ ପାଇଁ ଗ୍ରାମ୍ୟ ଜଙ୍ଗଲରେ ଥିବା ମୂଲ୍ୟବାନ ଗଛ କଟାଯାଉଛି। ଏନ୍ଏସିର ଏଭଳି କାର୍ଯ୍ୟକୁ ପରିବେଶପ୍ରେମୀ ଘୋର ନିନ୍ଦା କରିଛନ୍ତି। ରଣପୁର ଏନ୍ଏସି ୧୫ ୱାର୍ଡକୁନେଇ ଗଠିତ। ପ୍ରତ୍ୟହ ବିଭିନ୍ନ ୱାର୍ଡରୁ ବହୁ ପରିମାଣରେ ବର୍ଜ୍ୟବସ୍ତୁ ବାହାରିଥାଏ। ଏହାକୁ ପକାଇବା ପାଇଁ ସେଭଳି କୌଣସି ବ୍ୟବସ୍ଥା କରାଯାଇ ନାହିଁ। ଫଳରେ ୨ବର୍ଷ ହେବ ମଇଳା ଏଣେତେଣେ ପକାଯିବାକୁ ସାଧାରଣରେ ବିରୋଧ କରାଯାଇଥିଲା। ଏପରିସ୍ଥଳେ ହଠାତ୍ କୌଣସି କାଉନସିଲରଙ୍କୁ ଅବଗତ ନ କରାଇ ଏନ୍ଏସି କର୍ତ୍ତୃପକ୍ଷ ୱାର୍ଡ ନମ୍ବର ୧୨ ନୂଆଗାଁ ଗ୍ରାମ୍ୟ ଜଙ୍ଗଲରେ ଗଛ ସଫାକରି ଜେସିବି ସାହାଯ୍ୟରେ ଡମ୍ପିଂୟାର୍ଡ ପାଇଁ ଗାତ ଖୋଳିଥିଲେ। ସେଠାରେ ଆବର୍ଜନା ପକାଗଲେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେବ ବୋଲି ନିକଟ ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏହାଛଡା ଏନ୍ଏସିର ଏଭଳି ମନଇଚ୍ଛା କାର୍ଯ୍ୟ ଯୋଗୁ ସେମାନେ ଲଗାଇ ଥିବା ମୂଲ୍ୟବାନ ଗଛ ନଷ୍ଟ ହୋଇଯାଇଛି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ତେଣୁ ଅନ୍ୟତ୍ର ଡମ୍ପିଂ ୟାର୍ଡ ଖୋଳିବା ପାଇଁ ସେମାନେ ଦାବି କରିଛନ୍ତି। ୧୨ ନମ୍ବର ୱାର୍ଡର କାଉନସିଲର ସୁଧାକର ପ୍ରଧାନ କୁହନ୍ତି, କୌଣସି କାଉନସିଲରଙ୍କୁ ପଚରା ନ ଯାଇ ଏନ୍ଏସି ପକ୍ଷରୁ ମନଇଚ୍ଛା ଡମ୍ପିଂ ୟାର୍ଡ ଖୋଳାଯାଉଛି। ଫଳରେ ୱାର୍ଡବାସୀ ବିରୋଧ କରୁଛନ୍ତି। ରଣପୁର ଏନ୍ଏସି ଅଧିକାରିଣୀ ଅର୍ଚ୍ଚନା ନାୟକଙ୍କୁ ପଚାରିବାରୁ ଏହି ପ୍ରସଙ୍ଗକୁ ଏଡାଇ ଦେଇଥିଲେ।

# ପର୍ଯ୍ୟଟନସ୍ଥଳୀର ସୁରକ୍ଷା: ଥାନାରେ ଲିଖିତ ଅବଗତ କଲା ଭାଜପା

**ଖଣ୍ଡପଡ଼ା, ୫।୭(ସ୍ୱ.ପ୍ର.)**

ଖଣ୍ଡପଡ଼ା ସହର ଉପକଣ୍ଠରେ ଥିବା ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳୀର ସୁରକ୍ଷା ପ୍ରତି ଦୃଷ୍ଟି ଦେବାକୁ ଗୁରୁବାର ଖଣ୍ଡପଡା ଭାଜପା ପକ୍ଷରୁ ପୋଲିସ ପ୍ରଶାସନକୁ ଲିଖିତ ଅବଗତ କରାଯାଇଛି। ପର୍ଯ୍ୟଟନସ୍ଥଳୀ ପରିସରରେ ଆନୁଷଙ୍ଗିକ ସୁରକ୍ଷା ବ୍ୟବସ୍ଥା ସହ ରାତ୍ରକାଳୀନ ପୋଲିସ ପାଟ୍ରୋଲିଂ କଡାକଡି କରିବା ପାଇଁ ଏଥିରେ ଉଲ୍ଲେଖ ହୋଇଛି। ଏପରି କି ଅସାମାଜିକ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ପ୍ରତି ପୋଲିସ ଦୃଷ୍ଟି ଦେଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କୁହାଯାଇଛି। ଏ ସମ୍ପର୍କିତ ଏକ ଲିଖିତ ପତ୍ର ଖଣ୍ଡପଡାର ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂ, ବରିଷ୍ଠ ଆଇନଜୀବୀ ବିକ୍ରମ କେଶରୀ ଦେଓଙ୍କ ସମେତ ଭାଜପା କର୍ମକର୍ତ୍ତାମାନେ ଖଣ୍ଡପଡା ଥାନାରେ ଦେଇଛନ୍ତି। ଅଭିଯୋଗ ଆଧାରରେ ଖଣ୍ଡପଡା ପୋଲିସ ଟିମ୍ ଶୁକ୍ରବାର ପରିବେଶ ପର୍ଯ୍ୟଟନସ୍ଥଳୀ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିବା ଆଇଆଇସି ବିମଳ କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ବିଭିନ୍ନ ସମୟରେ ଅସାମାଜିକ ବ୍ୟକ୍ତିମାନେ ଏହା ମଧ୍ୟକୁ ପ୍ରବେଶ କରି ଭଙ୍ଗାରୁଜା ଭଳି କାମ କରୁଥିବାରୁ ଏହାର ସୌନ୍ଦର୍ଯ୍ୟ ନଷ୍ଟ ହେବାରେ ଲାଗିଛି। ନୟାଗଡ଼ ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରିବାକୁ ଖଣ୍ଡପଡା ସହରବାସୀଙ୍କ ସମେତ ପରିବେଶପ୍ରେମୀ ଦାବି କରିଛନ୍ତି।

# ଲୋକଙ୍କ ସମସ୍ୟା ସମାଧାନ ପାଇଁ ବିଧାୟକଙ୍କ ପ୍ରତିଶ୍ରୁତି

**ନୂଆଗାଁ,୫।୭ (ଡି.ଏନ.ଏ.)**

ଦଶପଲ୍ଲା ନିର୍ବାଚନମଣ୍ଡଳୀର ନବନିର୍ବାଚିତ ବିଧାୟକ ରମେଶ କୁମାର ବେହେରାଙ୍କୁ ନୂଆଗାଁ ବ୍ଲକର ୫ ପଞ୍ଚାୟତରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଧାୟକଙ୍କ ଦ୍ୱାରା ପଞ୍ଚାୟତବାସୀଙ୍କ ସୁବିଧା ଅସୁବିଧା ଶୁଣିବା ପାଇଁ ଜନଶୁଣାଣିର ଆୟୋଜନ କରାଯାଇଥିଲା। ସୋରଡା, କୋରଡା, ସିକ୍ରିଡା, ଉଦୟପୁର ଓ ନୂଆଗାଁ ଆଦି ପଞ୍ଚାୟତ ତରଫରୁ ଲୋକ ପ୍ରତିନିଧି ଓ ଗ୍ରାମ ସଭାପତି ବିଧାୟକଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ବିଧାୟକ ସ୍ଥାନୀୟ ଲୋକମାନଙ୍କୁ ଡାକି ସେମାନଙ୍କ ଅସୁବିଧା ବୁଝି ତାଲିକା ପ୍ରସ୍ତୁତ କରିଥିଲେ। ବିଭାଗୀୟ ଅଧିକାରୀଙ୍କ ସାହାଯ୍ୟରେ ଖୁବ୍ଶୀଘ୍ର ଏହାର ସମାଧାନ ପାଇଁ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଭତ୍ତା, ଆବାସ ଯୋଜନା ଓ ରାଶନ କାର୍ଡକୁ ଗୁରୁତ୍ୱ ଦେଇ ତାହାର ସମାଧାନ କରାଯିବ ବୋଲି ବିଧାୟକ କହିଥିଲେ।

# ଅଭାବ ପଡିବ ଫାଁସି, ଧଉରା ଓ ଅସନ କାଠ

**ଓଡ଼ଗାଁ, ୫।୭(ସ୍ୱ.ପ୍ର.)**

**ବୃଦ୍ଧାଶ୍ରମରେ ବନ ମହୋତ୍ସବ**



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଓଡ଼ଗାଁ ନିକଟସ୍ଥ ପଥରା ସ୍ୱାମୀ ଦୟାନନ୍ଦ ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ପରିଚାଳିତ ବୃଦ୍ଧାଶ୍ରମ ପରିସରରେ ବନମହୋତ୍ସବ ଉପଲକ୍ଷେ ବୃକ୍ଷରୋପଣ ସମାରୋହ ତଥା କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ନୟାଗଡ ଜିଲା ଆର୍ଯ୍ୟ ସମାଜ ସଭାପତି ରଘୁନାଥ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ନୟାଗଡ ବନଖଣ୍ଡ ଅଧିକାରୀ ଧନଧାର୍ ଧନରାଜ୍ ହନୁମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ପରିଷଦ ସଦସ୍ୟ ବିଭୁପ୍ରସାଦ ସାହୁ, ଶିଖରପୁର ଆଞ୍ଚଳିକ ବନ ସୁରକ୍ଷା ସମିତି ବରିଷ୍ଠ ସଦସ୍ୟା ରେଣୁବାଳା ପ୍ରଧାନ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଏହି ଅବସରରେ ବନଖଣ୍ଡ ଅଧିକାରୀ ହନୁମନ୍ତ ଜଙ୍ଗଲ, ଜନ୍ତୁ ଓ ଜୀବର ସୁରକ୍ଷା ନିମନ୍ତେ ଲୋକମାନଙ୍କୁ ଅନୁରୋଧ କରିଥିଲେ। ରାଜ୍ୟ ପ୍ରାଣୀ ସମ୍ବର ଓ ପକ୍ଷୀ ଭଦଭଦଳିଆର ସୁରକ୍ଷା ନିମନ୍ତେ ମଧ୍ୟ କହିଥିଲେ। ଏଥିସହ ପୁରୀ ରଥଯାତ୍ରା ନିମନ୍ତେ ନୟାଗଡ ବନଖଣ୍ଡରୁ ୧୨ ହଜାର ଘନଫୁଟ ଫାଶୀ, ଧଉରା ଓ ଅସନ କାଠ ଗଣ୍ଡି ଯୋଗାଇ ଜିଲା ଗର୍ବ ଅନୁଭବ କରୁଥିବା ବେଳେ ଆଗାମୀ ବର୍ଷ ମାନଙ୍କରେ ଏସବୁ କାଠର ଘୋର ଅଭାବ ପରିଲକ୍ଷିତ ହେବ । ଏସବୁ ଗଛ ଲଗାଇ ତାର ସୁରକ୍ଷା କରିବାକୁ ବନଖଣ୍ଡ ଅଧିକାରୀ ପରାମର୍ଶ ଦେଇଥିଲେ। ସେହିପରି ଏହିଭଳି ଦୁର୍ଲଭ ବୃକ୍ଷର ସୁରକ୍ଷା ତଥା ଜଗନ୍ନାଥ ବନ ପ୍ରକଳ୍ପର ସୁରକ୍ଷା ଚିନ୍ତା କରିବା ଆବଶ୍ୟକ ବୋଲି କର୍ମଶାଳାରେ ଅଂଶ ଗ୍ରହଣ କରିଥିବା ସତ୍ୟବାଦୀ ସ୍ୱାଇଁ ଓ କୈଳାଶ ସାହୁ ମତବ୍ୟକ୍ତ କରିଥିଲେ । ବନଖଣ୍ଡ ଅଧିକାରୀ ଆଶ୍ରମ ପରିସରରେ ଗୋଟିଏ ବ୍ରହ୍ମଜଷ୍ଟି ଓ ରୁଦ୍ରାକ୍ଷ ଚାରା ରୋପଣ କରିବା ସହିତ ପ୍ରତିବର୍ଷ ଏହି ବୃକ୍ଷ ଦ୍ୱୟର ଜନ୍ମ ଦିବସ ପାଳନ କରିବାକୁ ଅନୁରୋଧ କରିଥିଲେ । ଏହି ଅବସରରେ ଦୟାନନ୍ଦ ଟ୍ରଷ୍ଟ ତରଫରୁ ମୁଖ୍ୟ ଅତିଥି ତଥା ବନଖଣ୍ଡ ଅଧିକାରୀଙ୍କ ସମେତ ଓଡ଼ଗାଁ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର ନାଥ ପଣ୍ଡା, ବନପାଳ ଜ୍ୟୋତିରଞ୍ଜନ ମାନସିଂ ଓ ବାହାଡ଼ାଝୋଲା ବନପାଳ ସରିତା ବରାଳଙ୍କୁ ବନ ସୁରକ୍ଷା ପ୍ରତି ସେମାନଙ୍କ ଅବଦାନ ନିମନ୍ତେ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବୃଦ୍ଧାଶ୍ରମ ଟ୍ରଷ୍ଟି ଶଶୀଭୂଷଣ ଆଚାରୀ ଓ ସଦସ୍ୟ ଅରୁଣ କୁମାର ଆଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏଥିରେ ନୟାଗଡ ଓ ଗଞ୍ଜାମ ଜିଲାର ବହୁ ପରିବେଶପ୍ରେମୀଙ୍କ ସହିତ ଦଣ୍ଡୋର ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୟୁକୋ କ୍ଲବର ଛାତ୍ରୀଛାତ୍ର ଓ ଶିକ୍ଷକ ଅଂଶ ଗ୍ରହଣ କରିଥିଲେ । ସର୍ବୋପରି ପିଲାଟିଏ ତ ଗଛଟିଏ ସ୍ଲୋଗାନ ଉପରେ ଶିବିରାର୍ଥୀମାନେ ଗୁରୁତ୍ୱାରୋପ କରିଥିଲେ ।


# CLASSIFIED DISPLAY

## MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Bhartiya Infotech Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 70 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। ମାସିକ 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
9078842412

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
କଂପାନୀ କିଣ୍ଡଲ୍ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 50,000/- ଟଙ୍କା ପାଆନ୍ତୁ । ୧ ଚାକିରି + ବାଇକ୍ ୨୦ ବର୍ଷର କୋର୍ଟ ଅଗ୍ରୀମେଣ୍ଟ ।
Plot No - 14/271, Devaraja Mohalla, Bangalore, Karnataka 570001
8929313996
7042350747

FINANCE

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ
ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74




ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି ।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767,
Jajpur: 9084652616,
Dhenkanal: 7409543249,
Angul: 7252964716,
Jeypore: 9084652615

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :-
201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

DHANLAXMI FINANCE COMPANY
ଏବେ କରିବ
ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ
50,000-୨୫ ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର କାର୍ଡ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ।
1% ସୁଧ, 40% ରିହାତି
(ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
HELPLINE
09485832476
PETUMALI, JHARMUNDA, PETUPALI, BARGARH, ODISHA - 768034

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

See Color Display Classified on every Tuesday & Friday

## ସଂକ୍ଷେପରେ

### ବାସୁଦେବ ନଗର ଉନ୍ନୟନ ପରିଷଦ ଗଠିତ

**ବ୍ରହ୍ମପୁର ଅଫିସ,୫।୭:** ବ୍ରହ୍ମପୁର ମହାନଗର ନିଗମ (ବିଏମସି) ୪୦ନଂ. ୱାର୍ଡ ଅନ୍ତର୍ଗତ ଖୋଡାସିଙ୍ଗି ବାସୁଦେବ ନଗରବାସୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ରାଟ ବିଦ୍ୟାମନ୍ଦିର ପରିସରରେ ନାଥୁରାମ ସାହାଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବାସୁଦେବ ନଗର ଉନ୍ନୟନ ପରିଷଦ ନାମରେ ଏକ କମିଟି ଗଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ କମିଟିର କର୍ମକର୍ତ୍ତା ଚୟନ ହୋଇଥିଲା । ସତ୍ୟନାରାୟଣ ମିଶ୍ର କମିଟିର ସଭାପତି, ଉମାକାନ୍ତ ଚୌଧୁରୀ ଉପସଭାପତି, ମାନସ ରଞ୍ଜନ ତ୍ରିପାଠୀ ସମ୍ପାଦକ, ଗଣେଶ ବେହେରା ସହ ସମ୍ପାଦକ, ପ୍ରଦୀପ କୁମାର ସାହୁ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି । ସେହିପରି ଅଖିଳନାଥ ସାବତ ମୁଖ୍ୟ ସଂଯୋଜକ ଓ ସୁଧାଂଶୁ ଶେଖର ଗନ୍ତାୟତ, ରମେଶ ଚନ୍ଦ୍ର ପାଣିଗ୍ରାହୀ, ରମେଶ ଚନ୍ଦ୍ର ପାତ୍ର, ପୂର୍ବତନ କର୍ପୋରେଟର ଜି. ଗୋପାଳ ରେଡ୍ଡି ପ୍ରମୁଖ ଉପଦେଷ୍ଟା ଚୟନ ହୋଇଛନ୍ତି । ଏହି କମିଟି ଅଞ୍ଚଳର ଉନ୍ନୟନ ତଥା ବିକାଶ ପାଇଁ କାର୍ଯ୍ୟ କରିବ । କମିଟି ପକ୍ଷରୁ ଆଗାମୀ ଦିନରେ ଅଞ୍ଚଳରେ ଚାରାରୋପଣ, ସଫେଇ କାର୍ଯ୍ୟକ୍ରମ କରାଯିବା ସହ ପାନୀୟ ଜଳଯୋଗାଣ ଓ ଅନ୍ୟାନ୍ୟ ସମସ୍ୟା ସମାଧାନ ପାଇଁ ଏହା କାର୍ଯ୍ୟ କରିବ ବୋଲି ନିଷ୍ପତ୍ତି ନିଆଯାଇଛି।

### ମଦ ଜବତ, ଜଣେ ଅଟକ

**ଜି.ଉଦୟଗିରି, ୫।୭(ଡି.ଏନ୍.ଏ.):** ଜି.ଉଦୟଗିରି ଚମ୍ପା ସାହି ନିକଟରୁ ଶୁକ୍ରବାର ସନ୍ଧ୍ୟାରେ ୪୦ ଲିଟର ମହୁଲି ମଦ ଜବତ ସହ ଜଣେ ଯୁବକଙ୍କୁ ଅଟକ ରଖାଯାଇଥିବା ସ୍ଥାନୀୟ ଆଇଆଇସି ଜୀବନାନନ୍ଦ ଜେନା କହିଛନ୍ତି। ଏ ନେଇ ପୋଲିସ ନଂ. ୭୬/୧୯ ମାମଲା ରୁଜୁ କରିଛି। ଚୋରା ମଦ ଚାଲାଣରେ ଅନ୍ୟ କିଏ ସମ୍ପୃକ୍ତ ଥିବା ତଦନ୍ତ ପରେ ଜଣାପଡିବ ବୋଲି ଥାନାଧିକାରୀ କହିଛନ୍ତି ।

### ଏଟିଏମ୍ ଠକେଇ, ଅଭିଯୁକ୍ତ ଅଟକ

**ଆସିକା,୫।୭(ଡି.ଏନ୍.ଏ.):** ଆସିକା ବସଷ୍ଟାଣ୍ଡସ୍ଥିତ ଷ୍ଟେଟ ବ୍ୟାଙ୍କ ସଂଲଗ୍ନ ଏଟିଏମ୍ କାଉଣ୍ଟରରୁ ଲୋକଙ୍କୁ ସହାୟତା ଆଳରେ ଠକୁଥିବା ଅଭିଯୋଗରେ ଶୁକ୍ରବାର ବ୍ୟାଙ୍କ ସୁରକ୍ଷାକର୍ମୀମାନେ ଜଣେ ଯୁବକଙ୍କୁ କାବୁ କରି ପୋଲିସକୁ ହସ୍ତାନ୍ତର କରିଛନ୍ତି। ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଯୁବକ ଜଣକ ଏଟିଏମ୍ ସମ୍ପର୍କରେ ଅନଭିଜ୍ଞ ଗ୍ରାହକଙ୍କୁ ସହାୟତା ଦେବା ନାମରେ ଲୁଟ୍ କରୁଥିବା ପୂର୍ବରୁ ବହୁବାର ଅଭିଯୋଗ ହୋଇଥିଲା। ଲୁଟେରାଙ୍କୁ କାବୁ କରିବା ଲାଗି ପୋଲିସ ବ୍ୟାଙ୍କ ସୁରକ୍ଷା କର୍ମୀଙ୍କୁ ଉପଯୁକ୍ତ ଧ୍ୟାନ ଦେବା ଲାଗି ଅନୁରୋଧ କରିଥିଲେ। ଶୁକ୍ରବାର ଅଭିଯୁକ୍ତ ଜଣକ କାଉଣ୍ଟର ନିକଟରେ ବୁଲୁଥିଲାବେଳେ ସୁରକ୍ଷାକର୍ମୀମାନେ ତାଙ୍କୁ କାବୁ କରିଥିଲେ। ଏନେଇ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ପୀତବାସ ଧାରୁଆ ସୂଚନା ଦେଇଛନ୍ତି।

■ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳାରେ ୨୭୯ ଷ୍ଟଲ

# ୧୬ ରାଜ୍ୟର ବ୍ୟବସାୟୀ ମେଲିଛନ୍ତି ପସରା

**ପୁରୀ ଅଫିସ, ୫।୭**

ରଥଯାତ୍ରା ଅବସରରେ ଭୋଳାନାଥ ବିଦ୍ୟାପୀଠ ପରିସରରେ ଚାଲିଛି ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା। ବୁଧବାର ସନ୍ଧ୍ୟାରେ ଏହି ମେଳାକୁ ଆଇନମନ୍ତ୍ରୀ ପ୍ରତାପ ଜେନା ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ ପଲ୍ଲିଶ୍ରୀ ମେଳା ଦ୍ୱାରା ବିଶେଷକରି ମହିଳାମାନେ କିପରି ସ୍ୱାବଲମ୍ବୀ ହୋଇପାରିଛନ୍ତି ସେନେଇ ବକ୍ତବ୍ୟ ରଖିଥିଲେ। ରାଜ୍ୟ ସରକାର ଏ ଦିଗରେ ପ୍ରୋତ୍ସାହନ ଦେଇଆସୁଛନ୍ତି ବୋଲି ମନ୍ତ୍ରୀ ଜେନା କହିଥିଲେ। ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳେଇ ଏଥିରେ ସଭାପତିତ୍ୱ କରିଥିବାବେଳେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ବିଶାଲ ସିଂହ, ବିଧାୟକ ଉମାକାନ୍ତ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ଓରମାସ୍‌ର ସହନିର୍ଦ୍ଦେଶକ ସୁଜୟ କର ଧନ୍ୟବାଦ ଦେଇଥିଲେ।



କଖାରୁରେ ନିର୍ମିତ ହୋଇଥିବା ମହାପ୍ରଭୁ।

ଏହି ମେଳାରେ ମୋଟ ୨୭୯ଟି ଷ୍ଟଲ ପଡ଼ିଛି। ଏଥିରେ ବିଭିନ୍ନ ପ୍ରକାର ଘରକରଣା ସାମଗ୍ରୀ ସମେତ ୧୭ଟି ଫୁଡ୍ ଷ୍ଟଲ ରହିଛି। ୧୬ଟି ରାଜ୍ୟର ବ୍ୟବସାୟୀମାନେ ସେମାନଙ୍କ ପସରା ମେଲିଛନ୍ତି। ବିଶେଷକରି ଜମ୍ମୁକଶ୍ମୀର, ଦିଲ୍ଲୀ, ହରିଆନା, ପଞ୍ଜାବ, ଝାଡ଼ଖଣ୍ଡ, ଛତିଶଗଡ଼, ଗୁଜରାଟ, ପଶ୍ଚିମବଙ୍ଗ, ନାଗାଲାଣ୍ଡ ଆଦି ରାଜ୍ୟରୁ ବ୍ୟବସାୟୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ବିଭିନ୍ନ ପ୍ରକାର ସାମଗ୍ରୀ ବିକ୍ରି କରିବାକୁ ଆଣିଛନ୍ତି ବୋଲି ଓର୍‌ମାସର ପୁରୀ ଜିଲା ଅତିରିକ୍ତ ନିର୍ଦ୍ଦେଶକ ପ୍ରଶାନ୍ତ ଦାଶ ସୂଚନା ଦେଇଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ମେଳାରେ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ଚତୁର୍ଦ୍ଧାବିଗ୍ରହଙ୍କ ଆଡ଼ପମଣ୍ଡପ ପହଣ୍ଡି ବିଜେ ଦେଖି ଶ୍ରଦ୍ଧାଳୁମାନେ ମେଳା ପଡ଼ିଆକୁ ବୁଲି ଯାଇଥିଲେ। ବିଭିନ୍ନ ପ୍ରକାର ଘରକରଣା ସାମଗ୍ରୀ ଏଠାରେ ମିଳୁଥିବାରୁ ବିଶେଷକରି ମହିଳାମାନଙ୍କ ଅଧିକ ଗହଳି ହୋଇଥିଲା। ସନ୍ଧ୍ୟାରେ ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା, ଯାହାକି ବେଶ୍ ଆକର୍ଷଣୀୟ ହୋଇଥିଲା।

### କଖାରୁରେ ମହାପ୍ରଭୁ

ପୁରୀ ଜିଲା ଉଦ୍ୟାନ କୃଷି ବିଭାଗ ପକ୍ଷରୁ ପଲ୍ଲିଶ୍ରୀ ମେଳାରେ ଖୋଲିଛି ଷ୍ଟଲ। ଏଥିରେ କୃଷି ସମ୍ବନ୍ଧୀୟ ସୂଚନା ପ୍ରଦାନ କରାଯାଉଛି। ଏଥିସହ ଷ୍ଟଲରେ ବିଭିନ୍ନ ପ୍ରକାର ପନିପରିବା ପ୍ରଦର୍ଶିତ ହେଉଛି। କିଭଳି ବିଭିନ୍ନ ଫଳ ଓ ପନିପରିବା ଚାଷ କରାଯିବା ଦରକାର ସେ ସମ୍ପର୍କରେ ସୂଚନାଫଳକ ମାଧ୍ୟମରେ ସଚେତନ କରାଯାଉଛି। ଏହାବ୍ୟତୀତ ନଡ଼ିଆର ଜୀବନ ଚକ୍ର ଅର୍ଥାତ୍ ଫୁଲ ଧରିବାଠାରୁ ବଡ଼ ହେବା ପର୍ଯ୍ୟନ୍ତ ତା'ର ବିଭିନ୍ନ ଆକାର ମଧ୍ୟ ପ୍ରଦର୍ଶନ କରାଯାଉଛି। ଏହି ଷ୍ଟଲର ଆକର୍ଷଣ ସାଜିଛି କଖାରୁରେ ନିର୍ମିତ କଳାକୃତି। କଖାରୁକୁ ଖୋଦେଇ କରାଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚିତ୍ର ସମେତ ଗଣେଶ, ଓଁ, ବୁଦ୍ଧମୁଣ୍ଡ ଆଦି ଚିତ୍ର କରାଯାଇଛି, ଯାହା ବେଶ୍ ଆକର୍ଷଣୀୟ ଲାଗୁଛି।

### ଷ୍ଟଲ୍ ପାଇଁ ଭିଡ଼

ଗତବର୍ଷ ପ୍ରବଳ ବର୍ଷା ହୋଇଥିଲା। ବ୍ୟବସାୟୀଙ୍କର ବ୍ୟାପକ ମାତ୍ରାରେ କ୍ଷତି ଘଟିଥିଲା। ଏପରି କି ପଲ୍ଲିଶ୍ରୀ ମେଳା ପଡ଼ିଆରେ ଆଣ୍ଠୁଏ ଉଚ୍ଚର ପାଣି ଜମିଯାଇଥିଲା। ବ୍ୟବସାୟୀଙ୍କ ସାମଗ୍ରୀ ପାଣିରେ ଭାସିଥିଲା। କିନ୍ତୁ ଏଥର ପାଗ ଭଲ ରହିଛି। ତେଣୁ ଆଗରୁ ଷ୍ଟଲ୍ ବୁକିଂ କରି ନ ଥିବା ଅନେକ ବ୍ୟବସାୟୀ ଶେଷ ମୁହୂର୍ତ୍ତରେ ପହଞ୍ଚି ଷ୍ଟଲ ପାଇଁ ଭିଡ଼ କରୁଛନ୍ତି। ହେଲେ ଆଉ କୌଣସି ଷ୍ଟଲ୍ ଫାଙ୍କା ନ ଥିବା ଓର୍‌ମାସ ଅଧିକାରୀ ସେମାନଙ୍କୁ କହୁଥିଲେ ମଧ୍ୟ ଅନେକ ବୁଝିବାକୁ ନାରାଜ।

# ୬୦ ହଜାର ଟଙ୍କାର କାଠ ଜବତ: ଟ୍ରାକ୍ଟର ଚାଳକ ଫେରାର

**ବାଲୁଗାଁ, ୫।୭ (ଡି.ଏନ.ଏ.)**

ଶୁକ୍ରବାର ସନ୍ଧ୍ୟାରେ ଗ୍ରାମ୍ୟ ଜଙ୍ଗଲରୁ ବେଆଇନ ଭାବେ ମୂଲ୍ୟବାନ କାଠ ଚାଲାଣ ହେଉଥିବା ବେଳେ ବନ ବିଭାଗ ଅଧିକାରୀ ଚଢାଉ କରି କାଠ ବୋଝେଇ ଟ୍ରାକ୍ଟର ଜବତ କରିଛନ୍ତି । ତେବେ ଚାଳକ ଫେରାର ହେବାରେ ସକ୍ଷମ ହୋଇଛନ୍ତି। ବାଣପୁର ବ୍ଲକ ଭାଲେରୀ ପାହାଡରେ ମୂଲ୍ୟବାନ ଶାଳ ଓ ଆକାଶିଆ ଜଙ୍ଗଲ ରହିଛି । ଗ୍ରାମବାସୀଙ୍କ ସହାୟତାରେ ବନ ବିଭାଗ କର୍ମଚାରୀମାନେ ଏହାର ସୁରକ୍ଷା ଦାୟିତ୍ୱରେ ରହିଛନ୍ତି । ଶୁକ୍ରବାର ସନ୍ଧ୍ୟାରେ କେତେକ କାଠ ଚୋର ଏକ ଟ୍ରାକ୍ଟରରେ ବେଆଇନ ଭାବେ କାଠ ଚାଲାଣ କରୁଥିବା ବନ କର୍ମଚାରୀ ସୂଚନା ପାଇଥିଲେ । ପରେ କର୍ମଚାରୀମାନେ ଖୁଣ୍ଟପଲ୍ଲୀସ୍ଥିତ ତାରିଣୀ ମନ୍ଦିର ନିକଟରେ ଛପି ରହିଥିଲେ । କାଠ ବୋଝେଇ ଟ୍ରାକ୍ଟର ମନ୍ଦିର ଅତିକ୍ରମ କରିବା ସମୟରେ କର୍ମଚାରୀମାନେ ଚଢାଉ କରି କାଠ ସହ ଗାଡି ଜବତ କରିଥିଲେ । ତେବେ ବିଭାଗୀୟ କର୍ମଚାରୀଙ୍କୁ ଦେଖି ଟ୍ରାକ୍ଟର ଚାଳକ ଦୌଡି ପଳାଇଥିଲେ । କର୍ମଚାରୀମାନେ ଜବତ ଟ୍ରାକ୍ଟର ଓ କାଠକୁ ବାଲୁଗାଁ ବନ ବିଭାଗ କାର୍ଯ୍ୟାଳୟକୁ ନେଇଯାଇଛନ୍ତି । ଜବତ କାଠର ଆନୁମାନିକ ମୂଲ୍ୟ ୬୦ ହଜାର ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ ପ୍ରକାଶ ।

# ଏଟିଏମ୍ ପାଲଟିଛି ମାନସିକ ଦିବ୍ୟାଙ୍ଗଙ୍କ ଆଶ୍ରୟସ୍ଥଳ

**ନିରାକାରପୁର, ୫।୭(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତରେ ୭ଟି ଏଟିଏମ୍ କେନ୍ଦ୍ର ରହିଛି । ସେଥିରୁ ମାତ୍ର ଗୋଟିଏ ଏଟିଏମ୍‌ରେ ସୁରକ୍ଷା କର୍ମୀ ଥିବାବେଳେ ଆଉ ୬ଟିରେ କେହି ନାହାନ୍ତି । ତେଣୁ ପୂର୍ବରୁ ଏସବୁ ବୁଲା କୁକୁର ଓ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଥିବାବେଳେ ବର୍ତ୍ତମାନ ମାନସିକ ଦିବ୍ୟାଙ୍ଗଙ୍କ ଆଶ୍ରୟସ୍ଥଳୀ ପାଲଟିଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ଏହି କେନ୍ଦ୍ରଗୁଡ଼ିକରେ ଯେଉଁ ସିସି କ୍ୟାମେରା ବ୍ୟବସ୍ଥା ହୋଇଛି ତାହା ଠିକ୍ ଭାବେ କାମ କରୁ ନ ଥିବା ଯୋଗୁ ବିଭିନ୍ନ ସମୟରେ ଚୋରି ଏବଂ ଠକେଇ ଭଳି ବିଭିନ୍ନ ଘଟଣା ନେଇ ଅଭିଯୋଗ ହୋଇଆସୁଛି। ଏ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ କରାଗଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ସ୍ଥାନୀୟ ଲୋକେ କହୁଛନ୍ତି। ଗ୍ରୀଷ୍ମପ୍ରବାହ ବେଳେ କୁକୁର ଓ ଅନ୍ୟମାନେ ଏଟିଏମ୍ ପରିସରରେ ବିଶ୍ରାମ ନେଉଥିବାବେଳେ ଏବେ ଝିପିଝିପ ବର୍ଷା ଯୋଗୁ ଏହା ମାନସିକ ଦିବ୍ୟାଙ୍ଗଙ୍କ ଆଶ୍ରୟସ୍ଥଳ ପାଲଟିଥିବା ଦେଖିବାକୁ ମିଳିଛି। ସନ୍ଧ୍ୟା ହେବାମାନେ ଏଟିଏମ୍ ମେଶିନ ଉପରେ ନିଜର ଗାମୁଛା ଘୋଡ଼େଇ ଦେବା ସହ ଏଠାରେ ଶୋଇ ପଡୁଛନ୍ତି। ଭୟରେ ଅନେକେ ଟଙ୍କା ଉଠାଇବାକୁ ସାହସ କରିପାରୁନାହାନ୍ତି। ଏ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଭାଗୀୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଅସନ୍ତୋଷ ସୃଷ୍ଟି ହୋଇଛି।



ଏଟିଏମ୍‌ରେ ଶୋଇ ରହିଥିବା ଜଣେ ବ୍ୟକ୍ତି।

# ପୋଲିସ ପରିଚୟ ଦେଇ ଲୁଟିନେଲେ ସୁନା ଅଳଙ୍କାର

■ ଲୁଟୁଛନ୍ତି ନକଲି, ଚିନ୍ତାରେ ଅସଲି

■ ବଢୁଛି ମାମଲା, ମିଳୁନି ସଫଳତା

**ବ୍ରହ୍ମପୁର ଅଫିସ,୫।୭**

ବ୍ରହ୍ମପୁର ସହରରେ ପୋଲିସ ପରିଚୟ ଦେଇ ଲୁଟେରାମାନେ ବରିଷ୍ଠ ନାଗରିକଙ୍କଠାରୁ ସୁନାଗହଣା ଲୁଟି ନେଉଛନ୍ତି। ଗୋଟିଏ ପରେ ଗୋଟିଏ ଏପରି ଘଟଣା ଘଟୁଥିଲେ ମଧ୍ୟ ଲୁଟେରାଙ୍କୁ ଧରିବାରେ ସକ୍ଷମ ହୋଇପାରୁନାହିଁ। ନକଲି ପୋଲିସ ଏବେ ଅସଲକୁ ଖୋଲା ଚ୍ୟାଲେଞ୍ଜ ଦେଇ ତାଙ୍କ ମନ୍ଦ ଉଦ୍ଦେଶ୍ୟ ସଫଳ କରି ଚାଲିଛନ୍ତି। ଗୁରୁବାର ଏଭଳି ଏକ ଘଟଣା ପୋଲିସର ମୁଣ୍ଡବ୍ୟଥା ବଢ଼ାଇଛି। ପୋଲିସ ପରିଚୟ ଦେଇ ଲୁଟେରାମାନେ ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କ ସୁନାଚେନ ଓ ମୁଦି ଲୁଟିନେଇଛନ୍ତି। ଲୁଟର ଶିକାର ହୋଇଥିବା ଅବସରପ୍ରାପ୍ତ ଶିକ୍ଷକ ବିଜୟ ଚନ୍ଦ୍ର ପଣ୍ଡା ଏ ନେଇ ଗୋଷାଣି ନୂଆଗାଁ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୬୯/୧୯ରେ ଏକ ମାମଲା ରୁଜୁ କରିଛି।

ପ୍ରକାଶ ଯେ, ଗୋଷାଣି ନୂଆଗାଁ ଥାନା ଅନ୍ତର୍ଗତ ହାଉସିଂ ବୋର୍ଡ଼ରେ ରହୁଥିବା ଅବସରପ୍ରାପ୍ତ ଶିକ୍ଷକ ପଣ୍ଡା ଗୁରୁବାର ଅପରାହ୍ନରେ ଚାଲି ଚାଲି ଯାଉଥିଲେ। ଏହି ସମୟରେ ଏକ ବାଇକରେ ୨ ଦୁର୍ବୃତ୍ତ ଆସି ତାଙ୍କୁ ଅଟକାଇ ନିଜକୁ ପୋଲିସ ପରିଚୟ ଦେଇଥିଲେ। ଚେନ, ମୁଦି କାହିଁକି ପିନ୍ଧିଛ କହି ସେଗୁଡ଼ିକୁ ବାହାର କରିବାକୁ ତାଙ୍କୁ କହିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଜଣକ ଚେନ , ମୁଦି କାଢ଼ିବା ପରେ ନକଲି ପୋଲିସ ତାହା ଧରି ଚମ୍ପଟ ମାରିଥିଲେ। କିଛିଦିନ ପୂର୍ବରୁ ଟାଉନ ଥାନା ଅନ୍ତର୍ଗତ ଶଶିଭୂଷଣ ରଥ ମହିଳା ମହାବିଦ୍ୟାଳୟ ନିକଟରୁ ନକଲି ପୋଲିସ ଭାଜପା ନେତା କାମନା ପାଢୀଙ୍କ ସ୍ତ୍ରୀଙ୍କୁ ଭୟଭୀତ କରି ୧୫ ଭରି ଗହଣା ନେଇ ଯାଇଥିଲେ। ସେହିପରି ଫେବୃୟାରୀ ୧୦ରେ ଭୁବନେଶ୍ୱରରୁ ଆସିଥିବା ଏକ ବୃଦ୍ଧ ଦମ୍ପତି ବ୍ରହ୍ମପୁର ଆସିଥିଲେ। ପୂର୍ବାହ୍ନ ୧୧ଟା ବେଳେ ସେମାନେ ଚାଲି ଚାଲି ଯାଉଥିବା ବେଳେ ଜୟପ୍ରକାଶ ନଗର ଛକରେ ୨ ଜଣ ଯୁବକ ସେଠାରେ ପହଞ୍ଚି ନିଜକୁ ସିବିଆଇ ଅଫିସର କହି ମହିଳାଙ୍କ ୮ ଭରି ଗହଣା ଧରି ଚମ୍ପଟ ମାରିଥିଲେ । ଏନେଇ ସେମାନେ ବୈଦ୍ୟନାଥପୁର ଥାନାରେ ଏତଲା ଦେଇଥିଲେ । ସେହିପରି ଫେବୃୟାରୀ ୨୪ରେ ନକଲି ପୋଲିସ ବଡବଜାର ଥାନା ଅନ୍ତର୍ଗତ ଖାସ୍ପା ସାହି ଦେଇ ବଜାରକୁ ଯାଉଥିବା ଜଣେ ବୃଦ୍ଧା ପାର୍ବତୀ ବେହେରାଙ୍କୁ ସୁନାଗହଣା କାହିଁକି ପିନ୍ଧିଛ କହି ଭୟଭୀତ କରି ସେ ପିନ୍ଧିଥିବା ୭ ଭରି ଗହଣା ଲୁଟି ନେଇଥିଲେ । ପୋଲିସ ସିସି ଟିଭି ଫୁଟେଜ ମଧ୍ୟ ପାଇଛି। କିନ୍ତୁ ସେଥିରେ ଲୁଟେରାଙ୍କ ଚେହେରା ସ୍ପଷ୍ଟ ହେଉନାହିଁ। ଏସବୁ ଲୁଟ ଘଟଣାରେ ଓଡିଶାର ଲୁଟେରା ସାମିଲ ଅଛନ୍ତି ନା ପଡୋଶୀ ରାଜ୍ୟର ଲୁଟେରା ଏଭଳି କାଣ୍ଡ ଘଟାଉଛନ୍ତି ତାହା ମଧ୍ୟ ସ୍ପଷ୍ଟ ହୋଇପାରୁନାହିଁ। ଘଟଣା ପଛରେ ଏକ ନିର୍ଦ୍ଦିଷ୍ଟ ରାକେଟ କାମ କରୁଥିବା ପୋଲିସ ସନ୍ଦେହ କରୁଛି ।

# ଛୁରାମାଡ଼ରେ ଯୁବକ ଗୁରୁତର

**ପାତ୍ରପୁର, ୫।୭ (ଡି.ଏନ୍.ଏ.)**

ଜରଡ଼ା ଥାନା ପାତ୍ରପୁର ଗ୍ରାମରେ ଶୁକ୍ରବାର ଜଣେ ଯୁବକଙ୍କ ଛୁରା ମାଡ଼ରେ ଅନ୍ୟ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ରମେଶ ସେଠୀ । ସକାଳେ ସମ୍ପୃକ୍ତ ଯୁବକ ଓ ରମେଶଙ୍କ ମଧ୍ୟରେ କୌଣସି ଏକ କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା । ଯୁବକ ଜଣକ ରାଗିଯାଇ ଧରିଥିବା ଛୁରାରେ ରମେଶଙ୍କୁ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ଯୁବକଙ୍କଠାରୁ ଅସ୍ତ୍ର ଛଡ଼ାଇ ଆହତ ରମେଶଙ୍କୁ ପାତ୍ରପୁର ମେଡ଼ିକାଲରେ ଭର୍ତ୍ତି କରିଥିଲେ। ପରେ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି।

■ ସହରରେ ଯାଯାବର ଚୋର ଗ୍ୟାଙ୍ଗ୍

# ଧରାପଡ଼ିଲେ ନାବାଳକଙ୍କ ସମେତ ୨ ମହିଳା

**ବ୍ରହ୍ମପୁର ଅଫିସ,୫।୭**

ସହରରେ ଏବେ ଚୋରି ବଢ଼ିବାରେ ଲାଗିଛି। ଶୁକ୍ରବାର ଟାଉନ ଥାନା ପୋଲିସ ଏକ ଯାଯାବର ଚୋର ଗ୍ୟାଙ୍ଗ ସମ୍ପର୍କରେ ଖବର ପାଇଥିଲା। ଉକ୍ତ ଗ୍ୟାଙ୍ଗର ୩ ଜଣଙ୍କୁ ଧରି ପଚରାଉଚୁରା କରିଥିଲା । ନିକଟରେ କେତେକ ଚୋରି ଘଟଣାରେ ସେମାନଙ୍କ ସମ୍ପୃକ୍ତି ଥିବା ସିସିଟିଭି ଫୁଟେଜ ଯାଞ୍ଚରୁ ପୋଲିସ ନଜରକୁ ଆସିଛି। ସେମାନେ ୩ଟି ଘରୁ ଚୋରି କରିଥିବା ଜେରା ବେଳେ ଜଣାପଡିଛି। ପୋଲିସ କବଜାରେ ଥିବା ୩ ଜଣଙ୍କ ମଧ୍ୟରୁ ୨ଜଣ ମହିଳା ଓ ଜଣେ ନାବାଳକ। ୨ ମହିଳା କାଜଲ ଶବର ଓ ଜୁଡାମୀନ ଶବରଙ୍କୁ ଶୁକ୍ରବାର ସକାଳେ ଟାଉନ ଥାନା ପୋଲିସ ବିଜିପୁର ଅଞ୍ଚଳରୁ ଧରି ଥାନାକୁ ନେଇ ଜେରା କରିଥିଲା । ସେମାନଙ୍କ କୌଣସି ସ୍ଥାୟୀ ଠିକଣା ନାହିଁ। ଜଗନ୍ନାଥପୁର ଛକରେ ଏକ ଅସ୍ଥାୟୀ ତମ୍ବୁରେ ସେମାନେ ରହୁଥିଲେ। ସେଠାରୁ ୨ଟି ଲାପଟପ ଓ ୨ଟି ମୋବାଇଲ ଓ ଅନ୍ୟାନ୍ୟ ଚୋରି ସାମଗ୍ରୀ ଜବତ ହୋଇଛି। ଅଭିଯୁକ୍ତ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡ଼କୁ ପଠାଯାଇଥିବା ପୋଲିସ ସୂଚନା ଦେଇଛି। ମାମଲା ନମ୍ବର ୧୩୩/୧୯, ୧୩୪/୧୯ ପ୍ରକାରେ ଗିରଫ ମହିଳାଦ୍ୱୟଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ପରିଚୟ ସ୍ପଷ୍ଟ ହୋଇପାରି ନ ଥିବା ନେଇ ଏସଡ଼ିଜେଏମଙ୍କ ନିକଟରେ ପୋଲିସ ଆବେଦନ କରିଛି।

# ଭାଜପାର ନୂତନ ସଦସ୍ୟ ସଂଗ୍ରହ ଆଜିଠୁ

**ବ୍ରହ୍ମପୁର ଅଫିସ,୫।୭**

ଗଞ୍ଜାମ ସାଙ୍ଗଠନିକ ଜିଲା ଭାଜପାର ଏକ ବୈଠକ ଶୁକ୍ରବାର ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଭାପତି କାହ୍ନୁ ଚରଣ ପତି ଅଧ୍ୟକ୍ଷତା କରିଥିଲେ। ଶନିବାରଠାରୁ ଦେଶବ୍ୟାପୀ ଆରମ୍ଭ ହେବାକୁ ଥିବା ଭାଜପାର ନୂତନ ସଦସ୍ୟତା ଅଭିଯାନ ପରିପ୍ରେକ୍ଷୀରେ ଗଞ୍ଜାମ ଜିଲାରେ ମଧ୍ୟ ଏହାର ଶୁଭାରମ୍ଭ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଯୁବପୀଢ଼ି ଭାଜପା ପ୍ରତି ଆସ୍ଥା ପ୍ରକଟ କରିଥିବା ଗତ ସାଧାରଣ ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ହୋଇଛି । ଏହି ଆଧାରରେ ନୂଆ ସଦସ୍ୟ ସଂଖ୍ୟା ବଢ଼ାଇବାକୁ ଜିଲା ସଭାପତି ପତି ପରାମର୍ଶ ଦେଇଥିଲେ। ସଦସ୍ୟ ସଂଗ୍ରହ ଅଭିଯାନ ଅଗଷ୍ଟ ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସେ ସୂଚନା ଦେଇଥିଲେ ।

ବ୍ରହ୍ମପୁର ଲୋକ ସଭା କ୍ଷେତ୍ରର ପରାଜିତ ଭାଜପା ପ୍ରାର୍ଥୀ ତଥା ରାଜ୍ୟ ସଂଗଠନର ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ରଙ୍କୁ ଏହି କାର୍ଯ୍ୟକ୍ରମ ପାଇଁ ଗଞ୍ଜାମ ଜିଲା ପ୍ରଭାରୀ କରାଯାଇଛି । କୌଣସି କାରଣରୁ ସେ ଏହି ବୈଠକରେ ଅନୁପସ୍ଥିତ ଥିଲେ। ଜିଲା ସଂଗଠନର ଉପସଭାପତି ରାଜେଶ ସାହୁ ସଂଯୋଜକ ହୋଇଥିବା ବେଳେ ଚିକିଟିର ପରାଜିତ ପ୍ରାର୍ଥୀ ମନୋରଞ୍ଜନ ଦ୍ୟାନସାମନ୍ତରା ଓ ମଦନ ମୋହନ ପାତ୍ର ସହ ସଂଯୋଜକ ହୋଇଛନ୍ତି। ଛାମୁଆ ସଙ୍ଗଠନର କାର୍ଯ୍ୟକର୍ତ୍ତାଙ୍କୁ ସାଙ୍ଗରେ ନେଇ ନେତାମାନେ ବିଭିନ୍ନ କଲେଜ ଛକ, ହାଟ, ବଜାର, ବସଷ୍ଟାଣ୍ଡ, ରେଳଷ୍ଟେଶନ ଓ ଅନ୍ୟ ସ୍ଥାନରେ ଭାଜପାର ନୀତି ଓ ଆଦର୍ଶ ସମ୍ପର୍କରେ ସଚେତନ କରାଇ ନୂଆ ସଦସ୍ୟତା କରାଇବେ । ବୈଠକ ଆଲୋଚନାରେ ଜିଲା କାର୍ଯ୍ୟକର୍ତ୍ତା ସୁନୀଲ କୁମାର ସାହୁ, ପ୍ରଭାତ ଷଡ଼ଙ୍ଗୀ, ଗୋପୀନାଥ ପଣ୍ଡା, ରବୀନ୍ଦ୍ର ସାହୁ, ପ୍ରବୀର ପାତ୍ର, ମନୋଜ ପଟ୍ଟନାୟକ, ଡ଼. ନମିତା ରାଣୀ ପଣ୍ଡା, ସୁବାସିନୀ ପଟ୍ଟନାୟକ, ସୁନୀଲ ପାତ୍ର, ରଜତ ପଣ୍ଡିତ, ରାମ ପାତ୍ର ଓ ଅନ୍ୟମାନେ ଭାଗ ନେଇଥିଲେ । ବହୁ କର୍ମୀ ଉପସ୍ଥିତ ଥିଲେ ।




ବୈଠକରେ ଉପସ୍ଥିତ ଜିଲା ସଭାପତି ଓ ଅନ୍ୟ କାର୍ଯ୍ୟକର୍ତ୍ତା ।

# ଶ୍ରୀଦଧିବାମନ ସ୍ୱାମୀଙ୍କ ଦାରୁ ସଂଗ୍ରହ ଉତ୍ସବ

**ପୋଲସରା,୫।୭**

ପୋଲସରା ବ୍ଲକ କଳମ୍ବ ଗ୍ରାମପଞ୍ଚାୟତ କଳମ୍ବ ବଡ଼ସାହିରେ ନୂତନ ମନ୍ଦିର କାମ ଶେଷ ହେବା ପରେ ଶ୍ରୀ ଦଧିବାମନ ସ୍ୱାମୀ ମହାପ୍ରଭୁଙ୍କ ନୂତନ ବିଗ୍ରହ ସ୍ଥାପନ ପାଇଁ ଆୟୋଜନ ହୋଇଥିଲା। କଳମ୍ବ, ଜକର, ଜା. ଡେଙ୍ଗାପଦର ଏହି ତିନି ଗ୍ରାମର ସୀମାନ୍ତ ଅଞ୍ଚଳ ଘୋଡ଼ାମୁହାଁ ପାହାଡ଼ ନିକଟସ୍ଥ ପଙ୍କାଳ ଅଞ୍ଚଳରେ ଦାରୁ ଚିହ୍ନଟ କରାଯାଇଥିଲା। ଶୁକ୍ରବାର ଏହି ପବିତ୍ର ଦିବସରେ ବିଜ୍ଞ ପଣ୍ଡିତମାନଙ୍କ ମନ୍ତ୍ର, ହୋମ, ନାମ ସଂକିର୍ତ୍ତନ ଆଦି ଦେଖିବାକୁ ମିଳିଥିଲା। ଗାଁରେ ପୂର୍ବରୁ ପୂଜା ପାଉଥିବା ଦଧିବାମନ ମହାପ୍ରଭୁଙ୍କ ନୂତନ ମନ୍ଦିର ସ୍ଥାପନ ହୋଇଛି। ନୂତନ ମନ୍ଦିର ପାଇଁ ନୂତନ ବିଗ୍ରହ ସ୍ଥାପନର ଲକ୍ଷ୍ୟ ରଖାଯାଇଛି। ଶ୍ରୀଗୁଣ୍ଡିଚା ଦିନ ଦଧିବାମନ ମହାପ୍ରଭୁ ରଥାରୁଢ଼ ହୋଇ ଗୁଣ୍ଡିଚା ମନ୍ଦିର ନିକଟକୁ ଭକ୍ତଙ୍କ ଗହଣରେ ବିଜେ କରିଥିଲେ। ଆଖପାଖ ଅଞ୍ଚଳରୁ ବହୁ ଭକ୍ତଙ୍କ ସମାଗମ ହୋଇଛି।



ନୂତନ ବିଗ୍ରହଙ୍କ ନିମନ୍ତେ ଚିହ୍ନଟ ହୋଇଥିବା ଦାରୁ ଛେଦନ କରାଯାଉଛି।

# ଦୁଇଦିନରେ ୧୨ହଜାର ଛାତ୍ରୀଛାତ୍ର

**ବ୍ରହ୍ମପୁର ଅଫିସ,୫।୭**

ଯୁକ୍ତ ଦୁଇ ଶ୍ରେଣୀରେ ନାମଲେଖା ବୁଧବାରଠାରୁ ଆରମ୍ଭ ହୋଇଯାଇଛି । ଗୁରୁବାର ରଥଯାତ୍ରା ଯୋଗୁ ସରକାରୀ କଲେଜଗୁଡ଼ିକ ଛୁଟି ଥିଲା। ଏଣୁ ନାମଲେଖା ବନ୍ଦ ରହିଥିଲା। ହେଲେ ଘରୋଇ କଲେଜଗୁଡ଼ିକରେ ନାମଲେଖା ହୋଇଥିଲା। ଶୁକ୍ରବାର ସ୍ୱାଭାବିକ ଭାବେ ନାମଲେଖା ଅନୁଷ୍ଠିତ ହୋଇଛି । ବର୍ତ୍ତମାନ ସୁଦ୍ଧା ଜିଲାରେ ମୋଟ ୧୨ହଜାର ୭ଜଣ ଛାତ୍ରୀଛାତ୍ର ଯୁକ୍ତ ୨ରେ ନାମ ଲେଖାଇଛନ୍ତି । ପ୍ରଥମ ପର୍ଯ୍ୟାୟରେ ଯୋଗ୍ୟ ବିବେଚିତ ହୋଇଥିବା ଛାତ୍ରୀଛାତ୍ରଙ୍କ ନାମଲେଖାର ଶେଷ ଦିବସ ଶନିବାର ରହିଛି । ତେଣୁ ଏହି ସଂଖ୍ୟା ବଢ଼ିବ ବୋଲି ଆଶା କରାଯାଉଛି ।

ବିଭାଗୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଜିଲାରେ ୧୩୧ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚଳିତ ବର୍ଷ ନାମଲେଖା ଚାଲିଛି । ଜିଲାରେ ମୋଟ ୪୨ହଜାର ୬୯୦ଟି ସିଟ୍ ରହିଥିବା ବେଳେ ବର୍ତ୍ତମାନ ସୁଦ୍ଧା ଆହୁରି ୩୦ହଜାର ୬୮୩ଟି ସିଟ୍ ଖାଲି ପଡ଼ିଛି। କଳାରେ ୧୯ହଜାର ୭୭୭ଟି ସିଟ୍ ଥିବା ବେଳେ ୬ହଜାର ୨୫୯ଜଣ ନାମ ଲେଖାଇଛନ୍ତି । ଆହୁରି ୧୩ହଜାର ୫୧୮ଟି ସିଟ୍ ଖାଲି ପଡ଼ିଛି । ବିଜ୍ଞାନରେ ୧୬ହଜାର ୯୨୯ଟି ସିଟ୍ ରହିଥିବା ବେଳେ ୪ହଜାର ୫୦୩ଟି ସିଟ୍ ପୂରଣ ହୋଇଛି । ୧୨ହଜାର ୪୨୬ଟି ସିଟ୍ ଖାଲି ପଡ଼ିଛି । ବାଣିଜ୍ୟରେ ୫ହଜାର ୧୮୪ଟି ସିଟ୍ ଥିବା ବେଳେ ୧୧୦୩ଟି ସିଟ୍ ପୂରଣ ହୋଇଛି । ୪ହଜାର ୮୧ଟି ସିଟ୍ ଖାଲି ପଡ଼ିଛି । ସଂସ୍କୃତରେ ୩୨୦ଟି ସିଟ୍ ଥିବା ବେଳେ ୫୯ଟି ସିଟ୍ ପୂରଣ ହୋଇଛି ଏବଂ ୨୬୧ଟି ସିଟ୍ ଖାଲି ପଡ଼ିଛି । ଧନ୍ଦାମୂଳକ ଶିକ୍ଷାରେ ୪୮୦ଟି ସିଟ୍ ରହିଥିବା ବେଳେ ୮୩ଟି ପୂରଣ ହୋଇଛି । ଆହୁରି ୩୯୭ଟି ଖାଲି ପଡ଼ିଛି ।

ଅନ୍ୟପଟେ ଯଦି ବ୍ରହ୍ମପୁରର କେତେକ ପ୍ରମୁଖ କଲେଜରେ ନାମଲେଖା ସ୍ଥିତି ଦେଖିବା, ତେବେ ଅଧିକାଂଶରେ ନାମଲେଖା ଧିମେଇ ଯାଇଛି । ବ୍ରହ୍ମପୁରସ୍ଥିତ ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୫୧୨ଟି ସିଟ୍ ରହିଛି । ସାମ୍ସ ଓଡ଼ିଶାର ୱେବ୍‌ସାଇଟ୍‌ରୁ ମିଳିଥିବା ତଥ୍ୟ ଅନୁଯାୟୀ, ମାତ୍ର ୭୩ଟି ସିଟ୍ ପୂରଣ ହୋଇଛି ଏବଂ ୪୩୯ଟି ସିଟ୍ ଖାଲି ରହିଛି । ବିଜ୍ଞାନରେ ୫୧୨ଟି ସିଟ୍ ରହିଛି । ୨୭୦ଟି ପୂରଣ ହୋଇଥିବା ବେଳେ ୨୪୨ଟି ଖାଲି ପଡ଼ିଛି । ବାଣିଜ୍ୟରେ ୩୮୪ଟି ସିଟ୍ ଥିବା ବେଳେ ୨୨୨ଟି ସିଟ୍ ପୂରଣ ହୋଇଛି । ୧୬୨ଟି ସିଟ୍ ଖାଲି ପଡ଼ିଛି । ବିନାୟକ ଆଚାର୍ଯ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୩୨୦ଟି ସିଟ୍ ଥିବା ବେଳେ ୧୧୧ଟି ପୂରଣ ହୋଇଛି ଏବଂ ୨୦୯ଟି ସିଟ୍ ଖାଲି ପଡ଼ିଛି । ବିଜ୍ଞାନରେ ୩୨୦ଟି ସିଟ୍‌ରୁ ୧୨୦ଟି ପୂରଣ ଏବଂ ୨୦୦ଟି ଖାଲି ରହିଛି । ବାଣିଜ୍ୟରେ ୨୫୬ଟି ସିଟ୍‌ରୁ ୪୯ଟି ପୂରଣ ଏବଂ ୨୦୭ଟି ଖାଲି ପଡ଼ିଛି । ଶଶିଭୂଷଣ ରଥ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୩୨୦ଟି ସିଟ୍‌ରୁ ୧୬୨ଟି ପୂରଣ ଏବଂ ୧୫୮ଟି ଖାଲି ରହିଛି । ବିଜ୍ଞାନରେ ୨୫୬ଟି ସିଟ୍‌ରୁ ୩୯ଟି ପୂରଣ ଏବଂ ୨୧୭ଟି ଖାଲି ପଡ଼ିଛି । ବାଣିଜ୍ୟରେ ୧୨୮ଟି ସିଟ୍‌ରୁ ୬୮ଟି ପୂରଣ ଏବଂ ୬୦ଟି ଖାଲି ରହିଛି ।

### ଚାଲିଛି ଯୁକ୍ତ ୨ ନାମଲେଖା



ବ୍ରହ୍ମପୁରସ୍ଥିତ ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ ନାମଲେଖା ଚାଲିଛି ।